ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ମେ ୧୬/୨୦୨୨ (୧୪ ପୃଷ୍ଠା) Bhubaneswar, Monday, May 16/2022 Page 14 ₹ 7.00 ★★★★★★
୪୮ଶ ଭାଗ ୧୭୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

Government of Odisha

OMC | ODISHA NEW OPPORTUNITIES
Mining Happiness

TRANSPARENCY TECHNOLOGY TEAMWORK TIME TRANSFORMATION

# 67th Foundation Day

## Odisha Mining Corporation



Inauguration of
**3 Iron Ore mines**
**Banspani, Unchabali & Khandbandh**

Launching of IT modules
**Compliance Management System (CMS)**
**Litigation Management System (LMS)**

Launching of
**OMC Corporate Anthem**

by

**Shri Naveen Patnaik**
Hon'ble Chief Minister, Odisha

16th May 2022 | 5 PM
Convention Centre | Lokaseva Bhawan

**Signing of MOUs with OAVS for establishment of 5 Schools and DTET, Odisha for Mining Skill Academy**
**Orientation programme for newly recruited Junior Accountants and Electricians**

**We are not just Mining Minerals, but also Mining Happiness.**

# ଜଣେ ବ୍ୟକ୍ତି ଗୋଟିଏ ପଦବୀ, ପରିବାରରୁ ଜଣକୁ ଟିକେଟ



ଚିନ୍ତନ ଶିବିରର ଶେଷ ଦିନରେ ମଞ୍ଚାସୀନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ଅନ୍ୟ ନେତୃବୃନ୍ଦ।

- କଂଗ୍ରେସରେ ବଡ଼ ସାଂଗଠନିକ ସଂସ୍କାର ଘୋଷଣା
- ଅକ୍ଟୋବର ୨ରୁ 'ଭାରତ ଯୋଡ଼' ଯାତ୍ରା

**ଉଦୟପୁର,୧୫।୫(ପି.ଟି.)**

ରାଜସ୍ଥାନର ଉଦୟପୁରଠାରେ କଂଗ୍ରେସର ୩ ଦିନିଆ ଚିନ୍ତନ ଶିବିରର ଶେଷ ଦିନରେ ରବିବାର ଦଳୀୟ ସଂଗଠନରେ ବ୍ୟାପକ ସଂସ୍କାର ସମ୍ପର୍କରେ ଘୋଷଣା କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟ ବିଧାନସଭା ଓ ଲୋକ ସଭା ନିର୍ବାଚନ ପାଇଁ ଦଳକୁ ପ୍ରସ୍ତୁତ କରିବାକୁ ୫୦ ବର୍ଷରୁ କମ୍ ନେତାଙ୍କୁ ଅଧିକ ପ୍ରତିନିଧିତ୍ୱ ଦିଆଯିବା ସହ ଜଣେ ବ୍ୟକ୍ତି ଗୋଟିଏ ପଦବୀ ଏବଂ ଗୋଟିଏ ପରିବାରରୁ ଜଣକୁ ଟିକେଟ ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ନବସଂକଳ୍ପ ଚିନ୍ତନ ଶିବିରରେ ବହୁ ବିଚାରବିମର୍ଶ ପରେ ଦଳରେ ୩ଟି ନୂଆ ବିଭାଗ- ସାର୍ବଜନିକ ଅନ୍ତର୍ଦୃଷ୍ଟି, ନିର୍ବାଚନ ପରିଚାଳନା ଓ ଜାତୀୟ ପ୍ରଶିକ୍ଷଣ ଖୋଲିବାକୁ ନିଷ୍ପତ୍ତି ହୋଇଛି।

ପରିବାରରୁ ଏକାଧିକ ସଦସ୍ୟ କଂଗ୍ରେସ ପାଇଁ କାର୍ଯ୍ୟ କରୁଥିଲେ ଜଣକୁ ନିର୍ବାଚନ ଲଢ଼ିବା ଲାଗି ସୁଯୋଗ ଦିଆଯାଇପାରିବ। ତେବେ ଅନ୍ୟ ସଦସ୍ୟ ୫ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିଥିଲେ, ତାଙ୍କ କ୍ଷେତ୍ରରେ ଗୋଟିଏ ପରିବାର ଗୋଟିଏ ଟିକେଟ ନୀତି ଲାଗୁ ହେବନାହିଁ ବୋଲି ଦଳ କହିଛି। ନୂଆ ଲୋକଙ୍କୁ ସୁଯୋଗ ଦେବା ଲାଗି ଜଣେ ନେତାଙ୍କୁ ୫ ବର୍ଷରୁ ଊର୍ଦ୍ଧ୍ୱ ଦଳୀୟ ପଦବୀରେ ନ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ସମସ୍ତ ଦଳୀୟ ସଂଗଠନରେ ୫୦ ବର୍ଷରୁ କମ୍ ନେତାଙ୍କୁ ୫୦ ପ୍ରତିଶତ ପ୍ରତିନିଧିତ୍ୱର ସୁଯୋଗ ମିଳିବ। ବିଭିନ୍ନ ରାଜନୈତିକ ଚ୍ୟାଲେଞ୍ଜ ଉପରେ ବିଚାରବିମର୍ଶ ଲାଗି କଂଗ୍ରେସ ଅଧ୍ୟକ୍ଷ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ରୁ ଏକ ଉପଦେଷ୍ଟା ଗ୍ରୁପ୍ ଗଠନ କରିବେ ବୋଲି ଘୋଷଣା କରାଯାଇଛି।

ଚିନ୍ତନ ଶିବିରରେ ଉଦ୍‌ଯାପନୀ ଉଦ୍‌ବୋଧନ ଦେଇ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କହିଥିଲେ, ସାଂଗଠନିକ ସଂସ୍କାର କାର୍ଯ୍ୟକୁ ଆଗେଇ ନେବା ଲାଗି ଏକ ଟାସ୍କଫୋର୍ସ ଗଠନ କରାଯିବ। ଅକ୍ଟୋବର ୨ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀରୁ କନ୍ୟାକୁମାରୀରୁ କଶ୍ମୀର ପର୍ଯ୍ୟନ୍ତ ଦଳ ପକ୍ଷରୁ 'ଭାରତ ଯୋଡ଼ ଯାତ୍ରା' ଆରମ୍ଭ ହେବ। ସେହିପରି ଜୁନ୍ ୧୫ରୁ ଜିଲା ସ୍ତରରେ ଜନଜାଗରଣ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ ବୋଲି ସୋନିଆ କହିଛନ୍ତି।

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଜନସମ୍ପର୍କ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। କୌଣସି ସଂକ୍ଷିପ୍ତ ଉପାୟରେ ଏହା ସମ୍ଭବ ନୁହେଁ। ଲୋକଙ୍କ ସହ କଂଗ୍ରେସର ସମ୍ପର୍କ ତୁଟିଯାଇଛି ବୋଲି ଗ୍ରହଣ କରିବାକୁ ହେବ ଏବଂ ପୁଣିଥରେ ସମ୍ପର୍କ ପୁନରୁଜ୍ଜୀବିତ କରିବା ଲାଗି କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି ଚିନ୍ତନ ଶିବିର ଶେଷ ଦିନରେ ଉଦ୍‌ବୋଧନ ଦେଇ ରାହୁଲ କହିଥିଲେ।

# ଶପଥ ନେଲେ ମାନିକ୍ ଶାହା


ରାଜ୍ୟପାଳ ସତ୍ୟଦେଓ ନାରାୟଣ ଆର୍ଯ୍ୟ ତ୍ରିପୁରାର ନୂଆ ମୁଖ୍ୟମନ୍ତ୍ରୀ ମାନିକ୍ ଶାହାଙ୍କୁ ଶପଥ ପାଠ କରାଉଛନ୍ତି।

**ଅଗରତାଲା,୧୫।୫**

ଭାରତୀୟ ଜନତା ପାର୍ଟି ନେତା ତଥା ରାଜ୍ୟ ସଭା ସଦସ୍ୟ ଡ. ମାନିକ୍ ଶାହା ତ୍ରିପୁରା ମୁଖ୍ୟମନ୍ତ୍ରୀ ଭାବେ ରବିବାର ଶପଥ ଗ୍ରହଣ କରିଛନ୍ତି। ଶନିବାର ବିପ୍ଳବ କୁମାର ଦେବଙ୍କ ଇସ୍ତଫା ପରେ ଶାହାଙ୍କୁ ଭାଜପା ବିଧାୟକ ଦଳ ନେତା ବଛାଯାଇଥିଲା। ରାଜଭବନରେ ଏକ ନିରାଡମ୍ବର ଉତ୍ସବରେ ରାଜ୍ୟପାଳ ସତ୍ୟଦେଓ ନାରାୟଣ ଆର୍ଯ୍ୟ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ରବିବାର ଅନ୍ୟ କୌଣସି ମନ୍ତ୍ରୀ ଶପଥ ନେଇନାହାନ୍ତି। ୨୦୧୮ ବିଧାନସଭା ନିର୍ବାଚନରେ ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତାର ସହ ବିଜୟୀ କରାଇଥିବା ବିପ୍ଳବ ଆସନ୍ତା ବର୍ଷ ନିର୍ବାଚନ ପାଇଁ ସଂଗଠନକୁ ସୁଦୃଢ଼ କରିବା ନିମନ୍ତେ କାର୍ଯ୍ୟ କରିବେ ବୋଲି ଶନିବାର ଇସ୍ତଫା ଦେବା ପରେ କହିଥିଲେ।

ଜଣେ ଲୋକପ୍ରିୟ ଦନ୍ତ ଚିକିତ୍ସକ ମାନିକ୍ ଶାହା ୨୦୧୫ରେ ଭାଜପାରେ ଯୋଗ ଦେଇଥିଲେ। ୨୦୨୦ରେ ତାଙ୍କୁ ଦଳର ରାଜ୍ୟ ଶାଖା ସଭାପତି କରାଯାଇଥିଲା। ଗତବର୍ଷ ସେ ଭାଜପାରୁ ପ୍ରଥମ ଥର ପାଇଁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୮ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପାର ସଦସ୍ୟ ସଂଗ୍ରହ ଅଭିଯାନର ପ୍ରଭାରୀ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଥିଲା।

# ଗୁଜରାଟ ରାଜନୀତିରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟ

**ଅହମଦାବାଦ,୧୫।୫**

**ଏଏପିର ପରିବର୍ତ୍ତନ ଯାତ୍ରା ଆରମ୍ଭ**

ଚଳିତ ବର୍ଷ ଶେଷ ଭାଗରେ ଗୁଜରାଟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ରାଜ୍ୟ ରାଜନୀତିରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଆମ୍ ଆଦ୍‌ମୀ ପାର୍ଟି ରବିବାର 'ପରିବର୍ତ୍ତନ ଯାତ୍ରା' ଆରମ୍ଭ କରିଛି। ଗୁଜରାଟର ୫ଟି ସ୍ଥାନରୁ ଏହି ଯାତ୍ରା ବାହାରିଥିବାବେଳେ ୧୦ ଲକ୍ଷ ଭୋଟର ଓ ନାଗରିକମାନଙ୍କ ସହ ଆଲୋଚନା କରିବା ଯୋଜନା ରହିଛି। ପରିବର୍ତ୍ତନ ଯାତ୍ରା ମାଧ୍ୟମରେ ରାଜ୍ୟର ୪ କୋଟି ଭୋଟରଙ୍କ ପାଖରେ ଏଏପି ଏହାର ବାର୍ତ୍ତା ପହଞ୍ଚାଇବ। ଦ୍ୱାରକା ଏବଂ ସାଗର ରାବରିରୁ ଶୋଭାଯାତ୍ରାର ନେତୃତ୍ୱ ଇସୁଦନ ଗାଧଭି ଏବଂ ଇନ୍ଦ୍ରନୀଲ ରାଜଗୁରୁ ନେଇଥିବାବେଳେ ସିଦ୍ଧପୁରରୁ ବାହାରିଥିବା ଶୋଭାଯାତ୍ରାରେ ଭୀମ ଚୌଧରୀ ନେତୃତ୍ୱ ନେଇଥିଲେ। ସେହିପରି ଅବଦାସା-କଚ୍ଛରୁ ରାଜ କାର୍ପଦା ଏବଂ କୈଳାସ ଗାଧଭି ଓ ଦାଣ୍ଡିରୁ ମନୋଜ, ସୋରଥିଆ, ରାମ ଧଡୁକ ଏବଂ ରାକେଶ ହରିପରା ପରିବର୍ତ୍ତନ ଯାତ୍ରାର ନେତୃତ୍ୱ ନେଇଛନ୍ତି। ଷଷ୍ଠ ଶୋଭାଯାତ୍ରା ଆଦିବାସୀ ଅଞ୍ଚଳ ଦେଇ ଯିବାକୁ ଥିବାବେଳେ ଏଥିରେ ଭାରତୀୟ ଟ୍ରାଇବାଲ ପାର୍ଟି ନେତା ମହେଶ ବାସବ ଏବଂ ଏଏପି ନେତା ଅର୍ଜୁନ ରାଠୱା ନେତୃତ୍ୱ ନେବେ। ଦଳର ନେତା ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ବୁଧବାର ରାଜକୋଟଠାରେ ଏକ ରାଲିକୁ ସମ୍ବୋଧିତ କରି ବିଭିନ୍ନ ପ୍ରସଙ୍ଗ ଉପରେ କହିଥିଲେ। ଉକ୍ତ ବାର୍ତ୍ତାକୁ କୋଟି କୋଟି ଭୋଟରଙ୍କ ପାଖରେ ପହଞ୍ଚାଇବାକୁ ହେଲେ ବୃହତ୍ ଶ୍ରମଶକ୍ତିର ଆବଶ୍ୟକତା ଯାହା ବର୍ତ୍ତମାନ ଦଳ ନିକଟରେ ନାହିଁ ବୋଲି ବରିଷ୍ଠ ଖବରଦାତା ଜଗଦୀଶ ମେହେଟ୍ଟା କହିଛନ୍ତି।

# ଚାପରେ ଅଛନ୍ତି ସ୍ଥାନୀୟ ବିଧାୟକ: ଜୁଏଲ

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ବିବାଦ ପ୍ରସଙ୍ଗ**

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମକୁ ନେଇ ଭାଜପା ନେତାମାନଙ୍କ ମଧ୍ୟରେ ଏକ ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ତେବେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ବିଭିନ୍ନ ସମୟରେ ବଦଳୁଥିବା ମତ ନେଇ ମୁଖ୍ୟତଃ ଭାଜପା ନେତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ବଢିଯାଇଛି। ତେବେ ଜୟନ୍ତଙ୍କ ହିସାବ ଭୁଲ୍ ବୋଲି ରବିବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ଜୁଏଲ୍ ଓରାମ କହିଛନ୍ତି।

ଜୁଏଲ କହିଛନ୍ତି ଯେ, ସ୍ଥାନୀୟ ବିଧାୟକ(ଜୟନ୍ତ)ଙ୍କ ହିସାବ ଭୁଲ୍ ରହିଛି। ତାଙ୍କ ଉପରେ କିଛି ଚାପ ଥାଇପାରେ। କିଛି ଗୋଷ୍ଠୀ ତାଙ୍କ ଉପରେ ଚାପ ପକାଉଛନ୍ତି। ରାଜ୍ୟ ସଭାପତି ତାଙ୍କୁ ଡାକି ଏହି ପ୍ରସଙ୍ଗରେ ଆଲୋଚନା କରିବା କଥା। ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଭାଜପା ଜୋରଦାର ଲଢେଇ କରିବ। ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ନିର୍ମାଣ ବେଆଇନ ବୋଲି ସେ କହିଛନ୍ତି। ତେବେ ଜୟନ୍ତ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ମତ ଦେଇଛନ୍ତି। ଜୟନ୍ତ କହିଥିଲେ ଯେ, ବିକାଶ କାମକୁ ସମର୍ଥନ କରୁଛନ୍ତି। ହେଲେ ଯାହା କିଛି ହେଉଛି ଆଇନ ଭିତରେ ହେଉ। ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା କାମକୁ କେବେ ହେଲେ ବିରୋଧ କରିନାହାନ୍ତି ବୋଲି ସେ କହିଥିଲେ। ଅନ୍ୟପଟେ ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗ ଉଠାଇଥିବା ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ଆଭିମୁଖ୍ୟକୁ ଜୁଏଲ ସମର୍ଥନ କରିଛନ୍ତି। ସେପଟେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମକୁ ନେଇ ଭାଜପାରୁ ଆସୁଥିବା ଭିନ୍ନ ପ୍ରତିକ୍ରିୟା ନେଇ ବିଜେଡି ରାଜ୍ୟ ସଭା ଏମ୍‌ପି ମୁନା ଖାଁ କହିଛନ୍ତି, ଶ୍ରୀମନ୍ଦିର ନିର୍ମାଣ କାମ ବାବଦ ପ୍ରସଙ୍ଗ ନେଇ ମାମଲା ହାଇକୋର୍ଟରେ ଅଛି। ଭାଜପା ପ୍ରଥମେ ନିଜ ଷ୍ଟାଣ୍ଡ ସ୍ୱଷ୍ଟ କରୁ। ତାଙ୍କ ବିଧାୟକ ଗୋଟେ କଥା କହିଲା ବେଳେ ଏମ୍‌ପି ଆଉ ଏକ ପ୍ରକାର କଥା କହୁଛନ୍ତି। ତାଙ୍କ ଭିତରେ ବହୁତ ଦ୍ୱନ୍ଦ୍ୱ ରହିଯାଇଛି। ପ୍ରଥମେ ସେମାନେ ନିଜ ଭିତରେ ଥିବା ଦ୍ୱନ୍ଦ୍ୱ ଦୂର କରିବା ପରେ ଯାହା କହିବେ। ଲାଗୁଛି ସେମାନଙ୍କ ଦଳ ଭିତରେ ମତପାର୍ଥକ୍ୟ ଅଛି। ସେଥିଲାଗି ସମସ୍ତେ ଭିନ୍ନ ଭିନ୍ନ କଥା କହୁଛନ୍ତି ବୋଲି ମୁନା କହିଛନ୍ତି।

# ମା'ଚଣ୍ଡୀଙ୍କୁ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କଲେ ଅଳକା


ବିଜେଡି ପ୍ରାର୍ଥିନୀ ଅଳକା ମହାନ୍ତି ପ୍ରଚାର ଆରମ୍ଭ କରିଛନ୍ତି।

**ବ୍ରଜରାଜନଗର ୧୫।୫(ଡି.ଏନ୍.ଏ.)**

ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପାଖେଇ ଆସୁଥିବାବେଳେ ବିଭିନ୍ନ ଦଳର ପ୍ରାର୍ଥୀ/ପ୍ରାର୍ଥିନୀ ସେମାନଙ୍କ ଆରାଧ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଛନ୍ତି। ବିଜୁ ଜନତା ଦଳ (ବିଜେଡି) ପ୍ରାର୍ଥିନୀ ଅଳକା ମହାନ୍ତି ବ୍ରଜରାଜନଗରର ଆରାଧ୍ୟ ଦେବୀ ମା'ରାମଚଣ୍ଡୀଙ୍କ ପାଖରେ ପୂଜାର୍ଚ୍ଚନା କରିଥିଲେ। ରବିବାର ସନ୍ଧ୍ୟା ୬ଟାରେ ସମର୍ଥକଙ୍କୁ ନେଇ ପୂଜାକରି ମା'ଙ୍କ ଚୁନୁରି ଧାରଣ କରି ପ୍ରଚାରକୁ ବାହାରି ଥିଲେ। ସେ କହିଥିଲେ, ସ୍ୱାମୀ ଛାଡ଼ି ଯାଇଥିବା ଅନେକ କାମ ତାଙ୍କୁ ପୂରଣ କରିବାକୁ ହେବ। ତା'ସହିତ ବ୍ରଜରାଜନଗର ଅଞ୍ଚଳରେ ଯେଉଁ ସବୁ ସମସ୍ୟା ରହିଛି ସେସବୁକୁ ସମାଧାନ କରାଯିବ। ପୂଜା ପରେ ପ୍ରଥମେ ରାମପୁର ଯାଇ ଲୋକଙ୍କୁ ଭେଟି ଭୋଟ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ନଗର ସଭାପତି ରାଧାକାନ୍ତ ପ୍ରଧାନ, ବରିଷ୍ଠ ସଦସ୍ୟ ତଥା ଜିଲା ଉପସଭାପତି ବିଶ୍ୱନାଥ ନାୟକ, ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ, ଉପାଧ୍ୟକ୍ଷ ଗୋପାଳ ସିତାନୀ, ନୃପଲାଲ ତାଣ୍ଡିଆ ପ୍ରମୁଖ ସାମିଲ ଥିଲେ।

# ୧୭୦ ଆଦିବାସୀ ସମ୍ପ୍ରଦାୟ ଜନଜାତି ମାନ୍ୟତାରୁ ବଞ୍ଚିତ: ଭାଜପା

**ଭୁବନେଶ୍ୱର,୧୫।୫(ବ୍ୟୁରୋ):** ଜନଜାତି ମାନ୍ୟତା ପ୍ରସଙ୍ଗରେ ରାଜ୍ୟ ସରକାର ସହଯୋଗ କରୁନାହାନ୍ତି। ଏଥିଯୋଗୁ ରାଜ୍ୟର ୧୭୦ ଆଦିବାସୀ ସମ୍ପ୍ରଦାୟ ଜନଜାତି ମାନ୍ୟତା ପାଇନାହାନ୍ତି। ରବିବାର ଭାଜପା ରାଜ୍ୟ ଉପସଭାପତି ବଳଭଦ୍ର ମାଝି ଏଭଳି ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବଳଭଦ୍ର ରାଜ୍ୟ ସରକାରଙ୍କୁ ଏହି ପ୍ରସଙ୍ଗରେ ଟାର୍ଗେଟ କରି କହିଛନ୍ତି, ଜନଜାତି ମାନ୍ୟତା ତଥ୍ୟ ମାଗୁଥିଲେ ମଧ୍ୟ ସରକାର ତାହା ଦେଉନାହାନ୍ତି। ଚୁକ୍ତିଆ ଭୁଞ୍ଜିଆ, ପାଉଡି ଭୁୟାଁ ଭଳି ଆଦିମ ଅଧିବାସୀ ଜନଜାତି ମାନ୍ୟତାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟ ସରକାର ଏନେଇ କେନ୍ଦ୍ରକୁ ସହଯୋଗ କରନ୍ତୁ। ଗତ ୯ରୁ ୧୨ ତାରିଖ ପର୍ଯ୍ୟନ୍ତ କୋରାପୁଟ ଅଞ୍ଚଳର ଭାଜପା କାର୍ଯ୍ୟକର୍ତ୍ତାମାନେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, ଅଶ୍ୱିନୀ ବୈଷ୍ଣବ ଏବଂ ଅର୍ଜୁନ ମୁଣ୍ଡାଙ୍କୁ ଭେଟିଥିଲେ। ଓଡ଼ିଶାର ୧୭୦ ଆଦିବାସୀ ସମ୍ପ୍ରଦାୟ ଜନଜାତି ମାନ୍ୟତା ପାଇନାହାନ୍ତି କି ସରକାରୀ ଭାବେ ତାଲିକା ଭୁକ୍ତ ହୋଇନାହାନ୍ତି। କେନ୍ଦ୍ର ସରକାର ତଥ୍ୟ ମାଗୁଥିଲେ ମଧ୍ୟ ରାଜ୍ୟ ସରକାର ତାହା ଦେଉନାହାନ୍ତି କି ସହଯୋଗ କରୁନାହାନ୍ତି। ଯେଉଁଥିଲାଗି ୧୭୦ ପ୍ରକାର ଜନଜାତି ତାଲିକା ଭୁକ୍ତ ହେବାରୁ ବଞ୍ଚିତ ଅଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ଭାଜପାର ଷ୍ଟାର କ୍ୟାମ୍ପେନର ତାଲିକାରେ ୫ କେନ୍ଦ୍ରମନ୍ତ୍ରୀ

- ବାଦ୍ ପଡ଼ିଲେ ବିଜୟ, ପୃଥ୍ୱୀରାଜ, ଗୋଲକ, ଭୃଗୁ, ସ୍ମୃତି
- କେତେ ଆସୁଛନ୍ତି, ତାକୁ ଅପେକ୍ଷା

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ବ୍ରଜରାଜନଗର ଉପନିର୍ବାଚନ ରାଜ୍ୟରେ ବିରୋଧୀ ଦଳଙ୍କ ପାଇଁ ଏକ ନୂଆ ପରୀକ୍ଷା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। ପଞ୍ଚାୟତ ଓ ପୌର ନିର୍ବାଚନରେ ଭାଜପା ଓ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପରେ ବ୍ରଜରାଜନଗର ଉପନିର୍ବାଚନ ଉପରେ ସଭିଙ୍କ ଆଖି ରହିଛି। ତେଣୁ ଭାଜପା ଓ କଂଗ୍ରେସ ଏହାକୁ କେତେ ଗୁରୁତ୍ୱର ସହ ଲଢୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ନିକଟରେ କଂଗ୍ରେସ ଉପନିର୍ବାଚନ ପାଇଁ ତା'ର ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିସାରିଥିବା ବେଳେ ରବିବାର ଭାଜପାର ତାଲିକା ପ୍ରକାଶ ପାଇଛି। ହେଲେ ସେଥିରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ସମେତ ଆହୁରି ଅନେକ ନେତାଙ୍କୁ ବାଦ୍ ଦିଆଯାଇଛି। ଅନ୍ୟପଟେ ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ସମେତ ୫ଜଣ କେନ୍ଦ୍ରମନ୍ତ୍ରୀଙ୍କୁ ତାଲିକାରେ ସ୍ଥାନ ମିଳିଛି। ଗତ ପିପିଲି ଉପନିର୍ବାଚନରେ ଭାଜପା ପ୍ରକାଶ କରିଥିବା ଷ୍ଟାର ପ୍ରଚାରକ ତାଲିକାରେ ବହୁ କେନ୍ଦ୍ରମନ୍ତ୍ରୀ ଏବଂ କେନ୍ଦ୍ର ନେତାଙ୍କ ନାଁ ରଖିଥିଲା। ହେଲେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପ୍ରଚାର ସମୟରେ ଦେଖିବାକୁ ମିଳି ନ ଥିଲା। ସେହିପରି ଚଳିତ ଥର ତାଲିକାରେ ସ୍ଥାନ ପାଇଥିବା ନେତାମାନଙ୍କ ମଧ୍ୟରୁ କେତେଜଣ ପ୍ରଚାର ମଇଦାନକୁ ଓହ୍ଲାଉଛନ୍ତି ଦେଖିବା ପରେ ସେଥିରୁ ଉପନିର୍ବାଚନ ଲଢ଼ିବାରେ ଭାଜପାର ଆନ୍ତରିକତା ଜଣାପଡ଼ିବ ବୋଲି ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅଶ୍ୱିନୀ ବୈଷ୍ଣବ ପ୍ରଚାରରେ ଯୋଗଦେବେ ନାହିଁ ବୋଲି ଦଳୀୟ ମହଲରେ ଶୁଣିବାକୁ ମିଳୁଥିଲେ ମଧ୍ୟ ସେମାନଙ୍କ ନାମ ତାଲିକାରେ ରହିଛି। ତେଣୁ ପ୍ରଚାର ସମୟ ମଧ୍ୟରେ ସେମାନେ ଆସୁଛନ୍ତି ନା ନାହିଁ ପରବର୍ତ୍ତୀ ସମୟରେ ସ୍ପଷ୍ଟ ହୋଇଯିବ। ଅପରପକ୍ଷେ ଏହି ତାଲିକାରୁ ବରିଷ୍ଠ ନେତା ବିଜୟ ମହାପାତ୍ର, ସୁଦୀପ୍ତ ରାଏ, ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ, ଯୁବ ମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ବାଦ୍ ପଡ଼ିଛନ୍ତି। ସେହିପରି ସବୁବେଳେ ଦଳର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟରେ ସକ୍ରିୟ ରହୁଥିବା ଗୋଲକ ମହାପାତ୍ର, ଭୃଗୁ ବକ୍ସିପାତ୍ର ଏବଂ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ମଧ୍ୟ ଏହି ତାଲିକାରେ ସ୍ଥାନ ମିଳିନାହିଁ। ଯାହାକୁନେଇ ଦଳରେ ଏବେ ବିଭିନ୍ନ ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି।

ବ୍ରଜରାଜନଗର ଉପନିର୍ବାଚନରେ ପ୍ରଚାର କାର୍ଯ୍ୟକୁ ଅଧିକ ଶାଣିତ କରିବା ପାଇଁ ଭାଜପା ପକ୍ଷରୁ ୪୦ ଜଣିଆ ଷ୍ଟାର ପ୍ରଚାରକଙ୍କ ନାମ ତାଲିକା ଘୋଷଣା କରାଯାଇଛି। ଏହି ତାଲିକାରେ ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ, ଧର୍ମେନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ଯୋଶୀ, ଅଶ୍ୱିନୀ ବୈଷ୍ଣବ, ଏମ୍‌ପି ଜୁଏଲ ଓରାମ, ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ, ରାଜ୍ୟ ସହପ୍ରଭାରୀ ବିଜୟ ପାଲ ସିଂହ ତୋମାର, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସୁରେଶ ପୂଜାରୀ, ବସନ୍ତ ପଣ୍ଡା, ପୂର୍ବତନ ସଭାପତି କନକବର୍ଦ୍ଧନ ସିଂହଦେଓ, ମନମୋହନ ସାମଲ, ଅପରାଜିତା ଷଡ଼ଙ୍ଗୀ, ସମ୍ବିତ ପାତ୍ର, ସାଂସଦ ସଙ୍ଗୀତା ସିଂହଦେଓଙ୍କ ନାମ ରହିଛି। ସେହିପରି ଛତିଶଗଡ଼ ନେତା ବ୍ରିଜ ମୋହନ ଅଗ୍ରୱାଲ, ନିତେଶ ଗଙ୍ଗଦେବ, ବିଧାୟକ ଜୟନାରାୟଣ ମିଶ୍ର, ବିରୋଧୀ ଦଳ ଉପନେତା ବିଷ୍ଣୁଚରଣ ସେଠୀ, ବରିଷ୍ଠ ନେତ୍ରୀ ସୁରମା ପାଢ଼ୀ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ଖାରବେଳ ସ୍ୱାଇଁ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ବିଧାୟକ ନାଉରି ନାୟକ, ସୁବାସ ପାଣିଗ୍ରାହୀ, ଶଙ୍କର ଓରାମ, ଭବାନୀ ଶଙ୍କର ଭୋଇ, କୁସୁମ ଟେଟେ, ମୁକେଶ ମହାଲିଙ୍ଗ, ରଞ୍ଜନ ପଟେଲ, ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ କୁମାର ମହାନ୍ତି, ପିଙ୍କି ପ୍ରଧାନ, ଶ୍ରୀତମ ଦାସ, ଅନୁ ଚୌଧୁରୀ ଓ ହରିହର ମହାପାତ୍ର ପ୍ରମୁଖ ସାମିଲ ଅଛନ୍ତି।



# ଧରିତ୍ରୀ
DHARITRI





**ରିଦ୍ଧିମାନ ପ୍ଲେୟର ଅଫ୍ ଦି ମ୍ୟାଚ**
ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଗୁଜରାଟ ଟାଇଟାନ୍ସର ରିଦ୍ଧିମାନ ଶାହ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।

୧୨ ୦୯

**କ୍ୟାରିୟର ଓରିଏଣ୍ଟେଡ୍ ଅନୁଷ୍କା**
ବଲିଉଡ୍‌ରେ ନିଜ କ୍ୟାରିୟର୍‌କୁ ଫୋକସ୍‌ରେ ରଖି ଫିଲ୍ମ ପ୍ରଯୋଜନା ଛାଡ଼ିଥିବା ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା କହିଛନ୍ତି।



# ୧୯ ସୁଦ୍ଧା ଆଉ ଏକ ଲଘୁଚାପ

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

- **ବଢୁଛି ତାତି, ୪୦ ଡିଗ୍ରୀ ଉପରେ ୧୨ ସହର**
- **ଝଡ଼ତୋଫାନ, ବଜ୍ରପାତ: ୯ ଜିଲାକୁ ୟେଲୋ ୱାର୍ନିଂ**

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୧୯ ତାରିଖ ସୁଦ୍ଧା ଏହି ଲଘୁଚାପ ସୃଷ୍ଟି ହେବ। ଏହା ଦିନେ କିମ୍ବା ଦୁଇଦିନ ମଧ୍ୟରେ ଦକ୍ଷିଣ ଆଣ୍ଡାମାନ ସାଗର ଅଞ୍ଚଳକୁ ପ୍ରବେଶ କରିବ। ତା'ପରେ ତା'ର ରୂପରେଖ ଏବଂ ପରବର୍ତ୍ତୀ ପ୍ରଭାବ ସମ୍ପର୍କରେ ଜଣାପଡ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଏପଟେ ରାଜ୍ୟରେ ତାତି ଅସମ୍ଭାଳ ହେବାରେ ଲାଗିଛି। ରବିବାର ସୋନପୁର ୪୩.୩ ଡିଗ୍ରୀ ତାପମାତ୍ରା ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ବଲାଙ୍ଗୀର ୪୩, ସୁନ୍ଦରଗଡ଼ ୪୩, ସମ୍ବଲପୁର ୪୨.୨, ଝାରସୁଗୁଡ଼ା ୪୧.୬, ଅନୁଗୋଳ ୪୦.୧, ହୀରାକୁଦ ୪୦.୧, ତାଳଚେର ୪୦, ଭବାନିପାଟଣା ୪୧.୫, ଟିଟିଲାଗଡ଼ ୪୨.୨, ମାଲକାନଗିରି ୪୧ ଓ ନୂଆପଡ଼ାରେ ୪୧.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ଭୁବନେଶ୍ୱରରେ ୩୫.୮, କଟକ ୩୫.୨ ଓ ପୁରୀରେ ୩୩.୬ ଡିଗ୍ରୀ ତାପମାତ୍ରା ରହିଥିଲା। ସୋମବାର ବିଭିନ୍ନ ଜିଲାକୁ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ଥିବାବେଳେ କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ କଟକ ଆଦି ୯ଟି ଜିଲାରେ ଝଡ଼ତୋଫାନ ଓ ବଜ୍ରପାତ ହେବ। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କି.ମି. ରହିବ। ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାକୁ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ରହିଥିବାବେଳେ ବଜ୍ରପାତ ନେଇ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି।



ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳର ଐତିହାସିକ ବିଜୟ ପରେ ଖୁସିରେ ଉତ୍ଫୁଲ୍ଲିତ ଖେଳାଳି ଓ ଅନ୍ୟମାନେ।

# ଜଳ ପାଇଁ ଜଙ୍ଗଲମୁହାଁ ପିଲା

**କେନ୍ଦୁଝର, ୧୫।୫(ସ୍ୱ.ପ୍ର.)**

**ଖଜୁରିବାଣୀ ଆଶ୍ରମ ବିଦ୍ୟାଳୟରେ ସମସ୍ୟା**
- **ସୋଲାର ପମ୍ପ ଅଚଳ**
- **ପଖାଳରେ ପୂରୁଛି ପେଟ**
- **ପାଳିରେ ହେଉଛି ପାଠପଢ଼ା**

'୫-ଟି' ବ୍ୟବସ୍ଥାରେ ବଦଳୁଛି ବିଦ୍ୟାଳୟ। ଚିକିମିକିଆ ସ୍ମାର୍ଟ କ୍ଲାସ୍ ରୁମ୍‌ର ଚିନ୍ତାମୁକ୍ତ ବାତାବରଣରେ ପାଠ ପଢୁଛନ୍ତି ପିଲା। ଏହାକୁ ନେଇ ରାଜ୍ୟ ସରକାର ସାଉଁଟୁଛନ୍ତି ପ୍ରଶଂସା। ଶିକ୍ଷା ଭିତ୍ତିଭୂମିର ଏଭଳି ପରିବର୍ତ୍ତନକୁ ସ୍ୱାଗତ କରୁଛନ୍ତି ବୁଦ୍ଧିଜୀବୀ। ତେବେ ଖଣି ସମୃଦ୍ଧ କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ହୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଉପାନ୍ତ ଖଜୁରିବାଣୀ ଆଶ୍ରମ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଏହାର ବିପରୀତ ଚିତ୍ର। ବିଦ୍ୟାଳୟରେ ଜଳସଙ୍କଟ ଉତ୍କଟ ରୂପ ଧାରଣ କରିଥିବାବେଳେ ପିଲାମାନେ ସ୍ନାନଶୌଚାଦି କାର୍ଯ୍ୟ ପାଇଁ ବିପଦପୂର୍ଣ୍ଣ ଜଙ୍ଗଲ ପରିବେଶରେ ଥିବା ନାଳକୁ ଯାଉଛନ୍ତି। ପ୍ରଥମରୁ ଶିକ୍ଷକ ମରୁଡ଼ି ସମସ୍ୟାରେ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ବେଳେ ଏବେ ଜଳ ପାଇଁ ପିଲାଏ ଜଙ୍ଗଲ ମୁହାଁ ହେବା ଅଭିଭାବକଙ୍କୁ ଚିନ୍ତାରେ ପକାଇଦେଇଛି।

ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପରିଚାଳନାରେ ଥିବା ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୩୫୦ ଆଦିବାସୀ ପିଲା ହଷ୍ଟେଲରେ ରହି ପଢୁଛନ୍ତି। ତନ୍ମଧ୍ୟରେ ୧୦୦ ଜଣ ବାଳିକା। ତେବେ ଗୋଟିଏ ପାର୍ଶ୍ୱରେ ପାଚେରି ନ ଥିବାରୁ ସ୍କୁଲ ପରିସର ଖୋଲା ରହିଛି। ଏଣୁ ବନ୍ୟଜନ୍ତୁ, ସରୀସୃପ ଭୟ ରହୁଛି। ବାଳକମାନଙ୍କ ପାଇଁ ଥିବା ଏକମାତ୍ର ନଳକୂପ ଅଚଳ ରହିଥିବାରୁ ☞ପୃଷ୍ଠା-୨



ପିଲାମାନେ ବିପଦପୂର୍ଣ୍ଣ ଅବସ୍ଥାରେ ନାଳକୁ ସ୍ନାନ ପାଇଁ ଯାଉଛନ୍ତି।

# ଭାରତକୁ ଥମାସ୍ କପ୍

## ବ୍ୟାଡ୍‌ମିଣ୍ଟନରେ ଐତିହାସିକ ସଫଳତା

**ବ୍ୟାଙ୍କକ୍, ୧୫।୫(ପି.ଟି.)**

ଭାରତୀୟ କ୍ରୀଡ଼ା ପାଇଁ ରବିବାର ଆସିଛି ଏକ ଖୁସି ଖବର। ଏଥର କିନ୍ତୁ କ୍ରିକେଟ କିମ୍ବା ହକି ପାଇଁ ନୁହେଁ, ବ୍ୟାଡ୍‌ମିଣ୍ଟନ ଖେଳ ଲାଗି ଭାରତ ଗର୍ବିତ ହୋଇଛି। ପ୍ରଥମଥର ପାଇଁ ଭାରତୀୟ ପୁରୁଷ ଦଳ ଜିତିଛି ସମ୍ମାନଜନକ ଥମାସ୍ କପ୍ ବ୍ୟାଡ୍‌ମିଣ୍ଟନ ଟାଇଟଲ। ୧୯୪୮-୪୯ରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲେ ହେଁ ଏପର୍ଯ୍ୟନ୍ତ ଭାରତ କେବେହେଲେ ଚାମ୍ପିୟନ ହେବାର ସ୍ୱାଦ ଚାଖି ନ ଥିଲା। ବିଶ୍ୱ ଚାମ୍ପିୟନଶିପ୍ ମେଡାଲିଷ୍ଟ ଲକ୍ଷ୍ୟ ସେନ୍, କିଡାମ୍ବି ଶ୍ରୀକାନ୍ତ, ଏବଂ ଡବଲ୍ସ ଖେଳାଳି ଚିରାଗ ଶେଟ୍ଟି ଓ ସାତ୍ୱିକରାଜ ରାଙ୍କିରେଡ୍ଡୀ ଉଡ଼ାଇଛନ୍ତି ଭାରତର ବିଜୟ ଧ୍ୱଜା। ରବିବାର ଅନୁଷ୍ଠିତ ଫାଇନାଲରେ ବ୍ୟାଡ୍‌ମିଣ୍ଟନ ପାୱାର ହାଉସ୍ ତଥା ୧୪ଥର ଚାମ୍ପିୟନ ଇଣ୍ଡୋନେସିଆକୁ ୩-୦ରେ ହରାଇ ଭାରତ ଏହି ଐତିହାସିକ ସଫଳତା ପାଇଛି।

ବିଶ୍ୱର ସବୁଠାରୁ ସମ୍ମାନଜନକ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ହେଉଛି ଥମାସ୍ କପ୍। ମାତ୍ର ଏହାର ଫାଇନାଲରେ ଭାରତ ପୂର୍ବରୁ କେବେହେଲେ ପ୍ରବେଶ କରିପାରି ନ ଥିଲା। ୧୯୭୯ରେ ଶେଷଥର ପାଇଁ ଭାରତୀୟ ଦଳ ସେମିଫାଇନାଲ ଖେଳିଥିଲା। ଏଥର କିନ୍ତୁ ଦକ୍ଷତା ଦେଖାଇଛି ଭାରତ। ପ୍ରଥମ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ୍ ୮-୨୧, ୨୧-୧୭, ୨୧-୧୬ରେ ବିଶ୍ୱର ୫ ନମ୍ବର ଖେଳାଳି ଆନ୍ଥୋନୀ ସିନିସୁକାଙ୍କୁ ହରାଇ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ନିଜର ବିଜୟକୁ ବିଶ୍ୱାସ କରିପାରି ନ ଥିବା ସେନ୍ କୋର୍ଟ ଉପରେ ଚିତ୍ ହୋଇ ଶୋଇପଡ଼ିଥିଲେ। ପ୍ରଥମ ସେଟ୍ ହାରିଥିଲେ ହେଁ ସେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ଦେଶର ଶ୍ରେଷ୍ଠ ଡବଲ୍ସ ଖେଳାଳି ରାଙ୍କିରେଡ୍ଡୀ ଓ ଶେଟ୍ଟି ଧୈର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ କରି ପ୍ରତିପକ୍ଷ ମହମ୍ମଦ ଏହସାନ ଓ କେଭିନ ସଞ୍ଜୟ ସୁକାମୁଲ୍‌ଜୋଙ୍କୁ ୧୮-୨୧, ୨୩-୨୧, ୨୧-୧୯ରେ ହରାଇଥିଲେ। ରାଙ୍କିରେଡ୍ଡୀ ଓ ଶେଟ୍ଟି ମଧ୍ୟ ତାଙ୍କ ପ୍ରଥମ ଗେମ୍‌ରେ ପରାଜିତ ହୋଇଥିଲେ। ତେବେ ଧୈର୍ଯ୍ୟହରା ନ ହୋଇ ଦ୍ୱିତୀୟ ଗେମ୍‌ରେ କଡ଼ା ଚ୍ୟାଲେଞ୍ଜ ଦେଇ ସଫଳ ହୋଇଥିଲେ। ଶେଷରେ ଅନୁଷ୍ଠିତ ଦ୍ୱିତୀୟ ସିଙ୍ଗଲ୍ସରେ ଶ୍ରୀକାନ୍ତ ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଜୋନାଥନ କ୍ରିଷ୍ଟିଙ୍କୁ ୨୧-୧୫, ୨୩-୨୧ରେ ହରାଇବା ପରେ ଭାରତ ପାଇଁ ଐତିହାସିକ ମୁହୂର୍ତ୍ତ ଆସିଥିଲା। ଏଥିଯୋଗୁ ଖେଳାଳିମାନେ କୋର୍ଟ ମଧ୍ୟରେ ଦୌଡ଼ିବା ସହ ଖୁସି ମନାଇଥିଲେ। ଭାରତର ଏହି ଅଭୂତପୂର୍ବ ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଭାରତୀୟ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଦଳ ପାଇଁ ୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି। ପ୍ରକାଶ ଯେ, ପୂର୍ବରୁ ଥମାସ୍ କପ୍ ପ୍ରତି ୩ ବର୍ଷରେ ଥରେ ଅନୁଷ୍ଠିତ ହେଉଥିଲା। ମାତ୍ର ୧୯୮୨ଠାରୁ ଏହା ପ୍ରତି ୨ ବର୍ଷରେ ଆୟୋଜିତ ହେଉଛି।

### ୨ କୋଟି ଟଙ୍କାର ପୁରସ୍କାର ଘୋଷଣା

### 'ଅସାଧାରଣ ବିଜୟ'

**ନୂଆଦିଲ୍ଲୀ, ୧୫।୫ (ପି.ଟି.)**

ପ୍ରଥମଥର ପାଇଁ ଥମାସ୍ କପ୍ ବ୍ୟାଡ୍‌ମିଣ୍ଟନ ଟାଇଟଲ ଜିତି ଇତିହାସ ରଚିଥିବା ଭାରତୀୟ ପୁରୁଷ ଦଳ ଲାଗି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ୧ କୋଟି ଓ ବ୍ୟାଡ୍‌ମିଣ୍ଟନ୍ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି। "ଥମାସ୍ କପ୍‌ରେ ଭାରତର କ୍ରମାଗତ ମାଲେସିଆ, ଡେନ୍‌ମାର୍କ ଓ ଇଣ୍ଡୋନେସିଆ ବିପକ୍ଷରେ ବିଜୟ ଅସାଧାରଣ ଥିଲା। ଭାରତୀୟ ଦଳର ଏହି ସଫଳତା ଦେଶକୁ ଗର୍ବିତ କରିଛି" ବୋଲି ଅନୁରାଗ ଏକ ବିବୃତିରେ ପ୍ରକାଶ କରିଛନ୍ତି। କିଡାମ୍ବୀ ଶ୍ରୀକାନ୍ତ ଓ ଏଚ୍.ଏସ୍. ପ୍ରଣୟ ପୂରା ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସାତ୍ୱିକ ସାଇରାଜ, ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ଡବଲ୍ସ କମ୍ବିନେଶନ ଭାରତୀୟ ବ୍ୟାଡ୍‌ମିଣ୍ଟନକୁ ଭିନ୍ନ ଏକ ସୋପାନକୁ ନେଇଯାଇଛି। ଶେଷ ୬ ମ୍ୟାଚ୍‌ରୁ ୫ଟିରେ ଏମାନେ ଚମତ୍କାର ଖେଳିଛନ୍ତି। ଟାଇଟଲ ପର୍ଯ୍ୟାୟରେ ଲକ୍ଷ୍ୟ ସେନ୍ ପ୍ରଥମ ☞ପୃଷ୍ଠା-୨

# ଆଣ୍ଡ୍ରୁ ସାଇମଣ୍ଡ୍ସଙ୍କ ପରଲୋକ

**ସିଡ୍‌ନୀ, ୧୫।୫**

ଅଷ୍ଟ୍ରେଲିଆର ମହାନ୍ କ୍ରିକେଟ ଅଲ୍‌ରାଉଣ୍ଡର ଆଣ୍ଡ୍ରୁ ସାଇମଣ୍ଡ୍ସଙ୍କର ଶନିବାର ରାତିରେ କୁଇନ୍ସଲାଣ୍ଡରେ ଏକ କାର୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଦୁଇଥର ବିଶ୍ୱକପ୍ ବିଜେତା ଟେଷ୍ଟ ଷ୍ଟାର ଖେଳାଳିଙ୍କୁ ୪୬ ବର୍ଷ ବୟସ ହୋଇଥିଲା। ଏ ଅବସରରେ ସେ ସ୍ତ୍ରୀ ଲାଉରା ଏବଂ ଦୁଇ ସନ୍ତାନ ଚ୍ଲୋ ଓ ବିଲିଙ୍କୁ ଛାଡ଼ି ଚାଲିଯାଇଛନ୍ତି। ଟାଉନ୍ସଭିଲେଠାରୁ ପ୍ରାୟ ୫୦ କିଲୋମିଟର ଦୂର ହର୍ଭେ ରେଞ୍ଜରେ ଏହି ଦୁର୍ଘଟଣା ଘଟିଛି। କୁଇନ୍ସଲାଣ୍ଡ ପୋଲିସ ଏହାର ତଦନ୍ତ ଚଳାଇଛି। ୨୦୦୮ ସିଡ୍‌ନୀ ଟେଷ୍ଟରେ ଭାରତୀୟ ସ୍ପିନର ହରଭଜନ ସିଂଙ୍କୁ ନେଇ 'ମଙ୍କି ଗେଟ୍' ସ୍କାଣ୍ଡାଲ ତାଙ୍କ କ୍ୟାରିୟରର ସବୁଠାରୁ ବିବାଦୀୟ ମୁହୂର୍ତ୍ତ ଥିଲା।



(ବିସ୍ତୃତ ରିପୋର୍ଟ: ଖେଳ ପୃଷ୍ଠାରେ)

**ଆଜିର ସମ୍ପାଦକୀୟ**
**ପଣ୍ଡିତଙ୍କ ଦୁର୍ଦ୍ଦଶା**

# ସିଡିଏସ୍ ପଦବୀ ବିଭାଜନ ମସୁଧା

## ରାୱତ୍‌ଙ୍କ ମୃତ୍ୟୁର ୫ ମାସ ପରେ ବି ନୂଆ ନିଯୁକ୍ତି ଦେଉନାହିଁ କେନ୍ଦ୍ର

**ପ୍ରାୟ ଅଢ଼େଇ ବର୍ଷ ତଳେ କେନ୍ଦ୍ର ସରକାର ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ପଦ ସୃଷ୍ଟି କରିଥିଲେ ଏବେ ସେଥିରୁ ବିଚ୍ୟୁତ ହୋଇଥିବା କୁହାଯାଉଛି। କାରଣ ଦେଶର ପ୍ରଥମ ସିଡିଏସ୍ ଜେନେରାଲ ବିପିନ ରାୱତ୍‌ଙ୍କ ମୃତ୍ୟୁର ୫ ମାସ ବିତିଯାଇଥିଲେ ସୁଦ୍ଧା ତାଙ୍କ ଉତ୍ତରାଧିକାରୀ ଚୟନ କରାଯାଇପାରି ନାହିଁ। ଓଲଟା ସିଡିଏସ୍ ପଦବୀକୁ ଦୁଇଭାଗରେ ବିଭକ୍ତ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ବିଚାର କରୁଥିବା ସୂତ୍ରରୁ ଜଣାପଡ଼ିଛି।**





**ନୂଆଦିଲ୍ଲୀ, ୧୫।୫**

୧୯୪୭ରେ ଦେଶ ବିଭାଜନ ପରଠାରୁ ପଡ଼ୋଶୀ ପାକିସ୍ତାନ ସହ ଭାରତର ସୀମା ବିବାଦ ଲାଗିରହିଛି। ସେହିପରି ୧୯୬୨ ଯୁଦ୍ଧ ପୂର୍ବରୁ ଚାଇନା ସହିତ ଭୂଭାଗରେ ସୀମା ନିର୍ଦ୍ଧାରଣକୁ ନେଇ ମତଭେଦ ରହିଛି। ପାକିସ୍ତାନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇ ଗୁଳି ବର୍ଷା ଓ ମୋର୍ଟାର ମାଡ଼ କରୁଥିବାବେଳେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସୈନ୍ୟ ପ୍ରକୃତ ନିୟନ୍ତ୍ରଣରେଖା(ଏଲ୍‌ଏସି) ଅତିକ୍ରମ କରି ଭାରତୀୟ ଯବାନମାନଙ୍କୁ ବଳ ଦେଖାଉଛନ୍ତି। ଏସବୁର ମୁକାବିଲା ପାଇଁ ସେନାକୁ ଅଧିକ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ୨୦୧୯ ଡିସେମ୍ବରରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ପଦ ସୃଷ୍ଟି କରିଥିଲେ। ଏହି ପଦବୀରେ ଅବସ୍ଥାପିତ ଅଫିସର ପ୍ରତିରକ୍ଷା ମନ୍ତ୍ରଣାଳୟର ସାମରିକ ବ୍ୟାପାର ବିଭାଗ ସଚିବ, ଷ୍ଟାଫ୍ କମିଟିର ସ୍ଥାୟୀ ଚେୟାରମ୍ୟାନ୍ ଏବଂ ପ୍ରତିରକ୍ଷା ମନ୍ତ୍ରୀଙ୍କ ପ୍ରଧାନ ପରାମର୍ଶଦାତା ଭାବେ ଦାୟିତ୍ୱ ତୁଲାଇବେ ବୋଲି ନିୟମ ରହିଛି। ଏଥିସହ ୩ ସେନାର ଅପରେଶନ, ଲଜିଷ୍ଟିକ୍, ତାଲିମ, ସପୋର୍ଟ ସର୍ଭିସ୍, ଯୋଗାଯୋଗ ଆଦି କ୍ଷେତ୍ରରେ ସମନ୍ୱୟ ରକ୍ଷା କରିବା ହେଉଛି ସିଡିଏସ୍‌ଙ୍କ ଦାୟିତ୍ୱ। କିନ୍ତୁ ଦେଶର ପ୍ରଥମ ସିଡିଏସ୍ ଭାବେ ନିଯୁକ୍ତି ପାଇଥିବା ପୂର୍ବତନ ସାମରିକ ଅଧିକାରୀ ଜେନେରାଲ ବିପିନ ରାୱତ୍‌ଙ୍କ ମୃତ୍ୟୁର ୫ ମାସ ପରେ ମଧ୍ୟ ତାଙ୍କ ଉତ୍ତରାଧିକାରୀ ଚୟନ କରାଯାଇପାରି ନାହିଁ। ତେଣୁ ଏହି ପଦବୀ ସୃଷ୍ଟି ପଛର ଉଦ୍ଦେଶ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଭାରତୀୟ ସ୍ଥଳସେନାର ୨୬ତମ ମୁଖ୍ୟ ପଦରୁ ଜେନେରାଲ ବିପିନ ରାୱତ୍ ୨୦୧୯ ଡିସେମ୍ବର ୩୧ରେ ଅବସର ନେବା ପରଦିନ ଅର୍ଥାତ୍ ୨୦୨୦ ଜାନୁୟାରୀ ୧ରେ ତାଙ୍କୁ ଦେଶର ପ୍ରଥମ ସିଡିଏସ୍ ଭାବେ ନିଯୁକ୍ତି ଦିଆଯାଇଥିଲା। ରାୱତ୍ କୌଣସି ଯୁଦ୍ଧ ଲଢ଼ି ନ ଥିଲେ ହେଁ ଅବସର ପରେ ତତ୍କାଳ ତିନି ସଶସ୍ତ୍ର ବାହିନୀର ସର୍ବୋଚ୍ଚ ପଦବୀ ଅଳଙ୍କୃତ କରିବାର ସୁଯୋଗ ପାଇଥିଲେ। ସେନା ଅଧିକାରୀମାନେ କୌଣସି ରାଜନୈତିକ ମନ୍ତବ୍ୟ ଦେଇପାରିବେ ନାହିଁ ବୋଲି ଆର୍ମି ରୁଲ୍ସ, ୧୯୫୪ର ଚାପ୍ଟର ୪ରେ ବାରଣ କରାଯାଇଥିବା ସତ୍ତ୍ୱେ ପାକିସ୍ତାନ, ଚାଇନା ଓ ମ୍ୟାନ୍‌ମାର ବିରୋଧରେ ରାୱତ୍‌ଙ୍କ ମନ୍ତବ୍ୟ ତାଙ୍କୁ ଅତ୍ୟଧିକ ବିବାଦୀୟ କରିଥିଲା। ତେଣୁ ରାୱତ୍‌ଙ୍କ ନିଯୁକ୍ତି ପଛରେ ତାଙ୍କ ଯୋଗ୍ୟତା ନୁହେଁ, ବରଂ ରାଜନୈତିକ ପୃଷ୍ଠପୋଷକତା କାମ କରିଥିବା ଅନେକେ କହିଥାଆନ୍ତି। ୨୦୨୧ ଡିସେମ୍ବର ୮ରେ ରାୱତ୍, ତାଙ୍କ ସ୍ତ୍ରୀ ମଧୁଲିକା ଓ ଅନ୍ୟ ୧୨ ଷ୍ଟାଫ୍ ତାମିଲନାଡୁର ୱେଲିଂଟନସ୍ଥିତ ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜକୁ ଯାଉଥିବାବେଳେ ଦୁର୍ଭାଗ୍ୟବଶତଃ ଭାରତୀୟ ବାୟୁସେନା ହେଲିକପ୍ଟର ଏମ୍‌ଆଇ-୧୭ଭି୫ କନ୍ନୁର ☞ପୃଷ୍ଠା-୨

# ଜୁଲାଇ ପ୍ରଥମ ସପ୍ତାହରେ ଯୁକ୍ତ୨ ଫଳ

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

ଯୁକ୍ତ୨ ପରୀକ୍ଷାର ପ୍ରଥମ ପର୍ଯ୍ୟାୟ ସରିଥିବାବେଳେ ୨ୟ ପର୍ଯ୍ୟାୟ ଗତ ୧୧ ତାରିଖରୁ ଆରମ୍ଭ ହୋଇଛି। ଏହା ୩୧ ତାରିଖ ଯାଏ ଚାଲିବ। ତେବେ ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟ ପରୀକ୍ଷାର ମୂଲ୍ୟାୟନ ପ୍ରକ୍ରିୟା ଆସନ୍ତା ୨୨ ତାରିଖ ପରିବର୍ତ୍ତେ ୨୫ ତାରିଖରୁ ଆରମ୍ଭ ହେବ। ଖାତାଦେଖା ପ୍ରାୟ ୨୪ରୁ ୨୬ ଦିନ ଲାଗିବ। ଅନ୍ୟାନ୍ୟ ପ୍ରକ୍ରିୟା ଶେଷ ହେବା ପରେ ଜୁଲାଇ ପ୍ରଥମ ସପ୍ତାହରେ ଫଳ ପ୍ରକାଶ କରାଯିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପକ୍ଷରୁ ସୂଚନା ଦିଆଯାଇଛି। ଖାତାଦେଖା ଲାଗି ଏଥର ୬୪ଟି ଅଫ୍‌ଲାଇନ ଓ ୩୭ଟି ଇ-ମୂଲ୍ୟାୟନ କେନ୍ଦ୍ର ପ୍ରସ୍ତୁତ ହୋଇଛି। ବିଜ୍ଞାନ ଓ ବାଣିଜ୍ୟର ☞ପୃଷ୍ଠା-୨

# ବଦଳିଲେ ମାହାଙ୍ଗା ଥାନା ଅଧିକାରୀ

**ନିଶ୍ଚିନ୍ତକୋଇଲି, ୧୫।୫(ସ୍ୱ.ପ୍ର.)**

## ସ୍ତ୍ରୀ ପାଇଁ ହଟହଟା

କଟକ ଜିଲା ମାହାଙ୍ଗା ଥାନା ଅଧିକାରୀ ନୀହାର ରଞ୍ଜନ ମହାନ୍ତିଙ୍କୁ ରବିବାର ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ବଦଳି କରିଦିଆଯାଇଛି। ସେ ଦୀର୍ଘଦିନ ହେବ ନେମାଳ ଓ ପରେ ମାହାଙ୍ଗା ଥାନା ଅଧିକାରୀଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କ ସ୍ତ୍ରୀ ତଥା ରାୟଗଡା ଅବକାରୀ ଅଧୀକ୍ଷକ ନୀନା ବେଉରା ଶନିବାର ମଦ ବ୍ୟବସାୟୀଙ୍କଠାରୁ ୬ ଲକ୍ଷ ୨୯ ହଜାର ଟଙ୍କା ନେଇ ଭୁବନେଶ୍ୱର ଫେରୁଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହାପରେ ଭିଜିଲାନ୍ସ ଟିମ୍ ମାହାଙ୍ଗାରେ ପହଞ୍ଚି ନୀହାରଙ୍କ କ୍ୱାର୍ଟସକୁ ଚଢ଼ାଉ କରିବାକୁ ଯାଇଥିଲା। ମାତ୍ର ନୀହାର ତାଲା ପକାଇ ☞ପୃଷ୍ଠା-୨



ନୀହାର ରଞ୍ଜନ ମହାନ୍ତି

## କରୋନା ସଂକ୍ରମଣ ସ୍ଥିତି



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୨,୧୦,୭୭,୮୭୩ | ୬୨,୮୮,୦୯୮ | ୪୭,୫୫,୩୮,୮୫୦ |
| ଭାରତ | ୪,୩୧,୨୧,୫୯୯ | ୫,୨୪,୨୧୪ | ୪,୨୫,୭୯,୬୯୩ |
| ଓଡ଼ିଶା | ୧୨,୮୮,୩୦୪ | ୯୧୨୬(+୫୩) | ୧୨,୭୯,୦୦୦ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଚନ୍ଦନ
ପରିବାରବର୍ଗ



ମନିଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଡାହି ଖଣ୍ଡେ ବଙ୍କା**
**ମୋତେ କାହିଁପାଇଁ ମୁହଁଟା ବଙ୍କା**
**କାଲି ପିନ୍ଧାଇବି ଶଙ୍ଖା ।**

ନାରୀର ଇଚ୍ଛା ଅପୂରଣୀୟ ହୋଇ ରହିଗଲେ ସେ ମୁହଁ ଫୁଲାଇ ବସେ। ଅଭିମାନରେ କଥା କହି ନ ଥାଏ। ଏପରିସ୍ଥଳେ ତା'ର ଅଭିମାନକୁ ମେଣ୍ଟାଇବାକୁ ଯାଇ ହାତକୁ ଶଙ୍ଖା କିଣି ଦେବା ଭଳି ପ୍ରଲୋଭନ ଦେଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଞ୍ଜା ଆଞ୍ଜା ମାଳ ମାଳ**
**ଦେବା ନେବା ବାଘର ବାଳ ।**

କେତେଜଣ ବ୍ୟକ୍ତିଙ୍କ କଥା ଓ କାର୍ଯ୍ୟରେ କିଛି ସାମଞ୍ଜସ୍ୟ ରହି ନ ଥାଏ। ଯେଉଁଭଳି ଭାବେ କଥା କହିଥାନ୍ତି, କାର୍ଯ୍ୟରେ ତାହାକୁ ରୂପାନ୍ତରିତ କରି ନ ଥାନ୍ତି। ଆଞ୍ଜା ଆଞ୍ଜା କହି ବା କରି କିଛି ନ ଦେଇ ଭଣ୍ଡାଉ ଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପରିବର୍ତ୍ତିତ ପ୍ରସ୍ତାବ ପଠାଇବାକୁ ତାଗିଦ୍

## ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ନିର୍ମାଣ ପ୍ରସଙ୍ଗ

- ପ୍ରଶାସନକୁ ପୁଣି ଚିଠି ଲେଖିଲା ଏନ୍‌ଏମ୍‌ଏ
- ଅନୁମୋଦନ ନ ଥିବାରୁ ତେଜିଲା ଅସନ୍ତୋଷ

**ପୁରୀ ଅଫିସ,୧୫।୫**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ନିଷିଦ୍ଧାଞ୍ଚଳ ଭଳି ନିୟନ୍ତ୍ରିତ ଅଞ୍ଚଳରେ ହେଉଥିବା ନିର୍ମାଣ କାର୍ଯ୍ୟ ପାଇଁ ମଧ୍ୟ ଅନୁମୋଦନ ନାହିଁ। ନିୟନ୍ତ୍ରିତ ଅଞ୍ଚଳରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟକୁ ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍‌ଏମ୍‌ଏ) ଅନୁମୋଦନ ନ ଥିବା ବେଳେ ଏହାର କାମ ଚାଲିଛି। ତେଣୁ ବିନା ଅନୁମୋଦନରେ ହେଉଥିବା କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ ପୁରୀ ଓକିଲ ସଂଘ ଦାବି କରିଛି। ନିୟନ୍ତ୍ରିତ ଅଞ୍ଚଳରେ ଚାଲିଥିବା ଶ୍ରୀମନ୍ଦିର ପ୍ରଶାସନିକ କୋଠା ନିର୍ମାଣ କାମ ପରିକ୍ରମା ପ୍ରକଳ୍ପ ଅଧୀନରେ ଆସୁ ନ ଥିବାରୁ ଏଥିପାଇଁ ସ୍ୱତନ୍ତ୍ର ଓ ନୂଆ ପ୍ରସ୍ତାବ ପଠାଇବାକୁ ଏନ୍‌ଏମ୍‌ଏ ପୂର୍ବରୁ ଜଣାଇଥିଲା। ମାତ୍ର ପ୍ରଶାସନ ଏନ୍‌ଏମ୍‌ଏର ବିନା ଅନୁମୋଦନରେ କାମ ଜାରି ରଖିଥିଲା। ଫଳରେ ଏନ୍‌ଏମ୍‌ଏ ପୁଣି ଥରେ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖି ତାଗିଦ କରିଛି। ଶ୍ରୀମନ୍ଦିର କାର୍ଯ୍ୟାଳୟ କୋଠା ନିର୍ମାଣ ଲାଗି ପରିବର୍ତ୍ତିତ ପ୍ରସ୍ତାବ ପଠାଇବାକୁ କହିଛି।

ଶ୍ରୀମନ୍ଦିରର ଉତ୍ତର-ପୂର୍ବ କୋଣରେ ୪୧୨.୯ ବର୍ଗମିଟର ଜାଗାରେ ୧୪.୧୫୦ ମିଟର ଉଚ୍ଚତା ବିଶିଷ୍ଟ ଶ୍ରୀମନ୍ଦିର କାର୍ଯ୍ୟାଳୟର ପ୍ରଶାସନିକ କୋଠା ନିର୍ମାଣ ପାଇଁ ପ୍ରଶାସନ ଅନୁମତି ମାଗିଥିଲା। ମାତ୍ର ଏନ୍‌ଏମ୍‌ଏ ଶ୍ରୀମନ୍ଦିର କାର୍ଯ୍ୟାଳୟର ଉଚ୍ଚତାକୁ ନେଇ ଆପତ୍ତି ଉଠାଇଥିଲା। ସେହିଭଳି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ପ୍ରଶାସନିକ କୋଠା ପାଇଁ ଅଲଗା ଅଲଗା ଅନୁମତି ମାଗିବା ପାଇଁ ଏନ୍‌ଏମ୍‌ଏ ପ୍ରଶାସନକୁ ଜଣାଇଥିଲା। ଏଥିସହ ପ୍ରଶାସନିକ କୋଠାର ଉଚ୍ଚତା ୧୦ ମିଟର ଭିତରେ ରଖିବା ପାଇଁ ପ୍ରସ୍ତାବ ଦେଇଥିଲା। ତେବେ ଏଭଳି ପ୍ରସ୍ତାବକୁ ଖାତିର ନ କରି ପ୍ରଶାସନ ନିର୍ମାଣ କାର୍ଯ୍ୟ ଜାରି ରଖିଥିଲା। ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକଶନ କର୍ପୋରେଶନ ଲିମିଟେଡ୍ (ଓବିସିସି) ଶ୍ରୀମନ୍ଦିର କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚଳାଇଛି। ଉଲ୍ଲେଖଯୋଗ୍ୟ, ନିଷିଦ୍ଧାଞ୍ଚଳରେ ନିର୍ମାଣ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଡିଜିଙ୍କ ଅନୁମୋଦନ ଆବଶ୍ୟକ ପଡୁଥିବା ବେଳେ ନିୟନ୍ତ୍ରିତ ଅଞ୍ଚଳରେ ହେଉଥିବା ପ୍ରଶାସନିକ କୋଠାର ଅନୁମୋଦନ ନିମନ୍ତେ ଏନ୍‌ଏମ୍‌ଏ ନିର୍ଦ୍ଦେଶକ କିମ୍ବା କମିଶନରଙ୍କ ଅନୁମତି ଦରକାର। ଅନୁମୋଦନ ନ ମିଳିବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହୁ ବୋଲି ଆଇନଜୀବୀ ଶରତ ରାୟଗୁରୁ ଦାବି କରିଛନ୍ତି।

## ଆଜିର ମନ୍ତବ୍ୟ

" ସାମ୍ବିଧାନିକ ଦାୟିତ୍ୱ ନିର୍ବାହ ବେଳେ କଠୋର ନିଷ୍ପତ୍ତି ନେବାରେ ନିର୍ବାଚନ କମିଶନ କୁଣ୍ଠାବୋଧ କରିବେ ନାହିଁ ଏବଂ ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣିବାକୁ ଉଦ୍ୟମ କରିବେ।

-ରାଜୀବ କୁମାର, ମୁଖ୍ୟ ନିର୍ବାଚନ କମିଶନର

# ପାକିସ୍ତାନରେ ୨ ଶିଖ୍ ବ୍ୟବସାୟୀଙ୍କୁ ହତ୍ୟା

**ପେଶାୱର,୧୫।୫(ପି.ଟି.)**

ପାକିସ୍ତାନର ଉତ୍ତରପଶ୍ଚିମ ଖାଇବର-ପଖତୁନଖ୍ୱା ପ୍ରଦେଶ ଅନ୍ତର୍ଗତ ପେଶାୱର ସହରରେ ରବିବାର ଦିନ ଦ୍ୱିପ୍ରହରରେ ୨ ଜଣ ଶିଖ୍ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ରଞ୍ଜିତ ସିଂ(୪୨) ଏବଂ କୁଲ୍‌ଜିତ ସିଂ(୩୮)ଙ୍କୁ ଗୁଳି କରିଥିଲେ। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଆକ୍ରମଣ ପାଇଁ ଇସ୍‌ଲାମିକ ଷ୍ଟେଟ୍ ୱିଲାୟା ଖୋରାସାନ (ଆଇଏସ୍‌କେପି) ନିଜକୁ ଦାୟୀ କରିଛି। ଘଟଣାର ଉପଯୁକ୍ତ ତଦନ୍ତ କରି ଅପରାଧୀଙ୍କୁ ତୁରନ୍ତ ଦଣ୍ଡିତ କରିବା ଲାଗି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପାକିସ୍ତାନକୁ କହିଛି। ମସଲା ବ୍ୟବସାୟ କରୁଥିବା ୨ ଶିଖ୍‌ଙ୍କର ପେଶାୱରଠାରୁ ୧୭ କିଲୋମିଟର ଦୂର ବାଟା ତାଲ୍ ବଜାରରେ ସେମାନଙ୍କର ଦୋକାନ ରହିଛି। ଆକ୍ରମଣକୁ ଖାଇବର-ପଖତୁନଖ୍ୱା ମୁଖ୍ୟମନ୍ତ୍ରୀ ମହମ୍ମଦ ଖାନ ନିନ୍ଦା କରିବା ସହ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ଲାଗି ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବ ଭଙ୍ଗ କରିବା ଲାଗି ଏହା ଏକ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ପାକିସ୍ତାନରେ ଶିଖ୍‌ଙ୍କ ଉପରେ ଆକ୍ରମଣ ଘଟଣାକୁ ନିନ୍ଦା କରିବା ସହ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ପ୍ରସଙ୍ଗ ଇସ୍‌ଲାମାବାଦ ନିକଟରେ ଉଠାଇବାକୁ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲେ। ମୃତକଙ୍କ ପରିବାରକୁ ତୁରନ୍ତ ନ୍ୟାୟ ମିଳିବା ଆବଶ୍ୟକ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ, ଶିରୋମଣି ଅକାଳୀ ଦଳ ଅଧ୍ୟକ୍ଷ ସୁଖବୀର ସିଂ ବାଦଲ ଏବଂ ଏସ୍‌ଜିପିସି ପକ୍ଷରୁ ଦାବି କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ସିଡିଏସ୍ ପଦବୀ ବିଭାଜନ ...

ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ରାୱତ୍‌ଙ୍କ ସହ ଅନ୍ୟ ସମସ୍ତେ ପ୍ରାଣ ହରାଇଥିଲେ। ସେତେବେଳେ ସପ୍ତାହେ ମଧ୍ୟରେ ନୂଆ ସିଡିଏସ୍ ନିଯୁକ୍ତି ହୋଇଯିବ ବୋଲି କେନ୍ଦ୍ର ସରକାର କହିଥିଲେ। ତେଣୁ ତତ୍କାଳୀନ ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ ଏବଂ ଉପମୁଖ୍ୟ ଲୁଟ୍‌ନାଣ୍ଟ ଜେନେରାଲ ଚଣ୍ଡୀ ପ୍ରସାଦ ମହାନ୍ତିଙ୍କ ମଧ୍ୟରୁ ଜଣଙ୍କୁ ରାୱତ୍‌ଙ୍କ ଉତ୍ତରାଧିକାରୀ ଚୟନ କରାଯିବ ବୋଲି ଦେଶବାସୀ ଧରିନେଇଥିଲେ। ଚଣ୍ଡୀ ପ୍ରସାଦ ୨୦୨୨ ଜାନୁୟାରୀ ୩୧ରେ ଓ ନରୱଣେ ଏପ୍ରିଲ ୩୦ରେ ଅବସର ନେବା ପରେ ସେହି ଚର୍ଚ୍ଚା ଥମିଯାଇଛି। ହେଲେ ହେଲିକପ୍ଟର ଦୁର୍ଘଟଣାର ୫ ମାସ ପରେ ମଧ୍ୟ ନୂଆ ସିଡିଏସ୍ ନିଯୁକ୍ତି ହୋଇପାରି ନାହିଁ। ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ପରିବର୍ତ୍ତେ ଏବେ ସିଡିଏସ୍ ପଦବୀକୁ ଦୁଇ ଭାଗରେ ବିଭକ୍ତ କରିବା ପାଇଁ ସରକାର ପ୍ରସ୍ତୁତି ଚଳାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ସର୍ତ୍ତରେ ସୂଚନା ଦେଇଛନ୍ତି।

ପୂର୍ବରୁ ସିଡିଏସ୍ ରାୱତ୍‌ଙ୍କ ପାଖରେ ଥିବା ସାମରିକ ବ୍ୟାପାର ବିଭାଗ (ଡିଏମ୍‌ଏ) ସଚିବ ଦାୟିତ୍ୱ ତୁଲାଇବା ପାଇଁ ଏକ ଭିନ୍ନ ପଦବୀ ସୃଷ୍ଟି କରାଯିବ। ଏହି ପଦରେ ନିଯୁକ୍ତି ପାଇବାକୁ ଥିବା ଅଧିକାରୀ ତିନି ସେନାର ଅମଲାତାନ୍ତ୍ରିକ କାର୍ଯ୍ୟ ତୁଲାଇବେ ଏବଂ ସିଡିଏସ୍‌ଙ୍କ ନିକଟରେ ଉତ୍ତରଦାୟୀ ରହିବେ। ସିଡିଏସ୍‌ଙ୍କୁ ଆପଏଣ୍ଟମେଣ୍ଟ୍ସ କମିଟି ଅଫ୍ କ୍ୟାବିନେଟ୍ (ଏସିସି) ନିଯୁକ୍ତି ଦେଇଥାଏ। ୨୦୧୬ରୁ ଏସିସିରେ କେବଳ ଦୁଇଜଣ ସଦସ୍ୟ ଅଛନ୍ତି। ଜଣେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ଜଣକ ହେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା। ଏଠାରେ ପ୍ରଶ୍ନ ଉଠୁଛି ଯେଉଁ ସିଡିଏସ୍ ନିଯୁକ୍ତିକୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ମନ୍ତ୍ରୀମାନେ ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏତେ ଗୁରୁତ୍ୱପୂର୍ଣ୍ଣ ବୋଲି କହିବୁଲୁଥିଲେ ଏବଂ ରାୱତ୍‌ଙ୍କ ମୃତ୍ୟୁ ପରେ ବି ପ୍ରଧାନମନ୍ତ୍ରୀ ତାଙ୍କ ନାମରେ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ପ୍ରଚାର ବେଳେ ଭୋଟ ମାଗିଥିଲେ, ସେହି ପଦବୀ ଏଯାଏ କାହିଁକି ପୂରଣ କରିପାରି ନାହାନ୍ତି। ନୂଆ ସିଡିଏସ୍ ନିଯୁକ୍ତିରେ ଅହେତୁକ ବିଳମ୍ବ ଏବଂ ଉକ୍ତ ପଦବୀର ସମ୍ଭାବ୍ୟ ବିଭାଜନକୁ ଅନୁଧ୍ୟାନ କଲେ ଜଣାପଡୁଛି ଯେ, ଦେଶରେ ଏହି ସାମରିକ ପଦ ସୃଷ୍ଟି ଜରୁରୀ ନ ଥିଲା। ସେନାର ଆଧୁନିକୀକରଣ ଓ ସଂସ୍କାର କଥା କହି ରାୱତ୍‌ଙ୍କ ରାଜନୈତିକ ପ୍ରଭୁମାନେ ତାଙ୍କୁ ଥଇଥାନ କରିଥିଲେ ବୋଲି କୁହାଯାଉଛି।

### 'ଅସାଧାରଣ ...

ସିଙ୍ଗଲ୍ସ ଜିତି ନିଜ ପରାକାଷ୍ଠା ଦେଖାଇଛନ୍ତି। ଭାରତୀୟ ଦଳର ସଦସ୍ୟ ଥିବା ଡବଲ୍ସ ଯୋଡ଼ି ଏମ୍‌ଆର. ଅର୍ଜୁନ ଓ ଧ୍ରୁବ କାପିଲା, କ୍ରିଷ୍ଣା ପ୍ରସାଦ ଗରଗା ଓ ପଞ୍ଜାଲା ବିଷ୍ଣୁବର୍ଦ୍ଧନ ଗୌଡ଼ ଏବଂ ପ୍ରିୟାଂଶୁ ରାଜାୱତ ଏମାନଙ୍କ ପ୍ରଦର୍ଶନରୁ ନିଶ୍ଚିତ ଅଭିଜ୍ଞତା ଆହରଣ କରିଥିବେ ବୋଲି ଅନୁରାଗ କହିଛନ୍ତି। ଖେଳାଳିଙ୍କ ପାଇଁ ଟ୍ରେନିଂ ଓ ପ୍ରତିଦ୍ୱନ୍ଦ୍ୱିତା ସୁଯୋଗ ସୃଷ୍ଟି କରାଯାଇଥିବାରୁ ଏପରି ସଫଳତା ସମ୍ଭବ ହୋଇପାରିଲା ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ଜାନୁୟାରୀରେ ଆରମ୍ଭ ହୋଇଥିବା ୧୦ ସପ୍ତାହବିଶିଷ୍ଟ ଜାତୀୟ କ୍ୟାମ୍ପ୍ ଖେଳାଳିଙ୍କ ଫିଟ୍‌ନେସ୍ ସ୍ତର ବଢ଼ାଇବାରେ ସହାୟକ ହୋଇଥିଲା। କୋଚ୍ ଭାବେ ମାଥିଆସ ବୋଏଙ୍କ ନିଯୁକ୍ତି ଯୋଗୁ ମଧ୍ୟ ଡବଲ୍ସ ଯୋଡ଼ିଙ୍କ ପ୍ରଦର୍ଶନରେ ଉନ୍ନତି ହୋଇଛି। ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ଟ୍ରେନିଂ, ପ୍ରତିଦ୍ୱନ୍ଦ୍ୱିତା ଏବଂ ବିଦେଶୀ ଓ ଘରୋଇ କୋଚ୍‌ଙ୍କ ପାଉଣା ପାଇଁ ମନ୍ତ୍ରଣାଳୟ ଗତ ୪ ବର୍ଷ ମଧ୍ୟରେ ୬୭.୧୯ କୋଟି ଟଙ୍କା ଯୋଗାଇ ଦେଇଛି। କେବଳ ଗତ ୧ ବର୍ଷ ମଧ୍ୟରେ ଖେଳାଳିଙ୍କ ୧୪ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳିବା ପାଇଁ ମନ୍ତ୍ରଣାଳୟ ୪.୫୦ କୋଟି ଟଙ୍କା ଖର୍ଚ୍ଚ କରିଛି ବୋଲି ପ୍ରକାଶ କରାଯାଇଛି।

### ଜୁଲାଇ ପ୍ରଥମ ...

ସମସ୍ତ ଉତ୍ତର ଖାତା ଇ-ମୂଲ୍ୟାୟନ ପଦ୍ଧତିରେ କରାଯିବ। ୪ଟି ଜୋନ୍ ଯଥା ବ୍ରହ୍ମପୁର, ସମ୍ବଲପୁର, ବାରିପଦା ଏବଂ ସେଣ୍ଟ୍ରାଲ ଜୋନରେ ମୋଟ ୩୭ଟି ଇ-ମୂଲ୍ୟାୟନ କେନ୍ଦ୍ରର ବ୍ୟବସ୍ଥା ହୋଇଛି। ସେହିପରି କଳା ଓ ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ୬୪ଟି କେନ୍ଦ୍ରରେ କରାଯିବ। ଏଥିପାଇଁ ୧୦ହଜାର ଅଧ୍ୟାପକଙ୍କୁ ନିୟୋଜିତ କରାଯିବ। ଅଫ୍‌ଲାଇନ କେନ୍ଦ୍ରରେ ଖାତାଦେଖା ଲାଗି ପ୍ରତ୍ୟେକ ଟେବୁଲରେ ୩ଜଣ ଅଧ୍ୟାପକ ରହିବେ। ସେମାନଙ୍କ ମଧ୍ୟରୁ ୨ଜଣ ଖାତା ଦେଖିବେ ଏବଂ ଜଣେ ପୁନଃଯାଞ୍ଚ କରିବେ। ମୂଲ୍ୟାୟନରେ ସ୍ୱଚ୍ଛତା ଓ ନିର୍ଭୁଲ ଲାଗି ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରସାୟନ ବିଜ୍ଞାନରେ ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ନେଇ ହୋଇଥିବା ଅଭିଯୋଗ ଓ ଉକ୍ତ ପ୍ରଶ୍ନ ବାବଦକୁ ଗ୍ରେସ୍‌ମାର୍କ ପ୍ରସଙ୍ଗରେ ମଧ୍ୟ ପରିଷଦ ପକ୍ଷରୁ ଯାଞ୍ଚ କରାଯାଇଛି। ପ୍ରଶ୍ନପତ୍ରରେ ଗୋଟିଏ ପ୍ରଶ୍ନ ଜଟିଳ ରହିଛି। ତେବେ ଆଉଟ୍ ଅଫ୍ ସିଲାବସ୍‌ରୁ କୌଣସି ପ୍ରଶ୍ନ ଆସି ନ ଥିବା ପରିଷଦ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ମୂଲ୍ୟାଙ୍କନ ସମୟରେ ବିଶେଷଜ୍ଞଙ୍କ ନିଷ୍ପତ୍ତି ଅନୁସାରେ ଗ୍ରେସ୍‌ମାର୍କ ଦିଆଯିବ କି ନାହିଁ ତାହା ପରେ ସ୍ପଷ୍ଟ ହେବ ବୋଲି ପରିଷଦ କହିଛି। ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟର ୧,୧୩୩ଟି ପରୀକ୍ଷା କେନ୍ଦ୍ରରେ ମୋଟ୍ ୩ଲକ୍ଷ ୨୧ହଜାର ୫୦୮ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। କଳାରେ ୨ଲକ୍ଷ ୧୩ହଜାର ୪୩୨ଜଣ ଥିବାବେଳେ ବିଜ୍ଞାନରେ ୭୮ହଜାର ୭୭, ବାଣିଜ୍ୟରେ ୨୪ହଜାର ୧୩୬ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୮୬୩ଜଣ ଛାତ୍ରୀଛାତ୍ର ରହିଛନ୍ତି। ପ୍ରଶ୍ନପତ୍ରରେ ୫୦% ମଲ୍ଟିପୁଲ ଚଏସ୍ ପ୍ରଶ୍ନ, ୨ ଓ ୩ମାର୍କର ପ୍ରଶ୍ନ ୩୦% ଏବଂ ୬ମାର୍କ ବିଶିଷ୍ଟ ପ୍ରଶ୍ନ ୨୦% ରହିଛି। ଅପରପକ୍ଷେ ମୂଲ୍ୟାୟନ ପାଇଁ ଦୁଇ ପ୍ରକାରର ପଦ୍ଧତି ଗ୍ରହଣ କରାଯିବ। ଦୁଇଟି ପଦ୍ଧତି ମଧ୍ୟରୁ ଯେଉଁଥିରେ ଅଧିକ ମାର୍କ ରହିବ ତାହାକୁ ସମ୍ପୃକ୍ତ ବିଷୟରେ ମାର୍କ ଭାବେ ବିଚାର କରାଯିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

### ଜଳ ପାଇଁ ଜଙ୍ଗଲମୁହାଁ ...

ନାଳ ଉପରେ ପିଲାମାନେ ନିର୍ଭର କରୁଛନ୍ତି। ପିଲାମାନେ ଏକୁଟିଆ ନାଳକୁ ଯାଇ ମଇଳା ଆବର୍ଜନା ପାଣିରେ ଶୌଚ ହେଉଥିବା ଅଭିଯୋଗ ହେଉଛି । ଏଣୁ ସବୁ ସମୟରେ ବିପଦ ରହୁଥିଲେ ହେଁ ଏହାର ସମାଧାନ କରାଯାଉନାହିଁ। ସେହିପରି ସୋଲାର ପମ୍ପ ଖରାପ ହୋଇଯାଇଥିବାରୁ ପିଇବା ପାଣି ସମସ୍ୟା ଦେଖାଦେଉଛି। ୮ଟି ଶ୍ରେଣୀ ପାଇଁ ପ୍ରଧାନଶିକ୍ଷକଙ୍କୁ ମିଶାଇ ୩ଜଣ ଶିକ୍ଷକ ଓ ୨ଜଣ ଶିକ୍ଷୟିତ୍ରୀ ନିଯୁକ୍ତିପାଇଛନ୍ତି। କିନ୍ତୁ ଅଧିକାଂଶ ଶିକ୍ଷକ ପାଳିକରି ଅନୁପସ୍ଥିତ ରହୁଥିବା ଏବଂ ଖୋଦ ପ୍ରଧାନ ଶିକ୍ଷକ ମଧ୍ୟ ଅନେକ ସମୟରେ କେନ୍ଦୁଝରରେ ଯାଇ ରହୁଥିବାରୁ ପାଠପଢା ଓ ପରିଚାଳନାରେ ସମସ୍ୟା ଦେଖାଦେଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଶିକ୍ଷକମାନଙ୍କ ପାଇଁ କ୍ୱାର୍ଟର୍ସ ନାହିଁ। ଡାଇନିଂ ହଲ ନାହିଁ। ସେହିପରି ଦିନ ସାରା ୪ ଥର ପିଲା ପଖାଳ ଖାଉଥିବା କହୁଥିବା ବେଳେ ଖାଦ୍ୟର ମାନ ନିୟମିତ ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହେଉଛି। ସମସ୍ୟା ଦେଖିବା ଓ ସମାଧାନ ପାଇଁ ମଧ୍ୟ ବିଭାଗୀୟ ଅଧିକାରୀମାନେ ନିୟମିତ ଗସ୍ତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ଣ୍ଣଚନ୍ଦ୍ର ବେହେରା ନାମକ ଜଣେ ବରିଷ୍ଠ ବ୍ୟକ୍ତି କହିଛନ୍ତି, ସ୍କୁଲରେ ବହୁ ସମସ୍ୟା ରହିଛି । ଶିକ୍ଷକ ଅଭାବ ସାଙ୍ଗକୁ ଅନୁପସ୍ଥିତି ଯୋଗୁ ପାଠପଢାରେ ସମସ୍ୟା ଉପୁଜୁଛି । ଏନେଇ ଜଣାଇଲେ ମଧ୍ୟ କେହି ଶୁଣୁନାହାନ୍ତି। ଏଣୁ ଗ୍ରାମବାସୀ ଏକଜୁଟ ହୋଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସାହୁଙ୍କୁ ପଚାରିବାରୁ ପାଣି ସମସ୍ୟା ଯୋଗୁ ପିଲାମାନେ ବାହାରକୁ ଶୌଚ ପାଇଁ ଯାଉଛନ୍ତି। ଶିକ୍ଷକ ଅଭାବ ସହିତ ଅନ୍ୟାନ୍ୟ ସମସ୍ୟା ରହିଛି। ତୁରନ୍ତ ସମାଧାନ କରିବାକୁ ବିଭାଗକୁ ଜଣାଇ ଦିଆଯାଇଛି ବୋଲି କହିଛନ୍ତି।

### ବଦଳିଲେ ମାହାଙ୍ଗା ...

ପଳାଇଯାଇଥିଲେ। ଶେଷରେ ଭିଜିଲାନ୍ସ ଟିମ୍ ତାଙ୍କ ସରକାରୀ ବାସଭବନକୁ ସିଲ୍ କରିଦେଇଥିଲା। ପରେ ଅତିରିକ୍ତ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ମହାନ୍ତି ଭିଜିଲାନ୍ସ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସ୍ୱାମୀ ସ୍ତ୍ରୀଙ୍କୁ ମୁହାଁମୁହିଁ ଜେରା କରାଯାଇଛି। ଅପରପକ୍ଷେ ନୀହାରଙ୍କ କାର୍ଯ୍ୟକୁ ନେଇ ଗତ ୨ ବର୍ଷ ହେବ ପ୍ରଶ୍ନ ଉଠିଥିଲା। କେତେବେଳେ ଖବରଦାତାଙ୍କୁ ମିଥ୍ୟା ମାମଲାର ଭୟ ଦେଖାଇବା ଓ କେତେବେଳେ କୋର୍ଟ ଆଦେଶକୁ ବେଖାତିର କରିବା ଭଳି ଘଟଣାକୁ ନେଇ ସେ ଚର୍ଚ୍ଚାର ପରିସରକୁ ଆସିଥିଲେ। ବିଶେଷ କରି ମାହାଙ୍ଗା ଡବଲମର୍ଡର ଘଟଣାରେ ଜେଏମ୍‌ଏଫ୍‌ସି କୋର୍ଟର ବାରମ୍ବାର ତାଗିଦ୍ ସତ୍ତ୍ୱେ ଅଭିଯୁକ୍ତଙ୍କ କଲ୍ ଡିଟେଲ ରେକର୍ଡ ଦାଖଲ ନ କରି ସେ ବିବାଦକୁ ଆସିଥିଲେ। ତେବେ ଥାନା ଅଧିକାରୀଙ୍କ କେବଳ ବଦଳି ନା ଅଧିକ କାର୍ଯ୍ୟାନୁଷ୍ଠାନ ହେବ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ନୀହାରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାପଯୁକ୍ତ ଚନ୍ଦ୍ର ହେତୁ କାମ ହାସଲ କରିବାରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ କହି କରି ନ ପାରନ୍ତି। ବାଣିଜ୍ୟ ଓ ବ୍ୟବସାୟରେ ବାଧାପ୍ରାପ୍ତ ହୋଇପାରେ। ଧାର କରଜ ସୂତ୍ରରେ ଅର୍ଥ ସଂଗ୍ରହ କରିବାକୁ ବାଧ୍ୟ ହେବେ। ନୂତନ କର୍ମାରମ୍ଭ ସକାଶେ ମନ ବଳାଇ ସଫଳତା ହାସଲ କରିପାରନ୍ତି।

**ବୃଷ** ବୁଧାଦିତ୍ୟ ଯୋଗ ପ୍ରଭାବରେ ଅନ୍ୟମାନଙ୍କୁ ମନେଇବାକୁ ଚେଷ୍ଟା କରି ସଫଳତା ପାଇବେ । କ୍ରୋଧ ସମ୍ବରଣ ନ କରିପାରି କଡ଼ା କଥା କହିବା କାରଣରୁ ତାହା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ବକେୟା ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି। ବନ୍ଧୁଙ୍କ ଆସିବା ବାଟକୁ ଚାହିଁରହି ବିରକ୍ତି ପ୍ରକାଶ କରିବେ ।

**ମିଥୁନ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସକାଶେ ଅନୁତାପ କରିବେ । ଭ୍ରମଣ, ରାଜନୀତି, ପ୍ରଶାସନ ଓ ସଭାସମିତି କ୍ଷେତ୍ରରୁ ସଫଳତା ପାଇବେ। ବନ୍ଧୁମାନଙ୍କ ନିକଟରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ପ୍ରତ୍ୟେକ ସମସ୍ୟାର ସମାଧାନ ହୋଇପାରିବ।

**କର୍କଟ** ଆଜି କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହର ସମ୍ମୁଖୀନ ହେବାକୁ ପଡ଼ିବ। ପରିବାରରେ ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ । କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ।

**ସିଂହ** ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କୁ ନେହୁରା ହେବାକୁ ପଡ଼ିପାରେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ରାଜନୀତିରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଉଦ୍ଦେଶ୍ୟମୂଳକ ଭାବରେ କରାଯାଇଥିବା ସ୍ଥାନାନ୍ତରର ସୂଚନା ପାଇ ହଡ଼ବଡ଼େଇ ଯାଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଏକପ୍ରକାର ହିତକର ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ନିଜକୁ କେତେକ କଥା ସମ୍ଭାଳିବାକୁ ପଡ଼ିପାରେ।

**ତୁଳା** ଆଜି ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହେବ। ତଥାପି ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ, ଯାହାକି ପରୋକ୍ଷ ଶତ୍ରୁତାର କାରଣ ହୋଇପାରେ । କୌଣସି କାମ ହାସଲ ପାଇଁ ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବାକୁ ପଡ଼ିବ।

**ବିଛା** ଭାବ ପ୍ରବଣତାରେ ଭାସିଯାଇ ଏଣୁତେଣୁ ଗପିବା ସମସ୍ୟାର କାରଣ ହୋଇପାରେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ଠିକ୍ ହେବନାହିଁ ।

**ଧନୁ** ଆଜିର ଫେରିବା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସଂଗଠନ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାରୁ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ପଡିପାରେ ।

**ମକର** ସବୁ ସମୟରେ ନିଜ ପାଖରେ ରହୁଥିବା କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିବେ । କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ରହିଥିବା ସମସ୍ୟା ବନ୍ଧୁଙ୍କ ଜରିଆରେ ସମାଧାନ ହୋଇଯିବ। ନିର୍ମାଣ କାର୍ଯ୍ୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ସ୍ୱାସ୍ଥ୍ୟ ସମସ୍ୟା ଅବଶ୍ୟ ସମାଧାନ ହୋଇଯିବ ।

**କୁମ୍ଭ** ବିଭିନ୍ନ ପ୍ରକାର ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରିପାରନ୍ତି । ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟ କାରଣରୁ କିମ୍ବା ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ସହକର୍ମୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଧାରକରଜ କରି ଆକସ୍ମିକ ଭାବେ ବସ୍ତ୍ରଭୂଷଣ ଲାଭ କରିପାରନ୍ତି।

**ମୀନ** ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଭାବପ୍ରବଣବଶତଃ ବନ୍ଧୁଙ୍କ ସମ୍ମୁଖରେ କୌଣସି ଅପ୍ରକାଶ୍ୟ କଥା ପ୍ରକାଶ କରି ଅପଦସ୍ଥ ହୋଇପାରନ୍ତି। ବଡ଼ ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। କର୍ମ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବାର ଆଶା ରହିଛି ।


## classifieds Everyday
0674-2580101, 2549302




### SALE

30' road, gharabari boundary plot electricity gate ଥାଇ ଭୁବନେଶ୍ୱର-ପୁରୀ ମଙ୍ଗଳପୁର ଛକରୁ 1k.m. ପିଚୁ ରାସ୍ତାକୁ ଲାଗି 1500sqft. 6,00,000/-, 9937373013. D-73247

ଭୁବନେଶ୍ୱର ଗଙ୍ଗୋତ୍ରୀନଗର lane-3 ଏବଂ ଧଉଳିରେ ପିଚୁ ରୋଡ଼କୁ ଲାଗି ପ୍ଲଟ୍ ବିକ୍ରିହେବ। 7008833643. D-73249

Plot for sale, 2000sqft. (10Nos.) per sqft.- 2000/-, Yellowzone Gharabari Plot near Tata-Ariana, Vipul Garden backside Ghatikia Mouza- Sankarpur, BBSR. Water & Electricity available, 30'Road NH-16 to 1km. Contact:- 7381564227, 8114744495. D-446

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975. D-73245

Bhubaneswar-Puri bypass gharabari plot 1200sqft. @4,80,000/-. 9853415415, 9777160796, 8144044975. D-71991

ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ KIIT College ଛକ ପାଖରେ 3BHK Duplex/ flat ଅଛି। 9658122456, 8327785834. D-73241

Duplex sale at Bhubaneswar @45lakhs and apartment @42 lakhs. 9439206202. D-73248

Luxurious 2/3BHK Apartment sale in Hanspal, Palasuni and duplex in Kalarahanga. 8763887357, 7992736330. D-73246




Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-252




Ground Floor 2 Rooms 1 Bathroom 1 Kitchen for Office/ Godown/ Hostel at Brit Colony Badagada Ph- 9668455943. D-426




Newly open SPA positively health benefit with expert. Contact: 7749976301. D-71995

Newly open SPA positively health benefits expert therapist, Kalpana. 7846814019. D-73608

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Refreshing your mind and body with the best therapy, 7873794731. D-317

Relax, Refresh your body, Mind at Saikrupa Spa with best therapies. 8984068077. D-327

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71994

Mesmerizing, energetic body, mind qualitative relaxing massage experienced therapists. 9668374480. D-73606

One hour any therapy by expert therapist @999 only. 9078484455. D-73607

Ayurvedic full body massage ladies & jents. Contact: 8093860513, 8658994614. D-71897




Medical Exam. Registration- BAMS/ BHMS/BUMS/ GNM/D.Pharma. 9893869473. D-439

### AFFIDAVIT

I, Moniya Kumari, W/o Sudarsan Mishra, Vill-Dalak, Odagaon, Nayagarh- 752081, sworn in an affidavit at Notary Public, Berhampur changed my name as Moniya Mishra. D-454

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ନାଦିଆ ଫିଲ୍ମ ପକ୍ଷରୁ ନୁରୀର ଉଦ୍‌ଘାଟନୀ ଉତ୍ସବ, ରାଧା ବିନୋଦ ବିହାରୀ ମନ୍ଦିର, ଟଙ୍କପାଣି ରୋଡ୍, ପୂର୍ବାହ୍ନ ୧୦ଟା।
- ବୁଦ୍ଧ ପୂର୍ଣ୍ଣିମା ଅବସରରେ ଡ. ଆମ୍ବେଦ୍‌କରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ଦାଣ୍ଡିମାଳ ସେବକ ସଂଘ, ଶ୍ରୀବିହାର, ପାତ୍ରପଡ଼ା, ଆଲୁଗଦି ବ୍ରିଜ୍ ନିକଟ, ଅପରାହ୍ନ ୪ଟା।
- ୪ର୍ଥ ଜାତୀୟ ନାଟ୍ୟ ମହୋତ୍ସବ-୨୦୨୨, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ଶ୍ରୀ ଶ୍ରୀ ଠାକୁର ନୃସିଂହନାଥଙ୍କ ଜନ୍ମ ମହୋତ୍ସବରେ ୧୧ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ନୃସିଂହନାଥ ମନ୍ଦିର ପ୍ରାଙ୍ଗଣ, ପାରିବାସୁଦେଇପୁର, ସନ୍ଧ୍ୟା ୭ଟା।

କଟକ

- ଗଣମାଧମ ପ୍ରତିନିଧିଙ୍କୁ ବୁଷ୍ଟର ଡୋଜ୍ ଟିକାକରଣ, ଚାଉଳିଆଗଞ୍ଜ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସକାଳ ୯ଟା ।

# ଓଡ଼ିଆ ଭାଷା ପୁସ୍ତକରେ ପିଲା ପଢ଼ୁଛନ୍ତି ଇଂଲିଶ

ଭୁବନେଶ୍ୱର, ୧୫।୫(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପିଲାଙ୍କୁ ଗୁଣବତ୍ତାର ଶିକ୍ଷା ପ୍ରଦାନ କରିବା ଲାଗି ସବୁ ପ୍ରକାର ଚେଷ୍ଟା କରୁଥିଲେ ମଧ୍ୟ ଅନେକଥର ତ୍ରୁଟି ପରିଲକ୍ଷିତ ହେଉଛି। କେଉଁଠି ନା କେଉଁଠି ନିଜ କାର୍ଯ୍ୟଦକ୍ଷତାକୁ ନେଇ ଲୋକହସା ହେଉଛି। ଏବେ ତୃତୀୟ ଶ୍ରେଣୀର ଓଡ଼ିଆ ଭାଷା ପଠନ ପୁସ୍ତିକାରେ ଏକାଧିକ ତ୍ରୁଟି ଥିବା ଘଟଣା ସାମ୍ନାକୁ ଆସିଛି, ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଛାତ୍ରୀଛାତ୍ର ପଠନ ଅଭ୍ୟାସ କରିବା ପାଇଁ ସେହି ପୁସ୍ତକରେ ବହୁ ଛବି ପ୍ରଦର୍ଶିତ କରାଯାଇଛି। ଏଥିସହିତ ତା'ର ନାମ ମଧ୍ୟ ଲେଖାଯାଇଛି। ସେହି ଛବି ପଠନରେ ଗୁରୁତର ତ୍ରୁଟି ରହିଛି। ଚକୋଲେଟ୍, ହର୍ଲିକ୍ସ, ଫ୍ରୁଟି, କୁର୍‌କୁରେ ଭଳି ଶବ୍ଦକୁ ବ୍ୟବହାର କରାଯାଇଛି। ପ୍ରଥମତଃ ଇଂଲିଶ ଶବ୍ଦ ବ୍ୟବହାର କରାଯାଇଥିବା ବେଳେ ଦ୍ୱିତୀୟରେ ଛବିରେ କମ୍ପାନୀ ବ୍ରାଣ୍ଡ ଥିବା ଦେଖିବାକୁ ମିଳିଛି।







ତୃତୀୟ ଶ୍ରେଣୀ ଭାଷା ପଠନ ପୁସ୍ତିକାରେ ରହିଥିବା ଇଂଲିଶ ଶବ୍ଦ।

ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ କମ୍ପାନୀଗୁଡ଼ିକର ବିଜ୍ଞାପନ ପ୍ରସାର କରୁଛି ବୋଲି ଅଭିଯୋଗ ହେଉଛି। ପାଠ୍ୟ ପୁସ୍ତକରେ ବଡ଼ ବଡ଼ କମ୍ପାନୀଙ୍କ ଉତ୍ପାଦ ସବୁ ଛୋଟ ଛୋଟ କୋମଳମତି ଶିଶୁମାନଙ୍କୁ ପଢ଼ିବାକୁ ଦିଆଯାଉଛି। ପିଲାଙ୍କ ବହିରେ ଉତ୍ପାଦଗୁଡ଼ିକର ଫଟୋ ଦିଆଯାଇଛି, ଯେଉଁଥିରେ ନିର୍ମାଣକାରୀ କମ୍ପାନୀ ସହଜରେ ଜଣାପଡ଼ିଯାଉଛନ୍ତି। ଯେପରିକି 'ଟାଟା' ଲୁଣ, କୁର୍‌କୁରେ, ହର୍ଲିକ୍ସ, ଡାଏରୀମିଲ୍କ ଇତ୍ୟାଦି। କୁର୍‌କୁରେ ଏକ ଜଙ୍କ୍ ଫୁଡ୍ ହୋଇଥିବା ଶିଶୁ ରୋଗ ବିଶେଷଜ୍ଞମାନେ କହୁଛନ୍ତି। ଅନୁରୂପ ଭାବେ ଫ୍ରୁଟି ଭଳି ମୃଦୁ ପାନୀୟ ମଧ୍ୟ ପିଲାମାନଙ୍କ ଦାନ୍ତ ଖରାପ କରିଥାଏ ବୋଲି ଡାକ୍ତରମାନେ ମତ ଦେଉଛନ୍ତି। କିନ୍ତୁ ଗଣଶିକ୍ଷା ବିଭାଗ କମ୍ପାନୀ ନାମ ଥିବା ଏହି ଉତ୍ପାଦ ଛାପିବା ନେଇ ଅଭିଭାବକମାନେ ନାପସନ୍ଦ କରିଛନ୍ତି। ଭୁବନେଶ୍ୱର ଚକେଇସିଆଣିର ଶଶୀରେଖା ପଣ୍ଡା କହିଛନ୍ତି, ଛୋଟ ପିଲାଙ୍କ ଓଡ଼ିଆ ବହିର ଛବି ପଠନରେ ଇଂଲିଶ ଶବ୍ଦ ବ୍ୟବହାର କରାଯାଇ ଆମ ମାତୃଭାଷାକୁ ଉପହସିତ କରାଯାଉଛି।

ଏ ନେଇ ଆକାଶବାଣୀ କଟକର ପୂର୍ବତନ ବାର୍ତ୍ତା ସମ୍ପାଦକ ପ୍ରଣତି ମହାନ୍ତି ଉଦ୍‌ବେଗ ପ୍ରକାଶ କରିବା ସହିତ ସେ କହିଛନ୍ତି ଯେ, ଆଜିର ପିଲାମାନେ ସାଧାରଣତଃ ଓଡ଼ିଆ ଭାଷାକୁ ଭୁଲିଯାଉଛନ୍ତି। ତା'ପରେ ଭାଷା ବହିରେ ଏଭଳି ଇଂଲିଶ ଶବ୍ଦରେ ଲେଖାଯିବା ଆଦୌ ଯଥାର୍ଥ ନୁହେଁ। ପିଲାଙ୍କୁ ଭାଷାଭିତ୍ତିକ ଶିକ୍ଷା ଦେବା ପାଇଁ ଆମ ଓଡ଼ିଆରେ ବହୁ ଖାଦ୍ୟ ରହିଛି। ସେସବୁକୁ ଦେଖାଯାଇ ପାରିଥାନ୍ତା। ସେହିଭଳି କୌଣସି ସାମଗ୍ରୀର କମ୍ପାନୀ ବ୍ରାଣ୍ଡକୁ ମଧ୍ୟ ପାଠ୍ୟପୁସ୍ତକରେ ରଖାଯିବା ଉଚିତ ନୁହେଁ। ଏଭଳି ତ୍ରୁଟି ପାଇଁ କିଏ ଦାୟୀ ରହିବେ ବୋଲି ପ୍ରଣତି ପ୍ରଶ୍ନ କରିଛନ୍ତି।

## ସଂକ୍ଷେପରେ

### ପୂର୍ବତନ ସେନା ଅଧିକାରୀ ନିଖୋଜ

#### ୬ ଦିନ ହେବ ପତ୍ତା ମିଳୁନି

**ଭୁବନେଶ୍ୱର, ୧୫।୫(ବ୍ୟୁରୋ):** ରାଜଧାନୀରେ ଆସିକାର ପୂର୍ବତନ ବିଧାୟକ ସରୋଜ ପାଢ଼ୀ ନିଖୋଜ ହେବାର ୪ ଦିନ ପରେ ବି ତାଙ୍କ ସମ୍ପର୍କରେ କିଛି ବି ସୂଚନା ମିଳିପାରୁ ନାହିଁ। କ୍ୟାପିଟାଲ ଥାନା ପୋଲିସ ତାଙ୍କୁ ଖୋଜାଖୋଜି ଜାରି ରଖିଥିବାବେଳେ ନୟାପଲ୍ଲୀ ଥାନା ଅଞ୍ଚଳରେ ଆଉ ଏକ ସମାନ ଘଟଣା ସାମ୍ନାକୁ ଆସିଛି। ବାୟୁସେନାର ଜଣେ ପୂର୍ବତନ ଅଧିକାରୀ ୬ଦିନ ତଳୁ ନିଖୋଜ ହୋଇଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସେ ହେଲେ ଅଜିତ କୁମାର ଖୁଣ୍ଟିଆ(୫୮)। ସ୍ଥାନୀୟ ଥାନା ଅନ୍ତର୍ଗତ ବେହେରା ସାହିସ୍ଥିତ ଦମୟନ୍ତୀ ଆପାର୍ଟମେଣ୍ଟରେ ସେ ପରିବାର ସହ ରୁହନ୍ତି। ମଙ୍ଗଳବାରଠାରୁ ଅଜିତ ନିଖୋଜ ହୋଇଯାଇଥିବା ନେଇ ଗୁରୁବାର ସ୍ତ୍ରୀ ବିଜୟାଲକ୍ଷ୍ମୀ ନାୟକ ଥାନାରେ ଜଣାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ନିଖୋଜ ମାମଲା (ନଂ.୪୪/୨୦୨୨) ରୁଜୁ କରି ଖୋଜାଖୋଜି ଆରମ୍ଭ କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିପାରି ନାହିଁ। ପୋଲିସ ଆପାର୍ଟମେଣ୍ଟରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଉକ୍ତ ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ଅଜିତଙ୍କୁ ଖୋଜାଖୋଜି କରାଯାଉଥିବା ନୟାପଲ୍ଲୀ ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ୫ଟାରେ ଅଜିତ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ସାଙ୍ଗରେ ମୋବାଇଲ ଫୋନ୍ ନେଇ ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ବନ୍ଧୁବାନ୍ଧବ ଓ ନିକଟ ସମ୍ପର୍କୀୟଙ୍କୁ ଯୋଗାଯୋଗ କରି ନିରାଶ ହୋଇଥିଲେ ଏହାପରେ ଥାନାର ଦ୍ୱାରସ୍ଥ ହୋଇ ଅଜିତଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି ପରିବାର ଲୋକେ।

# ସହଯୋଗୀଙ୍କୁ ବେଲ୍‌ରେ ନେବାକୁ ଆସି ଧରାପଡ଼ିଲେ

ଭୁବନେଶ୍ୱର, ୧୫।୫(ବ୍ୟୁରୋ)

ଗ୍ରାହକଙ୍କୁ ଆପ୍ ଦ୍ୱାରା ଲୋନ୍ ଦେଇ ପରବର୍ତ୍ତୀ ସମୟରେ ମାନସିକ ନିର୍ଯାତନା ଦେବା ସହ ଅଧିକ ଟଙ୍କା ନେଉଥିବା ମାମଲାରେ ନୂଆ ନୂଆ ତଥ୍ୟ ଆସିବାରେ ଲାଗିଛି। ତଦନ୍ତ ସମୟରେ ସମ୍ପୃକ୍ତ କମ୍ପାନୀ 'ମହାଗ୍ରାମ ପେମେଣ୍ଟ୍ସ ପ୍ରାଇଭେଟ୍ ଲିମିଟେଡ'ର ଗୁମର ଫିଟୁଥିବାବେଳେ ସହଯୋଗୀ କମ୍ପାନୀର ମାଲିକମାନେ ଧୀରେ ଧୀରେ ଧରାପଡୁଛନ୍ତି। ପୂର୍ବରୁ ସହଯୋଗୀ କମ୍ପାନୀ 'ଆଇଡବ୍ଲ୍ୟୁଟି ଇଣ୍ଡିଆ'ର ମାଲିକ ଜାଭେଦ୍ ମହମ୍ମଦ ସୈଫଙ୍କୁ ଉତ୍ତରପ୍ରଦେଶରୁ ଗିରଫ କରିଥିଲା ଇଓଡବ୍ଲ୍ୟୁ। ତାଙ୍କୁ ବେଲରେ ନେବାକୁ ଭୁବନେଶ୍ୱର ଆସିଥିବା ଅନ୍ୟଜଣେ ସହଯୋଗୀଙ୍କୁ ଶନିବାର ଇଓଡବ୍ଲ୍ୟୁ ଗିରଫ କରିଛି। ସେ ହେଲେ ହରିଆଣାର ଗୁରୁଗାଁଓ ସେକ୍ଟର-୪୮ ଅଞ୍ଚଳର ତରୁଣ ଦୁଢ଼େଜା। ଗିରଫ ପରେ ତାଙ୍କୁ ରବିବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତରୁଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତରୁଣ ୬ଟି ଜାଲ୍ କମ୍ପାନୀର ପ୍ରୋପ୍ରାଇଟର୍ ଓ ନିର୍ଦ୍ଦେଶକ ଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ସେଗୁଡ଼ିକ ହେଲା ଡିଜିଟାଲ ବଟୁଆ, ଆଇପଇସା



ଗିରଫ ଅଭିଯୁକ୍ତ ତରୁଣ ଦୁଢ଼େଜା

ଇନ୍‌ଲାଇନ ସର୍ଭିସେସ୍ ପ୍ରାଇଭେଟ ଲିଃ, ସୁଇଚ୍ ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିମିଟେଡ, ମିଲାନିଅମ୍ ଏଣ୍ଟରପ୍ରାଇଜ୍ ଓ ବାକ୍‌ଚାଟ୍ ଅନ୍‌ଲାଇନ। ସେ ବିଭିନ୍ନ ଲୋକଙ୍କ ନାମରେ ଖୋଲିଥିବା ୪୧ ପୋଷ୍ଟପେଡ୍ ସିମ୍‌କୁ ଜବତ କରାଯାଇଛି। ପୂର୍ବରୁ 'ମହାଗ୍ରାମ ପେମେଣ୍ଟ୍ସ ପ୍ରାଇଭେଟ ଲିମିଟେଡ'ର ୪ଟି ଆକାଉଣ୍ଟରୁ ୬ କୋଟି ୫୭ ଲକ୍ଷ ୩୪ ହଜାର ୮୨୯ ଟଙ୍କା ଇଓଡବ୍ଲ୍ୟୁ ଫ୍ରିଜ୍ କରିଛି। ଏହି ସଂସ୍ଥା ବହୁ ବାଟ ଦେଇ ବିଭିନ୍ନ ଗ୍ରାହକଙ୍କଠାରୁ ଜୋଜୋ ଓ କୋକୋ ଲୋନ୍ ଆପ୍ ଦ୍ୱାରା ଟଙ୍କା ନେଉଥିଲା। ଜାଭେଦ୍ ଓ ତରୁଣ ସାଧାରଣ ଲୋକଙ୍କୁ ଜାଲରେ ଫସାଇ

### ଲୋନ୍ ଆପ୍‌ର ଠକେଇ ପେଡ଼ି ଖୋଲୁଛି

- ଆଉ ଜଣେ ଅଭିଯୁକ୍ତ ଗିରଫ, ୪୧ ପୋଷ୍ଟପେଡ୍ ସିମ୍ ଜବତ
- ମାଷ୍ଟରମାଇଣ୍ଡଙ୍କ ପାଖକୁ ବହୁ ବାଟ ଦେଇ ଯାଉଥିଲା ଟଙ୍କା

ତାଙ୍କ ନାମରେ ସିମ୍ ଖୋଲାଇବା ସହ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଦାୟିତ୍ୱରେ ଥିଲେ। ଏଥିପାଇଁ ୨ରୁ ୩ ଲକ୍ଷ ଟଙ୍କା ସିମ୍ ମାଲିକଙ୍କୁ ଦିଆଯାଉଥିଲା। ଉକ୍ତ ସିମ୍ ସବୁକୁ ଅଭିଯୁକ୍ତଦ୍ୱୟ ନିଜ ମୋବାଇଲରେ ଚଲାଇବା ସହ ତାଙ୍କ କମ୍ପାନୀରେ ଭିନ୍ନ ଭିନ୍ନ ଆକାଉଣ୍ଟ ଖୋଲୁଥିଲେ। 'ମହାଗ୍ରାମ ପେମେଣ୍ଟ୍ସ ପ୍ରାଇଭେଟ ଲିମିଟେଡ୍' ତରୁଣ ଓ ଜାଭେଦ୍‌ଙ୍କ ଆକାଉଣ୍ଟ ଦ୍ୱାରା ଟଙ୍କା ନେଇଥାଏ। ଗ୍ରାହକଙ୍କଠାରୁ ମାଷ୍ଟରମାଇଣ୍ଡ ଯାଏ ଏହିପରି ୩ରୁ ୪ଟି ମାଧ୍ୟମ ଦେଇ ଠକେଇ ଟଙ୍କା କାରବାର ହୋଇଥାଏ। ଏପରି ଆଉ କିଛି ସହଯୋଗୀ କମ୍ପାନୀ ଥିବା ଇଓଡବ୍ଲ୍ୟୁ ସନ୍ଦେହ କରୁଛି। ଏହି ମାମଲାରେ ୨ଜଣ ସହଯୋଗୀ ଧରାପଡ଼ିଥିବାବେଳେ ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ଦେଶ ବାହାରେ ଅନୁସନ୍ଧାନ ଜାରି ରଖିଛି।

## କାର୍ ଭଡ଼ାରେ ନେବାକୁ କହି ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୫।୫(ବ୍ୟୁରୋ)

କାର୍ ଭଡ଼ାରେ ନେବାକୁ କହି ଠକେଇ ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ଆଇଆର୍‌ସି ଭିଲେଜ୍‌ରେ ରହୁଥିବା ବାଲେଶ୍ୱରର ମାନସ ରଞ୍ଜନ ବିଶ୍ୱାଳ(୨୭)। ତାଙ୍କଠାରୁ ଉକ୍ତ କାର୍‌ଟି ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୧୨୦/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ସୂଚନାନୁସାରେ, ସୁନ୍ଦରପଦା ଅଞ୍ଚଳରେ ସତ୍ୟଜିତ ମହାନ୍ତି ରୁହନ୍ତି। ତାଙ୍କର ଏକ ହୋଣ୍ଡା ସିଟି କାରକୁ ଭଡାରେ ଦେବା ପାଇଁ ଅନ୍‌ଲାଇନ ମାଧ୍ୟମରେ ବିଜ୍ଞାପନ ଦେଇଥିଲେ। ଗତ ୧୦ ତାରିଖରେ ଅଭିଯୁକ୍ତ ମାନସ ମାସିକ ୨୫ ହଜାର ଟଙ୍କା ଭଡାରେ କାର୍‌ଟିକୁ ନେବା ସହ ସିକ୍ୟୁରିଟି ଡିପୋଜିଟ ବାବଦକୁ ୫ ହଜାର ଟଙ୍କାର ଏକ ଚେକ୍ ଏବଂ ପରିଚୟପତ୍ର ଦେଇଥିଲେ। ହେଲେ ଉକ୍ତ ଚେକ୍‌ଟି ବାଉନ୍ସ ହୋଇଯାଇଥିଲା। ଏହି ସମ୍ପର୍କରେ ସତ୍ୟଜିତ୍ ଅଭିଯୁକ୍ତ ମାନସଙ୍କୁ ପଚାରିବାରୁ ସେ ଗାଳି କରିବା ସହ ମାରିଦେବା ଲାଗି ଧମକ ଦେଇଥିଲା। ଏହା ପରେ ସତ୍ୟଜିତ୍ ଏୟାରଫିଲ୍ଡ ଥାନା ରେ ଅଭିଯୋଗ କରିଥିଲେ।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶ୍ରୀକାନ୍ତ



@ ଅମିୟ



@ ଅନନ୍ତ



@ ଅମ୍ବିକା



@ ପ୍ରିଶା

# 'ୱାନ୍ ଫାମିଲି, ୱାନ୍ ପୋଷ୍ଟ' ନିୟମ ପାଳିବେ ସୁର

ଭୁବନେଶ୍ୱର, ୧୫।୫(ବ୍ୟୁରୋ)

### ଖୁବ୍‌ଶୀଘ୍ର ଓଡ଼ିଶା ଆସିବେ ପ୍ରିୟଙ୍କା: ନିରଞ୍ଜନ

ରାଜସ୍ଥାନ ଉଦୟପୁରରେ ଅନୁଷ୍ଠିତ ନବସଂକଳ୍ପ ଚିନ୍ତନ ବୈଠକରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗ ଦେଇଛନ୍ତି। ଏହି ଅବସରରେ ସେ ରାହୁଲ ଗାନ୍ଧୀ, ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃବୃନ୍ଦଙ୍କ ସହିତ ରାଜ୍ୟରେ କଂଗ୍ରେସ ସଙ୍ଗଠନକୁ କିଭଳି ଅଧିକ ମଜ୍‌ଭୁତ ଓ ସଶକ୍ତ କରାଯାଇପାରିବ ସେନେଇ ଆଲୋଚନା କରିଥିବା ଜଣାପଡ଼ିଛି। ଏହି ଅବସରରେ ପ୍ରିୟଙ୍କା ଗାନ୍ଧୀଙ୍କୁ ସ୍ୱତନ୍ତ୍ର ଭାବେ ନିରଞ୍ଜନ ସାକ୍ଷାତ କରି ଆଲୋଚନା କରିଥିବାବେଳେ ସେ ଖୁବ୍‌ଶୀଘ୍ର ଓଡ଼ିଶା ଆସିବେ ଏବଂ ଅଧିକ ସମୟ ଦେବେ ବୋଲି ଜଣାଇଥିବା ନିରଞ୍ଜନ କହିଛନ୍ତି। ତେବେ ରାଜସ୍ଥାନ ଉଦୟପୁରଠାରେ ଚାଲିଥିବା ଚିନ୍ତନ ବୈଠକରେ ଜଣେ ବ୍ୟକ୍ତିଙ୍କୁ ଆଉ ଏକାଧିକ ପଦବୀ ମିଳିବ ନାହିଁ ବୋଲି ଆଲୋଚନା ହୋଇଛି। ଅନ୍ୟପଟେ ଗୋଟିଏ ପରିବାରକୁ ଗୋଟିଏ ଟିକେଟ ଦେବା ଲାଗି ମଧ୍ୟ ପ୍ରସ୍ତାବ ଆସିଛି। ଯଦି ଗୋଟିଏ ପରିବାରର ଅନ୍ୟ କେହି ନିର୍ବାଚନ ଲଢ଼ିବାକୁ ଚାହେଁ ତେବେ ସେ ଜାଗାରେ ତାଙ୍କୁ ୫ ବର୍ଷ ଦଳ ପାଇଁ କାମ କରିଥିବା ଦରକାର ବୋଲି ପ୍ରସ୍ତାବ ଆସିଛି। ଚିନ୍ତନ ବୈଠକରେ ଏଭଳି ଆଲୋଚନା ଭିତରେ କଂଗ୍ରେସ ବରିଷ୍ଠ ନେତା ତଥା ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ସେ ଆଉ ନିର୍ବାଚନ ଲଢ଼ିବେନି। ତାଙ୍କୁ ଏବେ ୭୯ ବର୍ଷ ହେଲାଣି। ୨୦୨୪ ନିର୍ବାଚନ ବେଳକୁ ତାଙ୍କୁ ୮୦ ବର୍ଷ ଟପି ଯାଇଥିବ। ତେଣୁ ଆସନ୍ତା ସାଧାରଣ ନିର୍ବାଚନରେ ତାଙ୍କ ସାନ ପୁଅ ଦଳରୁ ପ୍ରାର୍ଥୀ ହେବେ ବୋଲି ସେ କହିଛନ୍ତି। କଂଗ୍ରେସ ୱାନ୍ ଫାମିଲି ୱାନ୍ ଟିକେଟ ନୀତିରେ ଆଗେଇବାକୁ ଯାଉଛି। ତେଣୁ ସେହି ନିୟମ ସେ ପାଳନ କରିବେ ବୋଲି କହିଛନ୍ତି। ତେବେ କଂଗ୍ରେସରେ ସୁରଙ୍କ ବ୍ୟତୀତ ବହୁ ନେତାଙ୍କ ପରିବାର ଏକାଧିକ ଟିକେଟ ନେଇ ନିର୍ବାଚନ ଲଢ଼ିବାର ନଜିର ଓଡ଼ିଶା ରାଜନୀତିରେ ରହିଛି। ସେମିତି ଆଗକୁ କେଉଁମାନେ ଏହି ନିୟମ ପାଳନ କରୁଛନ୍ତି ଏବଂ କିଏ ଏହାକୁ ଖିଲାପ କରୁଛନ୍ତି ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

# ରାଜ୍ୟବ୍ୟାପୀ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ଆରମ୍ଭ





ଭୁବନେଶ୍ୱର, (ବ୍ୟୁରୋ)/ କଟକ ଅଫିସ, ୧୫।୫

ଦିଲ୍ଲୀ ମୁଣ୍ଡକା ଅଗ୍ନିକାଣ୍ଡ ଘଟଣା ପରେ ସତର୍କ ହୋଇଛି ଓଡ଼ିଶା। ରାଜ୍ୟରେ ଏଭଳି ଦୁର୍ଘଟଣାକୁ ଟାଳିବା ପାଇଁ ଅଣ୍ଟାଭିଡିଛି ଅଗ୍ନିଶମ ବିଭାଗ। ଅଗ୍ନି ନିରାପତ୍ତା ନିୟମକୁ କଡ଼ାକଡ଼ି ଲାଗୁ ପାଇଁ ସମସ୍ତ ଜିଲା ବିଭାଗୀୟ ଅଧିକାରୀଙ୍କୁ ଅଗ୍ନିଶମ ଡିଜି ଚିଠି ଲେଖିବାର ଗୋଟିଏ ଦିନ ପରେ ଅର୍ଥାତ୍ ରବିବାର ରାଜ୍ୟବ୍ୟାପୀ ଯାଞ୍ଚ ସହ ସଚେତନତା ଆରମ୍ଭ ହୋଇଛି। କଟକ, ଭୁବନେଶ୍ୱର, ବାଲେଶ୍ୱର ସମେତ ବିଭିନ୍ନ ସ୍ଥାନରେ ଥିବା ସରକାରୀ ଓ ବେସରକାରୀ ଅଟ୍ଟାଳିକାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ପରଖୁଛନ୍ତି ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ। ପ୍ରଥମ ଦିନରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ କେୟାର ହସ୍ପିଟାଲ ଓ ଅଲି ଅଶ୍ୱିନ ହସ୍ପିଟାଲ, ପଟିଆ ଇନ୍‌ଫୋସିଟିସ୍ଥିତ ନିଳୟ ହୋଟେଲ, ସାମନ୍ତରାପୁରସ୍ଥିତ ସଞ୍ଜୀବନୀ ହସ୍ପିଟାଲ, ଲୁଇସ୍‌ରୋଡ୍‌ସ୍ଥିତ ଶ୍ରୀହସ୍ପିଟାଲ ଆଦି ସ୍ଥାନରେ ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ଅଗ୍ନି ନିରାପତ୍ତା ସମ୍ପର୍କିତ ବିଭିନ୍ନ ଉପକରଣକୁ ଯାଞ୍ଚ କରିଥିଲେ। ଏଥିସହ ୟୁନିଟ୍-୧ ହାଟ, ୟୁନିଟ୍-୨ ମାର୍କେଟ ବିଲ୍ଡିଂ ଓ ୪ ନଂ.ମାର୍କେଟରେ ବ୍ୟବସାୟୀ ଏବଂ ସାଧାରଣ ଲୋକଙ୍କୁ ନିଆଁ ଲିଭାଇବା କୌଶଳ ପ୍ରଦର୍ଶନ ସହ ସଚେତନ କରାଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଇବାର କୌଶଳ ଶିଖାଇବା ସହ ଜରୁରିକାଳୀନ ସ୍ଥିତିରେ ନିଆଁ ବିପଦକୁ ମୁକାବିଲା କରିବା ଲାଗି ପରାମର୍ଶମାନ ଦେଇଥିଲେ। ସେହିଭଳି କଟକର ଅଶ୍ୱିନୀ ହସ୍ପିଟାଲ, ଜାଇକା, ସାଉଥ୍ ପଏଣ୍ଟ ହସ୍ପିଟାଲ, ପଣ୍ଡା କ୍ୟାନ୍‌ସର ହସ୍ପିଟାଲ, ରୁଦ୍ର ହସ୍ପିଟାଲ, ସଦ୍‌ଗୁରୁ ହସ୍ପିଟାଲ, ସୃଷ୍ଟି ନର୍ସିଂହୋମ ସମେତ ବହୁ ସ୍ଥାନରେ ଯାଞ୍ଚ ଓ ସଚେତନ କରାଯାଇଥିଲା। କେତେକ ସ୍ଥାନରେ ଅଧିକାରୀମାନେ ତ୍ରୁଟି ଦେଖି କର୍ତ୍ତୃପକ୍ଷଙ୍କୁ ତାଗିଦା କରିଥିଲେ। ବାଲେଶ୍ୱର ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ରବିବାର ସହରର ବିଭିନ୍ନ ମଲ୍‌ରେ ଚଢ଼ାଉ କରାଯାଇଥିଲା। ସେଠାରେ ଥିବା ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ୍ ଅଛି କି ନାହିଁ ସେନେଇ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଏକ ଟିମ୍ ସେସବୁକୁ ତଦାରଖ କରିଥିଲେ।



ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁପୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା



# ପଣ୍ଡିତଙ୍କ ଦୁର୍ଦ୍ଦଶା

ଗତ ଶତାବ୍ଦୀର ୯୦ ଦଶକରେ କଶ୍ମୀରୀ ପଣ୍ଡିତଙ୍କ ଗଣପଳାୟନ ଓ ଦୁର୍ଦ୍ଦଶା ଉପରେ ଗତିଶୀଳ ବିବେକ ଅଗ୍ନିହୋତ୍ରୀଙ୍କ ଫିଲ୍ମ 'କଶ୍ମୀର ଫାଇଲ୍ସ'କୁ ନେଇ ଉଠିଥିବା ବିବାଦ ଥମିନାହିଁ; ଜମ୍ମୁ-କଶ୍ମୀରରେ ଆତଙ୍କବାଦୀମାନେ ପୁଣିଥରେ ଟାର୍ଗେଟ ହତ୍ୟା ଆରମ୍ଭ କରିଥିବା କୁହାଯାଉଛି। ୨୦୨୨ ମେ' ୧୨ରେ ବଡ଼ଗାମ୍‌ର ଚଡ୍ଡୁରା ତହସିଲରେ କାର୍ଯ୍ୟରତ ଥିବାବେଳେ କିରାଣି ରାହୁଲ ଭଟ୍ଟଙ୍କୁ ବନ୍ଧୁକଧାରୀମାନେ ନାମ ପଚାରି ଯେଭଳି ଗୁଳିକରି ହତ୍ୟା କଲେ ତାହା ଉପତ୍ୟକାରେ ବସବାସ କରୁଥିବା କଶ୍ମୀରୀ ପଣ୍ଡିତଙ୍କ ସୁରକ୍ଷାକୁ ନେଇ ଅନେକ ପ୍ରଶ୍ନ ଛିଡ଼ା କରାଇଛି। ଇତିମଧ୍ୟରେ ସୁରକ୍ଷା ବଳ ଏହି ହତ୍ୟାରେ ସମ୍ପୃକ୍ତ ୩ ଆତଙ୍କବାଦୀଙ୍କୁ ୨୪ ଘଣ୍ଟା ଭିତରେ ଏନ୍‌କାଉଣ୍ଟରରେ ନିପାତ କରିଥିବା ଦାବି କରିଛି, ଯାହାର ସତ୍ୟତା ସନ୍ଦେହ ଘେରରେ।

ମୃତ ରାହୁଲଙ୍କ ସ୍ତ୍ରୀ ମୀନାକ୍ଷୀ ଭଟ୍ଟ ତାଙ୍କ ସ୍ୱାମୀଙ୍କ ହତ୍ୟା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଦାୟୀ କରିଛନ୍ତି। ମୀନାକ୍ଷୀ କହିଛନ୍ତି, ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଯିବାର ପ୍ରତିଶୋଧ ରାହୁଲଙ୍କୁ ହତ୍ୟା କରି ନିଆଯାଇଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ସେମାନଙ୍କ ପାଇଁ କିଛି କରିନାହାନ୍ତି ବୋଲି ରାହୁଲଙ୍କ ପରିବାର ଓ ଅନ୍ୟ କଶ୍ମୀରୀ ପଣ୍ଡିତମାନେ ଅଭିଯୋଗ ଆଣିଛନ୍ତି। କେବଳ ଏତିକି ନୁହେଁ, ସ୍ୱତନ୍ତ୍ର ନିଯୁକ୍ତି ଯୋଜନାରେ ସରକାରୀ ଚାକିରି କରୁଥିବା ଏହି ସମୁଦାୟର ଲୋକେ ସୁରକ୍ଷା ଚିନ୍ତାରେ ନିଜ ପଦରୁ ଇସ୍ତଫା ଦେବାରେ ଲାଗିଛନ୍ତି। ଦେଖିବାକୁ ଗଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଅମଳରେ କଶ୍ମୀରୀ ପଣ୍ଡିତଙ୍କ ହତ୍ୟା ବନ୍ଦ ହୋଇଯାଇଥିଲା। କାରଣ ସେତେବେଳେ କେନ୍ଦ୍ର ସରକାର ଉଭୟ ସମ୍ପ୍ରଦାୟ ମଧ୍ୟରେ ସଦ୍ଭାବକୁ ଗୁରୁତ୍ୱ ଦେଇ ବିସ୍ଥାପିତ ପଣ୍ଡିତମାନଙ୍କୁ ଫେରାଇଆଣି ଉପତ୍ୟକାରେ ଥଇଥାନ ଅଭିଯାନ ଚଳାଇଥିଲେ। ପଣ୍ଡିତମାନେ ଫେରିଆସି ନିଜ ଭିଟାମାଟିରେ ପୁନଃ ବସବାସ କରନ୍ତୁ ବୋଲି କଶ୍ମୀରର ମୁସଲମାନମାନେ ଚାହୁଁଥିଲେ। ଏଥିପାଇଁ ଅନୁକୂଳ ପରିବେଶ ମଧ୍ୟ ସୃଷ୍ଟି ହେବାରେ ଲାଗିଥିଲା। କିନ୍ତୁ ୨୦୧୯ ଅଗଷ୍ଟ ୫ରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଯିବା ପରେ ସାମ୍ପ୍ରଦାୟିକ ସଦ୍ଭାବର ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଥିଲା ବୋଲି ସେଠାକାର ରିପୋର୍ଟଗୁଡ଼ିକରୁ ଜଣାପଡୁଛି। ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ସମ୍ବିଧାନ ସଂଶୋଧନ ପଦକ୍ଷେପକୁ ନେଇ ଦୁଇ ସମ୍ପ୍ରଦାୟ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଲା। ଏହାର ପରିଣାମ ସ୍ୱରୂପ କଶ୍ମୀରୀ ପଣ୍ଡିତଙ୍କ ସମେତ ୧୪ ଜଣ ସଂଖ୍ୟାଲଘୁ ହିନ୍ଦୁଙ୍କୁ ଆତଙ୍କବାଦୀମାନେ ଟାର୍ଗେଟ କିଲିଂ କଲେଣି। ଗତ ବର୍ଷ ଅକ୍ଟୋବର ୫ରେ ଜଣେ ଔଷଧ ଦୋକାନୀଙ୍କୁ ମଧ୍ୟ ରାହୁଲଙ୍କ ଭଳି ହତ୍ୟା କରାଯାଇଥିଲା। ସଦ୍ୟ ଘଟଣା ପରେ ଅନେକ କଶ୍ମୀରୀ ପଣ୍ଡିତ ପୁଣି ଉପତ୍ୟକା ଛାଡ଼ି ପଳାୟନ କରିବାକୁ ନିଷ୍ପତ୍ତି ନେଲେଣି। ତେଣୁ କେନ୍ଦ୍ର ସରକାରଙ୍କୁ ତାଙ୍କ ଉତ୍ତରଦାୟିତ୍ୱକୁ ନେଇ ଉଠୁଥିବା ପ୍ରଶ୍ନର ଜବାବ ଦେବାକୁ ପଡ଼ିବ। କେବଳ ନିଯୁକ୍ତି ଦେବା ଓ ବିସ୍ଥାପିତଙ୍କୁ କଶ୍ମୀରକୁ ଫେରାଇଆଣିବା ଉଦ୍ୟମରୁ ସୁଫଳ ମିଳିବ ନାହିଁ। କେନ୍ଦ୍ର ସରକାର ଓ ତାଙ୍କ ଦ୍ୱାରା ପରିଚାଳିତ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳଙ୍କୁ ଚେତିବାକୁ ପଡ଼ିବ। କଶ୍ମୀରରେ ଖାଲି ଯବାନଙ୍କୁ ମୁତୟନ କରିଦେଲେ ଚଳିବ ନାହିଁ, ନୂଆ ଢଙ୍ଗରେ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ।

ଏଭଳି ଅନେକ ଘଟଣା ବାରମ୍ବାର ଶୁଣିବାକୁ ମିଳିବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ତରଫରୁ କୌଣସି ସମୟରେ ଆଲୋଚନା ପାଇଁ କାର୍ଯ୍ୟ କରିବା ଦିଗରେ ଇଚ୍ଛା ପ୍ରକାଶ କରାଯାଉ ନାହିଁ। କଶ୍ମୀର ସମସ୍ୟାଠାରୁ ଆରମ୍ଭ କରି ଚାଷୀ ଆନ୍ଦୋଳନ ପର୍ଯ୍ୟନ୍ତ ଦେଖିଲେ ଗଣତାନ୍ତ୍ରିକ ବିଚାରବିମର୍ଶର କୌଣସି ନାମଗନ୍ଧ ନିଆଯାଉ ନାହିଁ। ସବୁବେଳେ ଏକପାଖିଆ ସରକାରୀ ନିଷ୍ପତ୍ତି ଯୋଗୁ ଦେଶର ସୁରକ୍ଷା, ଅର୍ଥନୀତି ଏବଂ ସାମାଜିକ ଶୃଙ୍ଖଳା ପ୍ରବଳ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି। ଭାରତ ସରକାର ପ୍ରତିଶୋଧମୂଳକ ମନୋଭାବ ନେଇ କରୁଥିବା କାର୍ଯ୍ୟଗୁଡ଼ିକୁ ବନ୍ଦ କରି ଯଦି ଲୋକଙ୍କ କଥା ଶୁଣନ୍ତେ ତେବେ ଗଣମାଧ୍ୟମକୁ ଅକ୍ତିଆରରେ ରଖି କେବଳ ଅସତ୍ୟ ପ୍ରକାଶ କରାଇବାକୁ ପଡ଼ନ୍ତା ନାହିଁ। ମନେରଖିବାକୁ ହେବ ଯେ, ଆଜି କହିଥିବା ଅସତ୍ୟ ଆସନ୍ତା ଦିନରେ ନିଶ୍ଚିତ ଭାବେ ଧରାପଡ଼ିବ। ସେହି ସମୟରେ ସରକାର ସମେତ ଗଣମାଧ୍ୟମ ମଧ୍ୟ ତାହାର ବିଶ୍ୱସନୀୟତା ହରାଇବସିବ।

# ଏବେ ବ୍ୟାଡ୍‌ମିଣ୍ଟନ

ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକଠାରେ ୧୫ ମେ'ରେ ଅନୁଷ୍ଠିତ ଥମାସ୍ କପ୍ ଫାଇନାଲରେ ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଦଳ ୧୪ ଥର ଚାମ୍ପିୟନ ଇଣ୍ଡୋନେସିଆକୁ ୩-୦ରେ ପରାସ୍ତ କରି ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଛି। କିଦାମ୍ବି ଶ୍ରୀକାନ୍ତ, ଏଚ୍.ଏସ୍. ପ୍ରଣୟ, ଚିରାଗ ସେଟ୍ଟି, ସାତ୍ୱିକ୍ ସାଇରାଜ ରାଙ୍କିରେଡ୍ଡୀ, ଲକ୍ଷ୍ୟ ସେନ୍‌ଙ୍କ ଭଳି ଖେଳାଳିଙ୍କ ଯୋଗୁ ଭାରତ ରଚିଥିବା ଇତିହାସ ପାଇଁ ସମସ୍ତେ ଗର୍ବ ଅନୁଭବ କରିବା ଦରକାର। ହେଲେ ଏହି ବ୍ୟାଡ୍‌ମିଣ୍ଟନ ଖେଳାଳିମାନଙ୍କୁ ଭାରତରେ କ୍ୱଚିତ୍ ଲୋକ ଚିହ୍ନିଥିବେ। ସେମାନଙ୍କୁ ଉଚିତ ପ୍ରୋତ୍ସାହନ କିମ୍ବା ସାଧାରଣରେ ପରିଚିତ ହେବାର ସୁଯୋଗ ସରକାର କିମ୍ବା ଗଣମାଧ୍ୟମ ତରଫରୁ କେବେହେଲେ ଦିଆଯାଇନାହିଁ। ଭାରତର ଅନେକ ଇଲେକ୍‌ଟ୍ରୋନିକ୍ ଓ ଛାପା ଗଣମାଧ୍ୟମରେ ଏହି ଥମାସ୍ କପ୍ ପ୍ରତିଯୋଗିତା ସମ୍ପର୍କରେ ଗୁରୁତ୍ୱ ଦିଆଯାଇ ଖବର ପ୍ରକାଶ କରାଯାଇ ନାହିଁ। କ୍ରିକେଟର ସାଧାରଣ ମ୍ୟାଚ୍‌ଗୁଡ଼ିକ ଯେତିକି ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥାଏ ଅନ୍ୟ ଖେଳର ଫାଇନାଲରେ ଟିମ୍ ପହଞ୍ଚିଲେ ମଧ୍ୟ ତାହାର କାଣିଚାଏ ପ୍ରଚାର ପାଇ ନ ଥାଏ। ଦୁଃଖର ବିଷୟ ଯେ, ଥମାସ୍ କପ୍ ଫାଇନାଲରେ ଜିତିବା ପରେ ଅଧିକାଂଶ ଭାରତୀୟ ଜାଣିବାକୁ ପାଇଥିବେ ଖେଳ କେଉଁଠାରେ ହୋଇଥିଲା। ଏଥିପାଇଁ ଦେଶର କ୍ରୀଡ଼ା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଦାୟୀ। ଭିତ୍ତିଭୂମିର ଅଭାବ, ଖେଳାଳିଙ୍କୁ ପ୍ରୋତ୍ସାହନ ନ ମିଳିବା, ଗଣମାଧ୍ୟମ ଏବଂ ଏପରିକି ସୋସିଆଲ ମିଡିଆରେ ସେଭଳି ପ୍ରଚାର ପ୍ରସାର ହେଉ ନ ଥିବାରୁ ଏ ବିଷୟରେ ଅନେକେ ଅଜ୍ଞ ରହୁଛନ୍ତି। ଉଲ୍ଲେଖଯୋଗ୍ୟ, ବ୍ରିଟେନ୍‌ର ନାମକରା ବ୍ୟାଡ୍‌ମିଣ୍ଟନ ଖେଳାଳି ଜର୍ଜ ଆଲାନ୍ ଥମାସ୍ ୧୯୪୯ରେ ଥମାସ୍ କପ୍ ପ୍ରତିଷ୍ଠା କରିଥିଲେ। ବ୍ୟାଡ୍‌ମିଣ୍ଟନ ୱାର୍ଲଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍)ର ସଦସ୍ୟଙ୍କ ମଧ୍ୟରେ ଏହା ଖେଳାଯାଉଛି। ଏହି ଟିମ୍ ବା ଦଳ ଆଧାରିତ ଖେଳର ନିୟମରେ ଅନେକ ବିଶେଷତା ରହିଛି, ଯାହାକି ସାଧାରଣ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ରହି ନ ଥାଏ।

ଓଡ଼ିଶା ସରକାର ହକିର ପ୍ରାୟୋଜକ ହେବା ପରେ ମୃତବତ୍ ଅବସ୍ଥାକୁ ଯାଇଥିବା ଏହି କ୍ରୀଡ଼ାକୁ ଜୀବନ୍ୟାସ ମିଳିଲା ଓ ଦୀର୍ଘ ବର୍ଷର ବ୍ୟବଧାନରେ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ୍ ପଦକ ପାଇପାରିଲା। ସ୍ୱଳ୍ପ ବର୍ଷର ପ୍ରୋତ୍ସାହନରେ ଏ ଯେଉଁ ସଫଳତା ହକିକୁ ମିଳିପାରିଛି ତାହାକୁ କମ୍ ଆଲୋଚିତ ଅନ୍ୟାନ୍ୟ କ୍ରୀଡ଼ାରେ କେନ୍ଦ୍ର ସରକାର ପ୍ରୟୋଗ କରିବା କଥା। ୧୪୦ କୋଟି ଲୋକସଂଖ୍ୟା ବିଶିଷ୍ଟ ରାଷ୍ଟ୍ରରେ ସର୍ବାଧିକ ୭ଟି ପଦକ ଭାରତୀୟ ଖେଳାଳି ଟୋକିଓ ଅଲିମ୍ପିକ୍ସ ୨୦୨୦ରେ ପାଇପାରିଥିଲେ, ଯେଉଁଥିରେ ଛୋଟିଆ ଆଫ୍ରିକୀୟ ଦେଶଗୁଡ଼ିକ ଆମଠାରୁ ଢେର ଆଗରେ ଥିଲେ। କେବଳ କ୍ରିକେଟ ଖେଳକୁ ଅଧିକ ପ୍ରୋତ୍ସାହନ ଓ ପ୍ରଚାର କରାଯାଉଥିବାରୁ ଅନ୍ୟ ଖେଳ ବିଷୟରେ ଭଲ ଭାବେ ଜାଣି ହେଉ ନାହିଁ। ତାହାର ମୁଖ୍ୟ କାରଣ ହେଉଛି, କ୍ରିକେଟ ଖେଳ ପଛରେ ଅତ୍ୟଧିକ ଅର୍ଥ ଜଡ଼ିତ। କେବଳ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ପୁଅ ଜୟ ଶାହାଙ୍କ ସମ୍ପୃକ୍ତିରେ ବିସିସିଆଇର ଅନ୍ଧାର କାହାଣୀ ସୀମିତ ନୁହେଁ। ସିନେମା ତାରକା ଶାହରୁଖ୍ ଖାନ୍‌ଙ୍କଠାରୁ ଆରମ୍ଭକରି ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପର୍ଯ୍ୟନ୍ତ ସମସ୍ତେ କ୍ରିକେଟ ଖେଳରେ ଅନେକ ହଜାର କୋଟି ଟଙ୍କା ବିନିଯୋଗ କରିଛନ୍ତି। ସେଥିପାଇଁ ସବୁ ଟେଲିଭିଜନ୍ କମ୍ପାନୀ କ୍ରିକେଟ ଖେଳ ପ୍ରସାରଣ କରିବାରେ ବ୍ୟସ୍ତ ଥିବାବେଳେ ଅନ୍ୟ କ୍ରୀଡ଼ାକୁ ପାସୋରି ଯାଉଛନ୍ତି। ଏହି ଅବନତିକୁ କେବଳ କେନ୍ଦ୍ର ସରକାରଙ୍କ ସକ୍ରିୟ ହସ୍ତକ୍ଷେପ ସୁଧାରି ପାରନ୍ତା। ଏଥିରେ ଓଡ଼ିଶା ସରକାରଙ୍କଠାରୁ ଅନେକ କିଛି ଶିଖିବାର ଅଛି।

ଥମାସ୍ କପ୍‌ରେ ଭାରତ ପ୍ରଥମ ଥର ଚାମ୍ପିୟନ ହୋଇଥିବାରୁ ସରକାର ସକାରାତ୍ମକ ଭାବେ ବ୍ୟାଡ୍‌ମିଣ୍ଟନ ଖେଳକୁ ଗୁରୁତ୍ୱ ଦେବାକୁ ଆଗେଇ ଆସିବା ଦରକାର। ଦେଶରେ ସବୁ ଖେଳ ବିଷୟରେ ଅଧିକ ପ୍ରଚାରପ୍ରସାର ହେବା ସହ ପର୍ଯ୍ୟାପ୍ତ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି ହୋଇପାରିଲେ ପିଲାଙ୍କ ପସନ୍ଦ ଜାଣି ମାତାପିତା ପ୍ରଶିକ୍ଷକଙ୍କ ପାଖକୁ ଛାଡ଼ିବାକୁ ସୁଯୋଗ ପାଆନ୍ତେ। ଏବେ ଥମାସ୍ କପ୍‌ରେ ଭାରତ ବିଜୟୀ ହୋଇଥିବାରୁ କିଛି ଦିନ ପାଇଁ ଏହି ଚର୍ଚ୍ଚାକୁ କେବଳ ଆଲୋଚନା ମଧ୍ୟରେ ସୀମିତ ରଖା ନ ଯାଇ ସେହି ଦିଗରେ ପଦକ୍ଷେପ ନିଆଗଲେ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଆମ ଦେଶ ଅଧିକ ସ୍ଥାନିତ ହୋଇପାରନ୍ତା।

# ୩୦ ସୁଦ୍ଧା ୩୦



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଆଲେଖ୍ୟର ଶୀର୍ଷକଟି ପାଠକଙ୍କ ମନରେ ବିସ୍ମୟ ସୃଷ୍ଟିର କାରଣ ହେବା ସ୍ୱାଭାବିକ। ଏବେ କିନ୍ତୁ ବିଶ୍ୱ ସ୍ତରରେ ପରିବେଶ ସଚେତନ ନାଗରିକ ଏବଂ ସଂରକ୍ଷଣବାଦୀଙ୍କ ମହଲରେ ଏହି '୩୦ ସୁଦ୍ଧା ୩୦' ପ୍ରସଙ୍ଗଟି ଏକ ଗମ୍ଭୀର ଆଲୋଚନାର ବିଷୟବସ୍ତୁ ପାଲଟିଛି। ବୈଜ୍ଞାନିକମାନେ ବାରମ୍ବାର ଚେତାବନୀ ଦେଉଛନ୍ତି ଯେ ଆମ ଗ୍ରହର ପ୍ରକୃତି ଓ ପରିବେଶ କ୍ରମେ ଏକ ସଙ୍କଟମୟ ପରିସ୍ଥିତି ଦିଗରେ ଗତି କରୁଛି। ଜଳ, ସ୍ଥଳ, ବାୟୁ ଏବଂ ଶବ୍ଦର ଅନିୟନ୍ତ୍ରିତ ପ୍ରଦୂଷଣ, ପ୍ରାକୃତିକ ପରିସଂସ୍ଥାଗୁଡ଼ିକର କ୍ରମବର୍ଦ୍ଧିଷ୍ଣୁ ଅବକ୍ଷୟ, ସମ୍ବଳର ଅତ୍ୟଧିକ ଶୋଷଣ, ବାହ୍ୟ ଜୀବଜାତିଙ୍କର ସ୍ଥାନୀୟ ବାସସ୍ଥଳୀରେ ପ୍ରବେଶ, ଜୈବବିବିଧତାର ହ୍ରାସ, ବିଶ୍ୱତାପନ ଏବଂ ଜଳବାୟୁ ପରିବର୍ତ୍ତନ ପରି ସମସ୍ୟାରେ ଧରିତ୍ରୀ କ୍ରମଶଃ ଜର୍ଜରିତ ହୋଇଚାଲିଛି। ଏପରି ସଙ୍କଟାପନ୍ନ ପରିସ୍ଥିତି ସୃଷ୍ଟିର ମୂଳରେ ରହିଛି ବିଜ୍ଞତାର ପ୍ରୟୋଗ ବିନା ସାଧିତ ମାନବୀୟ କାର୍ଯ୍ୟଧାରାର ନକାରାତ୍ମକ ପ୍ରଭାବ ତଥା ଅସହନୀୟ ମାର୍ଗରେ ବିକାଶ ପ୍ରକ୍ରିୟା ଏବଂ ଅର୍ଥନୈତିକ ପ୍ରଗତିର ପ୍ରବର୍ତ୍ତନ। ଏହି ପୃଷ୍ଠଭୂମିରେ ଯଦି ପ୍ରଚଳିତ ବିନାଶ ପ୍ରକ୍ରିୟାର ଧାରା ଜାରି ରହେ, ତେବେ ଆଗାମୀ ପରିସ୍ଥିତି ଅଧିକ ଗମ୍ଭୀର ହେବା ସହ ଜୈବବିବିଧତାର ଅବକ୍ଷୟ ଆହୁରି ତ୍ୱରାନ୍ୱିତ ହେବ। ସର୍ବାଧିକ ବୈଜ୍ଞାନିକ ଅନୁସନ୍ଧାନ ଦର୍ଶାଏ ଯେ ପୃଥିବୀର ସ୍ଥଳଭାଗ ଏବଂ ମହାସାଗରର ଅତି କମ୍‌ରେ ୩୦ ପ୍ରତିଶତ ଅଞ୍ଚଳର ସୁରକ୍ଷା ଓ ସଂରକ୍ଷଣ ସାଧନ ଦ୍ୱାରା ଜୈବବିବିଧତା ହ୍ରାସକୁ ନିୟନ୍ତ୍ରିତ କରିବା ଏବଂ ବିଲୁପ୍ତକୁ ରୋକିବା ସହିତ ବର୍ଦ୍ଧିତ ଅଙ୍ଗାରକାମ୍ଳକୁ ଗଚ୍ଛିତ କରିବା, ଭବିଷ୍ୟତର ମହାମାରୀକୁ ରୋକିବା ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଏହା ସହାୟକ ହେବ।

ସମ୍ପ୍ରତି ୯୦ରୁ ଅଧିକ ରାଷ୍ଟ୍ରଙ୍କର ଏକ ଅନ୍ତଃରାଷ୍ଟ୍ରୀୟ ଗୋଷ୍ଠୀ ଏହି ମର୍ମରେ କାର୍ଯ୍ୟ ସମ୍ପାଦନ କରୁଛି, ଯାହା 'ପ୍ରକୃତି ଏବଂ ଲୋକଙ୍କ ପାଇଁ ଉଚ୍ଚ ଅଭିଳାଷ ସମନ୍ୱୟ ଗୋଷ୍ଠୀ' (ଏଚ୍‌ଏସି) ନାମରେ ନାମିତ। ଏହା ୨୦୩୦ ସୁଦ୍ଧା ପୃଥିବୀର ଉଭୟ ସ୍ଥଳଭାଗ ଏବଂ ସମୁଦ୍ରାଞ୍ଚଳର ଅତି କମ୍‌ରେ ୩୦ ପ୍ରତିଶତ ଅଞ୍ଚଳର ସୁରକ୍ଷା ତଥା ସଂରକ୍ଷଣ ପାଇଁ ଥିବା ବୈଶ୍ୱିକ ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟରେ ଉତ୍ସାହିତ କରୁଛି, ଯାହା '୩୦x୩୦' ଲକ୍ଷ୍ୟ ରୂପେ ଆଖ୍ୟାୟିତ। ଏହି ଲକ୍ଷ୍ୟର କାର୍ଯ୍ୟକାରିତା ଉପଲବ୍ଧ ଶ୍ରେଷ୍ଠ ବିଜ୍ଞାନସମ୍ମତ କାର୍ଯ୍ୟଧାରା ସହ ଆଦିମ ଜନଜାତି ଏବଂ ସ୍ଥାନୀୟ ସମ୍ପ୍ରଦାୟମାନଙ୍କ ଅଧିକାର ପ୍ରତି ପୂର୍ଣ୍ଣ ସମ୍ମାନ ପ୍ରଦର୍ଶନ ପୂର୍ବକ ନିର୍ଦ୍ଦିଷ୍ଟ ଅଞ୍ଚଳର ପରିସ୍ଥିତିକୁ ବିଚାରକୁ ନେଇ ଏକ ରାଷ୍ଟ୍ରର ସମ୍ମିଳିତ ସାର୍ବଭୌମ ନିଷ୍ପତ୍ତି ଦ୍ୱାରା ହେବ। ଏହି ୩୦x୩୦ ହେଉଛି ଏକ ସଶକ୍ତ ଯୋଜନା ଯାହା ପ୍ରକୃତିର ଭୟାବହ ଅବକ୍ଷୟକୁ ମନ୍ଥର କରିବାରେ, ବିଶ୍ୱ ଜଳବାୟୁ ସଙ୍କଟକୁ ମୁକାବିଲା କରିବାରେ ଏବଂ ପ୍ରଦୂଷଣକୁ ଶୋଧନ କରିବାରେ ସହାୟତା କରିବ;



ଯାହା ଆମକୁ ନିର୍ମଳ ବାୟୁ ନିଃଶ୍ୱାସ ନେବାରେ ଏବଂ ବିଶୁଦ୍ଧ ଜଳ ପାନ କରିବାରେ ସକ୍ଷମ କରିବ। ଏସିଆ, ଆଫ୍ରିକା, ୟୁରୋପ, ଉତ୍ତର ଆମେରିକା ଏବଂ ଲାଟିନ ଆମେରିକାର କେତେକ ବିବିଧତାପୂର୍ଣ୍ଣ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ନେଇ ଏଚ୍‌ଏସି ଗଠିତ। ଭାରତ ୨୦୨୧ରୁ ଏହି ଗୋଷ୍ଠୀର ସଦସ୍ୟତା ଗ୍ରହଣ କରିଥିବା ବେଳେ ଆମେରିକା ନିକଟରେ ଏଥିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛି। ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ପରି ପୃଥିବୀର ୧୭ଟି ଦେଶ 'ମେଗାଡାଇଭର୍ସ ରାଷ୍ଟ୍ର' ଗୋଷ୍ଠୀରେ ଅନ୍ତର୍ଭୁକ୍ତ ଅଛନ୍ତି, ଯେଉଁମାନେ କି ବହୁ ସଂଖ୍ୟକ ଜୀବଜାତିଙ୍କୁ, ବିଶେଷକରି ବିବିଧ ସ୍ୱସ୍ଥାନୀୟ (ଏଣ୍ଡେମିକ) ଜୀବମାନଙ୍କୁ ଧାରଣ କରିଥା'ନ୍ତି। ନିଜ ଦେଶର ୩୦ ପ୍ରତିଶତ ଅଞ୍ଚଳକୁ ସଂରକ୍ଷଣ କରିବାକୁ ବାଇଡେନ୍ ପ୍ରଶାସନ ପ୍ରତିବଦ୍ଧତା ପ୍ରକାଶ କରି ନିକଟରେ ଏକ ବିଲିୟନ ଡଲାରର ଏକ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବକ ଏହି ଲକ୍ଷ୍ୟ କିପରି ବିଶ୍ୱସ୍ତରରେ ଅଗ୍ରଗତି ହାସଲ କରିବ ସେଥି ନିମନ୍ତେ ପ୍ରୟାସ ଆରମ୍ଭ କରିଛନ୍ତି।

ଜି-୭ ଗୋଷ୍ଠୀ ଦ୍ୱାରା ୩୦x୩୦ର ବିଶ୍ୱସ୍ତରୀୟ ଲକ୍ଷ୍ୟ ମଧ୍ୟ ଅନୁମୋଦିତ ହୋଇଛି ଏବଂ ଏହା ୨୦୨୨ ଅକ୍ଟୋବରରେ ଚାଇନାର କୁନ୍‌ମିଙ୍ଗ ସହରରେ ଅନୁଷ୍ଠିତ ହେବାକୁ ଥିବା ଜାତିସଂଘ ଜୈବବିବିଧତା ଚୁକ୍ତିନାମା (ସିବିଡି)ର ୧୫ତମ ସମ୍ମିଳନୀର ଦ୍ୱିତୀୟ ଅଧ୍ୟାୟର କେନ୍ଦ୍ରୀୟ ପ୍ରସଙ୍ଗ ପାଲଟିଛି, ଯାହାକି '୨୦୨୦-ପରବର୍ତ୍ତୀ ବୈଶ୍ୱିକ ଜୈବବିବିଧତା ଢାଞ୍ଚା' ରୂପେ ଜ୍ଞାତ। ଏହି ୨୦୨୦-ପରବର୍ତ୍ତୀ ଢାଞ୍ଚାକୁ '୨୦୧୫ ପ୍ୟାରିସ ଜଳବାୟୁ ଚୁକ୍ତି' ପରି ଆମ ଗ୍ରହର ଭବିଷ୍ୟତ ଭାଗ୍ୟ ନିର୍ଦ୍ଧାରଣ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ବ୍ରାଜିଲର ରିଓଠାରେ ୧୯୯୨ରେ ଅନୁଷ୍ଠିତ ଧରିତ୍ରୀ ସମ୍ମିଳନୀ ଅବସରରେ ଜୈବବିବିଧତା ଚୁକ୍ତିର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଅଧିକ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ ନିମନ୍ତେ ଦୁଇ ବର୍ଷ ଅନ୍ତରରେ ସିବିଡି ସଦସ୍ୟ ରାଷ୍ଟ୍ରଗୁଡ଼ିକର ଏକ ସମ୍ମିଳନୀ ଆୟୋଜନ ହୋଇଥାଏ। ପ୍ରାକୃତିକ ବାସସ୍ଥଳୀଗୁଡ଼ିକର ଅବକ୍ଷୟକୁ ରୋକିବା ତଥା ଏହାକୁ ପ୍ରତିବନ୍ଧିତ ଓ ବିପରୀତମୁଖୀ କରିବା ଉଦ୍ଦେଶ୍ୟରେ ଏକ ବିଶ୍ୱସ୍ତରୀୟ ପ୍ରୟାସ ରୂପେ ଜାତିସଂଘ ମଧ୍ୟ ୨୦୨୧-୨୦୩୦ ଦଶନ୍ଧିକୁ 'ପରିସଂସ୍ଥା ପୁନରୁଦ୍ଧାରର ଦଶନ୍ଧି' ରୂପେ ଘୋଷଣା କରିଛି, ଯାହାକି ପୃଥିବୀର ସୁସ୍ଥତା ହାସଲ ନିମନ୍ତେ ଏକ ସର୍ବୋତ୍ତମ ପ୍ରୟାସ।

ଏବେକୁନ୍‌ମିଙ୍ଗ ଅଧିବେଶନରେ ଆମ ଗ୍ରହର ସର୍ବନିମ୍ନ ୩୦ପ୍ରତିଶତ ଅଞ୍ଚଳର ସୁରକ୍ଷାକୁ ନିଶ୍ଚିତ କରିବା ନିମନ୍ତେ ହେବାକୁ ଥିବା ପ୍ରଥମ ଖୋଲା ବୁଝାମଣା ଯଥେଷ୍ଟ ସମର୍ଥନ ହାସଲ କରିଛି ସତ; କିନ୍ତୁ ଏହି ନୂତନ ପ୍ରୟାସ ପଥରେ ରହିଥିବା କେତେକ ପ୍ରମୁଖ ପ୍ରତିବନ୍ଧକ ଏପର୍ଯ୍ୟନ୍ତ ସମାଧିତ ହୋଇନାହିଁ। ଏଥିରେ ଅନ୍ତର୍ଭୁକ୍ତ ରହିଛି ପ୍ରକୃତିର ସୁରକ୍ଷା ଏବଂ ପୁନରୁଦ୍ଧାର ପାଇଁ ଆବଶ୍ୟକ ବାର୍ଷିକ ୭୦୦ ବିଲିୟନ ଡଲାର ପାଣ୍ଠିର ସୁବ୍ୟବସ୍ଥା ହେବାର ଚ୍ୟାଲେଞ୍ଜ। ତେଣୁ ବୁଝାମଣାର ସାଫଲ୍ୟ ଅର୍ଜନ ମୂଳରେ ରହିଛି ଆର୍ଥିକ ପ୍ରସ୍ତୁତି, କାର୍ଯ୍ୟକ୍ରମ କରିବାର ପ୍ରତିବଦ୍ଧତା ଏବଂ ସମଭାବରେ ଲାଭର ବଣ୍ଟନ ନିମନ୍ତେ ସମାଧାନର ପନ୍ଥା ନିରୂପଣ। ସମ୍ମିଳନୀ ପୂର୍ବରୁ ପ୍ରକୃତି ନିମନ୍ତେ ଅଭିଯାନ, ପ୍ରକୃତି ସଂରକ୍ଷଣ, ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଏବଂ ବିଶ୍ୱ ସମ୍ବଳ ପ୍ରତିଷ୍ଠାନ ସମେତ ଏକ ସମ୍ମିଳିତ ପରିବେଶ ଗୋଷ୍ଠୀ ଧନୀକ ରାଷ୍ଟ୍ରଗୁଡ଼ିକ ଉଦ୍ଦେଶ୍ୟରେ ବାର୍ଷିକ ନ୍ୟୂନତମ ୬୦ ବିଲିୟନ ଡଲାରର ଲକ୍ଷ୍ୟକୁ ପୂରଣ କରିବାକୁ ଆହ୍ୱାନ ଜଣାଇଛି। ପ୍ରାୟ ୧୦୦ ରାଷ୍ଟ୍ର ସଦସ୍ୟ ବିଶିଷ୍ଟ 'ପ୍ରକୃତି ପାଇଁ ଅଭିଯାନ' ମିଳିତ ମଞ୍ଚ ପରବର୍ତ୍ତୀ ଦଶନ୍ଧି ମଧ୍ୟରେ ପ୍ରାକୃତିକ ପରିସଂସ୍ଥାସବୁର ସୁରକ୍ଷା ପାଇଁ ଧାର୍ଯ୍ୟ ସମ୍ମିଳନୀର ନୂତନ ଉଚ୍ଚାଭିଳାଷୀ ଲକ୍ଷ୍ୟକୁ ବାସ୍ତବତାର ରୂପ ଦେବା ନିମନ୍ତେ ସହମତି ଭିତ୍ତିରେ କାର୍ଯ୍ୟଧାରା ଅବ୍ୟାହତ ରଖିଛି। ସମ୍ମିଳନୀର ଏହି ଉଚ୍ଚାକାଂକ୍ଷୀ ଯୋଜନା କାର୍ଯ୍ୟରେ ରୂପାନ୍ତରିତ ହେଲେ ଜୈବବିବିଧତା ସହ ସମାଜ ସମ୍ପର୍କରେ ଅଦ୍ଭୁତ ସକାରାତ୍ମକ ପରିବର୍ତ୍ତନ ଘଟିବ ଏବଂ ପ୍ରକୃତି ସହିତ ସୁସମ୍ପର୍କରେ ଜୀବନଧାରଣ କରିବାର ସମଦୃଷ୍ଟି ମାନସିକତା ୨୦୫୦ ସୁଦ୍ଧା ବାସ୍ତବତାର ରୂପ ନେବ।

ପ୍ରକୃତି ସମ୍ମୁଖୀନ ହେଉଥିବା ମାନବସୃଷ୍ଟ ସଙ୍କଟକୁ ଦୂର କରିବା ପାଇଁ ବିଶ୍ୱର ରାଷ୍ଟ୍ରସମୂହ ସମ୍ମିଳିତ ଭାବେ କାର୍ଯ୍ୟପନ୍ଥା ଗ୍ରହଣ କରି '୩୦x୩୦' ଲକ୍ଷ୍ୟ ହାସଲର ପ୍ରୟାସକୁ ବାସ୍ତବତାରେ ପରିଣତ କରିବା ମାନବଜାତିର ବିଜ୍ଞତା ପ୍ରଦର୍ଶନର ଏକ ଶ୍ରେଷ୍ଠ ନିଦର୍ଶନ ହେବ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି,**
**ଭୁବନେଶ୍ୱର, ମୋ-୯୪୩୭୦୭୬୧୦୦**

# ଗୋଟିଏ ଆକାଶ ଦୁଇଟି ତାରା



ଡ.ପ୍ରଫୁଲ୍ଲ କୁମାର ସାହୁ

ଅହିଂସାର ପ୍ରତୀକ ବୁଦ୍ଧ ଓ ଗାନ୍ଧୀ। ଉଭୟ ବିଧି ପ୍ରେରିତ ମହାପୁରୁଷ। ଜଣେ ଭାରତୀୟ ସାଂସ୍କୃତିକ ଇତିହାସର ପ୍ରଥମ ବିଶ୍ୱବନ୍ଦିତ ବ୍ୟକ୍ତି, ଆଉ ଜଣେ ବିଶ୍ୱ ଇତିହାସର ସର୍ବମାନ୍ୟ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ। ଉଭୟ ଗୋଟିଏ ସୂତ୍ରରେ ବନ୍ଧା ଏବଂ ସେହି ସୂତ୍ରଟି ହେଉଛି ଯୋଗିତ୍ୱ, ଯାହା ସତ୍ୟ ଓ ଅହିଂସା ଉପରେ ପର୍ଯ୍ୟବସିତ।

ଶାକ୍ୟବଂଶୀୟ ରାଜପୁତ୍ର ସିଦ୍ଧାର୍ଥ ଗୌତମ। ପିଲାଟି ଦିନରୁ ତାଙ୍କୁ ବ୍ୟଥିତ କରିଥିଲା ମଣିଷ ଭୋଗୁଥିବା ଦୁଃଖ ଓ ଯାତନା। ବୟସ ବଢ଼ିବା ସହିତ ତାଙ୍କ ପ୍ରାଣକୁ ଅଧିକ ମ୍ରିୟମାଣ କଲା ରାଜ୍ୟ ବିସ୍ତାରକୁ ରାଜଧର୍ମ ଭାବେ ଗ୍ରହଣ କରିଥିବା ରଣରଙ୍କ ଜାତି ଶାକ୍ୟମାନଙ୍କର ରକ୍ତାଭିଷେକ। ହଜାର ହଜାର ନିରୀହ ମଣିଷଙ୍କ ଶବ ଉପରେ ରାଜ୍ୟ ଜୟର ଏ ଅନ୍ଧ ଉନ୍ମାଦନା କାହିଁକି? ମଣିଷ କ'ଣ ମଣିଷ ପ୍ରତି ଏତେ ନିଷ୍ଠୁର ହୋଇପାରେ? ଏଭଳି କିଛି ମାନବୀୟ ପ୍ରଶ୍ନର ତୀବ୍ର ତାଡ଼ନାରେ ଜର୍ଜରିତ ହୋଇ ସେ ମନେମନେ ଖୋଜି ବୁଲିଲେ ତା'ର ଯଥାର୍ଥ ଉତ୍ତର। ତାଙ୍କ ଜିଜ୍ଞାସୁ ମନକୁ ଆଉ ଅଟକାଇ ରଖିପାରିଲାନି ରାଜକୀୟ ଐଶ୍ୱର୍ଯ୍ୟ ତଥା ଆତ୍ମୀୟଙ୍କ ପ୍ରତି ସ୍ନେହ,ଶ୍ରଦ୍ଧା ଓ କର୍ତ୍ତବ୍ୟବୋଧ। ଜଗତ କଲ୍ୟାଣ ନିମନ୍ତେ ଶାନ୍ତିର ଠିକଣା ଖୋଜି ଖୋଜି ସେ କପିଳବାସ୍ତୁରୁ ଯାଇ ପହଞ୍ଚିଗଲେ ନିରଞ୍ଜନା ତଟରେ। ଏକ ସଂକଳ୍ପସ୍ନାତ ପ୍ରଲମ୍ବିତ ସାଧନା ବଳରେ ବୁଦ୍ଧତ୍ୱ ପ୍ରାପ୍ତ ହୋଇ ସାରା ଜଗତ ପାଇଁ ପାଲଟି ଗଲେ ଦିବ୍ୟଜ୍ଞାନ ଓ କରୁଣାର ବଟିଘର।

ବୁଦ୍ଧତ୍ୱ ମଣିଷର ଏକ ପ୍ରଜ୍ଞାଦୀପ୍ତ ଅବସ୍ଥା। ଚେତନାର ଊର୍ଦ୍ଧ୍ୱ ସୋପାନ। ଗୌତମ ବୁଦ୍ଧ ସେହି ସ୍ତରରେ ପହଞ୍ଚି ଜଗତକୁ ଯେଉଁ ମାର୍ଗ ପ୍ରଦର୍ଶନ କଲେ ତାହାକୁ କୁହାଗଲା ବୌଦ୍ଧ ଦର୍ଶନ। ଶାନ୍ତ,ଶୁଦ୍ଧ ଓ ଅହିଂସ୍ର ଜୀବନଯାପନ ନିମନ୍ତେ ଏହି ଦର୍ଶନ ମୂଳତଃ ଆଚରଣ ଶୁଦ୍ଧତା ଉପରେ ଆଧାରିତ ଏକ ବୈଜ୍ଞାନିକ ତତ୍ତ୍ୱ। ବୌଦ୍ଧ ଦର୍ଶନ କହେ ମଣିଷ ଦୁଃଖ ଭୋଗିବାର ପ୍ରମୁଖ କାରଣ ହେଉଛି ତା'ର ଅତ୍ୟଧିକ ଲୋଭ ବା କାମନା। ବୁଦ୍ଧ କହନ୍ତି-'କାମନାର ବିନାଶରେ ଦୁଃଖର ବିନାଶ'। ମାତ୍ର ସମ୍ପୂର୍ଣ୍ଣ କାମନା ରହିତ ଜୀବନ ବଞ୍ଚିବା ତ ଏକ ଉଦ୍ଭଟ କଳ୍ପନା ? ଜୀବନର ଏହି ବାସ୍ତବତାକୁ ଅନୁଭବ କଲା ପରେ ସେ ସର୍ବନିମ୍ନ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ନିର୍ଦ୍ଧାରଣ କଲେ ନିର୍ବାଣ ପ୍ରାପ୍ତିର ମଧ୍ୟମ ପନ୍ଥା। ବୌଦ୍ଧ ଦର୍ଶନରେ ନିର୍ବାଣର ଅର୍ଥ ପୁନର୍ଜନ୍ମରୁ ମୁକ୍ତି ନୁହେଁ, ବରଂ ଏକ ଜ୍ୱଳନମୁକ୍ତ ଜୀବନ। ମଣିଷ ସେତେବେଳେ ଜ୍ୱଳନମୁକ୍ତ ହୁଏ ବା ନିର୍ବାଣ ଲାଭ କରେ, ଯେତେବେଳେ ସେ ପହଞ୍ଚିଯାଏ ସ୍ଥିତପ୍ରଜ୍ଞତାର ଏକ ଊର୍ଦ୍ଧ୍ୱ ସ୍ତରରେ। ତଥାଗତଙ୍କ ମତରେ ଯିଏ ନିଜେ ଏହି ସୋପାନରେ ପହଞ୍ଚି ଅନ୍ୟକୁ ମୁକ୍ତିର ମାର୍ଗ ଦେଖାଏ ସେ ହିଁ କେବଳ ବୁଦ୍ଧ। ପ୍ରତ୍ୟେକ ମଣିଷ ଭିତରେ ବୁଦ୍ଧ ହେବାର ଶକ୍ତି ଅଛି ବୋଲି ସେ କହିବା ସହିତ ସମସ୍ତଙ୍କୁ ବୁଦ୍ଧ ହେବା ପାଇଁ ଆହ୍ୱାନ ଦେଇ ପ୍ରସ୍ତୁତ କରିଛନ୍ତି ଏକ ଆଚରଣସିଦ୍ଧ ମାର୍ଗଦର୍ଶିକା। ଏକ ଜାତିବିହୀନ ସମତୁଲ ସମାଜ ଗଠନ ଉଦ୍ଦେଶ୍ୟରେ ସେ ଖଞ୍ଜିଥିବା ଏହି ମାର୍ଗଦର୍ଶିକା ବା 'ଅଷ୍ଟାଙ୍ଗ ମାର୍ଗ'ର ମୂଳ ଆଧାର ହେଉଛି 'ଅହିଂସା'। ବୁଦ୍ଧଙ୍କର ଏହି ଅହିଂସା ନୀତି ଉପରେ ପର୍ଯ୍ୟବସିତ ମହାମାନବ ମହାତ୍ମା ଗାନ୍ଧୀଙ୍କ ବହୁ ପୋଷିତ ଲକ୍ଷ୍ୟ ବା ଗାନ୍ଧିବାଦର ଭବ୍ୟ ମନ୍ଦିର।



ମାନବବାଦୀ ଚିନ୍ତାନାୟକ ମହାତ୍ମା ଗାନ୍ଧୀ। ଜଣେ ଧର୍ମ ନିରପେକ୍ଷ ଓ ଧର୍ମପ୍ରାଣ ସନ୍ଥ। ତାଙ୍କ ତାରୁଣ୍ୟର ଆବେଗିକ,ବୌଦ୍ଧିକ ଓ ଆଧ୍ୟାତ୍ମିକ ସଚେତନତା ନିର୍ମାଣ ଅନ୍ତରାଳରେ ରହିଛି ଭାରତୀୟ ସନ୍ଥ ସନ୍ନ୍ୟାସୀଙ୍କ ପ୍ରେରଣା ଓ ପ୍ରଭାବ। ବିଶେଷକରି ବୁଦ୍ଧଙ୍କର ଅହିଂସା ନୀତି ତାଙ୍କୁ ଅତି ମାତ୍ରାରେ ଅନୁପ୍ରାଣିତ କରିଥିଲା ଯେ ତାକୁ ସେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରୟୋଗ କରିଥିଲେ ଏକ ନିର୍ବିକଳ୍ପ ସିଦ୍ଧାନ୍ତ ଭାବରେ। ତାଙ୍କ ଦୃଷ୍ଟିରେ ଅହିଂସା କେବଳ ଏକ ସିଦ୍ଧାନ୍ତ ନ ଥିଲା, ବରଂ ଥିଲା ସାମାଜିକ ନ୍ୟାୟ ପ୍ରତିଷ୍ଠାର ଆୟୁଧ। ତାକୁ ରାଜନୈତିକ ଅସ୍ତ୍ର ଭାବରେ ଗ୍ରହଣ କରି ସେ ଜିତିଥିଲେ ଦକ୍ଷିଣ ଆଫ୍ରିକା ସରକାରଙ୍କ ହୃଦୟ। ବର୍ଣ୍ଣବୈଷମ୍ୟ ଜର୍ଜରିତ ପ୍ରବାସ ଭୂମିରେ ଗାନ୍ଧିଜୀଙ୍କ ଏହି ଅବିଶ୍ୱସନୀୟ ସଫଳତା ପରେ ବିଶ୍ୱ ଜାଣିଲା ଅହିଂସା ଅସ୍ତ୍ରର ଶକ୍ତି। ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ହିଂସାର ରାସ୍ତାକୁ ଆପଣେଇ ସ୍ୱାଧୀନତା ସଂଗ୍ରାମ ପାଇଁ ନିଜକୁ ପ୍ରସ୍ତୁତ କରୁଥିଲା ଭାରତୀୟ ଯୁବଶକ୍ତି। ମାତ୍ର ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ଡାକରା ଦେଶବାସୀଙ୍କ ମନରେ ଭରିଦେଲା ନୂତନ ବିଶ୍ୱାସ ଓ ଅବବୋଧ। ଅହିଂସାର ପୂଜାରୀ ଗାନ୍ଧିଜୀ ଯୁଦ୍ଧକୁ ଦେଲେ ନୂଆ ପରିଭାଷା। ବୁଦ୍ଧଙ୍କ ଅହିଂସା ଦର୍ଶନରୁ ସେ ଆବିଷ୍କାର କଲେ ସତ୍ୟାଗ୍ରହ ଅସ୍ତ୍ର। ସତ୍ୟ ପ୍ରତି ଆଗ୍ରହ ହିଁ ସତ୍ୟାଗ୍ରହ। ଏହି ଅସ୍ତ୍ର ବଳରେ ସେ ଦୁର୍ଦ୍ଧର୍ଷ ଇଂରେଜ ଜାତିକୁ ପରାସ୍ତ କଲା ପରେ ପୁଣି ଥରେ ପ୍ରମାଣ ହେଲା ଏହା ଦୁର୍ବଳର ଅସ୍ତ୍ର ନୁହେଁ, ଅହିଂସ୍ର ଲଢ଼େଇର ଶାଣଦିଆ ଅସ୍ତ୍ର।

ସତ୍ୟ ଓ ଅହିଂସା କେବଳ ଏକ ବିଶ୍ୱାସ ନୁହେଁ, ଗାନ୍ଧିଜୀଙ୍କ ପାଇଁ ଏହା ଥିଲା ଜୀବନ ସଂହିତା। ତାଙ୍କ ସମଗ୍ର ଜୀବନକୁ ଧାରଣ କରିଥିବା ଏକ ମହାନ୍ ଆଦର୍ଶ। ଅହିଂସାର ପ୍ରୟୋଗକୁ ନେଇ ଜିଜ୍ଞାସୁମାନଙ୍କ ଅନେକ ଜଟିଳ ପ୍ରଶ୍ନର ସମ୍ମୁଖୀନ ହୋଇଛନ୍ତି ଉଭୟ ବୁଦ୍ଧ ଓ ଗାନ୍ଧୀ। ବୁଦ୍ଧଙ୍କୁ ତତ୍କାଳୀନ ଭାରତର ଜଣେ ଦକ୍ଷ ସେନାପତି ପଚାରିଥିଲେ- ଜଣେ ସେନାପତି ଭାବରେ ମୋର କର୍ତ୍ତବ୍ୟ ହେଉଛି ଆକ୍ରମଣକାରୀ ଶତ୍ରୁକୁ ହତ୍ୟା କରି ରାଜ୍ୟକୁ ସୁରକ୍ଷିତ ରଖିବା। ମୁଁ ଯଦି ଅହିଂସାର ପୂଜାରୀ ହୁଏ,ତେବେ ରାଜ୍ୟର ପ୍ରଜାମାନଙ୍କୁ ସୁରକ୍ଷା ଦେବ କିଏ? ମୋ ରାଜ୍ୟର ନାରୀମାନଙ୍କୁ ଶତ୍ରୁ ବଳାତ୍କାର କରୁଥିବା ଦେଖି ମୁଁ ଅହିଂସା ଧର୍ମ ପାଳନ କରିବି କେମିତି? ବୁଦ୍ଧ କହିଥିଲେ, ଶାନ୍ତି ରକ୍ଷାର ସମସ୍ତ ଉଦ୍ୟମ ଅସଫଳ ହେଲା ପରେ ନ୍ୟାୟ ପାଇଁ ସଂଗ୍ରାମ କରିବା ତୁମର କର୍ତ୍ତବ୍ୟ। ମାତ୍ର ଲଢ଼େଇରେ ତମେ ଯଦି ବିଜୟୀ ହୁଅ,ତେବେ ଶତ୍ରୁ ପ୍ରତି ଘୃଣା ନୁହେଁ, ପ୍ରେମପୂର୍ଣ୍ଣ ବ୍ୟବହାର କରିବା ଉଚିତ।

ଏହି ମର୍ମରେ ଗାନ୍ଧୀ ବି କହନ୍ତି-ଅହିଂସା ଉପାୟରେ ଅନ୍ୟକୁ ପ୍ରତିରୋଧ କରିବା ହିଁ ଜୀବନର ସର୍ବଶ୍ରେଷ୍ଠ ପଥ। ଅହିଂସାର ରାସ୍ତାରେ ଜୀବନକୁ ବାଜି ଲଗାଇ ନ ପାରିଲେ ନୀରବରେ ଅନ୍ୟାୟକୁ ସହିବା ଅପେକ୍ଷା ପ୍ରବଳ ଆକ୍ରମଣର ପ୍ରତିରୋଧ କରି ଜୀବନ ହରାଇବା ଶ୍ରେୟସ୍କର। କାରଣ ଅହିଂସା କେବେ ଭୀରୁର ଧର୍ମ ନୁହେଁ, ତାହା ବୀରର ଧର୍ମ।

ଇତିହାସ କହେ ବୁଦ୍ଧ ଥିଲେ ନିରୀଶ୍ୱରବାଦୀ। ଅଥଚ ସେହି ଐତିହାସିକ ପୁରୁଷ ବୁଦ୍ଧଙ୍କୁ ଭଗବାନଙ୍କ ନବମ ଅବତାର କହି ହାତଗୋଡ଼ ବାନ୍ଧି ବସେଇ ଦିଆଗଲା ଅମୋଘସିଦ୍ଧି ମୁଦ୍ରାରେ। ଫଳରେ ଯେଉଁ ଭାରତ ଭୂଖଣ୍ଡରେ ବୌଦ୍ଧଧର୍ମ ଉତ୍ପତ୍ତି ଲଭିଥିଲା,କ୍ରମଶଃ ସେହି ମାଟିରେ ବିପନ୍ନ ହୋଇ ପଡ଼ିଲା ବୌଦ୍ଧଧର୍ମ ଓ ସଂସ୍କୃତିର ସ୍ଥିତି। ମାତ୍ର ତାହା ବିଶ୍ୱ ମାନବ ପାଇଁ ଆଲୋକ ବର୍ତ୍ତିକା ହୋଇ ରହିଗଲା କାଳକାଳ ପାଇଁ।

**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

## ଏଇ ଭାରତରେ

ଭୋକିଲାଙ୍କ ପେଟ ଚିନ୍ତା ଥିଲା ଅହମଦାବାଦର ମଞ୍ଜୁଳାବେନ୍‌ଙ୍କର। ତାଙ୍କ ଆଖପାଖରେ କେହି କ୍ଷୁଧା ଜୀବନ ବିତାନ୍ତୁ, ଏହା ସେ ଚାହୁଁ ନ ଥିଲେ। ସେଥିପାଇଁ ସକାଳ ହେବା କ୍ଷଣି ରୋଷେଇ କରି ସେମାନଙ୍କୁ ଖାଦ୍ୟ ଯୋଗାଉଥିଲେ। ମଞ୍ଜୁଳାଙ୍କ ଦେହାନ୍ତ ପରେ ଏବେ ତାଙ୍କ ପୁଅ ମୟୂର ଓ ବୋହୂ ପ୍ରଣାଳୀ କମଦର ଏହି କାର୍ଯ୍ୟ କରୁଛନ୍ତି। ଉକ୍ତ ଦମ୍ପତି ବସ୍ତିର ଶହ ଶହ ପିଲା ଓ ବୟସ୍କଙ୍କ ପାଇଁ ଦୁଇବେଳା ରୋଷେଇ କରି ସେମାନଙ୍କ ନିକଟରେ ପହଞ୍ଚାଉଛନ୍ତି। ରୋଷେଇ ଶେଷହେବା କ୍ଷଣି ମୟୂର ଓ ପ୍ରଣାଳୀ ଟ୍ରକ୍‌ରେ ଖାଦ୍ୟ ନେଉଛନ୍ତି। ଏହି କାର୍ଯ୍ୟ ସେମାନେ 'ମଞ୍ଜୁବା କି ରୋଷେଇ' ନାମରେ ଚଳାଉଛନ୍ତି ଓ ଟ୍ରକ୍‌ର ନାମ ଦେଇଛନ୍ତି 'ମଞ୍ଜୁବା କି ରୋଷେଇ ଫୁଡ୍' ଟ୍ରକ। ଲକ୍‌ଡାଉନ୍ ସମୟରେ ଏହି ସେବା ସାମୟିକ ଭାବେ ସ୍ଥଗିତ ରହିଥିଲା। ଏବେ ସେମାନେ ପୁଣି ଆରମ୍ଭ କରିଦେଇଛନ୍ତି। ପ୍ରତିଦିନ ୩୦୦ ଲୋକଙ୍କ ପାଇଁ ଖାଦ୍ୟ ଘରେ ପ୍ରସ୍ତୁତ କରୁଛନ୍ତି। ଏହା ବ୍ୟତୀତ ସେମାନେ ଟ୍ରକ୍‌ରେ ମଧ୍ୟ ଏକ ଛୋଟ ରୋଷେଇଘର କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ମେ ୧୯୯୭

- ବିଶିଷ୍ଟ ଲେଖକ ତଥା ସାମ୍ବାଦିକ ଖୁସ୍‌ୱନ୍ତ ସିଂଙ୍କ ଆବେଦନ କ୍ରମେ ଦିଲ୍ଲୀ ହାଇକୋର୍ଟ ମେନକା ଗାନ୍ଧୀଙ୍କୁ ନୋଟିସ୍ ଜାରି କରିଛନ୍ତି।
- ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆଡ୍ କ୍ରୀଡ଼ାରେ ବିଲିୟାର୍ଡ୍ସ ଓ ସ୍ନୁକର ଇଭେଣ୍ଟ ସାମିଲ।

## ଚିରନ୍ତନୀ

ହଳିଆ ଲେଉଟେ ସୁଖେ, ଶୁଭେ ତା'ର ଗାନ
ପ୍ରେୟସୀ ସଜାଡ଼ି ବସିଥିବ ଜଳପାନ,
ପୁତ୍ର କନ୍ୟା ତା'ର
ଫେରିବା ପଥକୁ ଚାହିଁ ଜଗିଥିବେ ଦ୍ୱାର!
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | 3 | | 7 | 9 | | | | |
| 1 | | 4 | | | | | 5 | 3 |
| 4 | | 6 | | | 7 | | 3 | |
| 3 | | | | | 2 | 5 | | |
| | 7 | 5 | | | 8 | | | |
| | | 1 | | | 9 | | | 6 |
| | | | | 4 | | | | |
| 9 | | | | | | 3 | | 2 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 7 | 8 | 1 | 2 | 5 | 3 | 4 |
| 5 | 8 | 4 | 9 | 3 | 6 | 7 | 1 | 2 |
| 2 | 1 | 3 | 5 | 4 | 7 | 8 | 6 | 9 |
| 1 | 3 | 2 | 6 | 7 | 8 | 4 | 9 | 5 |
| 6 | 9 | 8 | 3 | 5 | 4 | 2 | 7 | 1 |
| 4 | 7 | 5 | 1 | 2 | 9 | 6 | 8 | 3 |
| 8 | 2 | 1 | 7 | 9 | 5 | 3 | 4 | 6 |
| 3 | 5 | 6 | 4 | 8 | 1 | 9 | 2 | 7 |
| 7 | 4 | 9 | 2 | 6 | 3 | 1 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଙ୍ଗଲ ନିଆଁ ରୋକାଯାଉ

ମହାଶୟ, ଚଳିତ ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି। ଏପ୍ରିଲ ମଧ୍ୟଭାଗରେ ପ୍ରାପ୍ତ ରିପୋର୍ଟ ଅନୁସାରେ ଦେଶର ୨୧୧ ବନଖଣ୍ଡ ଅଧୀନରେ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ଓଡ଼ିଶାର ୧୫ ଜିଲାରେ ୪୭ ବନଖଣ୍ଡ ଅଧୀନ ଜଙ୍ଗଲରେ ନିଆଁ ଲାଗିଛି। ଜଙ୍ଗଲ ବିଭାଗ ଏହି ନିଆଁକୁ ଲିଭାଇବାରେ ବିଫଳ ହୋଇଛି। ଫଳରେ ବିପୁଳ ଜଙ୍ଗଲ ସମ୍ପଦ ଧ୍ୱଂସ ହେବା ସହ ଜୀବଜନ୍ତୁଙ୍କ ଆଶ୍ରୟସ୍ଥଳୀ ବିପଦରେ ପଡ଼ିଛି। ଏଥିରୁ ରାଜ୍ୟ ଜଙ୍ଗଲ ବିଭାଗର ପାରିଲାପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ମେ, ୨୦୨୨

**ଭୋଗ ପାଇଁ ଦଳାଚକଟା: ୧୭ ଆହତ**

**ଭୋପାଳ:** ମଧ୍ୟପ୍ରଦେଶ ସାଗର ଜିଲା ଅନ୍ତର୍ଗତ ବୀଣା ସହରରେ ରବିବାର ଏକ ପ୍ରବଚନ କାର୍ଯ୍ୟକ୍ରମବେଳେ ଭୋଗ ପାଇଁ ଦଳାଚକଟା ହୋଇଛି। ଏଥିରେ ୧୭ ଜଣ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ତିନିଜଣ ଗୁରୁତର ହୋଇପଡ଼ିଥିବାବେଳେ ଅନ୍ୟ ଭକ୍ତମାନେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। କାର୍ଯ୍ୟକ୍ରମରେ ୨୫ ହଜାର ଭକ୍ତ ସାମିଲ ହୋଇଥିଲେ। ଆୟୋଜକମାନଙ୍କ ମଧ୍ୟରୁ କେତେଜଣ ଆଗଧାଡ଼ିରେ ବସିଥିଲେ। ସେମାନେ ନିଜ ସମ୍ପର୍କୀୟମାନଙ୍କୁ ପ୍ରଥମପଙ୍କ୍ତିରେ ବସାଇବା ପାଇଁ ପ୍ରୟାସ କରିବାରୁ ଦଳାଚକଟା ହୋଇଥିଲା।



**ସଂକ୍ଷେପରେ**

## ଆଖିବୁଜିଲେ ଆତ୍ମାହୁତି ଉଦ୍ୟମ କରିଥିବା ଯୁବକ

### ଏସ୍‌ପି ଅଫିସ୍ ଆଗରେ ପେଟ୍ରୋଲ ଢାଳି ନିଆଁ ଲଗାଇଥିଲେ

**ଗଞ୍ଜାମ,୧୫।୫(ଡି.ଏନ୍.ଏ.):** ଛତ୍ରପୁରସ୍ଥିତ ଏସ୍‌ପି ଅଫିସ ଆଗରେ ଶନିବାର ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିବା ଗଞ୍ଜାମ ଜିଲା ରମ୍ଭା ଥାନା ବୋରିଗାଁ ଅଞ୍ଚଳର ବାଦଲ ସାହୁଙ୍କ ରବିବାର ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ବ୍ରହ୍ମପୁର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ମୃତ ବାଦଲଙ୍କ ମା' ଝୁନି ସାହୁ ରମ୍ଭା ଥାନାରେ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ନାମରେ ଏତଲା ଦେଇଥିବା ହୁମା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମୃତକଙ୍କ ପରିବାରଙ୍କୁ ଗ୍ରାମବାସୀ ସାମାଜିକ ବାସନ୍ଦ କରିବା ଫଳରେ ସେମାନେ ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ। ଶେଷରେ ନ୍ୟାୟ ପାଇଁ ଏସ୍‌ପି ଅଫିସ ଯାଇଥିଲେ। ଦୀର୍ଘ ସମୟ ଅପେକ୍ଷା କରି ଏସ୍‌ପିଙ୍କୁ ଭେଟି ନ ପାରିବାରୁ ଶେଷରେ ନିରାଶ ହୋଇ ବାଦଲ ମାନସିକ ଭାରସାମ୍ୟ ହରାଇ ଏସ୍‌ପି ଅଫିସ ଆଗରେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଦେବା ପାଇଁ ଚରମ ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଉଛି। କିଛି ଦିନ ପୂର୍ବେ ଗ୍ରାମରେ ମୃତ ବାଦଲ ଗାଳି ଗୁଲଜ କରିବା ନେଇ ଗ୍ରାମବାସୀଙ୍କ ଅଭିଯୋଗ ପରେ ପୋଲିସ ତାଙ୍କୁ ଦୁଇ ଦିନ ଅଟକ ରଖିଥିଲା।

# ମହଙ୍ଗା ମାଡ଼କୁ ମାପ ଓଜନରେ ଠକେଇ

*ଖାଉଟି ସାମଗ୍ରୀର ଅହେତୁକ ଦରବୃଦ୍ଧି ଯୋଗୁ ଅନେକ କମ୍ପାନୀ ମୂଲ୍ୟ ନ ବଢ଼ାଇ ସାମଗ୍ରୀର ଓଜନ ହ୍ରାସ କରୁଛନ୍ତି। ହେଲେ ପରିତାପର ବିଷୟ ଅନେକ ବ୍ୟବସାୟୀ ସମ୍ପ୍ରତି ମହଙ୍ଗା ମାଡ଼ ସମୟରେ ମାପ ଓଜନରେ ଠକେଇ କରି ଲୁଟୁଛନ୍ତି। ହାଣ୍ଡିଶାଳ ଉପରେ ମହଙ୍ଗା ମାଡ଼ ଯୋଗୁ ଲୋକଙ୍କ ଚଳଣି ଦୁର୍ବିଷହ ହୋଇପଡ଼ିଥିବାବେଳେ ମାପ ଓଜନରେ ଠକେଇ ଅଧିକ ଚିନ୍ତା ବଢ଼ାଇଛି। ଅସାଧୁ ବ୍ୟବସାୟୀଙ୍କୁ ଧରି ଦଣ୍ଡିତ କରିବାର ଜରୁରୀ ଆବଶ୍ୟକତା ଥିବାବେଳେ ବୈଧମାପ ବିଜ୍ଞାନ ବିଭାଗର ଚଢ଼ାଉ ନୈରାଶ୍ୟଜନକ ରହିଛି।*

**ଚଢ଼ାଉ ନୈରାଶ୍ୟଜନକ**




**ଯାଜପୁର ଅଫିସ,୧୫।୫**

ରାଜ୍ୟରେ ଖାଉଟିଙ୍କୁ ମାପ ଓ ଓଜନରେ ବ୍ୟାପକ ଠକେଇର ଶିକାର ହେବାକୁ ପଡୁଛି। ଏହାକୁ ନିୟନ୍ତ୍ରଣ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନ ବୈଧମାପ ବିଜ୍ଞାନ ବା ଲିଗାଲ ମେଟ୍ରୋଲୋଜି(ଏଲ୍‌ଏମ୍) ନିର୍ଦ୍ଦେଶାଳୟ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯିବା ସହ ତଦନ୍ତ ନିର୍ଦ୍ଦେଶ ହେଉଛି। ଅଥଚ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଚଢ଼ାଉ ଏବଂ ରାଜସ୍ୱ ଆଦାୟ ଆଶାନୁରୂପ ହୋଇପାରୁନାହିଁ। ୨୦୨୧-୨୨ ବର୍ଷରେ ଧାର୍ଯ୍ୟଲକ୍ଷ୍ୟ ୧୫.୭୫ କୋଟିରୁ ୧୪.୧୨ କୋଟି ଟଙ୍କାର (୮୯.୬୬%) ରାଜସ୍ୱ ଆଦାୟ ହୋଇପାରିଛି। ଏଥିରେ କେବଳ ଢେଙ୍କାନାଳ, ଗଜପତି, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼ ଓ ନୂଆପଡା ଜିଲାରେ ଧାର୍ଯ୍ୟଲକ୍ଷ୍ୟଠାରୁ ଅଧିକ ସଫଳତା ମିଳିଛି। ବଲାଙ୍ଗୀର ଜିଲାରେ ସର୍ବନିମ୍ନ ୬୮.୭୭% ରାଜସ୍ୱ ଆଦାୟ ହୋଇଛି। ସେହିପରି ବେପାରୀଙ୍କୁ ଯାଞ୍ଚ (ଭେରିଫିକେଶନ ଅଫ ଟ୍ରେଡର୍ସ) କ୍ଷେତ୍ରରେ ଅନୁଗୋଳ, ବଲାଙ୍ଗୀର, ଦେବଗଡ଼, ଢେଙ୍କାନାଳ, ଯାଜପୁର, କଳାହାଣ୍ଡି ଓ ସୋନପୁର ଜିଲାର ସଫଳତା ଗତବର୍ଷ ଅପେକ୍ଷା ନୈରାଶ୍ୟଜନକ ରହିଛି। ଆଇନ ଉଲ୍ଲଂଘନକାରୀ ବେପାରୀଙ୍କୁ ଚିହ୍ନଟ କରି ମାମଲା ରୁଜୁ କ୍ଷେତ୍ରରେ ଭଦ୍ରକ, ବଲାଙ୍ଗୀର, ବୌଦ୍ଧ, କଟକ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଓ ସୋନପୁର ଜିଲାର ସଫଳତା ଆଶାନୁରୂପ ହୋଇପାରିନାହିଁ। ଏହିକ୍ରମରେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ପାଦନାରେ ଉନ୍ନତି ଆଣିବାକୁ ଗତ ସମୀକ୍ଷା ବୈଠକରେ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବିଭାଗ ପକ୍ଷରୁ ୧୬.୫ କୋଟି ଟଙ୍କା ରାଜସ୍ୱ ଆଦାୟ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି।

ବ୍ୟବସାୟିକ ଅନୁଷ୍ଠାନ, ଶିଳ୍ପାଞ୍ଚଳ ଓ ଖଣିରେ ଥିବା ୱେବ୍ରିଜ, ବଜାର, ସୁନା ଦୋକାନ, ପରିବା, ରାଶନ ଦୋକାନ, ପେଟ୍ରୋଲ ଟାଙ୍କି ଇତ୍ୟାଦିରେ ଓଜନ ଓ ମାପରେ ବ୍ୟାପକ ଅନିୟମିତତା ହେଉଛି ବୋଲି ଅଭିଯୋଗ ହୋଇଆସୁଛି। ଓଜନ ଯନ୍ତ୍ରର ଉପଯୁକ୍ତ ଭାବେ ସିଲ୍ ଓ କ୍ରମାଙ୍କ କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ହେଉଥିବାରୁ ନିରୀକ୍ଷଣ କରି ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଲିଗାଲ ମେଟ୍ରୋଲୋଜି ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇ ଆସୁଛି। ହେଲେ ସେହି ବ୍ୟବସ୍ଥାର ସୁଧାର ହେଉ ନାହିଁ। ଫଳରେ ଖାଉଟିମାନେ ବିଭିନ୍ନ ସମୟରେ ଶୋଷଣର ଶିକାର ହେଉଛନ୍ତି।

## ଅଫିସ ନିର୍ମାଣ ନ ହୋଇ ପଡ଼ିରହିଛି ୧୩ କୋଟି

ରାଜ୍ୟ ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟ ଅଧୀନରେ ଜିଲାସ୍ତରରେ ୩୦ ସହକାରୀ ନିୟନ୍ତ୍ରକ କାର୍ଯ୍ୟାଳୟ ଖୋଲାଯାଇଛି। ଏହାସହ ସମଗ୍ର ଓଡ଼ିଶାରେ ୭୨ ପ୍ରୟୋଗଶାଳା କାମ କରୁଛି। ହେଲେ ଅଧିକାଂଶ ଜିଲାସ୍ତରୀୟ କାର୍ଯ୍ୟାଳୟର ନିଜସ୍ୱ ଗୃହ ନାହିଁ। ଏଥିପାଇଁ ବିଭାଗ ପକ୍ଷରୁ ୧୩ କୋଟି ଟଙ୍କା ମଞ୍ଜୁର ହୋଇଛି। ହେଲେ ସେଥିରୁ ମାତ୍ର ଗୋଟିଏ ନୟାଗଡ଼ ଜିଲାରେ ବୈଧମାପ କାର୍ଯ୍ୟାଳୟ ନିର୍ମାଣାଧୀନ ରହିଛି। ଏଥିପାଇଁ ୨୦୧୮-୧୯ରେ ୧.୩୪ କୋଟି ଟଙ୍କା ମଞ୍ଜୁର ହୋଇଛି। ଅନ୍ୟପକ୍ଷେ କଟକ କାର୍ଯ୍ୟାଳୟ ପାଇଁ ୨ଟି ପର୍ଯ୍ୟାୟରେ ୩୩ ଲକ୍ଷ ଟଙ୍କା, ଯାଜପୁର କାର୍ଯ୍ୟାଳୟ ପାଇଁ ୮୦.୧୫ ଲକ୍ଷ ଟଙ୍କା ଓ ଭଦ୍ରକ ଜିଲା ପାଇଁ ୧.୬୫ କୋଟି ମଞ୍ଜୁର ହୋଇଥିଲେ ହେଁ ଜମି ବିବାଦ ପାଇଁ ୪ ବର୍ଷ ହେଲା ନିର୍ମାଣ କାର୍ଯ୍ୟ ଅଟକି ରହିଛି। ସେହିପରି ୨୦୨୦-୨୧ରେ ପୁରୀ ପାଇଁ ୧.୨୪ କୋଟି, ବାଲୁଗାଁ କାର୍ଯ୍ୟାଳୟ ପାଇଁ ୮୩.୭୦ ଲକ୍ଷ, ପାରଳାଖେମୁଣ୍ଡି ପାଇଁ ୯୯.୮୨ ଲକ୍ଷ, କେନ୍ଦ୍ରାପଡ଼ା ପାଇଁ ୧.୨୪ କୋଟି ଏବଂ ବୌଦ୍ଧ ଜିଲା ପାଇଁ ୧.୫୧ କୋଟି ଟଙ୍କା ମଞ୍ଜୁର ହୋଇଥିଲେ ହେଁ ଏଯାଏ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହୋଇ ପାରିନାହିଁ। ଅଧିକାରୀମାନେ ଜମି ଅଧିଗ୍ରହଣ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ଯାଜପୁର ଓ ଆସ୍କା କାର୍ଯ୍ୟାଳୟ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ତେଣୁ ପୂର୍ତ୍ତ ବିଭାଗ ସହିତ ଆଲୋଚନା କରି ସେହି କ୍ୟାମ୍ପସରେ ନୂତନ ଗୃହ ନିର୍ମାଣ କରିବାକୁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଏହାବାଦ୍ ବିଭାଗ ଖାଉଟି ସଚେତନତା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଉନାହିଁ। ଏଥିପାଇଁ ଗତ ୩ ବର୍ଷ ହେଲା ୩୦ ଜିଲାକୁ ମଞ୍ଜୁର ୫୨.୬୦ ଲକ୍ଷ ଟଙ୍କା ବିନିଯୋଗ ନ ହୋଇ ପଡ଼ି ରହିଛି।

## ସରପଞ୍ଚଙ୍କ ଜାଲ୍ ଦସ୍ତଖତ କରି ବ୍ୟବସାୟୀ ଗିରଫ

**ଶିକ୍ଷକମାନଙ୍କୁ ବଦଳି ପାଇଁ ଡିଇଓ, ବିଇଓଙ୍କୁ ଚିଠି ଲେଖିଥିଲେ**

**ମାଲକାନଗିରି/କାଲିମେଳା,୧୫।୫(ଡି.ଏନ୍.ଏ.)**

ସରପଞ୍ଚଙ୍କ ଜାଲ୍ ଦସ୍ତଖତ କରି ଶିକ୍ଷକମାନଙ୍କୁ ବଦଳି କରାଇବା ପାଇଁ ଡିଇଓ ଏବଂ ବିଇଓଙ୍କୁ ଚିଠି କରିବା ଘଟଣାରେ ବ୍ୟବସାୟୀ ମୌସୁମ ଖାଁଙ୍କୁ ମାଲକାନଗିରି ଜିଲା ମୋଟୁ ପୋଲିସ ଗିରଫ କରିଛି।

ସୂଚନାଯୋଗ୍ୟ, କାଲିମେଳା ବ୍ଲକ ମୋଟୁ ପଞ୍ଚାୟତର ସରପଞ୍ଚ ରୁଚି କତାମଙ୍କ ଜାଲ୍ ଦସ୍ତଖତ କରି ସ୍ଥାନୀୟ ଅଞ୍ଚଳର କେତେଜଣ ଶିକ୍ଷକଙ୍କୁ ବଦଳି କରାଇବା ପାଇଁ ମୌସୁମ ଡିଇଓ ଏବଂ ବିଇଓଙ୍କୁ ଏକ ଚିଠି ପଠାଇଥିଲେ। ଏହା ଜଣାପଡ଼ିବା ପରେ ତାଙ୍କ ଦସ୍ତଖତକୁ ନକଲ କରି ଚିଠି କରାଯାଇଥିବା ନେଇ ମୋଟୁ ସରପଞ୍ଚ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମୋଟୁ ଥାନା ପୋଲିସ ୫୦/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ମୌସୁମଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଦୁଇଦିନ ତଳେ ସରପଞ୍ଚଙ୍କ ଜାଲ୍ ଦସ୍ତଖତ ବ୍ୟବହାର କରିବା ଏବଂ ଅନ୍ୟ ସମସ୍ୟାକୁ ନେଇ ମୁରଲିଗୁଡ଼ା ଗ୍ରାମରେ ୪ ପଞ୍ଚାୟତର ଗ୍ରାମବାସୀଙ୍କୁ ନେଇ ଜନପ୍ରତିନିଧିମାନେ ଏକ ବୈଠକ କରିଥିଲେ। ଏ ନେଇ ରାଜ୍ୟପାଳଙ୍କୁ ଅବଗତ ନିମନ୍ତେ ଦାବିପତ୍ର ପ୍ରଦାନ କରାଯାଇଥିବା ନେଇ ଆଲୋଚନା ହୋଇଥିଲା।

## ମାଉଣ୍ଟ ଏଭରେଷ୍ଟ ଶିଖରରେ ସିଦ୍ଧାର୍ଥ

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**



**ମହାପ୍ରଭୁଙ୍କ ଫଟୋ ଧରି ଜାତୀୟ ପତାକା ଉଡ଼ାଇଲେ**

ମାଉଣ୍ଟ ଏଭରେଷ୍ଟର ଶିଖରରେ ପହଞ୍ଚିଛନ୍ତି ପର୍ବତାରୋହୀ ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପୁଅ ସିଦ୍ଧାର୍ଥ ରାଉତରାୟ। ରବିବାର ଭୋର ୪ଟା ୧୫ରେ ସେ ବିଶ୍ୱର ଏହି ଉଚ୍ଚତମ ଶୃଙ୍ଗରେ ପାଦ ରଖିଥିଲେ। ତେବେ ଶିଖରରେ ପହଞ୍ଚିବା ପରେ ସାଙ୍ଗରେ ନେଇଥିବା ଶ୍ରୀଜଗନ୍ନାଥଙ୍କ ଏକ ଫଟୋକୁ ଧରି ଭାରତର ଜାତୀୟ ପତାକା ଉଡ଼ାଇଛନ୍ତି ସିଦ୍ଧାର୍ଥ।

ପୂର୍ବରୁ ସିଦ୍ଧାର୍ଥ ଉତ୍ତର ଆମେରିକା, ଦକ୍ଷିଣ ଆମେରିକା ଓ ଆଫ୍ରିକାର ୩ ଶୃଙ୍ଗର ଶୀର୍ଷରେ ପହଞ୍ଚି ସାରିଛନ୍ତି। ଏଥିସହ ୭ ମହାଦେଶରେ ଥିବା ୭ ଉଚ୍ଚତମ ଶୃଙ୍ଗରେ ସେ ଜଗନ୍ନାଥଙ୍କ ପତାକା ଓ ଜାତୀୟ ପତାକା ଉଡ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିସହ ସିଦ୍ଧାର୍ଥ ୫୧୨ କି.ମି. ଟ୍ରାଏଥଲନ୍ ସମ୍ପୂର୍ଣ୍ଣ କରି ପ୍ରଥମ ଓଡ଼ିଆ ଅଲଟ୍ରାମ୍ୟାନ୍ କୀର୍ତ୍ତି ରଚିଛନ୍ତି। ଏଥିରେ ସେ ୧୦ କି.ମି. ସନ୍ତରଣ, ୪୧୮ କି.ମି. ସାଇକେଲ୍ ଯାତ୍ରା ଓ ୮୪ କି.ମି. ଦୌଡ଼ ପ୍ରତିଯୋଗିତାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସଫଳତାର ସହ ପୂର୍ଣ୍ଣ କରିଥିଲେ। ୨୦୧୬ରେ ଫ୍ଲୋରିଡ଼ା ଟ୍ରାଏଥଲନରେ ଭାଗ ନେଇ ଓଡ଼ିଶାର ପ୍ରଥମ ଆଇରନମ୍ୟାନ୍ ଭାବେ ପରିଚୟ ପାଇଥିଲେ। ଏଥିରେ ସେ ୪ କି.ମି. ସନ୍ତରଣ, ୧୮୦ କି.ମି. ସାଇକେଲ ଚାଳନା ଏବଂ ୪୨ କି.ମି. ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିଲେ।

## ପୁଣି ଆନ୍ଦୋଳନକୁ ଓହ୍ଲାଇବେ ୪ ହଜାର ଶିକ୍ଷକ

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

ରାଜ୍ୟର ୪ହଜାର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତୁରନ୍ତ ନିୟମିତ କରିବା ଦାବିରେ ଓଡ଼ିଶା ସରକାରୀ ହାଇସ୍କୁଲ ପ୍ରାରମ୍ଭିକ ନିଯୁକ୍ତି ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ସଂଘ କହିବାନୁସାରେ, ଗଣଶିକ୍ଷା ବିଭାଗ ଦ୍ୱାରା ଏହି ୪ ହଜାର ଶିକ୍ଷକଙ୍କୁ ୨୦୧୫ ଜୁନ୍‌ରେ ନିଯୁକ୍ତି ଦିଆଯାଇଥିଲା। ୬ମାସ କାର୍ଯ୍ୟ କରିବା ପରେ କୌଣସି ଭୁଲ୍ ନ ଥାଇ ସରକାର ସେମାନଙ୍କୁ ହଠାତ୍ ଛଟେଇ କରିଦେଲେ। ପୁନଃନିଯୁକ୍ତି ଦାବିରେ ଦୀର୍ଘଦିନ ଧରି ସେମାନେ ରାଜରାସ୍ତାରେ ଆନ୍ଦୋଳନ କରିବା ପରେ ୨୦୧୬ ଏପ୍ରିଲରେ ପୁଣି ନିଯୁକ୍ତି ଦିଆଗଲା। ତେବେ ସରକାରଙ୍କ ନିୟମାନୁସାରେ, ୬ବର୍ଷର ଶିକ୍ଷକତା ପରେ ନିୟମିତ ହେବା ସହ ସମସ୍ତ ସରକାରୀ ସୁବିଧା ସୁଯୋଗ ପାଇପାରିବେ। ଏହି ୪ହଜାର ଶିକ୍ଷକଙ୍କର ୨୦୨୨ ଏପ୍ରିଲରେ ୬ ବର୍ଷ ପୂରି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କୁ ନିୟମିତ କରିବା ପାଇଁ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ନାହିଁ। ଏହା ସମସ୍ତ ଶିକ୍ଷକଙ୍କୁ ବ୍ୟଥିତ କରିଛି। ଏ ନେଇ ବିଭାଗୀୟ ମନ୍ତ୍ରୀ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ ବୋଲି ସଂଘ ମହାସଚିବ ବିଶ୍ୱଜିତ ବିଶ୍ୱାଳ କହିଛନ୍ତି। ଆସନ୍ତା ୭ଦିନ ଭିତରେ ଯଦି ସରକାର ନିୟମିତ କରିବା ପାଇଁ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ସଂଘ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ସଭାପତି ପଞ୍ଚାନନ ଜେନା ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି।

## 'ବୈଷୟିକ ଜ୍ଞାନ ବ୍ୟବହାର କରୁଥିବା ଚାଷୀଙ୍କ ଆୟ ବଢ଼ିଛି'

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

କୃଷି କ୍ଷେତ୍ରରେ ଦିନକରେ ଫାଇଦା ମିଳେନାହିଁ। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଚାଷୀଙ୍କ ଆୟ ବଢୁ ନାହିଁ। ସାରା ଦେଶରେ ଚାଷୀଙ୍କ ଆୟ ବଢୁଛି। ଓଡ଼ିଶାର ଯେଉଁ ଚାଷୀମାନେ ଟେକ୍ନୋଲୋଜି ବ୍ୟବହାର କରୁଛନ୍ତି, ସେମାନଙ୍କ ଆୟ ବଢ଼ିଛି। ହେଲେ ରାତାରାତି ସବୁକିଛି ସମ୍ଭବ ନୁହେଁ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି।

ରାଜଧାନୀସ୍ଥିତ ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ତୋମାର କହିଛନ୍ତି, ଗତ ୮ ବର୍ଷରେ କେନ୍ଦ୍ର ସରକାର କୃଷିକ୍ଷେତ୍ର ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଓଡ଼ିଶାରେ ୨୪ ହଜାର ହେକ୍ଟର ଜମିରେ ପ୍ରାକୃତିକ ଚାଷ କରାଯାଉଛି। ଆସନ୍ତା ଦିନରେ ଏହାର ଫାଇଦା ମିଳିବ। ଡିଜିଟାଲ ଏଗ୍ରି ମିଶନ ଉପରେ କେନ୍ଦ୍ର କୃଷି ମନ୍ତ୍ରଣାଳୟ କାମ କରୁଛି। ଏଥିଲାଗି ବିଭିନ୍ନ ପ୍ରକାର ମୋବାଇଲ ଆପ୍ ତିଆରି କରାଯାଉଛି। ୨୦୨୩ ମସିହାକୁ ଜାତିସଂଘ ମାଣ୍ଡିଆର ବର୍ଷ (ମିଲେଟ୍ ଅଫ୍ ଦ ଇୟର୍) ଘୋଷଣା କରିଛି। ଏହି ବର୍ଷ ସୁଦ୍ଧା ପ୍ରତ୍ୟେକଙ୍କ ପ୍ଲେଟ୍‌ରେ ମାଣ୍ଡିଆକୁ ସାମିଲ କରିବାକୁ ବ୍ୟବସ୍ଥା କରାଯାଇଥିବା ତୋମାର କହିଛନ୍ତି। ତେବେ ଶନିବାର ଓଡ଼ିଶାରେ ପହଞ୍ଚିବା ପରେ ସେ କହିଥିଲେ, କୋଭିଡ ମହାମାରୀ ସମୟରେ ଦେଶର କୃଷି କ୍ଷେତ୍ରରେ ଅଭିବୃଦ୍ଧି ହୋଇଛି। ଏହି ଅଭିବୃଦ୍ଧିରେ ଓଡ଼ିଶାର ଯୋଗଦାନ ପ୍ରଶଂସନୀୟ ବୋଲି ସେ କହିଥିଲେ। ଏହାସହ ଓଡ଼ିଶାରେ କୃଷିକୁ ଅବହେଳା ନେଇ ଚାଷୀ ଆତ୍ମହତ୍ୟା କରୁଥିବା ଅଭିଯୋଗକୁ ସେ ଖଣ୍ଡନ କରିଥିଲେ। ସାରା ଦେଶରେ କୃଷକଙ୍କ ରୋଜଗାର ବଢ଼ିଥିବା ବେଳେ ଓଡ଼ିଶା ମଧ୍ୟ ଏଥିରେ ଅଛି ବୋଲି ତୋମାର କହିଛନ୍ତି।

## ଶ୍ରୀମନ୍ଦିର ଆଗରେ ଆଧୁନିକ ଗୀତରେ ନାଚିଲେ ଯୁବତୀ

**ଭିଡିଓ ଭାଇରାଲ ପରେ ଜଗନ୍ନାଥପ୍ରେମୀଙ୍କ ଅସନ୍ତୋଷ**

**ପୁରୀ ଅଫିସ, ୧୫।୫**



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଜଣେ ଯୁବତୀ ଆଧୁନିକ ଗୀତର ତାଳେ ତାଳେ ନୃତ୍ୟ କରୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ନେଇ ଜଗନ୍ନାଥପ୍ରେମୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ନୃତ୍ୟ ଦ୍ୱାରା ବଡ଼ଦାଣ୍ଡର ପବିତ୍ରତା ଓ ଗରିମା କ୍ଷୁଣ୍ଣ ହେଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇବା ସହ ସୋସିଆଲ ମିଡିଆରେ ସମ୍ପୃକ୍ତ ଯୁବତୀଙ୍କୁ ସମାଲୋଚନା କରାଯାଇଥିବା ଜଣାପଡ଼ିଛି।

ପ୍ରତ୍ୟେକ ବର୍ଷ ରଥଯାତ୍ରାରେ ତିନିରଥ ଆଗରେ ଓଡ଼ିଶୀ, ଗୋଟିପୁଅ, ମାହାରୀ ଆଦି ପାରମ୍ପରିକ ନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ଚତୁର୍ଦ୍ଧାବିଗ୍ରହଙ୍କୁ ଭକ୍ତମାନେ ଭକ୍ତି ନୈବେଦ୍ୟ ଅର୍ପଣ କରିଥାନ୍ତି। ସେହିପରି ମହାପ୍ରଭୁଙ୍କ ଅନେକ ଯାତ୍ରା ସମୟରେ ମଧ୍ୟ ପାରମ୍ପରିକ ଓଡ଼ିଶୀ, ମାହାରୀ ନୃତ୍ୟ ଆଦି ପରିବେଷଣ କରାଯାଇଥାଏ। ମାତ୍ର ସେହି ବଡ଼ଦାଣ୍ଡରେ ତଥା ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଆଧୁନିକ ଗୀତରେ ନୃତ୍ୟ ଘଟଣା ଧାର୍ମିକ ଭାବନାକୁ କ୍ଷୁର୍ଣ୍ଣ କରୁଥିବା ଅନେକ ପୁରୀବାସୀ ମତ ଦେଇଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ତଳେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟ ଏକ ମଠ ପାର୍ଶ୍ୱରେ ପ୍ରଶାସନ ପକ୍ଷରୁ ଲଗାଯାଇଥିବା ଅସ୍ଥାୟୀ ଗଛକୁଣ୍ଡ କଡ଼ରେ ଏକ ପ୍ରେମୀଯୁଗଳ ଲଜ୍ଜାଜନକ କାର୍ଯ୍ୟ କରୁଥିବା ଅବସ୍ଥାରେ ଧରାପଡ଼ିଥିଲେ। ପୋଲିସ ସେଠାରୁ ସେମାନଙ୍କୁ ତଡ଼ି ଦେଇଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା।

## ଏବେ ହସ୍ପିଟାଲ୍ ଦାୟିତ୍ୱ ସମ୍ଭାଳିବେ ଏସ୍‌ଏଚ୍‌ଜି ମହିଳା

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

**ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବୁ ମେଡିକାଲ କଲେଜ, ସିଡିଏମ୍‌ଓମାନଙ୍କୁ ଚିଠି**

ମିଶନ୍ ଶକ୍ତି ଅନ୍ତର୍ଗତ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟାଙ୍କୁ ଅଧିକ ସଶକ୍ତ କରିବାକୁ ଯାଇ ରାଜ୍ୟ ସରକାର ପୁଣି ଏକ ବଡ଼ ପଦକ୍ଷେପ ନେଇଛନ୍ତି। ରାଜ୍ୟରେ ଥିବା ହସ୍ପିଟାଲ୍‌ଗୁଡ଼ିକରେ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ସରକାର ନୂଆ ଦାୟିତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ଏସ୍‌ଏଚ୍‌ଜି ମହିଳା ସଦସ୍ୟାଙ୍କୁ ଆଉ ୧୩ଟି ନୂତନ କାର୍ଯ୍ୟ ହସ୍ତାନ୍ତର କରାଯିବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଥିପାଇଁ ଖସଡ଼ା ପ୍ରସ୍ତୁତ ହୋଇଛି। ହସ୍ପିଟାଲ୍‌ରେ ଡାଏଟ୍ ମ୍ୟାନେଜମେଣ୍ଟ, ହାଉସ୍‌କିପିଂ, ହେଲ୍ପଡେସ୍କ ପରିଚାଳନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ସଚେତନତା ସୃଷ୍ଟି, ମହାପ୍ରୟାଣ ଗାଡ଼ି ପରିଚାଳନା ଆଦି ୧୩ଟି କାର୍ଯ୍ୟରେ ଏସ୍‌ଏଚ୍‌ଜି ସଦସ୍ୟା ନିୟୋଜିତ ହେବେ। ଏନେଇ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ସୁମିତ୍ରା ସେନାପତି ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ଡିନ୍ ଓ ପ୍ରିନ୍ସିପାଲ ଏବଂ ସିଡିଏମ୍‌ଓମାନଙ୍କୁ ରବିବାର ଚିଠି ଲେଖି ଅବଗତ କରାଇଛନ୍ତି। ମିଶନ୍ ଶକ୍ତି ଏବଂ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ଗାଇଡ୍‌ଲାଇନ୍ ଅନୁସାରେ ଏମାନେ ସରକାରୀ କାର୍ଯ୍ୟରେ ନିୟୋଜିତ ହେବେ। ସୂଚନାଯୋଗ୍ୟ, ପୂର୍ବରୁ ଏସ୍‌ଏଚଜି ସଦସ୍ୟାଙ୍କ ଜୀବିକାରେ ଉନ୍ନତି ଆଣିବା ପାଇଁ ସରକାର ବହୁ ପଦକ୍ଷେପ ନେଇଛନ୍ତି। ଧାନକିଣାଠାରୁ ଆରମ୍ଭ କରି ଗାଁ ଗାଁରେ ବ୍ୟାଙ୍କସେବା, ଜଳ ଓ ପରିମଳ ପରିଚାଳନା, ମାଛଚାଷ, ସବୁଠି ସେମାନେ ଦକ୍ଷତା ପ୍ରଦର୍ଶନ କରିଛନ୍ତି।

## ନେଟ୍‌ୱର୍କିଂ ମାର୍କେଟିଂକୁ ବରଦାସ୍ତ କରାଯିବନି: ମନ୍ତ୍ରୀ

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ଓଡ଼ିଶାରେ ସିଧାସଳଖ ବିକ୍ରୟ(ଡାଇରେକ୍ଟ ସେଲିଂ) ଉଦ୍ଦେଶ୍ୟରେ ଯଦି କୌଣସି ସଂସ୍ଥା କିମ୍ବା ବିକ୍ରେତା ପିରାମିଡ୍ ସ୍କିମ୍ ଗ୍ରହଣ କଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରାଯିବ। ଏହାକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ରାଜଧାନୀସ୍ଥିତ ଇଣ୍ଡିଆନ ଡାଇରେକ୍ଟ ସେଲିଂ ଆସୋସିଏଶନ୍ ଦ୍ୱାରା ଆୟୋଜିତ ଓଡ଼ିଶା ପ୍ରତ୍ୟକ୍ଷ ବିକ୍ରୟ ସମ୍ମିଳନୀକୁ ସମ୍ବୋଧନ କରି ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ସିଧାସଳଖ ବିକ୍ରୟ ସଂସ୍ଥା ତଥା ରାଜ୍ୟରେ କାର୍ଯ୍ୟ କରୁଥିବା ପ୍ରତ୍ୟକ୍ଷ ବିକ୍ରେତାଙ୍କ ସମ୍ପର୍କରେ ସେମାନଙ୍କ ଠିକଣା, କର୍ମଚାରୀ ଏବଂ ଉତ୍ପାଦ ବିଷୟରେ ସବିଶେଷ ତଥ୍ୟ ଭାରତୀୟ ପ୍ରତ୍ୟକ୍ଷ ବିକ୍ରୟ ସଂଘ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ, ଯାହାଦ୍ୱାରା ଅସାଧୁ ଏବଂ ପ୍ରକୃତ ବିକ୍ରେତାଙ୍କ ମଧ୍ୟରେ ପାର୍ଥକ୍ୟ କରିବାକୁ ଉପଭୋକ୍ତା ସକ୍ଷମ ହେବେ। ଗ୍ରାହକମାନେ ଉତ୍ପାଦ ନେଇ ସବୁକିଛି ଯାଞ୍ଚ କରିବା ଉଚିତ୍। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଗ୍ରାହକଙ୍କ ସ୍ୱାର୍ଥ ଓ ପ୍ରତ୍ୟକ୍ଷ ବିକ୍ରୟ ବ୍ୟବସାୟ ମଧ୍ୟରେ ସମତୁଲ ରହିବା ସହ ଉତ୍ପାଦର ଗୁଣବତ୍ତା ନିଶ୍ଚିତ ହେବା ଆବଶ୍ୟକ।

# ଅଗମ୍ୟ ପାହାଡ଼, ଦୁର୍ଗମ ନଦୀପଥକୁ ଭୟ ନ ଥିଲା

**ଡ. ସୁରେନ୍ଦ୍ର କୁମାର ମିଶ୍ର**



ମାଣିଆବନ୍ଧରେ ଆଜି ବି ପ୍ରସ୍ତୁତି ଚାଲିଛି ବସ୍ତ୍ର ଭୂଷଣ। (ଫଟୋ: ନିରଞ୍ଜନ ଦେବକୁମାର, ନରସିଂହପୁର)




- ୨୫ଟି ଶଗଡ଼ରେ ବେଣୀଦାସ ମହନ୍ତ ପଠାଇଥିଲେ କତା ଦଉଡ଼ି
- ଅଇରି ଜଙ୍ଗଲରୁ ଆସିଥିଲା ୫ ଶଗଡ଼ କେନ୍ଦୁଫଳ

କୋଣାର୍କରେ ପଥର ପହଞ୍ଚିବା କାର୍ଯ୍ୟରେ ଯେଉଁମାନେ ଦାୟିତ୍ୱ ନିର୍ବାହ କରୁଥିଲେ, ସେମାନଙ୍କର ଗମନାଗମନ ପାଇଁ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିଲା। ଅନେକ ପାହାଡ଼ରୁ ପଥର ଆଣି ଚାପରେ ଲଦିବା ଏବଂ ଚାପ ଆସି ପଦ୍ମତୋଳା ଗଣ୍ଡରେ ପହଞ୍ଚିବା ପରେ ପଥର ଆଣି ନିର୍ମାଣ ଖଳାରେ ପହଞ୍ଚାଇବା ପାଇଁ 'ଶଗଡ଼' ବ୍ୟବହାର ହୋଇଥିଲା। ଶହ ଶହ ଶଗଡ଼ ଓ ଶଗଡ଼ିଆ ଏଥିପାଇଁ ନିଯୁକ୍ତ ହୋଇଥିଲେ। ଏଇମାନେ ହିଁ ପଥର ବୋହିବା କାର୍ଯ୍ୟ ସରିବା ପରେ ବିଭିନ୍ନ କିସମର ବାଉଁଶ ଏବଂ କାଠ ଆଣି ପହଞ୍ଚାଇଥିଲେ।

ଚିଲିକାର ଉତ୍ତର କୂଳରେ ଅବସ୍ଥିତ ନଇରୀରୁ ୨୨୦୦ ମୂଳିବାଉଁଶ ଆସିବା ପରେ ନାଗପୁର ଓ ବଣିବନ୍ଧଠାରୁ ୨୫୦ ସରଙ୍ଗି (ସାରଙ୍ଗି) ବାଉଁଶ ଓ ୩୫ ହଜାର ୩୦ଟି କଣ୍ଟାବାଲିଙ୍ଗି ବାଉଁଶ ଆଣିଥିଲେ।

ଗମନାଗମନ ପାଇଁ ୩୦ ହାତୀ ଓ ୮୦ ଘୋଡ଼ା କୋଣାର୍କରେ ରହୁଥିଲେ। ହାତୀଆଳ ଓ ଘୋଡ଼ା ସବାରମାନେ ଶିବିର ପକାଇ ରହୁଥିଲେ। ଘୋଡ଼ାମାନଙ୍କ ଦେଖାରଖା କରିବା ପାଇଁ ହାତୀଶାଳ ଓ ଘୋଡ଼ାଶାଳ ନିର୍ମାଣ ହୋଇଥିଲା। ହାତୀଙ୍କ ପାଇଁ ଧାନ ଯେପରି ଖଞ୍ଜାଯାଇଥିଲା, ଘୋଡ଼ାଙ୍କ ଖାଇବା ପାଇଁ ସେହିପରି କୋଳଥ, ମୁଗ ଓ ବିରି ଯୋଗାଇ ଦିଆଯାଉଥିଲା।

ମନ୍ଦିର ନିର୍ମାଣ ବେଳେ ହାତୀ, ଘୋଡ଼ା, ବଳଦ, ମଇଁଷିଙ୍କୁ ବ୍ୟବହାର କରାଯାଇଥିଲା। ବଳଦ ଓ ମଇଁଷି ଶଗଡ଼ ଏବଂ ଶଗଡ଼ି ଟାଣୁଥିଲେ। ଶଗଡ଼ିଆ ଓ ବଳଦଙ୍କ ଖାଇବା ବ୍ୟବସ୍ଥା ଭଣ୍ଡାରରୁ କରାଯାଉଥିଲା। ନଡ଼ିଆ କତାର ଦଉଡ଼ି ଆଣିବାକୁ ୨୫ଟି ଶଗଡ଼ ଲାଗିଥିଲା। ମହନ୍ତ ବେଣୀଦାସ ଦଉଡ଼ି ପଠାଇଥିଲେ ରାମ ଦାସ ଓ ସୁର ସିଂହଙ୍କ ମାର୍ଫତ୍‌ରେ। ମନ୍ଦିରର ମୂଳଦୁଆ ପୋତା ପାଇଁ ୪୦ ଶଗଡ଼ ଗୋଡ଼ି ଶଗଡ଼ରେ ଆସିଥିଲା। ପଠାଇଥିଲେ କୃପାସିନ୍ଧୁ ପଟ୍ଟନାୟକ। ଅଇରି ଜଙ୍ଗଲରୁ ୫ ଶଗଡ଼ କେନ୍ଦୁଫଳ, ରଇକଟା ଦଳବେହେରା (ଲଙ୍କାପଡ଼ା ଦଳବେହେରା ଭାବେ ପରିଚିତ) ପଠାଇଥିଲେ ଶଗଡ଼ିରେ ଆମ୍ବକଡ଼ି। ଚିଣିଆ କାଠରେ ନିର୍ମିତ ହେଉଥିବା ଶଗଡ଼ିରେ ଗୋଲରାଗଡ଼ ସାଆନ୍ତ ପଠାଇଥିଲେ ୧୧୦୦ ଚିଣିଆ କାଠର କଡ଼ି, ୨୩୦ଟି ବନ୍ଧନ କାଠପଟା, ୨୦୦ ଖଣ୍ଡ ପଣସ କାଠର କଡ଼ି ଓ ୩୦୦ ଆମ୍ବ କାଠର କଡ଼ି। କରତରେ କାଟିବାକୁ ମହାରଣା ରହିଥିଲେ। ଖୁଣ୍ଟିଆ ବିଶୋଇ ଜମେଇ ନାରାୟଣ ଏଗୁଡ଼ିକ ବୋହିଆଣି ମଣତି ଦେଇଥିଲେ।

ଆମେ ଏ ସବୁ ଲେଖିବାର ଉଦ୍ଦେଶ୍ୟ ସ୍ପଷ୍ଟ। ଶଗଡ଼/ଶଗଡ଼ି ତିଆରିବା, ଶଗଡ଼ିଆ, ପଠାଇବା ଲୋକ, ମଣତି ଦେବା ଲୋକ, କରତରେ କାଠ କାଟିବା ମହାରଣାମାନେ ସମସ୍ତେ ଥିଲେ ଓଡ଼ିଆ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଶଗଡ଼ରେ ହିଁ ଅନେକ ଜିନିଷ ଆସିଥିଲା।

ଲୁହା ତରଳାଇବାକୁ ଅଙ୍ଗାର ଆସିଥିଲା ଶଗଡ଼ରେ। ରାଧୁ ପଟ୍ଟନାୟକ ଦାୟିତ୍ୱରେ ଥିଲେ। ମାଣିଆବନ୍ଧ ଧୋତି ଶଗଡ଼ରେ ପଠାଇଥିଲେ ସାରଙ୍ଗଗଡ଼ର ଗଡ଼ନାୟକ ବିଦ୍ୟାଧର ଅଧିକାରୀ। ନଡ଼ିଆ ଗଛର ବରଡ଼ା ପତ୍ର ୧୪ଟି ବଳଦ ଶଗଡ଼ରେ ପଠାଇଥିଲେ ଜଙ୍କିଆପାଟର ପାଟସାହାଣୀ। ଓଡ଼ିଶା ବାହାରୁ ଏ ସବୁ ଆସି ନ ଥିଲା କିମ୍ବା ବାହାର ଲୋକ ପଠାଇ ନ ଥିଲେ କି ବାହାର ଲୋକ ଆଣି ନ ଥିଲେ। ଏହାକୁ ଅନୁସନ୍ଧାନ ନ କରି ନିର୍ବିକାର ଭାବରେ ମତ ଦେଇଦେଲେ କେତେଜଣ ଲେଖକ ଯେ, ଓଡ଼ିଶାର ଲୋକ ଏପରି ବିସ୍ମୟପୂର୍ଣ୍ଣ ମନ୍ଦିର ନିର୍ମାଣ କରି ନ ଥିଲେ।

ବାରମ୍ବାର ସତକୁ ମିଛ ବୋଲି ଦୋହରାଇବା ଓ ଛେଳିକୁ କୁକୁର ବୋଲି ପ୍ରମାଣିତ କରିବାର ପ୍ରୟାସ ବେଳେ ବେଳେ ଗୋଳମାଳିଆ କରେ ମନକୁ। ମନ୍ଦିର ନିର୍ମାଣ ପାଇଁ ଓଡ଼ିଆ ନିଜ ରକ୍ତକୁ ପାଣି ଫଟେଇ ରାତି ଦିନ ଏକାକାର କରିଦେଇଥିଲେ। ଜଣେ ବାଧବାଧକତାରେ ଏକଥା କରିପାରିବ! ନିର୍ଯାତିତ ହୋଇ କରିପାରିବ!! ଉତ୍ସାହ, ଉଦ୍ଦୀପନା, ନିଷ୍ଠା ଓ ସାହସ ନ ଥିଲେ ଦୁର୍ଗମ ନଦୀପଥ, ଅଗମ୍ୟ ପାହାଡ଼, ଅଝାଡ଼ ଜଙ୍ଗଲକୁ ଅତିକ୍ରମ କରି ଓଡ଼ିଶୀ ଶିଳ୍ପ ନିପୁଣତାର ଶ୍ରେଷ୍ଠ କୃତିଟିଏ ସମ୍ଭବ ହୋଇଥାନ୍ତା?

ଗଜପତି ଯଦି ଅତ୍ୟାଚାର କରୁଥାନ୍ତେ, କୋଣାର୍କକୁ ବିଜେ କରୁଛନ୍ତି ବୋଲି ଖବର ପାଇ ସମସ୍ତ ଶିଳ୍ପୀ ମାଘମାସ ପଞ୍ଚମୀ ଦିନ ନିର୍ମାଣ କାର୍ଯ୍ୟ ବନ୍ଦ କରିଥାନ୍ତେ ଆଉ ଘୋଡ଼ା, ହାତୀ ଓ ବାଜା ସହିତ ଶୋଭାଯାତ୍ରା କରି ଯାଇଥାନ୍ତେ କଂଚି ନଦୀ କୂଳକୁ! କଂଚି ନଦୀ ହେଉଛି କୁଶଭଦ୍ରା ନଦୀର ଏକ ଶାଖା। ଗଜପତି ଏହି ନଦୀର ମୁହାଣରେ ଓହ୍ଲାଇଥିଲେ। ମିଳିତ ସହଯୋଗ, ସମମାନସିକତା ସହଭାଗିତା ହିଁ ଓଡ଼ିଶୀ ପରମ୍ପରା। ତାହା ବଳିଷ୍ଠ ଥିଲା ବୋଲି ଆମେ ଆଶ୍ଚର୍ଯ୍ୟମୟ କୃତିଟିଏ ବିଶ୍ୱ ଆଗରେ ଠିଆ କରାଇପାରିଥିଲୁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ମେ ୨୦୨୨



## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜଙ୍କ ଶୀତଳ ଷଷ୍ଠୀ ଯାତ୍ରା ପ୍ରସ୍ତୁତି

ପୁରୁଣା ଭୁବନେଶ୍ୱର,୧୫ା୫(ଡି.ଏନ୍.ଏ.): ଆସନ୍ତା ଜୁନ୍ ୫ ତାରିଖରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଯାତ୍ରା। ଏନେଇ ଶୀତଳ ଷଷ୍ଠୀ କମିଟି ପକ୍ଷରୁ ସ୍ଥାନୀୟ ଟାଉନ କ୍ଲବ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧକ୍ଷତାରେ ବିଭିନ୍ନ ନିଯୋଗ ପ୍ରମୁଖ ସେବାୟତ ଯୋଗଦେଇଥିଲେ। ଚଳିତ ବର୍ଷ କୋଭିଡ୍ କଟକଣା କୋହଳ ଥିବାରୁ ଶିବ ବିବାହ ତଥା ଦେବଦମ୍ପତିଙ୍କ ବିବାହ ଉତ୍ସବ, ବରଯାତ୍ରୀଙ୍କ ଗମନ ଓ ଫେରନ୍ତା ଯାତ୍ରାର ରୋଷଣୀ ସୁରୁଖୁରରେ ସମାପନ କରାଯିବ ନେଇ ଆଲୋଚନା ହୋଇଥିଲା। ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା, ବ୍ରାହ୍ମଣ ନିଯୋଗ ସମ୍ପାଦକ ବୀରଞ୍ଚି ନାରାୟଣ ପତି, ବଡୁ ନିଯୋଗର ଜିତେନ୍ଦ୍ର ବଡୁ, ସ୍ଥାନୀୟ କର୍ପୋରେଟର ଶିବ ବେହେରା, ସେବାୟତ ଦାଶରଥି ଗରାବଡୁ, ବେଣୁଧର ପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ନାବାଳକଙ୍କ ତଣ୍ଟି କାଟିବା ଘଟଣା, ୨ ଗିରଫ

ଭୁବନେଶ୍ୱର,୧୫ା୫(ବ୍ୟୁରୋ) : ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡଠାରେ ଜମାଣଯାତ୍ରା ଚାଲିଥିବା ସମୟରେ ୬ଜଣ ଦୁର୍ବୃତ୍ତ ସ୍ମୃତି ରଞ୍ଜନ ନାମକ ଜଣେ ନାବାଳକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ତାଙ୍କ ତଣ୍ଟିକୁ କ୍ଷୁରରେ କାଟି ଫେରାର ହୋଇଯାଇଥିଲେ। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଘଟଣାର ୧୧ ଦିନ ପରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ଧଉଳି ଥାନା ପୋଲିସ । ସେମାନେ ହେଲେ ଶିଶୁପାଳଗଡର ସତ୍ୟପ୍ରକାଶ ହାତୀ(୨୨) ଓ ଅଭିଷେକ ନାୟକ (୨୨)। ପୋଲିସ ଏକ ମାମଲା (ନଂ ୯୭/୨୨) ରୁଜୁ କରି ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଫେରାର ଥିବା ଅନ୍ୟ ୪ ଅଭିଯୁକ୍ତଙ୍କୁ ଧରିବା ଲାଗି ତଦନ୍ତ ଜାରି ରଖିଛି ପୋଲିସ । ସତ୍ୟପ୍ରକାଶ ହାତୀଙ୍କ ନାଁରେ ପୂର୍ବରୁ ଧଉଳି ଥାନାରେ ୫ ଓ ପାହାଳ ଥାନାରେ ଗୋଟିଏ ମାମଲା ରହିଛି ।

### ୨ ଚୋର ଗିରଫ, ୮ ମୋବାଇଲ ଜବତ

ଭୁବନେଶ୍ୱର,୧୫ା୫(ବ୍ୟୁରୋ) : ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଜଣେ ମହିଳାଙ୍କଠାରୁ ମୋବାଇଲ ଫୋନ ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ୨ ଜଣଙ୍କୁ ରବିବାର ଗିରଫ କରିଛି । ସେମାନେ ହେଲେ ନୟାଗଡର ବିଜୟ କୁମାର ପ୍ରଧାନ ଓରଫ ବିଜି (୨୩) ଓ ଜୟକୃଷ୍ଣ ପ୍ରଧାନ (୨୫)। ଏମାନଙ୍କଠାରୁ ବିଭିନ୍ନ କମ୍ପାନୀର ୮ ଦାମୀ ମୋବାଇଲ ଫୋନ ଓ ଗୋଟିଏ ଗାଡି (ଓଡି୨୫ଜେ୬୧୮୧) ଜବତ କରାଯାଇଛି। ଏଥିସହ ପୋଲିସ ଏକ ମାମଲା (ନଂ. ୨୪୨/୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ରବିବାର କୋର୍ଟ ଚାଲାଣ କରିଛି ।

# ଛାଇ ଖୋଜୁଛନ୍ତି ରାଜଧାନୀବାସୀ

ବନ୍ଦନା ସେଠୀ
ଭୁବନେଶ୍ୱର, ୧୫ା୫(ବ୍ୟୁରୋ)

■ବିକାଶ ନାମରେ କଟାଯାଉଛି ବୃକ୍ଷରାଜି
■୫ ବର୍ଷରେ ୯୯ ହଜାର ୮ଶହ ଗଛ ନଷ୍ଟ





ରାଜଧାନୀ ଭୁବନେଶ୍ୱର ଏବେ ରାଜ୍ୟର ଅନ୍ୟତମ ପ୍ରମୁଖ ଉତ୍ତପ୍ତ ସହର ଭାବେ ପରିଗଣିତ ହେଲାଣି। ଦିନେ ଯେଉଁ ସହର ସବୁଜ ବନାନୀରେ ଆଚ୍ଛାଦିତ ଥିଲା ଆଜି ତାହା କଂକ୍ରିଟ ସହର ପାଲଟିଲାଣି। ଏହି ସ୍ମାର୍ଟସିଟିର ଜନସଂଖ୍ୟା ଏବେ ପ୍ରାୟ ୧୨ଲକ୍ଷ ଛୁଇଁଲାଣି। ଏଠାରେ ପ୍ରତିଦିନ କୋଠାବାଡ଼ି, ଶିଳ୍ପ, କଳ କାରଖାନା ଆଦି ଗଢିଉଠୁଛି। ବାସଗୃହ, କାର୍ଯ୍ୟାଳୟ, ରାସ୍ତା ନିର୍ମାଣ ସମେତ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ବୃକ୍ଷରାଜି ବଳିପଡୁଛି। ଫଳରେ ଗଛଟିଏ ନିଜର ଅସ୍ତିତ୍ୱ ବଞ୍ଚାଇ ରଖିବା ପାଇଁ ପ୍ରୟାସ କରୁଥିବାବେଳେ ରାଜଧାନୀବାସୀଙ୍କୁ ଛାଇ ଟିକେ ମିଳିବା କଷ୍ଟକର ହୋଇପଡ଼ିଲାଣି। ବନ ବିଭାଗ ତଥ୍ୟ ଅନୁଯାୟୀ, ଭୁବନେଶ୍ୱରରେ ଗତ ୫ବର୍ଷ ମଧ୍ୟରେ ୯୯ ହଜାର ୮ଶହ ଗଛ ନଷ୍ଟ ହୋଇଛି। ସେଥିମଧ୍ୟରୁ ୯୨ହଜାର ଗଛ କେବଳ ଫନୀ ମହାବାତ୍ୟା ସମୟରେ ନଷ୍ଟ ହୋଇଥିଲା। ବାକି ୭ହଜାର ୮ଶହ ଗଛ ରାସ୍ତା ସମ୍ପ୍ରସାରଣ, ବିଦ୍ୟୁତ୍ ଖୁଣ୍ଟି, ଗୃହ, ଡାକ୍ତରଖାନା ଏବଂ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ପାଇଁ କଟାଯାଇଛି। ଅନ୍ୟପକ୍ଷରେ ସିଟି ଫରେଷ୍ଟ, ଓଏଫ୍‌ଡିସି, ବିଏମ୍‌ସି ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ସହରରେ ୩ଲକ୍ଷ ୭୭ହଜାର ଚାରା ରୋପଣ କରାଯାଇଛି। ୨୦୧୭-୧୮ରେ ୭୭ହଜାର, ୨୦୧୮-୧୯ରେ ୨ଲକ୍ଷ ୩୮ହଜାର, ୨୦୧୯-୨୦ରେ ୩୪ହଜାର, ୨୦୨୦-୨୧ରେ ୧୦ହଜାର, ୨୦୨୧-୨୨ରେ ୧୬ହଜାର ଚାରା ଲଗାଯାଇଛି। ସେହିପରି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରର ସୌନ୍ଦର୍ଯ୍ୟକରଣ ଓ ଉନ୍ନତିମୂଳକ କାର୍ଯ୍ୟ ସହିତ ବନୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ୨୦୧୭-୧୮ରେ ୧୪୭୪, ୨୦୧୮-୧୯ରେ ୩ହଜାର, ୨୦୧୯-୨୦ରେ ୫ହଜାର ଏବଂ ୨୦୨୦-୨୧ରେ ୨ହଜାର ଚାରା ରୋପଣ ହୋଇଛି। ତେବେ ୨୦୨୧-୨୨ରେ ବିଭିନ୍ନ କାରଣରୁ ଚାରା ଲଗାଯାଇନାହିଁ। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ମତରେ, ବିକାଶ ନାଁରେ ମଣିଷ ଏବେ ବିନାଶ ଆଡ଼କୁ ମୁହାଁଉଛି। କେବଳ ରାସ୍ତାକଡ଼ ଗଛ ନୁହେଁ ବିଭିନ୍ନ କାରଣରୁ ଜଙ୍ଗଲ ମଧ୍ୟ କଟାଯାଉଛି। ଜଙ୍ଗଲ ମାଫିଆମାନେ ଗଛ କାଟି ନେଉଛନ୍ତି। ଜନସଂଖ୍ୟା ବୃଦ୍ଧି, କଂକ୍ରିଟ ରାସ୍ତା, ଅତ୍ୟଧିକ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର, ଗାଡ଼ିମୋଟର ବ୍ୟବହାର, ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ବିକାଶ ନାମରେ ପ୍ରତିଦିନ ଶହ ଶହ ଗଛ କଟାଯାଉଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି। କିଛିଦିନ ତଳେ ରାସ୍ତା ସମ୍ପ୍ରସାରଣ ପାଇଁ ଚନ୍ଦକାରୁ ପିତାପଲ୍ଲୀ ଛକ ପର୍ଯ୍ୟନ୍ତ ପ୍ରାୟ ୧ହଜାର ଫଳନ୍ତି ଆମ୍ବ ଗଛ କଟାଯାଇଛି। ସରକାର ଚାହିଁଥିଲେ ଲୋକଙ୍କ ଜମିକୁ ନେଇ ରାସ୍ତା ସମ୍ପ୍ରସାରଣ କରିପାରି ଥାନ୍ତେ। ଆଜିର ଟେକ୍ନୋଲୋଜି ଯୁଗରେ ଗଛ ନ କାଟି ଟ୍ରି ଟ୍ରାନ୍ସପ୍ଲାଣ୍ଟର୍ ମେଶିନ୍ ଦ୍ୱାରା ଏହାକୁ ସ୍ଥାନାନ୍ତର କରାଯାଇପାରିବ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏବଂ ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କୁ ପତ୍ର ଦେଇଥିଲି। ମାତ୍ର ସୁଫଳ ମିଳିନାହିଁ। ଜଙ୍ଗଲ ନଷ୍ଟ ଓ ଗଛକଟା ଯୋଗୁ ବନ୍ୟପ୍ରାଣୀ ନିଜର ବାସସ୍ଥାନ ହରାଇ ଜନବସତି ଆଡକୁ ମାଡ଼ିଆସୁଛନ୍ତି ଏବଂ ବହୁ ସମୟରେ ଜନଜୀବନ ହାନି ଘଟୁଛି। ସେହିପରି ପରିବେଶ ସନ୍ତୁଳନ ରକ୍ଷା ହୋଇ ନ ପାରି ପ୍ରାକୃତିକ ଦୁର୍ବିପାକ ହେଉଛି। ଏ ସମ୍ପର୍କରେ ସିଟି ଡିଏଫ୍‌ଓ ଯଶୋବନ୍ତ ବରିହା କହିଛନ୍ତି, ପରିବେଶ ସନ୍ତୁଳନ ଲାଗି ଗଛର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଅନେକ ସମୟରେ ଲୋକଙ୍କ ସୁବିଧା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉନ୍ନୟନ କାର୍ଯ୍ୟ ପାଇଁ ଗଛ କାଟିବାକୁ ବନ ବିଭାଗ ଅନୁମତି ଦେଇଥାଏ। ଗୋଟିଏ ଗଛ କାଟିଲେ ତାହାର ୧୦ଗୁଣା ଟଙ୍କା ସମ୍ପୃକ୍ତ ବ୍ୟକ୍ତି ବା କର୍ତ୍ତୃପକ୍ଷଙ୍କଠାରୁ ଆଦାୟ କରାଯାଇଥାଏ, ନଚେତ ୧୦ଗୁଣା ଗଛ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଏ। ଭୁବନେଶ୍ୱରରେ ଯେହେତୁ ଜଙ୍ଗଲ ନାହିଁ ତେଣୁ ବିନା ଅନୁମତିରେ ସେପରି ଗଛ କଟାଯାଉନାହିଁ। ଗଛକୁ କଟା ନ ଯାଇ ମୂଳରୁ ଓପାଡ଼ି ଅନ୍ୟ ଏକ ସ୍ଥାନରେ ଲଗାଯାଇ ପାରିବା ଭଳି ଟେକ୍ନୋଲୋଜି ଆମ ପାଖରେ ନାହିଁ। ଚଳିତ ବର୍ଷ ବିଭାଗ ପକ୍ଷରୁ ପ୍ରାୟ ୩୦ହଜାର ଚାରା ରୋପଣର ଲକ୍ଷ୍ୟ ରଖାଯାଇଛି। ବିଏମ୍‌ସି ସହିତ ଏ ନେଇ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ବିଏମ୍‌ସି ପରିବେଶ ବିଭାଗ ଅଧିକାରୀ ବସନ୍ତ ମଲ୍ଲିକ କହିଛନ୍ତି, ରାଜଧାନୀରେ ଦ୍ରୁତ ଗତିରେ ଗଛ କଟା ଚାଲିଛି, ଯାହାର କୁପରିଣାମ ପରିବେଶ ଉପରେ ପଡୁଛି। ସହରର କୌଣସି ସ୍ଥାନରେ ଗଛ କାଟିବା ପାଇଁ ବିଏମ୍‌ସି ଅନୁମତି ଦିଏ ନାହିଁ। ତେବେ ଯଦି ବିପଦସଙ୍କୁଳ ଅବସ୍ଥାରେ କେଉଁଠାରେ ଗଛ ରହିଥାଏ, ତାହାକୁ କଟାଯାଏ। ସହରକୁ ସବୁଜ ସୁନ୍ଦର କରିବା ପାଇଁ ବିଏମ୍‌ସି ସର୍ବଦା ଚେଷ୍ଟା କରୁଛି। ୨୦୨୨-୨୩ ବର୍ଷରେ ଚାରା ଲଗାଇବା ପାଇଁ ପ୍ରିଲିମିନାରୀ ସର୍ଭେ ଚାଲିଛି। ସର୍ଭେ ପରେ ଓଏଫ୍‌ଡିସି, ବନବିଭାଗ, ସ୍ୱେଚ୍ଛାସେବୀ ସଂସ୍ଥା, ବିଏମ୍‌ସିର କୋ-ଅର୍ଡିନେଶନ୍ ବୈଠକ ବସିବ। ଏଥିରେ କିଏ କେତେ ଗଛ ଲଗାଇବ ଏବଂ କେତେ ବଜେଟ୍ ରହିବ ତାହା ନିର୍ଦ୍ଧାରଣ କରାଯିବ।

### କେନ୍ଦ୍ରମନ୍ତ୍ରୀ ବାଲ୍ୟାନ୍‌ଙ୍କୁ ଦୁଗ୍ଧଚାଷୀଙ୍କ ସ୍ମାରକପତ୍ର

ଭୁବନେଶ୍ୱର,୧୫ା୫(ବ୍ୟୁରୋ)

ଭାରତ ସମଗ୍ର ବିଶ୍ୱରେ ଦୁଗ୍ଧ ଉତ୍ପାଦନରେ ଶୀର୍ଷ ସ୍ଥାନ ଅଧିକାର କରିଛି। କିନ୍ତୁ କେନ୍ଦ୍ର ସରକାର ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ ଲିଟର ପିଛା ଅନ୍ୟାନ୍ୟ କୃଷି ସାମଗ୍ରୀ ଭଳି ଏପର୍ଯ୍ୟନ୍ତ ସ୍ଥିର କରିନାହାନ୍ତି। ଯଦ୍ଦ୍ୱାରା ୧୪ କୋଟି ଦୁଗ୍ଧ ଉତ୍ପାଦନକାରୀ ଅର୍ଥନୈତିକ ଶୋଷଣର ଶିକାର ହେବା ସହିତ ଅଭାବୀ ବିକ୍ରିର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ଦୁଗ୍ଧଚାଷୀମାନଙ୍କର ସମସ୍ୟା ଉପରେ ଓ ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ ଦାବି କରି ଓଡ଼ିଶା ଗସ୍ତରେ ଥିବା କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ସଞ୍ଜୀବ କୁମାର ବାଲ୍ୟାନ୍‌ଙ୍କୁ ମେ ଫେୟାର ହୋଟେଲଠାରେ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର ଏକ ତିନିଜଣିଆ ପ୍ରତିନିଧି ଦଳ ଏହାର ରାଜ୍ୟ ଅଧକ୍ଷ ରବି ବେହେରାଙ୍କ ଅଧକ୍ଷତାରେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ ୫୦ଟଙ୍କା, ଆଇ.ସି.ଡି.ଏସ୍. ପ୍ରୋଗ୍ରାମ ଓ ମଧ୍ୟାହ୍ନ ଭୋଜନରେ ପନିର ଏବଂ ଗୁଣ୍ଡ ଦୁଗ୍ଧକୁ ସାମିଲ, ଜାତୀୟ ରାଜପଥ କଡ଼ରେ ମିଲ୍କ ପାର୍ଲର, ବିଭିନ୍ନ ମନ୍ଦିର ପରିସରରେ 'ମିଲ୍କ ହବ୍' ପ୍ରଭୃତି ଉଲ୍ଲେଖ ଥିବା ଦର୍ଶାଇ ଏ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିବାକୁ ଦୁଗ୍ଧଚାଷୀ ମହାସଂଘ ଦାବି କରିଛି। ପ୍ରତିନିଧି ଦଳରେ ବେହେରାଙ୍କ ସହିତ ସର୍ବଶ୍ରୀ ସୁଦର୍ଶନ ପ୍ରଧାନ ଓ ହୃଷୀକେଶ ଷଡ଼ଙ୍ଗୀ ପ୍ରମୁଖ ସାମିଲ ଥିଲେ।

## କଳାକାଚ ପାଇଁ ଜରିମାନା ଗଣିଲେଣି ୫୧ କାର ଚାଳକ





ଭୁବନେଶ୍ୱର, ୧୫ା୫(ବ୍ୟୁରୋ)

**ଟ୍ରାଫିକ୍ ପୋଲିସର ବ୍ଲାକ୍ ସ୍କ୍ରିନ୍ ହଟାଅ ଅଭିଯାନ ଜୋର୍‌ଦାର**
■୨ ଦିନରେ ୨୫ ହଜାର ୫୦୦ ଟଙ୍କା ଜରିମାନା ଆଦାୟ
■ସପ୍ତାହ ଧରି ଚାଲିବ ଚଢ଼ାଉ , ନ ମାନିଲେ ସିଜ୍ ହେବ ଗାଡ଼ି

ରାଜଧାନୀରେ କାର୍ କାଚରୁ ବ୍ଲାକ୍ ସ୍କ୍ରିନ୍ ବା କଳା ପରଦା ହଟାଇବା ପାଇଁ କମିଶନରେଟ ଟ୍ରାଫିକ ପୋଲିସ ଶନିବାରଠାରୁ ପୁଣି ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରିଛି। ପୂର୍ବରୁ ଏନେଇ ବାରମ୍ବାର ଚଢ଼ାଉ, ଯାଞ୍ଚ ଓ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ଏବେ ଏହାକୁ ଜୋର୍‌ଦାର କରାଯାଇ ଏ ସଂକ୍ରାନ୍ତ ନିୟମକୁ କଡାକଡି କରାଯାଇଛି। ଦୁଇଦିନରେ ୫୧ କାର୍ ଚାଳକ ଜରିମାନା ଗଣିଥିବାବେଳେ ଆଗକୁ ଗାଡ଼ି ସିଜ୍ କରାଯିବ ବୋଲି ଟ୍ରାଫିକ ପୋଲିସ ଚେତାବନୀ ଦେଇଛି।
ଶନିବାର ଭଳି ରବିବାର ମଧ୍ୟ ସହରର ବିଭିନ୍ନ ସ୍ଥାନରେ ପୋଲିସ ଟିମ୍ ଯାଞ୍ଚ କରିଥିଲା। କାର୍‌ରେ ବ୍ଲାକ୍ ସ୍କ୍ରିନ୍ ଥିବା ଦେଖିବାମାତ୍ରେ ପୋଲିସ ଗାଡିକୁ ଅଟକାଇ କାଚରୁ କଳା ଜରି କାଢ଼ିଥିଲା। ଏଥିସହ ୧୭୭ ଏମ୍‌ଭି ଆକ୍ଟ ଅନୁଯାୟୀ ଜରିମାନା ମଧ୍ୟ ଆଦାୟ କରାଯାଇଥିଲା। ଏହି ୨ ଦିନରେ ଲିଙ୍ଗିପୁର, ମାଉସୀମା, ନନ୍ଦନକାନନ ରୋଡ଼, ରାମ ମନ୍ଦିର, ବାଣୀ ବିହାର, ରସୁଲଗଡ଼, ପଳାଶୁଣୀ ଓ ଜାଗମରା ଆଦି ଛକରେ ଚଢ଼ାଉ କରାଯାଇ ୫୧ଟି କାର୍‌ରୁ କଳା କାଚ କଢ଼ାଯାଇଛି। ଏଥିସହ ଚାଳକଙ୍କଠାରୁ ୫୦୦ ଟଙ୍କା ଲେଖାଏ ମୋଟ ୨୫ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଅଭିଯାନ ୭ ଦିନ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟରେ ଚାଳକମାନେ ନିୟମକୁ ମାନି କାଚରୁ କଳା ଜରି ନ ହଟାଇଲେ ସେମାନଙ୍କ କାରକୁ ଜବତ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟ୍ରାଫିକ୍ ଏସିପି ସ୍ୱସ୍ତିକ ପଣ୍ଡା କହିଛନ୍ତି।
ଉଲ୍ଲେଖଯୋଗ୍ୟ, କାର ଚାଳକମାନେ ମୋବାଇଲ କିମ୍ବା ଇଅର୍ କଡ଼ ଲଗାଇ କାର ଚଲାଉଥିବାରୁ ବାହାରକୁ ଏହା ଦିଶୁନାହିଁ। ଫଳରେ ଦୁର୍ଘଟଣା ମଧ୍ୟ ଘଟୁଛି। ସେହିଭଳି କଳା କାଚ ଲଗାଇ ଅପରାଧୀମାନେ କାରରେ ଅପହରଣ, ବଳାତ୍କାର ଭଳି ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ଘଟାଉଛନ୍ତି। ୨୦୧୨ ମେରେ ସୁପ୍ରିମକୋର୍ଟ ଅଭିଷେକ ଗୋଏଙ୍କା ବନାମ ୟୁନିଅନ୍ ଅଫ୍ ଇଣ୍ଡିଆ ମାମଲାର ଶୁଣାଣି କରି କାର୍‌ରେ କଳା କାଚ ଲଗାଇବା ବେନିୟମ ଘୋଷଣା କରିଥିଲେ। ଏଥିସହ ଏହା ବିରୋଧରେ ଚଢ଼ାଉ କରିବାକୁ ସମସ୍ତ ରାଜ୍ୟ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ର ମନ୍ତ୍ରୀ

**ଗସ୍ତ ବେଳେ ଛାତ୍ର କଂଗ୍ରେସର କାଳିମାଡ଼**



ମହାପ୍ରଭୁଙ୍କ ଦର୍ଶନ ସାରି କେନ୍ଦ୍ର ମନ୍ତ୍ରୀ ସଞ୍ଜୀବ କୁମାର ବାଲ୍ୟାନ ଫେରୁଛନ୍ତି।

ପୁରୀ ଅଫିସ, ୧୫ା୫

କେନ୍ଦ୍ର ମତ୍ସ୍ୟ ଓ ପଶୁପାଳନ ରାଷ୍ଟ୍ରମନ୍ତ୍ରୀ ସଞ୍ଜୀବ କୁମାର ବାଲ୍ୟାନ ରବିବାର ସନ୍ଧ୍ୟାରେ ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ବାଲ୍ୟାନ୍ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ତାଙ୍କୁ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଭାଜପା ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ ପ୍ରମୁଖ ସ୍ୱାଗତ କରି ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ବଲ୍ୟାନ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ଭିତରକାଠ ନିକଟକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଭିତର ବେଢାରେ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିବା ସହ କିଛି ସମୟ ସେଠାରେ ଅତିବାହିତ କରି ଫେରିଥିଲେ। ମହାପ୍ରଭୁଙ୍କ ଦର୍ଶନ କରି ଖୁସି ବୋଲି ସେ କହିଛନ୍ତି। ଶ୍ରୀମନ୍ଦିର ସେବାୟତ ଏବଂ ଭାଜପା କର୍ମୀଙ୍କ ପକ୍ଷରୁ ବାଲ୍ୟାନଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ, ପତିତପାବନ ବାନା ଓ ମହାପ୍ରସାଦ ଆଦି ପ୍ରଦାନ କରାଯାଇଥିଲା।
ଅନ୍ୟପକ୍ଷରେ ବଲ୍ୟାନଙ୍କ ଗସ୍ତ ସମୟରେ ପୁରୀରେ ଛାତ୍ର କଂଗ୍ରେସ ପକ୍ଷରୁ ତାଙ୍କୁ ବିରୋଧ କରାଯିବା ସହ ତାଙ୍କ ଗାଡ଼ିକୁ କାଳିମାଡ଼ କରାଯାଇଛି। ଛାତ୍ର କଂଗ୍ରେସର ପୁରୀ ଜିଲ୍ଲା ସଭାପତି ଆଶୁତୋଷ ମିଶ୍ରଙ୍କ ନେତୃତ୍ୱରେ ଅଗଷ୍ଟିନ ଯୋଶେଫ, ସାହିଲ ମହାନ୍ତି, ସୋମନାଥ ନାୟକ, ହେମନ୍ତ ପ୍ରଧାନ ଓ ସନ୍ଦୀପ ବିଶ୍ୱାଳ ପ୍ରମୁଖ ପୁରୀ ମାର୍କେଟ ଛକଠାରେ ବାଲ୍ୟାନଙ୍କ ଗସ୍ତକୁ ବିରୋଧ କରି ତାଙ୍କ କାରକେଡ୍ ଉପରକୁ କାଳିମାଡ଼ କରିଥିଲେ। ଦରଦାମ ବୃଦ୍ଧି, ଛାତ୍ର ଓ ଯୁବ ମାରଣ ନୀତିର ପ୍ରତିବାଦ ଏବଂ ଛାତ୍ରଙ୍କ ଅଧିକାର ଓ ହକ ଦାବିରେ କାଳିମାଡ଼ କରାଯାଇଥିବା ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି।

## ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ୍‌ର ୧୦ଦିନିଆ ସମର୍ କ୍ୟାମ୍ପ୍ ଉଦ୍‌ଯାପିତ




ଭୁବନେଶ୍ୱର,୧୫ା୫

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ 'ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ୍'ର ପଟିଆ ଶାଖା ପକ୍ଷରୁ ୧୦ ଦିନିଆ ସମର୍ କ୍ୟାମ୍ପର ଆୟୋଜନ କରାଯାଇଥିଲା। ଉକ୍ତ କ୍ୟାମ୍ପର ଉଦ୍‌ଯାପନୀ କାର୍ଯ୍ୟକ୍ରମ ସ୍ଥାନୀୟ କିଟ୍ ଅଡ଼ିଟୋରିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଟୁକୁନି ସାହୁ ଓ ମୁଖ୍ୟ ବକ୍ତାଭାବେ ସାମାଜିକ କର୍ମୀ ସୁଲତା ଦେଓ ଯୋଗ ଦେଇଥିଲେ। କ୍ୟାମ୍ପରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ବିଶେଷକରି ବିଗତ ୨ବର୍ଷ ହେବ ଛାତ୍ରୀଛାତ୍ରମାନେ କରୋନା ପାଇଁ ଅନ୍‌ଲାଇନ୍ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମରେ ଜଡିତ ହେଉଥିଲେ। ହେଲେ ଚଳିତ ବର୍ଷ ଛାତ୍ରୀଛାତ୍ର ପ୍ରତ୍ୟକ୍ଷ ଭାବେ ସବୁଥିରେ ଯୋଗଦେଇ ଆନନ୍ଦ ଅନୁଭବ କରୁଛନ୍ତି। ଏହି କ୍ୟାମ୍ପରେ ଛାତ୍ରୀଛାତ୍ରଙ୍କୁ ଯୋଗ, ସଙ୍ଗୀତ, ନୃତ୍ୟ, ଚିତ୍ର ଓ କ୍ରାଫ୍ଟ ଆଦି ବିଷୟରେ ଶିକ୍ଷା ପ୍ରଦାନ କରାଯାଇଥିଲା। ସେହିପରି ରେନ୍‌ଡ୍ୟାନ୍ସ ଓ ସୁଇମିଂରେ ଛାତ୍ରୀଛାତ୍ର ଭାଗ ନେଇଥିଲେ ବୋଲି ବିଦ୍ୟାଳୟର ଅଧକ୍ଷା ପି.ଏସ. ପ୍ରିୟଦର୍ଶିନୀ ସୂଚନା ଦେଇଛନ୍ତି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହଯୋଗ ସହ କୁନି କୁନି ପିଲାଙ୍କ ଦ୍ୱାରା ପରିବେଷିତ ମନୋରଞ୍ଜନ କାର୍ଯ୍ୟକ୍ରମରେ କ୍ୟାମ୍ପର ଉଦ୍‌ଯାପନ ସନ୍ଧ୍ୟା ଶେଷ ହୋଇଥିଲା।

## ଉତ୍କଳ ଟାଇକୁନ୍‌ସ ଆୱାର୍ଡ୍ସ , ଭୁବନେଶ୍ୱର ରନ୍‌ୱେ ସିଜନ ୬

ଭୁବନେଶ୍ୱର,୧୫ା୫(ବ୍ୟୁରୋ)

ଉତ୍କଳ ଅପଡେଟ୍‌ସ ଆଣ୍ଡ ଆଡିକ୍ସନ ଫ୍ୟାଶନ୍ ମ୍ୟାନେଜମେଣ୍ଟ ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲରେ ଉତ୍କଳ ଟାଇକୁନ୍‌ସ ଆୱାର୍ଡ୍ସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ବ୍ୟବସାୟୀଙ୍କୁ ଏହି ଆୱାର୍ଡ୍ସ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଓ ସମ୍ମାନିତ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇଥିଲେ। ଆୟୋଜକ ସୁଶ୍ରୀ ସଙ୍ଗୀତା ସାହୁ, ଜନ୍ ଅଜୟ, ଗୌରବ, ଶ୍ରୀଧର ଇପାରୀ ଓ ସୁନିଲ ମୁରର୍‌କାଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡ଼ିଶାର ଫ୍ୟାଶନ ଷ୍ଟେଟମେଣ୍ଟକୁ ନେଇ ଆୟୋଜିତ ଭୁବନେଶ୍ୱର ରନ୍‌ୱେ ସିଜନ-୬ରେ ଡିଜାଇନରମାନେ ସେମାନଙ୍କ ଡିଜାଇନ୍ ପ୍ରଦର୍ଶନ କରିଥିଲେ। ଡିଜାଇନର ପ୍ରିୟା ମହାପାତ୍ରଙ୍କ ପ୍ରିୟାସ୍ ପକ୍ଷରୁ ହସ୍ତତନ୍ତ ସମ୍ଭାର 'ଏକତ୍ର'କୁ ପ୍ରଦର୍ଶନ କରାଯାଇଥିଲା, ଯାହାକି ସମ୍ବଲପୁରୀ ହସ୍ତତନ୍ତ ଓ ପିପିଲି ଚାନ୍ଦୁଆ କଳାର ସମ୍ମିଶ୍ରଣ। ସେଲିନା ଡୋସନଙ୍କ ଏଜେ ଫ୍ୟାଶନ୍ ରିଅଲମ୍ ପକ୍ଷରୁ ପ୍ରଜାପତି ଦ୍ୱାରା ଅନୁପ୍ରାଣିତ ଗ୍ରୀଷ୍ମ ସମ୍ଭାରକୁ ପ୍ରଦର୍ଶନ କରାଯାଇଥିଲା। ସିପ୍ରା ଦାସଙ୍କ ଟାସା ୱିଙ୍ଗ୍ 'ଫ୍ୟୁଜନ୍' ନାମକ ସମ୍ଭାର ଆଣିଥିଲା। ଯେଉଁଥିରେ ଉତ୍ସବ, ସନ୍ଧ୍ୟା ଆସର ଓ ବିବାହ ଋତୁ ପାଇଁ ସମ୍ଭାର ରହିଛି। ରିମ୍‌ଲିର ଡିଜାଇନ୍ ଷ୍ଟୁଡିଓ ପକ୍ଷରୁ ବଧୂ ସମ୍ଭାର 'ରୁହ୍' ପ୍ରଦର୍ଶନ ହୋଇଥିଲା। ଟିପି ଗାର୍ମେଣ୍ଟସ୍ ପକ୍ଷରୁ ଇଭିନିଂ ଗାଉନ୍ ସମ୍ଭାରକୁ ପ୍ରଦର୍ଶନ କରାଯାଇଥିଲା। ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ ଓ ଭୂମିକା ଦାସଙ୍କ ସମେତ ପାଖାପାଖି ୩୦ ମଡେଲର ଏହାକୁ ପିନ୍ଧି ପ୍ରଦର୍ଶନ କରିଥିଲେ।



ଉତ୍କଳ ଅପ୍‌ଡେଟ୍‌ସ ଆଣ୍ଡ ଆଡ୍‌କ୍ଶନ ଫ୍ୟାଶନ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ରବିବାର ଉତ୍କଳ ଟାଇକୁନ୍‌ସ ଆୱାର୍ଡସ ପ୍ରଦାନ ଅବସରରେ ଆୟୋଜିତ ଭୁବନେଶ୍ୱର ରନ୍‌ୱେ ସିଜନ୍ ୬ରେ ଡିଜାଇନରମାନେ ସେମାନଙ୍କ ଡିଜାଇନ୍ ପ୍ରଦର୍ଶନ କରୁଛନ୍ତି।




ବୁଦ୍ଧ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇ ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ରବିବାର ତିଆରି କରିଥିବା ବାଲୁକା କଳା।

## ସଂକ୍ଷେପରେ

### ପଦ୍ମଶ୍ରୀ ରଜତ କରଙ୍କ ରାଜ୍ୟସ୍ତରୀୟ ସର୍ବଧର୍ମ ଶ୍ରଦ୍ଧାଞ୍ଜଳି ସଭା

କଟକ ଅଫିସ,୧୫ା୫: ମିଶନରୋଡ୍‌ସ୍ଥିତ ଭଞ୍ଜ ମଣ୍ଡପରେ ସାହିତ୍ୟିକ ପଦ୍ମଶ୍ରୀ ରଜତ କୁମାର କରଙ୍କ ରାଜ୍ୟସ୍ତରୀୟ ସର୍ବଧର୍ମ ଶ୍ରଦ୍ଧାଞ୍ଜଳି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହିନ୍ଦୁ, ମୁସ୍‌ଲିମ, ଶିଖ୍, ଇସାଇ ଧର୍ମର ପ୍ରତିନିଧିମାନେ ଉପସ୍ଥିତ ରହି ସର୍ବଧର୍ମ ପ୍ରାର୍ଥନା କରିଥିଲେ। ରଜତ କୁମାର କରଙ୍କୁ ପ୍ରଧାନମନ୍ତ୍ରୀ ସଂସ୍କୃତି ସମ୍ରାଟ ବୋଲି ଅଭିହିତ କରିଛନ୍ତି। ସେହି ଆଧାରରେ ତାଙ୍କୁ ଏହି ମଞ୍ଚରେ ସାଂସ୍କୃତିକ ସମ୍ରାଟ ଆଖ୍ୟା ଦିଆଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତିକୁ ସେ ଯେଉଁଭଳି ପ୍ରଚାର ପ୍ରସାର କରୁଥିଲେ ସେଭଳି ବ୍ୟକ୍ତି ମିଳିବା କଷ୍ଟକର ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଚନ୍ଦ୍ରଶେଖର ନନ୍ଦ ପ୍ରାରମ୍ଭିକ ସୂଚନା ପ୍ରଦାନ, ଶୈଳେଶ୍ୱର ନନ୍ଦ ଓ ପ୍ରଭାତ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆବାହକ ପ୍ରସନ୍ନ ନନ୍ଦଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ପ୍ରଭାତ କର, କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ଭାଜପାର ଶ୍ରୀତମ ଦାସ, ବିଜୟାନନ୍ଦ ସିଂ, ସୁଜିତ୍ କୁମାର ଦାସ, ଏ. ମହେଶ୍ୱର ରାଓ, ଦେବେନ୍ଦ୍ର ସାହୁ ଉପସ୍ଥିତ ଥିଲେ।

### ୭ ଜୁଆଡ଼ି ଗିରଫ

ଭୁବନେଶ୍ୱର, ୧୫ା୫(ବ୍ୟୁରୋ)
କଟକ ଦୋଳମୁଣ୍ଡାଇ ଛକ ନିକଟ ଏକ ମିଠା ଦୋକାନ ପଛପଟ ସ୍ଥାନରେ ଜୁଆଖେଳ ଚାଲିଥିବାବେଳେ ପୁରୀଘାଟ ଥାନା ପୋଲିସ ଚଢ଼ାଉ କରିବା ସହ ୭ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକର ସ୍ମୃତିରଞ୍ଜନ ସ୍ୱାଇଁ, ଦୟାଶଙ୍କର ଗୁପ୍ତା, ଅଶୋକ କୁମାର ଓଝା, କୁନା ନାୟକ, ଖୋର୍ଦ୍ଧାର ଅନନ୍ତ କୁମାର ସାହୁ, ଯାଜପୁରର ବାବୁନା ସାହୁ ଓ ଗଞ୍ଜାମର ଶଙ୍କର ବେହେରା। ସେମାନଙ୍କଠାରୁ ୨ଟି ମୋବାଇଲ ଫୋନ, ୬୬୭୦ ଟଙ୍କା, ୩ଟି ଲଙ୍ଗଚାଟ୍, ୩ କାଲ୍‌କୁଲେଟର, ୩ ମାର୍କର, ୩ ନୋଟ୍‌ବୁକ୍, ୩ କ୍ଲିପ୍ ବୋର୍ଡ ସମେତ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୨୩/୨୨) ରୁଜୁ ହୋଇଛି। ପୂର୍ବରୁ ବାବୁନାଙ୍କ ନାଁରେ ପୁରୀଘାଟ ଥାନାରେ ୨ଟି, ଜଗତ୍‌ପୁର ଥାନାରେ ୫, ମଙ୍ଗଳାବାଗ ଓ ମର୍କତନଗର ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ସେହିପରି ପୁରୀଘାଟ ଥାନାରେ ଅନନ୍ତଙ୍କ ନାଁରେ ୨ଟି ଓ ଶଙ୍କରଙ୍କ ନାମରେ ଗୋଟିଏ ମାମଲା ରହିଥିବା ଜଣାପଡ଼ିଛି।

### ଟମାଟୋ ଫ୍ଲୁ ବ୍ୟାପିବା ଚର୍ଚ୍ଚା

କଟକ ସଦର,୧୫ା୫(ଡି.ଏନ୍.ଏ.)
କଟକ ସଦର ବ୍ଲକ ଅନ୍ତର୍ଗତ ୪୨ମୌଜା ଅଞ୍ଚଳରେ ଟମାଟୋ ଫ୍ଲୁ ବ୍ୟାପିବା ନେଇ ପ୍ରଚାର ଜୋର୍ ଧରିଥିଲା। ଏଥିରେ ୫ବର୍ଷର ଶିଶୁ ଆକ୍ରାନ୍ତ ହୋଇଥିବା ଘଟଣାର ଅନୁସନ୍ଧାନ ପାଇଁ ଶନିବାର ଏବଂ ରବିବାର ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ୬ଟି ପଞ୍ଚାୟତର ଗ୍ରାମ ବୁଲିବା ପରେ ମଧ ରୋଗୀମାନଙ୍କ ସନ୍ଧାନ ପାଇଲେ ନାହିଁ। ଏହି ରୋଗ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ବସନ୍ତ କୁମାର ସାହୁ କହିଛନ୍ତି।

# ଖୋଲିପାରୁନି ୟୁନିଟ୍-୨ ଫଳ ବଜାର

ଭୁବନେଶ୍ୱର, ୧୫ା୫ (ବ୍ୟୁରୋ)




- ■ରାସ୍ତା କଡ଼ରେ ଚାଲିଛି ବେପାର
- ■୨୦୧୫ରୁ ସରିଛି ନିର୍ମାଣ କାର୍ଯ୍ୟ

ରାସ୍ତାରେ ଠେଲାଗାଡ଼ିର ଲମ୍ବା ଧାଡ଼ି। ବିଶେଷକରି ୟୁନିଟ-୧, ୟୁନିଟ-୨, ରାଜମହଲ ଛକ ଆଦି ସ୍ଥାନରେ ବ୍ୟବସାୟୀମାନେ ଠେଲାଗାଡ଼ିରେ ବେପାର ଜମାଉଛନ୍ତି। ସେମାନଙ୍କ ମଧ୍ୟରେ ପ୍ରାୟ ୯୦ ପ୍ରତିଶତ ଫଳ ବ୍ୟବସାୟୀ ରହିଛନ୍ତି। କେବଳ ଏହି ଛକ ନୁହେଁ, ସହରର ଅନେକ ସ୍ଥାନରେ ରାସ୍ତା କଡ଼ରେ ଛିଡା ହୋଇ ବ୍ୟବସାୟୀମାନେ ବିକ୍ରିବଟା କରୁଛନ୍ତି। ଅପରପକ୍ଷେ ୟୁନିଟ୍-୧ ଓ ୟୁନିଟ୍-୨ର ଫଳ ବ୍ୟବସାୟୀଙ୍କ ଉଦ୍ଦେଶ୍ୟରେ ନିର୍ମିତ 'ଫଳ ବଜାର' ଏ ପର୍ଯ୍ୟନ୍ତ ଖୋଲା ଯାଇନାହିଁ। ଏଥିଯୋଗୁ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ବ୍ୟବସାୟୀମାନେ ଖରାବର୍ଷାରେ ବେପାର କରିବାକୁ ବାଧ ହେଉଛନ୍ତି। ୟୁନିଟ୍-୨ରେ ଥିବା ପେଟ୍ରୋଲ୍ ପମ୍ପ ନିକଟରେ ନିର୍ମିତ ଫଳ ବଜାର ପାଇଁ ୨୦୧୨ରେ ବିଏମ୍‌ସିକୁ ଜମି ପ୍ରଦାନ କରା ଯାଇଥିଲା। ୨୦୧୩ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୫ରେ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିବାବେଳେ ଉକ୍ତ ବର୍ଷ ଅଗଷ୍ଟ ସୁଦ୍ଧା ବ୍ୟବସାୟୀଙ୍କୁ ସୁବିଧା ପ୍ରଦାନ କରାଯିବ ବୋଲି ଆଶା କରାଯାଉଥିଲା। ମାତ୍ର ନିର୍ମାଣ କାର୍ଯ୍ୟ ଶେଷ ହେବାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ ଏହା ଖୋଲିପାରୁନାହିଁ। ୩ ମହଲା ବିଶିଷ୍ଟ କୋଠାରେ ଥିବା ୭୬ ଜଣ ବ୍ୟବସାୟୀ ଫଳ ବିକ୍ରି ପାଇଁ ସ୍ଥାନ ପାଇବେ। ଏଥପାଇଁ ସେମାନଙ୍କୁ ବର୍ଗଫୁଟ୍ ପିଛା ୩୫ଟଙ୍କା ଲେଖାଏ ମାସିକ ଦେୟ ଦେବାକୁ ପଡ଼ିବ। ବିଲ୍ଡିଂର ୨ଟି ପ୍ରବେଶ ପଥ ରହିଛି। ପ୍ରତ୍ୟେକ ମହଲାରେ ୮ଫୁଟ୍ ଦୀର୍ଘ ୧୦ଫୁଟ୍ ପ୍ରଶସ୍ତ ମାପ କରୁଥିବା ୨୪ କୋଠରି ରହିଛି। ୧.୯୨ କୋଟି ବ୍ୟୟରେ ପ୍ରାୟ ୪ହଜାର ବର୍ଗଫୁଟ୍ ଅଞ୍ଚଳରେ ଫଳ ବଜାର ନିର୍ମାଣ କରାଯାଇଛି। ସେହିପରି ପ୍ରତି ମହଲାରେ ୨ଟି ଲେଖାଏ ମୋଟ୍ ୬ଟି ଶୀତତାପ ନିୟନ୍ତ୍ରିତ କୋଠରୀ ରହିଛି। ଏଠାରେ ଭୂତଳ ପାର୍କିଂର ବନ୍ଦୋବସ୍ତ କରାଯାଇଥିବା ସୂଚନା ରହିଛି।

ଅପରପକ୍ଷେ ମାର୍କେଟ୍ କମ୍ପ୍ଲେକ୍ସରେ ବିଦ୍ୟୁତ୍ ସଂଯୋଗ ପାଇଁ ଟ୍ରାନ୍ସଫର୍ମର୍ ସ୍ଥାପନ ପରେ ବ୍ୟବସାୟୀଙ୍କୁ ଏହା ହସ୍ତାନ୍ତର କରାଯିବ ବୋଲି ଡେପୁଟି କମିଶନର (ମାର୍କେଟିଂ) ପ୍ରମୋଦ କୁମାର ପୃଷ୍ଟି ସୂଚନା ଦେଇଛନ୍ତି। ରାସ୍ତାରେ ଫଳ ବିକ୍ରି କରିବା ଫଳରେ ଧୂଳି ଓ ଖରାରେ ଫଳ ନଷ୍ଟ ହେଉଛି। ଏହାସହ ଶୀତତାପ ନିୟନ୍ତ୍ରଣରେ ରହୁ ନଥିବାରୁ ଫଳ ପଚିଯିବା ଫଳରେ ବ୍ୟବସାୟୀ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ବ୍ୟବସାୟୀଙ୍କୁ ବଜାରକୁ ସ୍ଥାନାନ୍ତରଣ ଫଳରେ ଟ୍ରାଫିକ ସମସ୍ୟା ମଧ କମ୍ ହେବ ବୋଲି ପୃଷ୍ଟି କହିଛନ୍ତି। ବିଶେଷକରି କ୍ୟାପିଟାଲ୍ ଥାନା ସମ୍ମୁଖରେ ବ୍ୟବସାୟ କରୁଥିବା ଫଳ ବ୍ୟବସାୟୀ ଏହାଦ୍ୱାରା ଉପକୃତ ହୋଇ ପାରିବେ ବୋଲି ଆଶା କରାଯାଉଛି।

# ୩୬ ମୋବାଇଲ, ୩ ବାଇକ ଜବତ: ୯ ଗିରଫ



ଭୁବନେଶ୍ୱର,୧୫ା୫(ବ୍ୟୁରୋ)

**କମିଶନରେଟ ପୋଲିସର ସ୍ୱତନ୍ତ୍ର ଅଭିଯାନ**

ରାଜଧାନୀର ବିଭିନ୍ନ ସ୍ଥାନରୁ ଲୁଟ୍, ଛିନତାଇ, ଚୋରି କରୁଥିବା ଅପରାଧୀଙ୍କୁ ସାବାଡ୍ କରିବା ପାଇଁ ଡିସିପି ପ୍ରତୀକ ଗୀତା ସିଂ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରିଛନ୍ତି। ରବିବାର ୯ ଜଣ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଭିନ୍ନ ଭିନ୍ନ କମ୍ପାନୀର ୩୬ ଟି ଦାମୀ ମୋବାଇଲ ଫୋନ ଜବତ ହୋଇଛି। ଏଥିସହ ୪ ଟି ମୋଟରସାଇକେଲ ଜବତ କରାଯାଇଛି। ଏମାନଙ୍କୁ ଭୁବନେଶ୍ୱର ୟୁପିଡିର ଶହୀଦନଗର ଥାନା, ଚନ୍ଦ୍ରଶେଖରପୁର, ଭରତପୁର, ଇନ୍‌ଫୋସିଟି ଥାନା ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଇନ୍‌ଫୋସିଟି ଚୂନକୋଳି ବସ୍ତିର ପିଣ୍ଟୁ ଦାସ ଓ ଜାଗମରାର ରବୀନ୍ଦ୍ର କୁମାର ପଲ୍ଲେଇ। ଏମାନଙ୍କଠାରୁ ୨୦ ମୋବାଇଲ ଫୋନ୍ ଜବତ ହୋଇଛି। ସେହିପରି ଚନ୍ଦ୍ରଶେଖରପୁର ଥାନା ଗିରଫ କରିଥିବା ଅଭିଯୁକ୍ତ ଜଣକ ହେଲେ ନୀଳମାଧବ ବସ୍ତିର କାହ୍ନୁ ନାଏକ। କାହ୍ନୁଙ୍କଠାରୁ ଗୋଟିଏ ମୋବାଇଲ ଜବତ କରାଯାଇଛି। ଭରତପୁର ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତ ଜଣକ ହେଲେ ଶହୀଦନଗରର ଗ୍ରୀଡ୍‌କୋ କଲୋନୀର ସୁଶାନ୍ତ ଦିକ୍ଷିତ୍। ତାଙ୍କଠାରୁ ୫ ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ସେହିପରି ଇନ୍‌ଫୋସିଟି ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତଦ୍ୱୟ ହେଲେ ଶିଖରଚଣ୍ଡୀନଗରର ଟି.ସୁରେଶ ଏବଂ ଗଣେଷ ନାୟକ। ଏମାନଙ୍କଠାରୁ ୨ ଟି ମୋବାଇଲ ଫୋନ୍, ୪ଟି ବାଇକ୍ ଜବତ ହୋଇଛି। ଏଥିସହ ଖାରବେଳନଗର ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତଦ୍ୱୟ ହେଲେ ପଶ୍ଚିମବଙ୍ଗର ମସଜିଦ୍ କଲୋନୀର ଅବୁ ବକର୍ ଓ ମୁସ୍ତାକିନ୍। ଏମାନଙ୍କଠାରୁ ୩ଟି ମୋବାଇଲ, ଗୋଟିଏ ସ୍କୁଟି ଜବତ କରାଯାଇଛି। ସେହିପରି ବଡଗଡ ଥାନା ପୋଲିସ ଜଣଙ୍କୁ ଗିରଫ କରିବା ସହ ଗୋଟିଏ ମୋବାଇଲ୍ ଜବତ କରିଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଆଇପିସିର ବିଭିନ୍ନ ଦଫାରେ ପୃଥକ ମାମଲା ରୁଜୁକରି ସେମାନଙ୍କୁ କୋର୍ଟ ଚାଲାଣ କରିଛି।

### ମହାନଦୀ ବାଲିରୁ ମୃତ ଶିଶୁକନ୍ୟା ଜବତ

**କଟକ ଅଫିସ,୧୫ା୫:** ମହାନଦୀ ବାଲିରୁ ମଙ୍ଗଳାବାଗ ପୋଲିସ ରବିବାର ଜଣେ ଶିଶୁକନ୍ୟାର ମୃତଦେହ ଜବତ କରିଛି। ତେବେ ଉକ୍ତ ଶିଶୁକନ୍ୟା ଏଠାକୁ କିପରି ଆସିଲା ସେ ସମ୍ପର୍କରେ ଜଣାପଡିନାହିଁ। ଇଞ୍ଜିନିୟରିଂ ସ୍କୁଲ ଗଡ଼ା ନିକଟ ମହାନଦୀ ବାଲିରେ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ଏସ୍‌ସିବି ମେଡିକାଲ ପଠାଇଥିଲା।

# ପ୍ରତିମୂର୍ତ୍ତି ସ୍ଥାନାନ୍ତର କଥା ଭୁଲିଗଲେ କର୍ତ୍ତୃପକ୍ଷ



ମାଷ୍ଟରକ୍ୟାଣ୍ଟିନ ଛକରେ ଅବହେଳିତ ଅବସ୍ଥାରେ ରହିଥିବା ଦୁଇ ବରପୁତ୍ରଙ୍କ ପ୍ରତିମୂର୍ତ୍ତି।

ଭୁବନେଶ୍ୱର, ୧୫ା୫ (ବ୍ୟୁରୋ)

**ମଲ୍ଟିମୋଡାଲ୍ ହବ୍ ପାଇଁ ହୋଇଥିଲା ଉଚ୍ଛେଦ**

ରାଜଧାନୀରେ ସବୁଆଡ଼େ ଚାଲିଛି ସୌନ୍ଦର୍ଯ୍ୟକରଣ। କିନ୍ତୁ ରାଜଧାନୀର ପ୍ରମୁଖ ସ୍ଥାନ ମାଷ୍ଟରକ୍ୟାଣ୍ଟିନ୍ ଛକ ସ୍ଥିତ ୨ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତିସ୍ଥଳ ଅବହେଳିତ ହୋଇ ପଡ଼ିଛି। ଏହି ସ୍ଥାନରେ ରାଜନେତା ଲୋକନାୟକ ଜୟପ୍ରକାଶ ନାରାୟଣ ପାର୍କ ଓ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ପାର୍କ ସ୍ଥାପନ ହୋଇଥିଲା। ପାର୍କର ସୌନ୍ଦର୍ଯ୍ୟକରଣ ପାଇଁ ଆବଶ୍ୟକୀୟ ସରଞ୍ଜାମ ସହିତ ଏଠାରେ ଦୁଇ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ମାତ୍ର ଏବେ ଏହି ସ୍ଥାନ ଅନାବନା ଗଛର ଜଙ୍ଗଲ ଭାବେ ପରିଣତ ହୋଇଛି। ମାଷ୍ଟରକ୍ୟାଣ୍ଟିନରେ ହେବାକୁ ଥିବା ବହୁ ପ୍ରତୀକ୍ଷିତ ମଲ୍ଟିମୋଡ଼ାଲ ହବ୍ ପ୍ରକଳ୍ପ ଅଧିନରେ ସ୍ଥାନୀୟ ଅଞ୍ଚଳରୁ ପାର୍କକୁ ଉଚ୍ଛେଦ କରାଯାଇଛି। ଏହି କ୍ରମରେ ଉଭୟ ପାର୍କରେ ଲାଗିଥିବା ଗଛଗୁଡ଼ିକ ସ୍ଥାନାନ୍ତରିତ କରାଯାଇଛି। ସହରର ବିଭିନ୍ନ ପାର୍କରେ ଗଛ ଓ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ ଜିନିଷ ସ୍ଥାପନ କରାଯାଇ ଥିବାବେଳେ ଉଭୟଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତରଣ ପାଇଁ ସ୍ଥାନ ଚିହ୍ନଟ କରାଯାଇ ପାରିନାହିଁ। ଫଳରେ ଉଚ୍ଛେଦକୁ ୨ବର୍ଷରୁ ଅଧିକ ସମୟ ବିତିଥିଲେ ମଧ ଉଭୟଙ୍କ ପ୍ରତିମୂର୍ତ୍ତି ଏକପ୍ରକାର ଅଣଦେଖା ହୋଇ ପଡି ରହିଛି। ପ୍ରତିମୂର୍ତ୍ତି ଓ ଏହାର ଚାରିପାଖ ସଫା ହେଉନାହିଁ। ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ନିକଟରେ ଥିବା ଐତିହ୍ୟ ଘୋଡ଼ାର ମରାମତି କରାଯାଇଥିଲେ ମଧ ୨ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥଳ ପ୍ରଶାସନର ଦୃଷ୍ଟିକୁ ଆସୁନାହିଁ। ନିକଟରେ ରେଳଷ୍ଟେସନ ଥିବାରୁ ପ୍ରତିଦିନ ଏଠାକୁ ଯାତାୟାତ କରୁଥିବା ଯାତ୍ରୀଙ୍କ ନଜର ଏହି ବରପୁତ୍ରଙ୍କ ଉପରେ ପଡୁଛି। ମାତ୍ର ଏହାର ରକ୍ଷଣାବେକ୍ଷଣ ବାବଦରେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନ ନେବା ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ଗୋଟିଏ ପଟରେ ସହରର ସୌନ୍ଦର୍ଯ୍ୟକରଣ ବାବଦରେ କୋଟି କୋଟି ଟଙ୍କା ବ୍ୟୟ ହେଉଥିବା ବେଳେ ଜନଗହଳିପୂର୍ଣ୍ଣ ରାସ୍ତାରେ ଥିବା ପ୍ରତିମୂର୍ତ୍ତିଙ୍କ ଏପରି ଅବ୍ୟବସ୍ଥା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ପ୍ରକଳ୍ପ ବିଷୟରେ ସର୍ବସାଧାରଣରେ ସ୍ପଷ୍ଟ କରନ୍ତୁ ସରକାର

କଟକ ଅଫିସ, ୧୫ା୫

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିଭିନ୍ନ ମହଲରେ ପ୍ରତିବାଦର ସ୍ୱର ଉଠିବାରେ ଲାଗିଛି। ଏହି ପ୍ରସଙ୍ଗ ମଧ ନ୍ୟାୟାଳୟରେ ପହଞ୍ଚିଛି। ଏଭଳି ପରିସ୍ଥିତିରେ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଏହା ଆନ୍ଦୋଳିତ କରିଛି। ଏଣୁ ସରକାର ପ୍ରକଳ୍ପରେ କ'ଣ ନିର୍ମାଣ କରାଯିବ, ଭକ୍ତଙ୍କର କିପରି ସୁବିଧା ହେବ, ମନ୍ଦିରର ସୁରକ୍ଷାରେ ବିପଦ ରହିଛି କି ନାହିଁ ସମସ୍ତ ବିଷୟରେ ସର୍ବସାଧାରଣରେ ସ୍ପଷ୍ଟ କରିବାକୁ ପିଠାପୁରସ୍ଥିତ ନୀଳଚକ୍ର କାର୍ଯ୍ୟାଳୟରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ନମିତା ପଣ୍ଡା କହିଛନ୍ତି। ସେ କହିଛନ୍ତି, ଧର୍ମୀୟ ଆସ୍ଥାନ, ପୀଠସ୍ଥଳୀର ବିକାଶ ତଥା ପୁନରୁଦ୍ଧାର ଲାଗି ସମୟର ଆବଶ୍ୟକତା। ଏଣୁ ଶ୍ରୀକ୍ଷେତ୍ରର ସୌନ୍ଦର୍ଯ୍ୟକରଣ ଓ ପରିବେଶ ପ୍ରତି ଦୃଷ୍ଟି ଦେଇ ପ୍ରକଳ୍ପ କାର୍ଯ୍ୟ ହାତକୁ ନେବାବେଳେ ସରକାର କୋଟିକୋଟି ଭକ୍ତଙ୍କ ଭାବାବେଗ, ଐତିହ୍ୟର ସୁରକ୍ଷା ବିଷୟରେ ଯତ୍ନଶୀଳ ହେବା ଜରୁରୀ। ଏଥିସହ କିଛି ନିୟମ ଓ ଶୃଙ୍ଖଳା ଉଲ୍ଲଂଘନ କରି ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲୁଛି, ତେବେ ଏଏସ୍ଆଇ ରାଜ୍ୟ ପ୍ରଶାସନକୁ ଅବଗତ କରାଇ ଉଚିତ ପରାମର୍ଶ ଦେବା ଉଚିତ୍। ଅନ୍ୟପକ୍ଷରେ ଭାବ ଓ ଭକ୍ତିର ଠାକୁରଙ୍କୁ ନେଇ ରାଜନୀତି କରାଯିବା ଉଚିତ୍ ନୁହେଁ। ଏଣୁ ଉକ୍ତ ପ୍ରକଳ୍ପକୁ ନେଇ ଭକ୍ତଗଣଙ୍କ ମନରେ ଉପୁଜୁଥିବା ସଂଶୟକୁ ସରକାର ଦୂର କରିବାକୁ ପଣ୍ଡା ଦାବି କରିଛନ୍ତି। ଅନ୍ୟଥା ଅନୁଷ୍ଠାନ ପକ୍ଷରୁ ଏ ନେଇ ରାଜ୍ୟବ୍ୟାପୀ ଜନଆନ୍ଦୋଳନ କରିବାକୁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କାହ୍ନୁଚରଣ ପାଣିଗ୍ରାହୀ, ଡା. ନୀଳାଦ୍ରି ପଣ୍ଡା, ସୁବାସ ମହାନ୍ତି, ରଞ୍ଜନ କୁମାର ମହାନ୍ତି, ଦୀପକ ମହନ୍ତ ଓ ମୁରଲୀଧର ଶତପଥୀ ଉପସ୍ଥିତ ଥିଲେ।




ପ୍ରଜାପିତା ବ୍ରହ୍ମକୁମାରିଜ୍ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭୁବନେଶ୍ୱର ମେଣ୍ଢାଶାଳଠାରେ ରବିବାର 'ଆଜାଦି କେ ଅମୃତ ମହୋତ୍ସବ ସେ ସ୍ୱର୍ଣ୍ଣିମ ଭାରତ କୀ ଅଉର୍' କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ।

# କଏଦୀଙ୍କ କାହାଣୀ କହିଲା ହିନ୍ଦୀ ନାଟକ 'ମୁନ୍ତାଜିର'



ହିନ୍ଦୀ ନାଟକ 'ମୁନ୍ତାଜିର'ର ଏକ ଦୃଶ୍ୟ।

ଭୁବନେଶ୍ୱର,୧୫ା୫(ବ୍ୟୁରୋ)

ଇରାକର ଆତଙ୍କବାଦୀ ସଙ୍ଗଠନ ଆଇଏସ୍ଆଇଏସ୍ ଦ୍ୱାରା ୩ ବନ୍ଧକଙ୍କୁ ଏକ କାରାଗାରରେ ରଖାଯାଇଛି। ସେମାନଙ୍କ କାହାଣୀକୁ ନେଇ ରବିବାର ବିଦ୍ୟାସୃଜନ ଅନୁଷ୍ଠାନ ପକ୍ଷରୁ ହିନ୍ଦୀ ନାଟକ 'ମୁନ୍ତାଜିର' ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ସେମାନେ କାରାଗାରରେ ଥିବା ଘର କଥା କଳ୍ପନା କରି କାନ୍ଥରେ ଏଣୁତେଣୁ ଲେଖୁଥାନ୍ତି। ସେହି କଳ୍ପନାକୁ ନେଇ ଚଳଚ୍ଚିତ୍ର ସୁଟିଂ କରନ୍ତି। ଏକ ସମ୍ଭାବିତ କକ୍‌ଟେଲ ପାର୍ଟି ଆୟୋଜନରେ ଅତୀତର ଘଟଣାଗୁଡ଼ିକୁ ମନେ ପକାଇ ଅହଂକାର ଯୋଗୁ ସେହି ତିନିଜଣ ନିଜ ନିଜ ମଧ୍ୟରେ ଲଢନ୍ତି। ସେମାନଙ୍କ ମଧ୍ୟରେ ଜୋସୁଆ ଜଣେ ଆମେରିକୀୟ, ଡେନିସ୍ ପାକିସ୍ତାନୀ ଏବଂ ନବୀନ ହିନ୍ଦୁସ୍ତାନୀ। କିଛି ସମୟ ପରେ ଏହି ଝଗଡ଼ାର ଅର୍ଥହୀନତାକୁ ବୁଝି ପରସ୍ପରର ମତକୁ ଓ ଭାବନାକୁ ସମ୍ମାନ ଦିଅନ୍ତି। ମୃତ୍ୟୁ ଭୟ, ମୁକ୍ତିର ଚିନ୍ତା ଏବଂ ପ୍ରିୟଜନଙ୍କଠାରୁ ଦୂରେଇ ରହିବାର ଦୁଃଖ ସେ ତିନିଜଣଙ୍କୁ ପାଗଳ କରିଦେଉଥାଏ। କିଛିଦିନ ପରେ ଆମେରିକୀୟ ଜୋସୁଆଙ୍କୁ ଆତଙ୍କବାଦୀମାନେ ହତ୍ୟା କରନ୍ତି। ଏହି ଘଟଣା ଡେନିସ୍ ଓ ନବୀନଙ୍କୁ ମାନସିକ ସ୍ତରରେ ନିକଟତର କରିଦିଏ। ନାଟକର ଅନ୍ତିମ ଦୃଶ୍ୟରେ ଡେନିସ୍‌ଙ୍କୁ ଆତଙ୍କବାଦୀମାନେ ମୁକ୍ତି ଦିଅନ୍ତି। ସେହି ଜେଲ୍‌ରେ ନବୀନଙ୍କୁ ଏକୁଟିଆ ଛାଡ଼ି ଦୁଃଖରେ ସେ ଚାଲିଯାଆନ୍ତି। ଆଉ ନବୀନ ସେହି ଆତଙ୍କବାଦୀଙ୍କ ଇଚ୍ଛାକୁ ଅପେକ୍ଷା କରନ୍ତି। ରବିବାର ସନ୍ଧ୍ୟାରେ ଅତିଥି ଭାବେ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା, ସଙ୍ଗୀତ ନାଟକ ଏକାଡେମୀର ଉପସଭାପତି ମନ୍ମଥ କୁମାର ଶତପଥୀ, ଏକାଡେମୀ ସଦସ୍ୟ ସମର ମୁଦୁଲି, ଅନୁଷ୍ଠାନର ସଭାପତି ସୁଧାକାର ପତ୍ରୀ ଉପସ୍ଥିତ ଥିଲେ। ଅନୁଷ୍ଠାନ ସମ୍ପାଦକ ଶୁଭକାନ୍ତ ପାଢ଼ୀ ପରିଚାଳନା କରିଥିଲେ।

# କବିତା ସଂକଳନ 'ତୁମ ପାଇଁ' ରାଜ୍ୟପାଳଙ୍କୁ ପ୍ରଦାନ

**ଭୁବନେଶ୍ୱର,୧୫ା୫(ବ୍ୟୁରୋ):** ଶିକ୍ଷୟିତ୍ରୀ ତଥା ଲେଖିକା ଜ୍ୟୋତ୍ସ୍ନାରାଣୀ ନାୟକ ତାଙ୍କ କବିତା ସଂକଳନ 'ତୁମ ପାଇଁ' ପୁସ୍ତକକୁ ରବିବାର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପ୍ରଦାନ କରିଛନ୍ତି। ପୁସ୍ତକଟି ଲୋକାଦୃତ ହେବ ବୋଲି ରାଜ୍ୟପାଳ ଆଶାବ୍ୟକ୍ତ କରିଛନ୍ତି। ଏହି ସମୟରେ ଲେଖିକାଙ୍କ ପୁତ୍ର ଅରୋ ସୁମନ ଓ ଖବରଦାତା ବୈଷ୍ଣବ ଜେନା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହା ଲେଖିକାଙ୍କର ତୃତୀୟ ପ୍ରକାଶିତ ପୁସ୍ତକ। ୧୩୬ ପୃଷ୍ଠା ବିଶିଷ୍ଟ ପୁସ୍ତକରେ ୧୨୨ଟି କ୍ଷୁଦ୍ର କବିତା ସ୍ଥାନ ପାଇଛି।

# କୃଷକ ଖୁସି ହେଲେ ଭାରତ ସମୃଦ୍ଧ ହେବ

ଭୁବନେଶ୍ୱର,୧୫ା୫(ବ୍ୟୁରୋ)




ଏଗ୍ରି କନକ୍ଲେଭରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର (ମଝି) ଓ ଅନ୍ୟ ଅତିଥିମାନେ।

**ଅର୍ଗସର ପ୍ରଥମ ବାର୍ଷିକ ଉତ୍ସବ ଉପଲକ୍ଷେ 'ଏଗ୍ରି କନକ୍ଲେଭ'**

ଓଡ଼ିଆ ନ୍ୟୁଜ ଚ୍ୟାନଲ ଅର୍ଗସର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ 'ଏଗ୍ରି କନକ୍ଲେଭ' ରବିବାର ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଯୋଗଦେଇ କହିଥିଲେ, କୃଷକ ଖୁସି ହେଲେ ଭାରତ ସମୃଦ୍ଧ ହେବ। କରୋନା ସମୟରେ ମଧ କୃଷି କ୍ଷେତ୍ରରେ ଉନ୍ନତି ହୋଇଛି। ଏଥିପାଇଁ ସେ କୃଷି ବିଶେଷଜ୍ଞଙ୍କୁ ଧନ୍ୟବାଦ ଜଣାଇଥିଲେ। କୃଷକମାନେ ଟେକ୍ନୋଲୋଜି ସହିତ ଜଡ଼ିତ ହେବା ଦିଗରେ କାମ ଚାଲିଛି। ପ୍ରାକୃତିକ କୃଷି ଉତ୍ପାଦନ ପଦ୍ଧତିରେ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଉଛି। ନାଚୁରାଲ ଫାର୍ମିଂ ଚାଷ କରିବା ଦିଗରେ ଓଡ଼ିଶାର ଚାଷୀଙ୍କୁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ତୋମାର। ୨୦୨୩ ସୁଦ୍ଧା ତୈଳ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଉଛି। ସମ୍ମାନିତ ଅତିଥିଭାବେ କେନ୍ଦ୍ର ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ସଞ୍ଜିବ ବାଲ୍ୟାନ୍ କହିଛନ୍ତି, ଓଡ଼ିଶାରେ ବାସୁମତୀ ଚାଉଳକୁ ଗୁରୁତ୍ୱ ଦିଆଯାଉ। ଦେଶରେ ଇଥାନଲ୍ ପଲିସିରେ ପରିବର୍ତ୍ତନ ଆସିଛି। ୮ବର୍ଷ ମଧ୍ୟରେ ୨%ରୁ ୧୨% ପେଟ୍ରୋଲରେ ଇଥାନଲ୍ ମିକ୍ସ ବଢ଼ିଛି। ଗହମ, ଚାଉଳ, ମକାରୁ ଇଥାନଲ୍ ବାହାରିପାରିବ, ଚାଷୀ ଉପକୃତ ହେବେ। ଚାଷୀଙ୍କୁ ପର୍ଯ୍ୟାପ୍ତ ଆୟ ମିଳିବ, ଆଉ ବିଦେଶୀ କମ୍ପାନିକୁ ଟଙ୍କା ଯିବନି। ଅନ୍ୟତମ ଅତିଥି ପୂର୍ବତନ ମୁଖ୍ୟଶାସନ ସଚିବ ଯୁଗଳ କିଶୋର ମହାପାତ୍ର ଚାଷୀଙ୍କର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଭାଗଚାଷୀଙ୍କ ସ୍ୱାର୍ଥ କିପରି ରକ୍ଷା କରାଯାଇ ପାରିବ ତାହା ଉପରେ ସରକାର ଦୃଷ୍ଟି ଦେବାକୁ ସେ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇସିଏଆର ଡିଜି ଡ. ତ୍ରିଲୋଚନ ମହାପାତ୍ର, କୃଷିବିତ୍ ପଦ୍ମଶ୍ରୀ ସୁଶ୍ରୀ ସାବରମତି ନିଜର ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅର୍ଗସର ଏକଜ୍ୟୁକ୍ୟୁଟିଭ ଏଡିଟର ଦୁର୍ଗାଶିଷ ଅତିଥିମାନଙ୍କ ପରିଚୟ ଦେଇଥିବା ବେଳେ ଚ୍ୟାନେଲର ମୁଖ୍ୟ ସମ୍ପାଦକ ସଞ୍ଜୟ ଜେନା ଅର୍ଗସ ଚ୍ୟାନେଲର ୧ବର୍ଷର ଗତିପଥ ଉପରେ ଆଲୋକପାତ କରିଥିଲେ। ସମାଜର ଶେଷ ପାହଚରେ ରହିଥିବା ଲୋକଙ୍କର କିପରି ବିକାଶ ହୋଇପାରିବ ସେ ନେଇ ଚ୍ୟାନେଲ କାମ କରୁଛି ବୋଲି ଜେନା କହିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକ, ପଦ୍ମଶ୍ରୀ ବଟକୃଷ୍ଣ ସାହୁ, ଆଇସିଏଆରର ନିର୍ଦ୍ଦେଶକ ଅଜିତ ଶାସାନୀ ତଥା ନ୍ୟାଶନାଲ କୋଅପରେଟିଭ୍ ଡେଭଲପମେଣ୍ଟ କର୍ପୋରେଶନର ଏମ୍‌ଡି ସୁନନ୍ଦୀପ କୁମାର ନାୟକ ଯୋଗଦେଇଥିଲେ। ଅର୍ଗସର ମୁଖ୍ୟ ସମ୍ପାଦକ ଜେନା ଧନ୍ୟବାଦ ଦେଇଥିଲେ।

### ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଯବାନ ମହନ୍ତ ହରିଚନ୍ଦନଙ୍କ ଶେଷକୃତ୍ୟ

କଣାସ,୧୫ା୫(ସ୍ୱ.ପ୍ର.):

ପଞ୍ଚଭୂତରେ ଲୀନ ହେଲେ ଯବାନ ମହନ୍ତ ହରିଚନ୍ଦନ। ଶନିବାର ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ କଖାରୁବସ୍ତ ଗ୍ରାମ ଶ୍ମଶାନରେ ସ୍ୱର୍ଗତ ହରିଚନ୍ଦନଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ବିଏସ୍ଏଫ୍ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପୁଅ ରିକେଶ ହରିଚନ୍ଦନ ମୁଖାଗ୍ନି ଦେଇଥିଲେ। ପଶ୍ଚିମବଙ୍ଗର ଚହେଟିଆରେ ବିଏସ୍ଏଫର ୬୮ ବାଟାଲିୟନ୍‌ରେ ସେ କନଷ୍ଟେବଲ ଭାବେ କାର୍ଯ୍ୟରତ ଥିଲେ। ଗତ ୧୧ ତାରିଖରେ କୌଣସି କାରଣ ନେଇ ମହନ୍ତ ନିଜ ବନ୍ଧୁକରୁ ନିଜକୁ ଗୁଳିକରି ମୃତ୍ୟୁବରଣ କରିଥିବା ନେଇ ସାଥି ଯବାନମାନେ କହୁଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଚହେଟିଆ ପୋଲିସ ତଦନ୍ତ ଚଳାଇଛି। ଶନିବାର ଅପରାହ୍ନରେ ଜନ୍ମମାଟି କଖାରୁବସ୍ତ ଗାଁରେ ତାଙ୍କ ମରଶରୀର ପହଞ୍ଚିବା ପରେ ଅଞ୍ଚଳବାସୀଙ୍କ ପକ୍ଷରୁ ଶୋଭାଯାତ୍ରାରେ ଶ୍ମଶାନକୁ ନିଆଯାଇଥିଲା। ଯବାନମାନେ ଶେଷ ସମ୍ମାନ ଜଣାଇଥିଲେ।

ଧରିତ୍ରୀ
DHARITRI
ସୋମବାର, ୧୬ ମେ, ୨୦୨୨

## ସଂକ୍ଷେପରେ

### ୧୬ ବର୍ଷୀୟଙ୍କୁ ଗୁଳି କରି ହତ୍ୟା

**ଶିକାଗୋ,୧୫।୫:** ଆମେରିକାର ଅନ୍ୟତମ ବଡ଼ ସହର ଶିକାଗୋରେ ଆତତାୟୀଙ୍କ ଗୁଳିରେ ଶନିବାର ଜଣେ ୧୬ ବର୍ଷୀୟ ବାଳକଙ୍କ ମୃତ୍ୟୁ ଘଟିଛି। ମିଲେନିୟମ ପାର୍କଠାରେ କେହି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ୨ ସନ୍ଦିଗ୍ଧଙ୍କୁ ପୋଲିସ ପଚରାଉଚରା କରିବା ସହ ଦୁଇଟି ବନ୍ଧୁକ ଜବତ କରିଛି। ନିକଟରେ ଗର୍ଭପାତ ସମ୍ପର୍କିତ ସୁପ୍ରିମକୋର୍ଟଙ୍କ ଚିଠା ଲିକ୍ ହେବା ପରେ ପ୍ରଚଳିତ ଆଇନରେ ପରିବର୍ତ୍ତନ ଅଣାଯିବ ବୋଲି ଚର୍ଚ୍ଚା ହେଉଥିବାବେଳେ ଏହା ବିରୋଧରେ ଆମେରିକାରେ ବିକ୍ଷୋଭ ଚାଲିଛି। ମୃତକ ବିକ୍ଷୋଭକାରୀଙ୍କ ମଧ୍ୟରୁ କେହି ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

### ପାକ୍‌ରେ ଆତ୍ମଘାତୀ ବିସ୍ଫୋରଣ, ୬ ମୃତ

**ପେଶାୱର, ୧୫।୫:** ଆଫଗାନିସ୍ତାନ ସୀମା ନିକଟ ପାକିସ୍ତାନର ଉତ୍ତର ୱାଜିରସ୍ତାନରେ ରବିବାର ଆତ୍ମଘାତୀ ବିସ୍ଫୋରଣରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ଶିଶୁ ଏବଂ ୩ ପାକ୍ ସୈନ୍ୟ ରହିଛନ୍ତି। ମୃତ୍ୟୁ ଘଟିଥିବା ପିଲାଙ୍କ ବୟସ ୪ରୁ ୧୧ ବର୍ଷ ମଧ୍ୟରେ ହେବ। ଗତ ଏପ୍ରିଲ ୨୩ରେ ଖାଇବର ପାଖତୁନ୍‌ଖ୍ୱାର ଉତ୍ତର ୱାଜିରସ୍ତାନ ଜିଲା ସ୍ଥିତ ଦେୱଗରଠାରେ ଆତଙ୍କବାଦୀଙ୍କ ଗୁଳିରେ ୩ ପାକିସ୍ତାନୀ ସୈନ୍ୟ ନିହତ ହୋଇଥିଲେ।

### ସିଇସି ଭାବେ ଦାୟିତ୍ୱ ନେଲେ ରାଜୀବ କୁମାର

**ନୂଆଦିଲ୍ଲୀ,୧୫।୫:** ଭାରତର ୨୫ତମ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଭାବେ ରାଜୀବ କୁମାର ରବିବାର ଦିଲ୍ଲୀର ନିର୍ବାଚନ ସଦନରେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।



ରବିବାର ସିଇସି ପଦରୁ ସୁଶୀଲ ଚନ୍ଦ୍ରା ଅବସର ନେଇଥିଲେ। ବରିଷ୍ଠ ନିର୍ବାଚନ କମିଶନର ଥିବା ରାଜୀବଙ୍କୁ ଗତ ଗୁରୁବାର ସିଇସି ଭାବେ ନିଯୁକ୍ତି ଦିଆଯାଇଥିଲା। ୧୯୬୦ରେ ଜନ୍ମିତ ରାଜୀବ ୨୦୨୫ ଫେବୃୟାରୀ ପର୍ଯ୍ୟନ୍ତ ନିର୍ବାଚନ ପରିଚାଳନା ଦାୟିତ୍ୱରେ ରହିବେ ବୋଲି ଆଶା କରାଯାଉଛି। ରାଷ୍ଟ୍ରପତି, ଉପରାଷ୍ଟ୍ରପତି ନିର୍ବାଚନ ସମେତ ୨୦୨୪ ସାଧାରଣ ନିର୍ବାଚନ ଓ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ତାଙ୍କ ନେତୃତ୍ୱରେ ପରିଚାଳନା କରାଯିବ।

### ଆସାମରେ ଭୂସ୍ଖଳନ: ୩ ମୃତ

**ଗୁଆହାଟୀ,୧୫।୫(ପି.ଟି.):** ଆସାମର ଡିମା ହାସାଓ ଜିଲାରେ ଭୂସ୍ଖଳନ ଘଟି ଜଣେ ମହିଳାଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ହୋଇଛି। ବନ୍ୟା ଓ ଭୂସ୍ଖଳନ ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ରେଳ ଓ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ସୂଚନା ଅନୁଯାୟୀ ନ୍ୟୁ କୁଞ୍ଜୁଙ୍ଗ, ଫିଆଙ୍ଗପୁଇ, ମୌଲହୋଇ, ନାମଜେଉରାଙ୍ଗ, ସାଉଧ ବାଗେଟାର, ମହାଦେବ ଟିଲା, କାଳୀବାରି, ନର୍ଥ ବାଗେଟାର, ଜିଓନ ଏବଂ ଲୋଦି ପଙ୍ଗମୌଲ ଗ୍ରାମରେ ଭୂସ୍ଖଳନ ଯୋଗୁ ୮୦ରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଛି। ଜଟିଙ୍ଗା-ହରଙ୍ଗାଜାଓ ଏବଂ ମହୁର-ଫାଇଡିଙ୍ଗ ରେଲଲାଇନ ଅବରୋଧ ହୋଇଛି। ଆସାମର ୫ ଜିଲାରେ ବନ୍ୟା ଆସିବା ଯୋଗୁ ୨୫,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି। ସର୍ବାଧିକ ପ୍ରଭାବିତ ଚାଚର ଜିଲାରେ ୨୧ ହଜାରରୁ ଅଧିକ ଲୋକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।



## ଯୁବପିଢ଼ି ହାତରେ ବନ୍ଧୁକ

୨୦୧୯ ଜାନୁୟାରୀରୁ ୨୦୨୧ ଏପ୍ରିଲ ମଧ୍ୟରେ ବନ୍ଧୁକ ରଖିଥିବା ଯୁବବର୍ଗଙ୍କ ସଂଖ୍ୟା ବଢ଼ିଛି। ଗତ ଫେବୃୟାରୀରେ ପ୍ରକାଶିତ ଆନାଲ୍‌ସ ଅଫ୍ ଇଣ୍ଟରନାଲ ମେଡିସିନ୍‌ର ଏକ ସର୍ଭେ ରିପୋର୍ଟ ଅନୁସାରେ ଉକ୍ତ ସମୟ ମଧ୍ୟରେ ୭୫ ଲକ୍ଷ ପ୍ରାପ୍ତ ବୟସ୍କ ବନ୍ଧୁକ ରଖିବାର ଲାଇସେନ୍ସ ହାସଲ କରିଛନ୍ତି। ଆମେରିକାନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍‌ର ଏକ ଅଧ୍ୟୟନ ଅନୁସାରେ କରୋନା ମହାମାରୀବେଳେ ବନ୍ଧୁକ କ୍ରେତାଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ଗତବର୍ଷ ରାଷ୍ଟ୍ରପତି ଜୋ ବାଇଡେନ୍ ଗୁଳିକାଣ୍ଡ ଜନିତ ହିଂସାକୁ 'ମହାମାରୀ' ବୋଲି କହିଥିଲେ। ଦେଶରେ ଦିନକୁ ପ୍ରାୟ ୩୦୬ ଜଣ ଗୁଳିକାଣ୍ଡର ଶିକାର ହେଉଥିବାବେଳେ ୧୦୬ ଜଣଙ୍କ ମୃତ୍ୟୁ ଘଟୁଥିବା ସେ ସୂଚନା ଦେଇଥିଲେ। ଏଥିସହ ନ୍ୟାୟ ବିଭାଗକୁ 'ଘୋଷ୍ଟ ଗନ୍' ବିକ୍ରି ଉପରେ କଡ଼ା କଟକଣା ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ବନ୍ଧୁକ ସଂସ୍କୃତି କାଳ

## ୨୦୨୦ରେ ଆମେରିକାରେ ପ୍ରାଣ ହରାଇଥିଲେ ୪୫ ହଜାର



ନ୍ୟୁୟର୍କ, ୧୫।୫

ପ୍ରାୟ ୫୦ ବର୍ଷ ପୂର୍ବେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଲିନ୍‌ଡୋନ୍ ବେନ୍ସ ଜନସନ୍ ଦେଶରେ ଘଟୁଥିବା ଅପରାଧ ମଧ୍ୟରୁ ଅଧିକାଂଶ ବନ୍ଧୁକ ଦ୍ୱାରା ଘଟୁଥିବା କହିଥିଲେ। ବନ୍ଧୁକ ସଂସ୍କୃତି ପ୍ରତି ଖାମଖିଆଲ ମନୋଭାବ ଏବଂ ଆତ୍ମରକ୍ଷା ପାଇଁ ଏହା ଉପରେ ଅଧିକ ନିର୍ଭରଶୀଳତା ଯୋଗୁ ଅପରାଧ ବଢୁଥିବା ନେଇ ସେ ଚିନ୍ତା ପ୍ରକଟ କରିଥିଲେ। ସେତେବେଳେ ଆମେରିକାରେ ପ୍ରାୟ ୯ କୋଟିରୁ ଊର୍ଦ୍ଧ୍ୱ ବନ୍ଧୁକ ଲୋକଙ୍କ ନିକଟରେ ରହିଥିଲା। ଏବେ ଏହି ସଂଖ୍ୟା କାହିଁ କେତେଗୁଣା ହୋଇଛି। ଫଳରେ ସାମାନ୍ୟ ଘଟଣାରେ ମଧ୍ୟ ଆମେରିକାବାସୀ ଏପରି କି କିଶୋରମାନେ ବନ୍ଧୁକ ଚଳାଉଥିବା ଦେଖାଯାଉଛି। ଘୃଣା ଅପରାଧ ବୃଦ୍ଧିରେ ବନ୍ଧୁକ ପ୍ରମୁଖ ମାଧ୍ୟମ ପାଲଟିଥିବାରୁ ଏହା ଉପରେ ନିୟନ୍ତ୍ରଣ ଆମେରିକା ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି।

ଗୁଳିକାଣ୍ଡରେ ଆମେରିକୀୟଙ୍କ ମୃତ୍ୟୁ ସାଧାରଣ ଘଟଣା ପାଲଟିଛି। ୧୯୬୮ରୁ ୨୦୧୭ ମଧ୍ୟରେ ଗୁଳି ବାଜି ମୃତ୍ୟୁ ଘଟିଥିବା ଲୋକ ସଂଖ୍ୟା ୧୫ ଲକ୍ଷ ରହିଛି, ଯାହାକି ୧୭୭୫ରେ ଆମେରିକାର ସ୍ୱାଧୀନତା ସଂଗ୍ରାମର ଯୁଦ୍ଧ ପରଠାରୁ ସମସ୍ତ ସଂଘର୍ଷରେ ମୃତ୍ୟୁ ଘଟିଥିବା ସୈନ୍ୟଙ୍କ ତୁଳନାରେ ଯଥେଷ୍ଟ ଅଧିକ। ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ୍ ପ୍ରିଭେନସନ୍(ସିଡିସି) ତଥ୍ୟ ଅନୁସାରେ କେବଳ ୨୦୨୦ରେ ଗୁଳିକାଣ୍ଡଜନିତ ମୃତ୍ୟୁସଂଖ୍ୟା ୪୫ ହଜାର ଟପିଛି। ସେମାନଙ୍କ ମଧ୍ୟରେ ବନ୍ଧୁକ ଦ୍ୱାରା ଆତ୍ମହତ୍ୟା କରିଥିବା ଲୋକେ ମଧ୍ୟ ଅନ୍ତର୍ଭୁକ୍ତ। ରେକର୍ଡ ଅନୁସାରେ, ଗତ ୫ ବର୍ଷରେ ଏହି ମାମଲାରେ ୨୫% ବୃଦ୍ଧି ପାଇଛି। ୨୦୧୯ରେ ଗୁଳିରେ ୩୮,୩୫୫ ଜଣଙ୍କ ଜୀବନ ଯାଇଥିଲା। ସେମାନଙ୍କ ମଧ୍ୟରୁ ୨୩,୯୪୧ ଆତ୍ମହତ୍ୟା କରିଥିବାବେଳେ ୧୪,୪୧୪ ଜଣଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଦେଶରେ ମୋଟ ବନ୍ଧୁକ ମୃତ୍ୟୁ ମଧ୍ୟରୁ ୫୪% ଆତ୍ମହତ୍ୟା ମାମଲା ରହିଛି। ସୁଇଜରଲାଣ୍ଡର ଏକ ପ୍ରମୁଖ ରିସର୍ଚ୍ଚ ପ୍ରୋଜେକ୍ଟ ସ୍ମଲ ଆର୍ମ୍‌ସ ସର୍ଭେ ଅନୁଯାୟୀ, ୨୦୧୮ରେ ୩୯୦ ନିୟୁତ ବନ୍ଧୁକ ଆମେରିକାରେ ଘରୋଇ ଭାବେ ବ୍ୟବହାର ହେଉଛି। ୨୦୧୧ରେ ଆମେରିକାର ପ୍ରତି ୧୦୦ ନାଗରିକଙ୍କଠାରେ ୮୮ ବନ୍ଧୁକ ଥିବାବେଳେ ଏବେ ଏହି ଅନୁପାତ ବୃଦ୍ଧି ପାଇଛି। ଅର୍ଥାତ ପ୍ରତି ୧୦୦ ନାଗରିକଠାରେ ହାରାହାରି ୧୨୦ ବନ୍ଧୁକ ରହିଛି।

### ନ୍ୟୁୟର୍କରେ ଗୁଳି: ୧୦ ନିହତ



■ଗୁଳିବର୍ଷାର ଲାଇଭ୍ ଷ୍ଟ୍ରିମିଂ କଲେ ଅଭିଯୁକ୍ତ
■କୃଷ୍ଣକାୟ ଲୋକଙ୍କୁ ଟାର୍ଗେଟ

ଆମେରିକାରେ ଘୃଣା ଅପରାଧର ତାଲିକା ଲମ୍ବି ଚାଲିଥିବାବେଳେ ଏଥିରେ ମୃତକ ଓ ପୀଡ଼ିତ ସଂଖ୍ୟା ବଢ଼ିବାରେ ଲାଗିଛି। ଶନିବାର ନ୍ୟୁୟର୍କର ବଫାଲୋ ସହରରେ ଥିବା ଏକ ସୁପରମାର୍କେଟରେ ଜଣେ ୧୮ ବର୍ଷୀୟ କିଶୋରଙ୍କ ଆଖିବୁଜା ଗୁଳିରେ ୧୦ ଜଣଙ୍କ ଜୀବନ ଯାଇଛି। ଆଉ ୩ ଜଣ ଗୁରୁତର ହୋଇଛନ୍ତି। ପୋଲିସ ଏହାକୁ ଘୃଣା ଅପରାଧ ଅଭିହିତ କରିଛି। ବନ୍ଧୁକଧାରୀ ପେଟୋନ୍ ଗେନ୍‌ଡ୍ରୋନ୍ ସେନା ପୋଷାକ ପିନ୍ଧି ବିଶେଷ କରି ମାର୍କେଟରେ ଦୋକାନ ଦେଇଥିବା କୃଷ୍ଣକାୟ ଲୋକଙ୍କୁ ଟାର୍ଗେଟ କରିଥିଲେ। ଆଶ୍ଚର୍ଯ୍ୟକର କଥା ହେଲା ସେ ୨ ମିନିଟ୍ ଧରି ଘଟଣାର ଲାଇଭ୍ ଷ୍ଟ୍ରିମିଂ କରିବା ସହ ତାହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ପୋଲିସ ତାଙ୍କୁ ଗିରଫ କରିଛି। ସେ କାହିଁକି ଏହି କାଣ୍ଡ ଘଟାଇଲେ ତାହା ଜଣାପଡ଼ି ନାହିଁ।

ପେଟୋନ୍ ଦୋକାନ ବାହାରେ ଥିବା ୪ ଜଣଙ୍କୁ ପ୍ରଥମେ ଗୁଳି କରିଥିଲେ। ସେଠାରେ ଥିବା ସିକ୍ୟୁରିଟି ଗାର୍ଡ ପେଟୋନ୍‌ଙ୍କୁ ରୋକିବାକୁ ପାଲଟା ଗୁଳି ଚଳାଇଥିଲେ ହେଁ ଅଭିଯୁକ୍ତଙ୍କ ଆକ୍ରମଣରେ ସେ ପ୍ରାଣ ହରାଇଥିଲେ। ପରେ ଅଭିଯୁକ୍ତ ଦୋକାନଗୁଡ଼ିକ ଭିତରେ ପଶି ଅନ୍ୟମାନଙ୍କୁ ଗୁଳି କରିଥିଲେ। ଗତ ବର୍ଷ ମାର୍ଚ୍ଚରେ କଲୋରାଡୋ ଗୁଳିକାଣ୍ଡରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା।

### ଅଭିନେତ୍ରୀ ପଲ୍ଲବୀଙ୍କ ଝୁଲନ୍ତା ମୃତଦେହ ଜବତ



କୋଲକାତା, ୧୫।୫

ବଙ୍ଗାଳୀ ଟେଲିଭିଜନ ସିରିଏଲର ଲୋକପ୍ରିୟ ଅଭିନେତ୍ରୀ ପଲ୍ଲବୀ ଦେ'ଙ୍କ ଝୁଲନ୍ତା ମୃତଦେହ ରବିବାର ଦକ୍ଷିଣ କୋଲକାତା ସ୍ଥିତ ତାଙ୍କ ଫ୍ଲାଟରୁ ଜବତ କରାଯାଇଛି। ପଲ୍ଲବୀଙ୍କ ସହ ରହୁଥିବା ତାଙ୍କ ବନ୍ଧୁ ଶାଗ୍ନିକ୍ ଚକ୍ରବର୍ତ୍ତୀ ପ୍ରଥମେ ତାଙ୍କ ମୃତ୍ୟୁ ଖବର ପୋଲିସକୁ ଦେଇଥିଲେ। ସକାଳେ ଶାଗ୍ନିକ୍ ସିଗାରେଟ୍ କିଣିବାକୁ ବାହାରକୁ ଯାଇଥିଲେ। ଫେରିବା ପରେ ସେ ପଲ୍ଲବୀଙ୍କ ମୃତଦେହ ଘରେ ଝୁଲୁଥିବା ଦେଖିବାକୁ ପାଇଥିଲେ ବୋଲି ପୋଲିସକୁ ସୂଚନା ଦେଇଛନ୍ତି। ସିରିଏଲ୍ 'ଆମି ସିରାଜେର ବେଗମ୍', 'ମନ୍ ମାନେ ନା' ଆଦିରେ ଅଭିନୟ କରି ପଲ୍ଲବୀ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ।

### ଏନ୍‌କାଉଣ୍ଟର ବେଳେ ସାଧାରଣ ନାଗରିକ ନିହତ

ଶ୍ରୀନଗର,୧୫।୫

ଦକ୍ଷିଣ କଶ୍ମୀରରେ ରବିବାର ପୋଲିସ ଓ ଅର୍ଦ୍ଧସାମରିକ ବଳର ମିଳିତ ଅଭିଯାନ ବେଳେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ସାଧାରଣ ନାଗରିକ ନିହତ ହୋଇଛନ୍ତି। ତେବେ ଆତଙ୍କବାଦୀମାନେ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ମୃତକ ତୁର୍କୱାଙ୍ଗାମ ଗ୍ରାମର ଶୋଏବ ଅହମଦ ଗନାଇ ବୋଲି ଜଣାପଡ଼ିଛି। ଅପରାହ୍ନରେ ପୋଲିସ ସ୍ୱତନ୍ତ୍ର ଅପରେଶନ ଗ୍ରୁପ୍ ଏବଂ ସିଆର୍‌ପିଏଫ୍ ଯବାନ ମିଳିତ ପାଟ୍ରୋଲିଂରେ ଯାଉଥିବାବେଳେ ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ଗୁଳି ବିନିମୟ ବେଳେ ଜଣେ ସାଧାରଣ ନାଗରିକ ଆହତ ହୋଇଥିଲେ। ତାଙ୍କୁ ପୁଲ୍‌ୱାମା ଜିଲା ହସ୍ପିଟାଲ ନିଆଯାଇଥିଲେ ହେଁ ତାଙ୍କର ମୃତ୍ୟୁ ଘଟିଥିଲା।

### ମରାଠୀ ଅଭିନେତ୍ରୀଙ୍କ ବିରୋଧରେ ଆଉ ୩ ମାମଲା

ମୁମ୍ବାଇ,୧୫।୫

ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିବା ମରାଠୀ ଅଭିନେତ୍ରୀ କେତକୀ ଚିଟାଲେଙ୍କୁ ଶନିବାର ଠାଣେ ପୋଲିସ ଗିରଫ କରିଥିଲା। ତାଙ୍କୁ କୋର୍ଟରେ ହାଜର କରାଯିବା ପରେ ୧୮ ତାରିଖ ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ରବିବାର ମୁମ୍ବାଇରେ ଆଉ ୨ଟି ଏବଂ ଆକୋଲାରେ ଗୋଟିଏ ମାମଲା ରୁଜୁ ହୋଇଛି। ପୂର୍ବରୁ ୨୯ ବର୍ଷୀୟା ଅଭିନେତ୍ରୀଙ୍କ ବିରୋଧରେ ଠାଣେ, ପୁଣେ ଓ ଧୁଲେ ଜିଲାରେ ମାମଲା ରୁଜୁ ହୋଇଥିଲା।

### ବିକେୟୁରୁ ଟିକାଏତ୍ ବହିଷ୍କୃତ



ରାକେଶ ଟିକାଏତ୍

**ଦୁଇ ଭାଗ ହେଲା ସଂଗଠନ**

**ରାଜେଶ ସିଂ ଚୌହାନ ବିକେୟୁର ନୂଆ ମୁଖ୍ୟ**

ନୂଆଦିଲ୍ଲୀ,୧୫।୫

କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ଚାଷୀ ଆନ୍ଦୋଳନର ନେତୃତ୍ୱ ନେଇଥିବା ଅଗ୍ନିବର୍ଷୀ ନେତା ରାକେଶ ଟିକାଏତ୍‌ଙ୍କୁ ଭାରତୀୟ କିଷାନ ୟୁନିୟନ (ବିକେୟୁ)ରୁ ରବିବାର ବହିଷ୍କାର କରାଯାଇଛି। ତାଙ୍କ ଭାଇ ନରେଶ ଟିକାଏତ୍‌ଙ୍କୁ ମଧ୍ୟ ବିକେୟୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦରୁ ବିଦା କରିଦିଆଯାଇଛି। ଟିକାଏତ୍ ଭ୍ରାତା ରାଜନୀତି କରିବା ସହ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଥିଲେ ବୋଲି ଚାଷୀ ନେତାମାନେ ଅଭିଯୋଗ କରିଥିଲେ। ଟିକାଏତ୍ ଭ୍ରାତାଙ୍କୁ ବହିଷ୍କାର କରାଯିବା ପରେ ଭାରତୀୟ କିଷାନ ୟୁନିୟନ ଦୁଇଭାଗରେ ବିଭକ୍ତ ହୋଇଯାଇଛି। ନରେଶଙ୍କ ସ୍ଥାନରେ କୃଷକ ନେତା ରାଜେଶ ସିଂ ଚୌହାନଙ୍କୁ ବିକେୟୁ (ଅଣରାଜନୈତିକ)ର ନୂଆ ମୁଖ୍ୟ କରାଯାଇଛି।

ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ଗଠିତ ହୋଇଥିବା ବିକେୟୁକୁ ଏକାଠି ରଖିବା ଲାଗି କଠିନ ପରିଶ୍ରମ କରାଯାଇଛି। ତେବେ ଟିକାଏତ୍‌ଙ୍କ ନେତୃତ୍ୱରେ ସଂଗଠନ ଏକ ରାଜନୈତିକ ଜୋନ୍‌ରେ ପରିଣତ ହୋଇଥିଲା ବୋଲି ଚୌହାନ କହିଛନ୍ତି। ଗଠିତ ହୋଇଥିବା ନୂଆ ସଂଗଠନ କୌଣସି ରାଜନୈତିକ ଦଳ ପାଇଁ କାର୍ଯ୍ୟ କରିବ ନାହିଁ ବୋଲି ସେ କହିଛନ୍ତି।




ଗର୍ଭପାତ ଅଧିକାର ପାଇଁ ଆମେରିକାର ନ୍ୟୁୟର୍କରେ ମହିଳାମାନେ ବିକ୍ଷୋଭ କରୁଛନ୍ତି।

### ୯ ହଜାର କୋଟିର ବ୍ୟାଙ୍କ ଠକେଇ

କୋଲକାତା,୧୫।୫

**ବାଂଲାଦେଶରୁ ଋଣ ନେଇ ଭାରତରେ ବ୍ୟବସାୟ**

ବାଂଲାଦେଶର ଏକ ବ୍ୟାଙ୍କରୁ ୯ ହଜାର କୋଟି ଠକେଇ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରବିବାର ୬ ଜଣଙ୍କୁ ଗିରଫ କରିଛି। ମାଷ୍ଟରମାଇଣ୍ଡ ପ୍ରଶାନ୍ତ ହଲଦାର ତାଙ୍କ ଦେଶର ବ୍ୟାଙ୍କରୁ ଋଣ ନେଇ ଜାଲ୍ ପ୍ରମାଣପତ୍ର ବଳରେ ପଶ୍ଚିମବଙ୍ଗରେ ସମ୍ପତ୍ତି କିଣିଛନ୍ତି। ସେ ବାଂଲାଦେଶ ନାଗରିକ ହୋଇଥିବାବେଳେ ନକଲି ରାଶନ କାର୍ଡ, ପ୍ୟାନ୍ କାର୍ଡ ସାଙ୍ଗକୁ ଆଧାର କାର୍ଡ ଆଦି ଦେଖାଇ ଛଦ୍ମ ନାମ ଶିବଶଙ୍କର ହଲଦାର ଭାବେ ଭାରତରେ ରହୁଥିଲେ। ପ୍ରଶାନ୍ତ ଓ ତାଙ୍କ ୫ ସହଯୋଗୀଙ୍କୁ ମନି ଲଣ୍ଡରିଂ ଆକ୍ଟ ଅଧୀନରେ ଇଡି ଗିରଫ କରିଛି। ବ୍ୟାଙ୍କରୁ ଆଣିଥିବା ଅର୍ଥରେ ପ୍ରଶାନ୍ତ ପଶ୍ଚିମବଙ୍ଗର ଅନେକ ସ୍ଥାନରେ ସମ୍ପତ୍ତି କିଣିବା ସହ କିଛି ଜାଲ୍ କମ୍ପାନୀ ସ୍ଥାପନ କରିଥିବା ଜଣାପଡ଼ିଛି। ମାମଲାର ତଦନ୍ତ ପାଇଁ ଇଡି ପଶ୍ଚିମବଙ୍ଗର ୧୧ଟି ସ୍ଥାନରେ ଚଢ଼ାଉ କରିଥିଲା। ତାଙ୍କ ନିକଟରୁ ବାଂଲାଦେଶ, ଭାରତ ଓ ଗ୍ରେନେଡାର ପାସ୍‌ପୋର୍ଟ ଇଡିର ହସ୍ତଗତ ହୋଇଛି। ବାଂଲାଦେଶ ସରକାରଙ୍କ ଅନୁରୋଧ କ୍ରମେ ଇଣ୍ଟରପୋଲ ପ୍ରଶାନ୍ତଙ୍କ ବିରୋଧରେ ରେଡ୍ କର୍ନର ନୋଟିସ ଜାରି କରିଛି।

### ଉତ୍ତର କୋରିଆରେ ୪ ଦିନରେ ୮ ଲକ୍ଷ ସଂକ୍ରମିତ

**ପୋଙ୍ଗାଙ୍ଗ୍,୧୫।୫:** ଉତ୍ତର କୋରିଆରେ ୪ ଦିନ ଭିତରେ ମୋଟ ୮,୨୦,୬୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୪୨ ଜଣ କାରୋନାରେ ପ୍ରାଣ ହରାଇଥିବାବେଳେ ରବିବାର ଏକକାଳିନ ୧୫ ଜଣଙ୍କ ପ୍ରାଣହାନି ଘଟିଛି। ପ୍ରଥମ କରୋନା ସଂକ୍ରମିତ ଚିହ୍ନଟ ହେବା ପରଠାରୁ ସରକାର ଦେଶର ବିଭିନ୍ନ ସ୍ଥାନରେ ଲକ୍‌ଡାଉନ୍ ସାଙ୍ଗକୁ କାରୋନା କଟକଣା ଘୋଷଣା କରିଛନ୍ତି। ଏପ୍ରିଲରେ ରାଜଧାନୀ ପୋଙ୍ଗାଙ୍ଗରେ ପ୍ରଥମ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ।

### ଦେବସହାୟମ୍‌ଙ୍କୁ ସନ୍ଥ ଘୋଷଣା କଲେ ପୋପ୍

ଭାଟିକାନ୍ ସିଟି, ୧୫।୫



**ଉପାଧି ପାଇବାରେ ପ୍ରଥମ ଭାରତୀୟ**

ଅଷ୍ଟାଦଶ ଶତାବ୍ଦୀରେ ହିନ୍ଦୁରୁ ଖ୍ରୀଷ୍ଟଧର୍ମ ଆପଣାଇଥିବା ଦେବସହାୟମ ପିଲାଇଙ୍କୁ କ୍ୟାଥୋଲିକ୍ ଚର୍ଚ୍ଚର ମୁଖ୍ୟ ପୋପ୍ ଫ୍ରାନ୍ସିସ୍ ରବିବାର ସନ୍ଥ ଘୋଷଣା କରିଛନ୍ତି। ଲାଜାରସ୍ ଭାବେ ମଧ୍ୟ ଜଣା ଦେବସହାୟମ୍ ଜନ୍ମର ୩୦୦ ବର୍ଷ ପରେ ଏହି ଉପାଧି ପାଇଛନ୍ତି। ଭାଟିକାନ୍ ସିଟିରେ ଆୟୋଜିତ ଏକ ଉତ୍ସବରେ ପୋପ୍‌ଙ୍କ ଦ୍ୱାରା ସନ୍ଥ ଘୋଷିତ ହେବାରେ ଦେବସହାୟମ୍ ହେଉଛନ୍ତି ପ୍ରଥମ ଭାରତୀୟ।

ବର୍ତ୍ତମାନର କନ୍ୟାକୁମାରୀରେ ନିଲକାନ୍ଦନ ପିଲାଇ ଏକ ହିନ୍ଦୁ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ୧୭୪୫ରେ ସେ ଖ୍ରୀଷ୍ଟ ଧର୍ମ ଅବଲମ୍ବନ କରିବା ସହ ତାଙ୍କ ନାମ ଦେବସହାୟମ ଏବଂ ଲାଜାରସ୍ ରଖିଥିଲେ। ଜାତିଗତ ଭେଦଭାବ ବିରୋଧରେ ଲଢ଼େଇବେଳେ ୧୭୫୨ରେ ତାଙ୍କୁ ହତ୍ୟା କରାଯାଇଥିଲା। ଭାଟିକାନ୍ ୨୦୧୨ରେ ତାଙ୍କୁ ବଳିଦାନକୁ ଚିହ୍ନଟ କରିଥିଲା। ୨୦୧୩ରେ ଜଣେ ମହିଳାଙ୍କ ଜୀବନରେ ବଡ଼ ଧରଣର ପରିବର୍ତ୍ତନ ଘଟିଥିଲା। ସେ ୭ ମାସର ଗର୍ଭବତୀ ଥିବାବେଳେ ଡାକ୍ତର ତାଙ୍କ ଭ୍ରୂଣକୁ ମୃତ ଘୋଷଣା କରିଥିଲେ। ସେହି ସମୟରେ ମହିଳା ଜଣକ ଦେବସହାୟମ୍ ନିକଟରେ ପ୍ରାର୍ଥନା କରିବା ପରେ ତାଙ୍କ ଶିଶୁ ନୂଆ ଜୀବନ ପାଇଥିବା ଦାବି କରିଥିଲେ। ଏହା ପରେ ଭାଟିକାନ୍ ଦେବସହାୟମ୍‌ଙ୍କୁ ସନ୍ଥ ଉପାଧି ପ୍ରଦାନ କରିଛି।

### ଚୁମ୍ବନ ଦେବା ଅପ୍ରାକୃତ ଅପରାଧ ନୁହେଁ

ମୁମ୍ବାଇ,୧୫।୫



**ବମ୍ବେ ହାଇକୋର୍ଟଙ୍କ ଟିପ୍ପଣୀ**

ଓଠରେ ଚୁମ୍ବନ ଦେବା ଏବଂ ସ୍ପର୍ଶ କରିବା ଆଇପିସିର ଧାରା ୩୭୭ ଅନୁଯାୟୀ ଅପ୍ରାକୃତ ଅପରାଧ ନୁହେଁ ବୋଲି ବମ୍ବେ ହାଇକୋର୍ଟ ଟିପ୍ପଣୀ ଦେବା ସହ ଜଣେ ନାବାଳକଙ୍କ ପ୍ରତି ଯୌନ ଅପରାଧ ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ୧୪ ବର୍ଷୀୟ ବାଳକଙ୍କ ବାପାଙ୍କ ଅଭିଯୋଗକ୍ରମେ ଅଭିଯୁକ୍ତଙ୍କୁ ଗତବର୍ଷ ପୋଲିସ ଗିରଫ କରିଥିଲା।

ନାବାଳକଙ୍କ କହିବା ଅନୁଯାୟୀ ସେ ଅନ୍‌ଲାଇନ୍ ଗେମ୍ (ଓଲା ପାର୍ଟି) ରିଚାର୍ଜ କରିବା ଲାଗି ମୁମ୍ବାଇ ସହରତଳି ଅଞ୍ଚଳରେ ଥିବା ଅଭିଯୁକ୍ତଙ୍କ ଦୋକାନକୁ ଅନେକ ସମୟରେ ଯାଉଥିଲେ। ଦିନେ ଦୋକାନୀ ତାଙ୍କ ଓଠରେ ଚୁମ୍ବନ ଦେବା ସହ ତାଙ୍କ ଗୁପ୍ତାଙ୍ଗକୁ ସ୍ପର୍ଶ କରିଥିଲେ। ପିଲାଟିର ବାପା ଥାନାରେ ଏତଲା ଦେବା ପରେ ଆଇପିସି ଧାରା ୩୭୭ ସମେତ ପୋକ୍ସୋ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା। ତେବେ ଧାରା ୩୭୭ ଦୈହିକ ଯୌନ ସମ୍ପର୍କ କିମ୍ବା ଅପ୍ରାକୃତ ଅପରାଧ କ୍ଷେତ୍ରରେ ଲାଗୁ ହୋଇଥାଏ। ଏଥିରେ ସର୍ବାଧିକ ଆଜୀବନ ଜେଲଦଣ୍ଡ ବ୍ୟବସ୍ଥା ରହିଛି ଏବଂ ଜାମିନ ମିଳିବା ସହଜ ନୁହେଁ। ତେବେ ଚୁମ୍ବନ ଦେବା କିମ୍ବା ସ୍ପର୍ଶ କରିବା ଅପ୍ରାକୃତ ଅପରାଧ ନୁହେଁ ଦର୍ଶାଇ ଜଷ୍ଟିସ ଅନୁଜ ପ୍ରଭୁଦେଶାଇ ଅଭିଯୁକ୍ତ ବ୍ୟବସାୟୀଙ୍କୁ ଜାମିନ ପ୍ରଦାନ କରିଛନ୍ତି।

**ତାପସୀ ପନ୍ନୁ ଗାଇନୋବେଦର ବ୍ରାଣ୍ଡ ଆମ୍ବାସାଡର**

**ନୂଆଦିଲ୍ଲୀ:** ଅଗ୍ରଣୀ ଆୟୁର୍ବେଦିକ ଫେମଟେକ୍ ବ୍ରାଣ୍ଡ 'ଗାଇନୋବେଦ' ନିକଟରେ ଅଭିନେତ୍ରୀ ତାପସୀ ପନ୍ନୁଙ୍କୁ ନିଜର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ଏହି ଡାଇରେକ୍ଟ ଟୁ କନ୍ଜ୍ୟୁମର୍ ବ୍ରାଣ୍ଡ କ୍ଲିନିକାଲ୍ ଗବେଷଣା କରାଯାଇଥିବା ବିରଳ ଚେରମୂଳରେ ତିଆରି ନିଜର ଅତ୍ୟନ୍ତ ପ୍ରଭାବଶାଳୀ ଆୟୁର୍ବେଦିକ ଔଷଧଗୁଡ଼ିକ ପାଇଁ ଗ୍ରାହକଙ୍କ ଭଲପାଇବା ଓ ସମର୍ଥନ ପାଇଆସିଛି। ଏ ସମ୍ପର୍କରେ ଗାଇନୋବେଦର ପ୍ରତିଷ୍ଠାତା ତଥା ସିଇଓ ବିଶାଲ ଗୁପ୍ତା କହିଛନ୍ତି, ମହିଳାଙ୍କ ରକ୍ତସ୍ରାବଜନିତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗାଇନୋବେଦକୁ ବିଶ୍ୱରେ ମହିଳାଙ୍କର ପ୍ରଥମ ପସନ୍ଦର ବ୍ରାଣ୍ଡ କରିବା ଆମର ଲକ୍ଷ୍ୟ।

# ବ୍ୟାଙ୍କ ଘରୋଇକରଣକୁ ସବୁ ସ୍ତରରେ ବିରୋଧ କର




**ଭୁବନେଶ୍ୱର,୧୫।୫:** ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଅଫିସର୍ସ ଆସୋସିଏଶନ ଓଡ଼ିଶା ୟୁନିଟ୍‌ର ୪୧ତମ ବାର୍ଷିକ ବୈଠକ ରବିବାର ସ୍ଥାନୀୟ କିଟ୍ ଅଡିଟୋରିୟମ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ବିଓଆଇ ଅଫିସର୍ସ ଆସୋସିଏଶନ ଓଡ଼ିଶା ୟୁନିଟ୍‌ର ସଭାପତି କମ୍ରେଡ୍ ସ୍ମୃତିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ କରାଯାଇଥିଲା। ଆସୋସିଏଶନର ସାଧାରଣ ସମ୍ପାଦକ କମ୍ରେଡ୍ କମଲଜିତ୍ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଫେଡେରେଶନ୍ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନର ଲିଡର ସାଧାରଣ ସମ୍ପାଦକ କମ୍ରେଡ୍ ସୁନୀଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଫେଡେରେଶନ୍ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନର ସଭାପତି କମ୍ରେଡ୍ ସଞ୍ଜୟ ଦାସ ସମ୍ମାନିତ ଅତିଥି ରୂପେ ବୈଠକରେ ଅଂଶଗ୍ରହଣ କରିଥିଲେ। ସରକାରଙ୍କ ବ୍ୟାଙ୍କ ଘରୋଇକରଣକୁ ସବୁ ସ୍ତରରେ ବିରୋଧ କରାଯିବ ବୋଲି ବୈଠକରେ ଅତିଥି ଓ ଅଧିକାରୀମାନେ ମତବ୍ୟକ୍ତ କରିଛନ୍ତି। ଏଆଇବିଓସିର ରାଜ୍ୟ ସଚିବ କମ୍ରେଡ୍ ଦୁର୍ଗା ପ୍ରସାଦ ମହାପାତ୍ର ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ସେହିପରି ରାଜ୍ୟର ୪ଟି ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ପ୍ରିୟବ୍ରତ ପଟ୍ଟନାୟକ, ମଳୟ ଦାସ, ୟୁ.କେ.ରଥ, ଅରବିନ୍ଦ ମିଶ୍ର ଓ ଆର୍.ସି.ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବିଓଆଇଓଏ ଓଡ଼ିଶା ୟୁନିଟ୍ ପକ୍ଷରୁ ଯୁବ ପର୍ବତାରୋହୀ ଲିପିକା ସେଟ୍‌ଙ୍କୁ ତାଙ୍କର ଆସନ୍ତା ପ୍ରକଳ୍ପ ପାଇଁ ୫୧,୦୦୦ ଟଙ୍କାର ଏକ ସହାୟତା ରାଶି ପ୍ରଦାନ କରାଯାଇଥିଲା।

# ଓଡ଼ିଶାର ଡିଏସ୍ ଶିଳ୍ପରେ ୧୩.୩% ଅଭିବୃଦ୍ଧି

**ଭୁବନେଶ୍ୱର,୧୫।୫:** ଓଡ଼ିଶାରେ ଡାଇରେକ୍ଟ ସେଲିଂ (ଡିଏସ୍) ଶିଳ୍ପ କୋଭିଡ-୧୯ ମହାମାରୀ ସତ୍ତ୍ୱେ ୧୩.୩% ଅଭିବୃଦ୍ଧି ହାର ହାସଲ କରିଛି। ଏପରିକି ୨୦୨୦-୨୧ଆର୍ଥିକ ବର୍ଷରେ ଏହା ସର୍ବକାଳୀନ ସର୍ବୋଚ୍ଚ ସ୍ତର ୧୦୩୪ କୋଟି ଟଙ୍କାରେ ପହଞ୍ଚିଥିବା ଇଣ୍ଡିଆନ ଡାଇରେକ୍ଟ ସେଲିଂ ଆସୋସିଏଶନ (ଆଇଡିଏସ୍ଏ) ପକ୍ଷରୁ କୁହାଯାଇଛି। ସେହିଭଳି ପୂର୍ବ ଆର୍ଥିକ ବର୍ଷରେ ହୋଇଥିବା ବିକ୍ରି ୯୧୨.୬୦ କୋଟି ଟଙ୍କା ତୁଳନାରେ ଏଥିରେ ୧୨୧ କୋଟି ଟଙ୍କାରୁ ଅଧିକ ବୃଦ୍ଧି ଘଟିଛି। ଓଡ଼ିଶାରେ ଡିଏସ୍ ରାଜ୍ୟ ରାଜକୋଷକୁ ୨୦୨୦-୨୧ ବର୍ଷରେ ଜିଏସ୍‌ଟି ଆକାରରେ ପ୍ରାୟ ୧୫୦ କୋଟି ଟଙ୍କାର ଅବଦାନ ରଖିଛି ଏବଂ ବିକ୍ରି ଦୃଷ୍ଟିରୁ ଏହା ଦେଶରେ ଶ୍ରେଷ୍ଠ ୧୦ଟି ରାଜ୍ୟ ମଧ୍ୟରେ ୫ମ ସ୍ଥାନରେ ରହିଛି। ରାଜ୍ୟରେ ମୋଟ ପ୍ରାୟ ୩.୩୪ ଲକ୍ଷ ପ୍ରତ୍ୟକ୍ଷ ବିକ୍ରେତା ରହିଥିବାବେଳେ ସେମାନଙ୍କ ମଧ୍ୟରେ ମହିଳା ବିକ୍ରେତା ପ୍ରାୟ ୧.୫ ଲକ୍ଷ ରହିଛନ୍ତି। ଓଡ଼ିଶା ମଧ୍ୟ ବିକ୍ରି କ୍ଷେତ୍ରରେ ଦେଶର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ମଧ୍ୟରେ ୩ୟ ସ୍ଥାନ ବଜାୟ ରଖିଛି। ଏ ସମ୍ପର୍କରେ ଆଇଡିଏସ୍ଏର ଅଧ୍ୟକ୍ଷ ରଜତ ବାନାର୍ଜୀ ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତର ପ୍ରତ୍ୟକ୍ଷ ବିକ୍ରି ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିବେକ କାଟୋଚ, ଭାଇସ୍ ଚେୟାରମ୍ୟାନ, ଆଇଡିଏସ୍ଏ ଏବଂ ପ୍ରଫେସର ବିଜନ ମିଶ୍ର, ଓଡ଼ିଶା ସରକାରଙ୍କ ପରାମର୍ଶଦାତାଙ୍କ ସମେତ ପ୍ରାୟ ୧୮ଟି ଅନୁଷ୍ଠାନର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ସୋମ ଅଟୋ: ପ୍ରତିଦିନ ନୂଆ ଅଭିଜ୍ଞତା

**ଢେଙ୍କାନାଳ ରାଜ ପରିବାର ସଦସ୍ୟ ହର୍ଷବର୍ଦ୍ଧନ ସିଂହଦେଓ। ଉଚ୍ଚଶିକ୍ଷା ସମାପ୍ତ କରି ପରିବାରର ପରାମର୍ଶକ୍ରମେ ସେ ବ୍ୟବସାୟ କ୍ଷେତ୍ରରେ ମନୋନିବେଶ କରିଥିଲେ। ଜଣେ ଭ୍ରମଣପ୍ରିୟ ମଣିଷ ହୋଇଥିବାରୁ ମନରେ ଗାଡ଼ି ବ୍ୟବସାୟ ପ୍ରତି ଆଗ୍ରହ ଜନ୍ମିଥିଲା। ଲୋକଙ୍କୁ ଚାକିରି ଯୋଗାଇଦେବା ଲକ୍ଷ୍ୟରେ ସେ ୨୦୦୬ ସେପ୍ଟେମ୍ବରରୁ ଢେଙ୍କାନାଳରେ 'ହିରୋ'ର ଅଧିକୃତ ବିକ୍ରେତା ହୋଇ 'ସୋମ ଅଟୋ' ନାମରେ ଏକ ଶୋ'ରୁମ୍ ପ୍ରତିଷ୍ଠା କରିଥିଲେ। ୨୦୦୭ ଜାନୁୟାରୀରେ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ ପରେ ଦୁଇଚକିଆ ଯାନ ବ୍ୟବସାୟରେ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ରାଜ ପରିବାରରୁ ବର୍ତ୍ତମାନର ରାଜକାର୍ଯ୍ୟ ପର୍ଯ୍ୟନ୍ତ ଯାତ୍ରା ନେଇ ଧରିତ୍ରୀକୁ ସାକ୍ଷାତ୍କାର ଦେବାବେଳେ ମନଖୋଲି କହିଛନ୍ତି ହର୍ଷବର୍ଦ୍ଧନ।**


ସ୍ତ୍ରୀ ଚନ୍ଦ୍ରିକା କୁମାରୀଙ୍କ ସହ ହର୍ଷବର୍ଦ୍ଧନ ସିଂହଦେଓ।

**▸▸ ୨ ବର୍ଷର କୋଭିଡ୍ ମହାମାରୀ ସାଙ୍ଗକୁ ଅହେତୁକ ତୈଳ ଦର ବୃଦ୍ଧି ଦୁଇଚକିଆ ଯାନ ବ୍ୟବସାୟକୁ କିଭଳି ପ୍ରଭାବିତ କରିଛି?**

କୋଭିଡ୍ ମହାମାରୀ ସମୟରେ ଦୁଇଚକିଆ ଯାନ ବ୍ୟବସାୟ ଏକପ୍ରକାର ବନ୍ଦ ହୋଇଯାଇଥିଲା। ଗୋଟିଏପଟେ ସଂକ୍ରମଣର ଭୟ, ଅପରପକ୍ଷେ ସରକାରଙ୍କ କୋଭିଡ୍ କଟକଣା ଯୋଗୁ ଲୋକେ ଘରୁ ବାହାରକୁ ବାହାରି ପାରି ନ ଥିଲେ। ଲୋକଙ୍କ ଆର୍ଥିକ ସ୍ଥିତି ମଧ୍ୟ ଖରାପ ହୋଇଯାଇଥିଲା। ତୈଳ ଦର ବୃଦ୍ଧି ଯୋଗୁ ସବୁବର୍ଗର ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଲେ। ପରିବହନ ସେବା ବେଶ୍ ପ୍ରଭାବିତ ହୋଇଥିଲା। ସାମଗ୍ରୀ ଓ ଶ୍ରମିକ ଅଭାବରୁ ଗାଡ଼ି ଉତ୍ପାଦନ ହ୍ରାସ ପାଇଥିଲା। ସବୁଠୁ ବଡ଼କଥା ହେଲା କୋଭିଡ୍ ସମୟରେ ସଂସ୍ଥାର କର୍ମଚାରୀମାନେ ରୋଟେଶନ ପଲିସିରେ କାମ କଲେ। ଫଳରେ ଏକତୃତୀୟାଂଶ କର୍ମଚାରୀଙ୍କୁ ନେଇ ଶୋ'ରୁମ୍ ପରିଚାଳନା କରାଯାଉଥିଲା।

**▸▸ ଆସନ୍ତା ବର୍ଷ ଆପଣଙ୍କ ବ୍ୟବସାୟ କିଭଳି ଉନ୍ନତି କରିପାରିବ ବୋଲି ଭାବୁଛନ୍ତି?**

କୋଭିଡ୍ ଯୋଗୁ ଗତ କିଛିମାସ ହେବ ସବୁ ଗୋଳମାଳ ହୋଇଯାଇଛି। ବର୍ତ୍ତମାନ ପରି ସବୁ ଠିକ୍ ରହିଲେ ଲୋକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଫଳରେ ଆସନ୍ତା ବର୍ଷରେ ପୂର୍ବ ଭଳି ଗାଡ଼ି କିଣିବାକୁ ଆଗ୍ରହ ପ୍ରକାଶ କରିବେ। ଗାଡ଼ି ବ୍ୟବସାୟ ନିଶ୍ଚିତ ଭଲ ହେବ ବୋଲି ଆମେ ଆକଳନ କରୁଛୁ।

**▸▸ ଢେଙ୍କାନାଳରେ ଆପଣ 'ହିରୋ' ବାଇକ୍‌ର ସର୍ବବୃହତ୍ ବିକ୍ରେତା। ସଂସ୍ଥାର ବ୍ୟବସାୟ ବୃଦ୍ଧି ପାଇଁ କେଉଁ ନୂତନ ଚିନ୍ତା କରୁଛନ୍ତି?**

ଢେଙ୍କାନାଳରେ ଆମେ ସବୁଠାରୁ ବଡ଼ ଡିଲର ହୋଇଥିଲେ ମଧ୍ୟ ସଂସ୍ଥାର ବ୍ୟବସାୟ ବୃଦ୍ଧି ପାଇଁ ଅନେକ ଯୋଜନା କରାଯାଉଛି। କମ୍ପାନୀ ବିଜ୍ଞାପନ, ସୋସିଆଲ ମିଡିଆ, ଟେଲିଭିଜନ ଓ ପ୍ରିଣ୍ଟ ମିଡିଆ ଭଳି ମାଧ୍ୟମରେ ଗ୍ରାହକଙ୍କ ନିକଟତର ହେବା ସହ ଯାନ ବିକ୍ରି ପାଇଁ ଗ୍ରାହକକୈନ୍ଦ୍ରିକ ହେବାକୁ ପ୍ରୟାସ କରୁଛୁ। ଗାଡ଼ି ବିକ୍ରି ଓ ବିକ୍ରିର ପରବର୍ତ୍ତୀ ସେବାକୁ ଗୁରୁତ୍ୱ ଦେଇଆସୁଛୁ। ବିଶେଷକରି ହିରୋର ସମସ୍ତ ପ୍ରଡକ୍ଟ ଅତି ଉଚ୍ଚମାନର ରହିଛି। ସହରର ଜନଗହଳିପୂର୍ଣ୍ଣ ସ୍ଥାନ, ହାଟ ଏବଂ ଗ୍ରାମାଞ୍ଚଳରେ ଲୋକସମ୍ପର୍କ ବୃଦ୍ଧି ସହ ସେଲ୍ସ ସର୍ଭିସ୍ ପାଇଁ ଷ୍ଟଲ ମାଧ୍ୟମରେ ରୋଟେଶନ ପଲିସିରେ ପ୍ରଚାର ପ୍ରସାର କରାଯାଉଛି। ପୁରୁଣା ଗ୍ରାହକମାନଙ୍କୁ ଫୋନ୍‌ରେ ନୂଆ ଗାଡ଼ି ଓ ମଡେଲର ବିଶେଷତ୍ୱ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଉଛି।



ହିରୋ ମୋଟୋକର୍ପର ସ୍ୱୀକୃତିପ୍ରାପ୍ତ ଡିଲର 'ସୋମ ଅଟୋ'ର ସ୍ୱତ୍ୱାଧିକାରୀ ହର୍ଷବର୍ଦ୍ଧନ ସିଂହଦେଓ।

**▸▸ ବଜାରରେ ଦୁଇଚକିଆ 'ହିରୋ' ଯାନର ବିଶେଷତ୍ୱ କିଭଳି ରଖିବାକୁ ଚାହୁଁଛନ୍ତି?**

ଆଜି ମଧ୍ୟ ହିରୋ ବାଇକ୍ ସାରା ଦେଶରେ ୧ ନମ୍ବରରେ ରହିଛି। ହିରୋର ସର୍ଭିସ ସେଣ୍ଟର ମଧ୍ୟ ଅନ୍ୟଠାରୁ ଅଧିକ। ଗ୍ରାହକ ଘର ପାଖରେ ଭଲ ସର୍ଭିସ୍ ପାଇଲେ କମ୍ପାନୀ ପ୍ରତି ଆଗ୍ରହ ପ୍ରକାଶ କରିବେ। ପ୍ରାୟ ୪୦ ବର୍ଷ ହେବ ହିରୋ ଲୋକମାନଙ୍କ ମଧ୍ୟରେ ବିଶ୍ୱାସ ଜମାଇପାରିଛି। ଏହାର ଅତ୍ୟାଧୁନିକ ଜ୍ଞାନକୌଶଳ ଓ ମୂଲ୍ୟ ଯୋଗୁ ହିରୋ ବାଇକ୍ ପ୍ରତି ଲୋକଙ୍କ ଆଗ୍ରହ ରହିଛି। ହିରୋର ଚାହିଦା ଏବେ ଧୀରେ ଧୀରେ ବଢୁଛି, ଆଗକୁ ବିକ୍ରି ମଧ୍ୟ ଭଲ ହେବ ବୋଲି ଆଶା।

**▸▸ କୋଭିଡ୍ ଭୟରେ ପବ୍ଲିକ ଟ୍ରାନ୍ସପୋର୍ଟକୁ ଲୋକେ ନାପସନ୍ଦ କରୁଥିବାବେଳେ ନିଜେ ମଧ୍ୟ ଗାଡ଼ି କିଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି ଏ ସମ୍ପର୍କରେ କ'ଣ କହିବେ?**

ବର୍ତ୍ତମାନ ହିରୋ ବାଇକ୍ ପ୍ରତି ଲୋକଙ୍କ ଆଗ୍ରହ ରହିଛି। ଗ୍ରାମାଞ୍ଚଳରେ ମଧ୍ୟ ଦୁଇଚକିଆ ଯାନ କିଣିବା ପାଇଁ ଲୋକଙ୍କ ଆଗ୍ରହ ବଢୁଛି। ପ୍ରାୟ ୭୦% ଲୋକ ଗାଡ଼ି କିଣିବା ପାଇଁ ଆଗ୍ରହୀ ଅଛନ୍ତି। ମାର୍କେଟ ଚାହିଦା ଅନୁଯାୟୀ କମ୍ପାନୀ ନୂତନ ଜ୍ଞାନକୌଶଳ ପ୍ରୟୋଗକରି ଗାଡ଼ି ଉତ୍ପାଦନ କରୁଛି। ରାଜସ୍ଥାନର ଜୟପୁରଠାରେ ହିରୋ ପକ୍ଷରୁ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ ନାମରେ ଏକ ସେଣ୍ଟର ଖୋଲାଯାଇଛି। କୋଭିଡ୍ ସମୟରେ ହୋଇଥିବା ସମସ୍ୟାକୁ ଏବେ ବିଭିନ୍ନ ଉପାୟରେ ମେକ୍‌ଅପ୍ କରାଯାଉଛି। ଆଗକୁ ବଢ଼ିବା ଆଶାରେ ଆଗାମୀ ଯୋଜନା କରାଯାଉଛି।

**▸▸ ବର୍ତ୍ତମାନ କମ୍ପାନୀର ବ୍ୟାଟେରି ଗାଡ଼ି ଆସୁଛି, ଢେଙ୍କାନାଳରେ ଏହାର ଚାହିଦା କିପରି ରହିଛି?**

ଆଜିର ଦିନରେ ସମସ୍ତେ ପ୍ରଦୂଷଣମୁକ୍ତ ହୋଇ ରହିବା ପାଇଁ ଚାହୁଁଛନ୍ତି। ତେଣୁ ଢେଙ୍କାନାଳ ଜିଲାରେ ବ୍ୟାଟେରି ଗାଡ଼ିର ଚାହିଦା ମଧ୍ୟ ବଢୁଛି। ଆମେ ବାଇକ୍ ମାର୍କେଟ ସେଗ୍‌ମେଣ୍ଟରେ ୧ନଂ.ରେ ଅଛୁ। ସ୍କୁଟର କ୍ଷେତ୍ରରେ ମଧ୍ୟ ଚାହିଦା ବଢ଼ାଉଛୁ। ବର୍ତ୍ତମାନ ପ୍ଲେଜରର ନୂତନ ମଡେଲର ଚାହିଦା ବଢୁଛି। ଆଗକୁ ଉନ୍ନତ ଟେକ୍ନୋଲୋଜିର ବାଇକ୍ ବଜାର ପ୍ରବେଶ କରାଇବା ସହ ଗ୍ରାହକଙ୍କ ଲୋକପ୍ରିୟତା ହାସଲ ଲକ୍ଷ୍ୟ ରଖାଯାଇଛି।

**▸▸ ଦୁଇଚକିଆ ଯାନ ବ୍ୟବସାୟ ପ୍ରତି ଆପଣଙ୍କ ଆଗ୍ରହ କିପରି ବଢ଼ିଲା?**

ମୁଁ ପ୍ରଥମେ ସାମରିକ ବାହିନୀରେ ଯୋଗଦେବା ପାଇଁ ଭାବିଥିଲି। ହେଲେ ସେଥିରେ ମୁଁ ସଫଳତା ପାଇ ନ ଥିଲି। ଢେଙ୍କାନାଳ ସହରର ପ୍ରମୁଖ ସ୍ଥାନରେ ଆମର ବଡ଼ ଜମି ଥିବାରୁ ଉକ୍ତ ସ୍ଥାନରେ ଏକ ଭଲ ବ୍ରାଣ୍ଡର ବାଇକ୍ ଶୋ'ରୁମ୍ କରିବାକୁ ଇଚ୍ଛା ପ୍ରକାଶ କରିଥିଲି। ପରିବାର ଓ ପରିଜନଙ୍କ ପରାମର୍ଶ କ୍ରମେ ହିରୋ ବାଇକ୍‌ର ଡିଲରଶିପ୍ ଆଣି ବ୍ୟବସାୟ ଆରମ୍ଭ କଲି। ଉକ୍ତ ବ୍ୟବସାୟରୁ ବହୁତ କିଛି ଶିଖିବାକୁ ମିଳିଛି। କମ୍ପାନୀ ମଧ୍ୟ ବହୁ ସାହାଯ୍ୟ ଓ ପ୍ରୋତ୍ସାହନ ଯୋଗାଇଦେଇଛି। ଆମେ ଗୋଟିଏ ଟିମ୍ ଭଳି କାମ କରୁଛୁ। ପ୍ରତିଦିନ ନୂଆ ଅଭିଜ୍ଞତା ମିଳୁଛି। ୧୫ ବର୍ଷ ମଧ୍ୟରେ ପ୍ରାୟ ୪୦ ହଜାର ମୂଲ୍ୟବାନ୍ ଗ୍ରାହକ ସୃଷ୍ଟି କରିପାରିଛୁ। ମାର୍କେଟ ଚାହିଦା ଅନୁଯାୟୀ କମ୍ପାନୀ ଆଗକୁ ବଢୁଛି। ନୂତନ ଟେକ୍ନୋଲୋଜି ପ୍ରୟୋଗ କରାଯାଉଛି।

**▸▸ ବ୍ୟବସାୟରେ ସଫଳତାର ଶ୍ରେୟ କାହାକୁ ଦେବେ?**

ବ୍ୟବସାୟ କରିବା ପରେ ମିଳିଥିବା ସଫଳତାର ଶ୍ରେୟ ପ୍ରଥମତଃ ମୁଁ ମୋର ମାତାପିତା ଓ ପରିବାରଙ୍କୁ ଦେବି। ମୋ ସ୍ତ୍ରୀ ଚନ୍ଦ୍ରିକା କୁମାରୀ ମୋତେ ବ୍ୟବସାୟରେ ସହଯୋଗ କରୁଛନ୍ତି। ୨ୟରେ ଶ୍ରେୟ ହିରୋ କମ୍ପାନୀକୁ ଦେବି। ସବୁଠାରୁ ଅଧିକ ଶ୍ରେୟ ଆମ ଗ୍ରାହକ ବନ୍ଧୁଙ୍କର। ୧୫ ବର୍ଷ ହେଲା ସେମାନେ ଆମକୁ ଆଶୀର୍ବାଦ କରିଆସିଛନ୍ତି। ଆମେ ଚାହୁଁ ଯିଏ ଆମ ପାଖକୁ ଆସୁଛନ୍ତି ହସି ହସି ଯାଆନ୍ତୁ ଏବଂ ଆଉ ଥରେ ଆସନ୍ତୁ।

**▸▸ ଅବସର ସମୟରେ କ'ଣ କରିବାକୁ ପସନ୍ଦ କରନ୍ତି?**

ଅବସର ସମୟରେ ମୁଁ ଭ୍ରମଣରେ ଯାଏ। ଘରେ ଥିଲେ ଇନ୍‌ଡୋର ଗେମ୍ ସହ ଟିଭି ଦେଖେ, ଗୀତ ଶୁଣେ ଓ ଖବରକାଗଜ ପଢ଼ିଥାଏ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହୋଇଥାଏ। ବେଳେବେଳେ ଗଛର ଯତ୍ନ ନେବା ସହ ଚାରାରୋପଣ ଭଳି କାର୍ଯ୍ୟ କରିଥାଏ।

## ଫୁରସତ୍

# ଗର୍ତ୍ତ ଭିତରେ ଜଙ୍ଗଲ

ବେଜିଂ



ଚାଇନାର ବୈଜ୍ଞାନିକମାନେ ଏକ ଜଙ୍ଗଲ ଠାବ କରିଛନ୍ତି ଯାହା ୬୩୦ ଫୁଟ୍ ଗଭୀର ଏକ ଗର୍ତ୍ତ ମଧ୍ୟରେ ଅବସ୍ଥିତ। ଚାଇନାର ଗୁଆଙ୍ଗଜି ଝୁଆଙ୍ଗରେ ଏହି ଜଙ୍ଗଲ ଦେଖିବାକୁ ମିଳିଛି। ଯେତେବେଳେ ବୈଜ୍ଞାନିକମାନେ ଏହି ଗର୍ତ୍ତର ସନ୍ଧାନ ପାଇଥିଲେ ସେତେବେଳେ ଏହା ଭିତର ଅନ୍ଧାରୁଆ ହୋଇଥିବା ସେମାନେ ଚିନ୍ତା କରିଥିଲେ। କିନ୍ତୁ ଏହା ଭିତରେ ସବୁଜିମାଭରା ଜଙ୍ଗଲ ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହି ଜଙ୍ଗଲରେ ଥିବା ଗଛଗୁଡ଼ିକର ଉଚ୍ଚତା ପାଖାପାଖି ୪୦ ମିଟର ଏବଂ ତା'ଠାରୁ ଅଧିକ ହୋଇଥିବାବେଳେ ଏହା ବହୁ ପୁରାତନ କାଳର ହୋଇଥିବା ବୈଜ୍ଞାନିକମାନେ ଦାବି କରିଛନ୍ତି। ଜଙ୍ଗଲରୁ ବହୁ ପୁରାତନ ଜୀବଙ୍କ ଅବଶେଷ ସେମାନଙ୍କର ହସ୍ତଗତ ହୋଇଥିବାବେଳେ ଜୀବଗୁଡ଼ିକ ୨୮ ମିଲିୟନ ବର୍ଷ ପୂର୍ବର ହୋଇଥିବା ସେମାନେ କହିଛନ୍ତି। ୩୦୬ ମିଟର ଲମ୍ବା, ୧୫୦ ମିଟର ଚଉଡ଼ାବିଶିଷ୍ଟ ଏହି ଗାତରେ ଦୀର୍ଘଦିନ ପର୍ଯ୍ୟନ୍ତ ବର୍ଷା ଜଳ ଜମା ହୋଇ ରହୁଥିବା ଦେଖିବାକୁ ମିଳିଛି। ବର୍ଷା ଜଳର ଦ୍ରୁତ ପ୍ରବାହ ଦ୍ୱାରା ଗାତଟି ଦିନକୁ ଦିନ ଚଉଡ଼ା ହେବାରେ ଲାଗିଥିବା କୁହାଯାଉଛି। ଏହି ଜଙ୍ଗଲ ଠାବ ଏକ ଶୁଭ ସଙ୍କେତ ହୋଇଥିବାବେଳେ ପୁରାତନ ଜୀବଙ୍କ ବିଷୟରେ ଅଧ୍ୟୟନ କରିବାର ଏହା ଏକ ସୁଯୋଗ ବୋଲି ନ୍ୟାଶନାଲ କେଭ୍ ଆଣ୍ଡ କାର୍ଷ୍ଟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ମହାନିର୍ଦ୍ଦେଶକ ଜର୍ଜ ଭାନି କହିଛନ୍ତି।

# କ୍ୟାରିୟର ଓରିଏଣ୍ଟେଡ୍ ଅନୁଷ୍କା



**ମୁମ୍ବାଇ:** ବର୍ତ୍ତମାନ ସମୟରେ ନିଜ କ୍ୟାରିୟରକୁ ଫୋକସ୍‌ରେ ରଖିଥିବା ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଏକ ସାକ୍ଷାତ୍କାରରେ କହିଛନ୍ତି। ବଲିଉଡ୍ କଳାକାର ଯେତେବେଳେ ଇଣ୍ଡଷ୍ଟ୍ରିଜ୍‌ରେ ନିଜ ପ୍ରଭାବ ବିସ୍ତାର କରିଥାନ୍ତି ସେତେବେଳେ ସେମାନେ ଫିଲ୍ମ ପ୍ରଯୋଜନା, ନିର୍ଦ୍ଦେଶନା ଆଦି ଦିଗକୁ ଆଗ୍ରହ କରିଥାନ୍ତି। ସେମିତି ବଲିଉଡ୍ ଡିଭା ଅନୁଷ୍କା ଶର୍ମା ମଧ୍ୟ ଫିଲ୍ମ ପ୍ରଯୋଜନା ପାଇଁ ମନ ବଳାଇଥିଲେ। ଏଥିସହ ଭାଇ କରନେଶ ଶର୍ମାଙ୍କ ସହ ମିଶି ଫିଲ୍ମ ପ୍ରଯୋଜନା କରିଥିଲେ କିନ୍ତୁ ସେ ଫିଲ୍ମଗୁଡ଼ିକ ନା ବକ୍ସ ଅଫିସରେ ସ୍ଥାନ ପାଇଥିଲା ନା ସିନେପ୍ରେମୀଙ୍କୁ ପସନ୍ଦ ଆସିଥିଲା। ଚଳିତ ବର୍ଷ ମାର୍ଚ୍ଚ ମାସରେ ଅନୁଷ୍କା ଫିଲ୍ମ ପ୍ରଯୋଜନାରୁ ଓହରିବା ନେଇ ଏକ ପରୋକ୍ଷ ଘୋଷଣା କରିଥିଲେ। ଏହା ପଛର କାରଣକୁ ସେ ପଦାକୁ ଆଣି ନ ଥିବାବେଳେ ନିକଟରେ ଏକ ସାକ୍ଷାତ୍କାରରେ ସେ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ପରିବାରକୁ ସମୟ ଦେବା ସହ କ୍ୟାରିୟର ଉପରେ ଫୋକସ୍ ମୋର ମୂଳ ଲକ୍ଷ୍ୟ। ତେଣୁ ପ୍ରଯୋଜନାରେ ବର୍ତ୍ତମାନ କୌଣସି ଆଗ୍ରହ ନ ଥିବା ସେ କହିଛନ୍ତି। ଏଥିସହ ବଲିଉଡ୍‌ରେ ଫିଲ୍ମ ପ୍ରଯୋଜନା ଏକ ମୂଷା ଦୌଡ଼ ପ୍ରତିଯୋଗିତା ଭଳି। ମୋ ଚରିତ୍ର ମୂଷାଠାରୁ ଅଧିକ ତେଣୁ ମୁଁ ଏହି ରେସ୍‌ରୁ ବାହାରି ଆସିଛି। ଅନୁଷ୍କାଙ୍କ ପ୍ରଯୋଜନାରେ ପରୀ, ଏନ୍‌ଏଚ୍୧୦, ଫିଲୌରୀ, ବୁଲବୁଲ୍ ଓ ପାତାଲ୍ ଲୋକ ଭଳି ଫିଲ୍ମ ତିଆରି କରାଯାଇଥିଲା। କିନ୍ତୁ ଏହି ଫିଲ୍ମଗୁଡ଼ିକ ବକ୍ସ ଅଫିସରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା।

# ୭୫ ବର୍ଷ ପରେ ପାକିସ୍ତାନ ଫେରୁଛନ୍ତି

ପୁଣେ



ପାକିସ୍ତାନ ରାୱଲପିଣ୍ଡିର ପ୍ରେମଗଳିରେ ରୀନା ବର୍ମାଙ୍କ ଘର। ସଞ୍ଚିତ ଅର୍ଥରେ ବାପା ଅତି ଯତ୍ନରେ ତିଆରି କରିଥିଲେ ଏକ ଘର, ଯେଉଁଥିରେ ରୀନା ତାଙ୍କ ମା' ବାପା ଓ ଭଉଣୀ ଭାଇଙ୍କ ସହ ଖୁସିରେ ରହୁଥିଲେ। କିନ୍ତୁ ୧୯୪୭ ମସିହାରେ ଭାରତ ପାକିସ୍ତାନ ବିଭାଜନ ସମୟରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗା ରୀନାଙ୍କ ଜୀବନକୁ ବଦଳାଇ ଦେଇଥିଲା। ଦଙ୍ଗା ଯୋଗୁ ଅନେକ ଲୋକଙ୍କ ପରିବାର ଅଲଗା ହୋଇଯାଇଥିବାବେଳେ ରୀନାଙ୍କୁ ତାଙ୍କ ପୈତୃକ ଘର ଛାଡ଼ିବାକୁ ପଡ଼ିଥିଲା। ଦଙ୍ଗା ଭୟରେ ଘର ଛାଡ଼ି ପରିବାର ସହ ଦିଲ୍ଲୀ ଚାଲିଆସିଥିଲେ ରୀନା। ଭାବିଥିଲେ ପରିସ୍ଥିତି ସ୍ୱାଭାବିକ ହେବା ପରେ ପୁଣି ନିଜ ଘରକୁ ଫେରିଯିବେ। ରୀନାଙ୍କ ଭାବନା ଆଉ ସତ ପାଲଟି ନ ଥିଲା।

ଦୁଇବର୍ଷ ପୂର୍ବେ ପୁରୁଣା ଘର, ପିଲାଦିନର କିଛି ସ୍ମୃତିକୁ ମନେପକାଇ ରୀନା ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରିଥିଲେ।

**ସୋସିଆଲ ମିଡିଆ ଜରିଆରେ ସତ ହେଲା ସ୍ୱପ୍ନ**

ରୀନାଙ୍କ ଏହି ପୋଷ୍ଟକୁ ଦେଖିଥିଲେ ରାୱଲପିଣ୍ଡିର ସାଜ୍ଜାଦ ଭାଇ। ରୀନା ନିଜ ଶେୟାର କରିଥିବା ଫଟୋ ଓ ଘର ଠିକଣାରେ ସାଜ୍ଜାଦ ପହଞ୍ଚିଥିଲେ ଏବଂ ବର୍ତ୍ତମାନ ସମୟର ଘରର ଫଟୋ ରୀନାଙ୍କୁ ପଠାଇଥିଲେ। ତା'ପରେ ରୀନା ତାଙ୍କ ଝିଅ ସୋନାଲିଙ୍କ ସହାୟତାରେ ପାକିସ୍ତାନ ଯିବା ପାଇଁ ଭିଜା ଆପ୍ଲାଏ କରିଥିଲେ। ଏବେ ରୀନାଙ୍କୁ ୯୦ ଦିନର ଭିଜା ମିଳିବା ପରେ ସେ ପାକିସ୍ତାନ ଯାଇ ପୈତୃକ ଘର ବୁଲି ଆସିବାକୁ ବାହାରିଛନ୍ତି।

# ବିବାହବେଳେ ନବ ଦମ୍ପତିଙ୍କ ଷ୍ଟଣ୍ଟ



**ନୂଆଦିଲ୍ଲୀ:** ନିଜ ବାହାଘରକୁ ଅଭୁଲା କରିବା ପାଇଁ ଷ୍ଟଣ୍ଟ କରିଛନ୍ତି ଜାବେ ଜେସୋପ। ଜାବେ ପେସାରେ ଜଣେ ଷ୍ଟଣ୍ଟମ୍ୟାନ୍। ଖ୍ରୀଷ୍ଟଧର୍ମ ରୀତିନୀତିରେ ଜାବେ ଅମ୍ବିର ବାମ୍ବିରଙ୍କୁ ବାହାହୋଇଥିଲେ। ବାହାଘର ପରେ ଦୁହେଁ ଦେହରେ ନିଆଁ ଲଗାଇ ଫଟୋଶୁଟ୍ କରିଥିଲେ। ସୂଚନାଯୋଗ୍ୟ, ପୂର୍ବ ପ୍ରସ୍ତୁତି ଅନୁସାରେ ହିଁ ଏହି ଫଟୋଶୁଟ୍ କରାଯାଇଥିଲା।

**କଶ୍ମୀରୀ ପଣ୍ଡିତଙ୍କୁ ଲଶ୍କରର ଧମକ: ତୁମେ ସମସ୍ତେ ମରିବ**

**ଶ୍ରୀନଗର:** ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ଇସ୍‌ଲାମ୍ ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ବସବାସ କରୁଥିବା କଶ୍ମୀରୀ ପଣ୍ଡିତମାନଙ୍କୁ ହତ୍ୟା ଧମକ ଦେଇଛି। ଏକ ପତ୍ର ଜାରି କରି କହିଛି, ସ୍ଥାନ ଛାଡ଼ି ପଳାଅ ନଚେତ୍ ମୃତ୍ୟୁ ଦଣ୍ଡ ଭୋଗିବ । ହଓ୍ୱାଲ ଟ୍ରାଞ୍ଜିଟର ମାଇଗ୍ରେଣ୍ଟ କଲୋନୀରେ ରହୁଥିବା ପଣ୍ଡିତମାନଙ୍କୁ ଏଥିରେ ଆର୍‌ଏସ୍‌ଏସ୍ ଏଜେଣ୍ଟ୍ ଦର୍ଶାଯାଇଛି। କଶ୍ମୀରୀ ମୁସଲ୍‌ମାନଙ୍କୁ ହତ୍ୟା କରିବା ପାଇଁ ଉପତ୍ୟକାକୁ ଆଉ ଏକ ଇସ୍ରାଏଲରେ ପରିଣତ କରିବାକୁ ଚାହୁଁଥିବା ସମସ୍ତ ପଣ୍ଡିତ ମରିବେ ବୋଲି ଚିଠିରେ କୁହାଯାଇଛି। କଶ୍ମୀରୀ ପଣ୍ଡିତ ରାହୁଲ ଭଟ୍ଟଙ୍କୁ ତହସିଲ ଅଫିସ ଭିତରେ ଆତଙ୍କବାଦୀ ହତ୍ୟା କରିବା ପରେ ସଦ୍ୟ ଧମକ ଏହି ସମୁଦାୟର ଚିନ୍ତା ବଢ଼ାଇଦେଇଛି।

# ଅବିଶ୍ୱସନୀୟ ସଫଳତା

## ଭାରତର ଥମାସ କପ୍ ବିଜୟକୁ ନେଇ ପ୍ରତିକ୍ରିୟା



**ଅବିସ୍ମରଣୀୟ:** ଡବଲ୍ସ ମ୍ୟାଚ ଜିତିବା ପରେ ଭାରତର ଚିରାଗ ଶେଟ୍ଟି ଓ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ। କୋର୍ଟ ଉପରେ ଶୋଇ ଖୁସି ମନାଉଛନ୍ତି ଲକ୍ଷ୍ୟ ସେନ୍।

**ନୂଆଦିଲ୍ଲୀ, ୧୫।୫ (ପି.ଟି.):** ସମ୍ମାନଜନକ ଥମାସ୍ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତର ପ୍ରଥମ ଟାଇଟଲ ବିଜୟ ପରେ ସମଗ୍ର ଦେଶରେ ଖୁସିର ଲହରି ଖେଳିଯାଇଛି। ଏଥିପାଇଁ ଖେଳାଳିମାନଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ଏହି ଐତିହାସିକ ସଫଳତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଶୁଟର ଅଭିନବ ବିନ୍ଦ୍ରା, ଦେଶର ରାଜନୈତିକଶ୍ରେଣୀ, କ୍ରୀଡ଼ା ସମୁଦାୟ, ମନୋରଞ୍ଜନ ଶିଳ୍ପ ଓ କର୍ପୋରେଟ୍ ସେକ୍ଟର ସମେତ ବିଭିନ୍ନ ମହଲର ଦୃଷ୍ଟି ଆକର୍ଷଣ କରିଛି। ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳର ସଦସ୍ୟ ଲକ୍ଷ୍ୟ ସେନ୍, କିଡାମ୍ବୀ ଶ୍ରୀକାନ୍ତ ଏବଂ ଡବଲ୍ସ ଯୋଡ଼ି ଚିରାଗ ଶେଟ୍ଟି ଓ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କ ପ୍ରଦର୍ଶନକୁ ସେମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ଏ ନେଇ କେତେଜଣ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ପ୍ରତିକ୍ରିୟା:

▶ଥମାସ୍ କପ୍ ଜିତି ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ ଇତିହାସ ସୃଷ୍ଟି କରିଛି। ସମଗ୍ର ଦେଶ ଏଥିରେ ଆନନ୍ଦିତ। ଆମ ସଫଳ ଦଳକୁ ଅଭିନନ୍ଦନ ଏବଂ ଭବିଷ୍ୟତ ପାଇଁ ଶୁଭକାମନା। ଏହି ବିଜୟ ଆଗାମୀ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରେରଣା ଦେବ।

**-ପ୍ରଧାନମନ୍ତ୍ରୀ, ନରେନ୍ଦ୍ର ମୋଦି**

▶ଥମାସ୍ କପ୍ ଜିତିବା ଏକ ଅବିଶ୍ୱସନୀୟ ସଫଳତା। ଆମ ପାଇଁ ନିଶ୍ଚୟ ଏହା ଏକ ଐତିହାସିକ ଦିବସ। ସମସ୍ତ କୋଚ୍ ଓ ଖେଳାଳିଙ୍କୁ ମୋର ସାଲ୍ୟୁଟ୍।

**-ଅଭିନବ ବିନ୍ଦ୍ରା, ଅଲିମ୍ପିକ ସ୍ୱର୍ଣ୍ଣପଦକ ବିଜୟୀ ଶୁଟର**

▶ଥମାସ୍ କପ୍‌ର ୭୩ ବର୍ଷ ଇତିହାସରେ ଟାଇଟଲ ଜିତିଥିବାରୁ ଆମେ ଗର୍ବିତ। ଏଥିଲାଗି ଟିମ୍ ଇଣ୍ଡିଆକୁ ଅଭିନନ୍ଦନ।

**-ହିମନ୍ତ ବିଶ୍ୱ ଶର୍ମା, ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ ସଭାପତି**

▶ଭାରତୀୟ କ୍ରିକେଟ ପାଇଁ ୧୯୮୩ ବିଶ୍ୱକପ୍ ବିଜୟ ଯାହା, ଥମାସ୍ କପ୍ ଭାରତୀୟ ବ୍ୟାଡ୍‌ମିଣ୍ଟନ ପାଇଁ ତାହା।

**-ବିମଲ କୁମାର, ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଟିମ୍ କୋଚ୍**

▶ଥମାସ୍ କପ୍ ଟାଇଟଲ ପାଇଁ ଟିମ୍ ଇଣ୍ଡିଆ ପୁରୁଷ ଦଳକୁ ଶୁଭେଚ୍ଛା। ଏହା ଏକ ମହାନ୍ ବିଜୟ।

**-ସାଇନା ନେହ୍‌ୱାଲ, ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ**

▶ଭାରତ ପ୍ରଥମଥର ଥମାସ୍ କପ୍ ଫାଇନାଲରେ ପ୍ରବେଶ କରିବା ସହ ଟାଇଟଲ ଜିତିବା ବାସ୍ତବିକ ଇତିହାସ। ଖେଳାଳିମାନଙ୍କୁ ମୋର ସଲାମ।

**-ତାପସୀ ପନ୍ନୁ, ଅଭିନେତ୍ରୀ**

▶ଭାରତୀୟ ବ୍ୟାଡ୍‌ମିଣ୍ଟନ ପାଇଁ ଏହା ଏକ ଐତିହାସିକ ସଫଳତା ଏବଂ ସ୍ମରଣୀୟ ମୁହୂର୍ତ୍ତ।

**-ବିରାଟ କୋହଲି, ଭାରତୀୟ ଷ୍ଟାର କ୍ରିକେଟର**

▶ଥମାସ୍ କପ୍ ବିଜୟ ପାଇଁ ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଦଳକୁ ଅଭିନନ୍ଦନ। ଆମ ଖେଳାଳିମାନେ ଦେଶବାସୀଙ୍କ ସ୍ୱପ୍ନକୁ ସାକାର କରିଛନ୍ତି।

**-କିରେନ ରିଜିଜୁ, କେନ୍ଦ୍ର ଆଇନ ମନ୍ତ୍ରୀ ଓ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ**

▶ଆମେ ଶ୍ରେଷ୍ଠ ଦଳକୁ ପରାସ୍ତ କରି ଥମାସ୍ କପ୍ ଚାମ୍ପିୟନ ହୋଇଛେ। ଭାରତୀୟ କ୍ରୀଡ଼ା ପାଇଁ ଏହା ଏକ ସ୍ମରଣୀୟ ମୁହୂର୍ତ୍ତ। କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ଏହାକୁ ହାସଲ କରିବା ଲାଗି ହୁଏତ କିଛି ସମୟ ଲାଗିପାରେ।

**-ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଅଧିନାୟକ**

▶ଆମ ଦେଶରେ ବହୁ ବ୍ୟକ୍ତିଗତ ଚାମ୍ପିୟନ ଅଛନ୍ତି। କିନ୍ତୁ ଏକ ଦଳ ହିସାବରେ ପ୍ରଥମଥର ଥମାସ୍ କପ୍ ଜିତିବା ଗୌରବର ବିଷୟ।

**-ଭିଭିଏସ୍ ଲକ୍ଷ୍ମଣ, କ୍ରିକେଟର**

**ଥମାସ୍ କପ୍ ଟାଇଟଲ**

**ଇଣ୍ଡୋନେସିଆ (୧୪ ଥର):** ୧୯୫୮, ୧୯୬୧, ୧୯୬୪, ୧୯୭୦, ୧୯୭୩, ୧୯୭୬, ୧୯୭୯, ୧୯୮୪, ୧୯୯୪, ୧୯୯୬, ୧୯୯୮, ୨୦୦୦, ୨୦୦୨, ୨୦୨୦।
**ଚାଇନା (୧୦ ଥର):** ୧୯୮୨, ୧୯୮୬, ୧୯୮୮, ୧୯୯୦, ୨୦୦୪, ୨୦୦୬, ୨୦୦୮, ୨୦୧୦, ୨୦୧୨, ୨୦୧୮।
**ମାଲେସିଆ (୫ ଥର):** ୧୯୪୯, ୧୯୫୨, ୧୯୫୫, ୧୯୬୭, ୧୯୯୨।
**ଡେନ୍‌ମାର୍କ (୧ ଥର):** ୨୦୧୬
**ଜାପାନ (୧ ଥର):** ୨୦୧୪
**ଭାରତ (୧ ଥର):** ୨୦୨୨

## ହସ୍ପିଟାଲରୁ ଛାଡ଼ ପାଇଲେ ପୃଥ୍ୱୀ ଶ’

**ମୁମ୍ବାଇ, ୧୫।୫ (ପି.ଟି.):** ଦିଲ୍ଲୀ କ୍ୟାପିଟାଲ୍ସ ଓପନର ପୃଥ୍ୱୀ ଶ’ ହସ୍ପିଟାଲରୁ ଛାଡ଼ ପାଇଛନ୍ତି। ସେ ଟାଇଫଏଡ୍‌ରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ୨୨ବର୍ଷୀୟ କ୍ରିକେଟର ଭୀଷଣ ଜ୍ୱରରେ ପୀଡ଼ିତ ହୋଇ ଚଳିତ ମାସ ପ୍ରଥମ ଭାଗରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବର୍ତ୍ତମାନ ସେ ଖେଳିବା ପାଇଁ ଫିଟ୍ କି ନା ତାହା କ୍ୟାପିଟାଲ୍ସ ଦଳର ଡେମିକାଲ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ଦେଖୁଛି। ଅସୁସ୍ଥ ହେବା ପୂର୍ବରୁ ପୃଥ୍ୱୀ ତାଙ୍କ ଶେଷ ମ୍ୟାଚ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବିପକ୍ଷରେ ଖେଳିଥିଲେ। ସେ ପ୍ରତ୍ୟାବର୍ତ୍ତନ କଲେ ଦଳର ଶକ୍ତି ବୃଦ୍ଧି ପାଇବ। ତାଙ୍କ ଅନୁପସ୍ଥିତିରେ ଫର୍ମରେ ଥିବା ଡେଭିଡ ୱାର୍ନରଙ୍କ ସହ ମନଦୀପ ସିଂ ଓ ଶ୍ରୀକର ଭରତ କାମଚଳା ଇନିଂସ ଓପନ କରୁଥିଲେ। ମାତ୍ର ଟପ୍‌ରେ ଉଭୟ ଖେଳାଳି ସଂଘର୍ଷ କରୁଛନ୍ତି। ଆଇପିଏଲର ଏହି ସିଜନରେ ପୃଥ୍ୱୀ ୯ଟି ଗେମ୍ ଖେଳି ୨୮.୭୭ ଆଭରେଜରେ ୨୫୯ ରନ ସ୍କୋର କରିଛନ୍ତି। ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୬୦ ରହିଛି।

## ଭୁବନେଶ୍ୱର ଜୋନ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ସପ୍ତାହନ୍ତ ଭଲିବଲ**

**ଭୁବନେଶ୍ୱର, ୧୫।୫ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଭଲିବଲ ଆସୋସିଏଶନ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ସପ୍ତାହନ୍ତ ଭଲିବଲ ଟୁର୍ନାମେଣ୍ଟର ଭୁବନେଶ୍ୱର ଜୋନ୍ ପ୍ରତିଯୋଗିତା ରବିବାର ଶେଷ ହୋଇଛି। ରାଜ୍ୟର ୬ଟି ସହର ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, ଜଗତ୍‌ସିଂହପୁର, ସମ୍ବଲପୁର ଓ ଫୁଲବାଣୀରେ ମ୍ୟାଚ୍ ଖେଳାଯାଇଥିଲା। କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ମହିଳା ସିନିୟର ଦଳର ମୁଖ୍ୟ କୋଚ୍ ପ୍ରୀତମ ସିଂ ଚୌହାନ, ସହକାରୀ କୋଚ୍ ବୈଶାଳୀ, ଭାରତୀୟ ମହିଳା ୨୦ ବର୍ଷରୁ କମ୍ ମୁଖ୍ୟ କୋଚ୍ ଅଶୋକ ଚକ୍ର, ସହକାରୀ କୋଚ୍ ପି. ରାଧିକା, ଭାରତୀୟ ପୁରୁଷ ୨୦ ବର୍ଷରୁ କମ୍ ମୁଖ୍ୟ କୋଚ୍ ରାଜେଶ କୁମାର, ଭାରତୀୟ ୧୮ ବର୍ଷରୁ କମ୍ ଟିମ୍ କୋଚ୍ ବିଶ୍ୱଜିତ ଘୋଷ ଏବଂ କ୍ରୀଡ଼ା ବିଭାଗ ପକ୍ଷରୁ ସୁଷମା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୧୪ ଓ ୧୮ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ ୩୦୦ ଖେଳାଳି ଅଂଶଗ୍ରହଣ କରିଥିଲେ। ୧୮ ବର୍ଷରୁ କମ୍ ବାଳକରେ ଗୋପର ନାଗପୁର ସ୍ପୋର୍ଟ୍ସ କ୍ଲବ ଚାମ୍ପିୟନ, ନୟାଗଡ଼ର ଇଟାମାଟି ରନର୍ସଅପ୍ ଏବଂ ଜଟଣୀ କ୍ଲବ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ବାଳିକା ବର୍ଗରେ ଭୁବନେଶ୍ୱରର କିସ୍ ଚାମ୍ପିୟନ, ବାଣପୁରର ମା’ ଭଗବତୀ କ୍ଲବ ଦ୍ୱିତୀୟ, ଭୁବନେଶ୍ୱର ଗ୍ରୀନ୍ ତୃତୀୟ, ୧୪ ବର୍ଷରୁ କମ୍ ବାଳକରେ ମେରାମୁଣ୍ଡଳୀ ଟାଟା ଷ୍ଟିଲ ପ୍ରଥମ, କଣାସର ଆଞ୍ଚଳିକ କ୍ରୀଡ଼ା ପରିଷଦ ଦ୍ୱିତୀୟ, ଗୋପର ନାଗପୁର ସ୍ପୋର୍ଟ୍ସ କ୍ଲବ ତୃତୀୟ ଏବଂ ବାଳିକାରେ କିସ୍ ପ୍ରଥମ, ଭୁବନେଶ୍ୱର ୟେଲୋ ଦ୍ୱିତୀୟ ଓ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ତୃତୀୟ ହୋଇଛି।

## ‘ଓଡ଼ିଶାରେ ବହୁ ଲୁକ୍କାୟିତ ପ୍ରତିଭା ରହିଛନ୍ତି’


ମହମ୍ମଦ ଆଝାରୁଦ୍ଦିନ

**ଭୁବନେଶ୍ୱର, ୧୫।୫ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାରେ ବହୁ ଲୁକାୟତ କ୍ରିକେଟ ପ୍ରତିଭା ରହିଛନ୍ତି। ସେମାନଙ୍କୁ ଉଚିତ ଭିତ୍ତିଭୂମୀ ଓ ସୁବିଧା ଯୋଗାଇ ଦିଆଗଲେ, ସେମାନେ ଅନ୍ତର୍ଜାତୀୟ କ୍ରିକେଟରେ କ୍ୟାରିୟର କରିପାରିବେ। ରବିବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଭଳି କହିଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ।

ଖୋର୍ଦ୍ଧାର ବରୁଣେଇ ସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଖୁବ୍‌ଶୀଘ୍ର ଆଇଆଇଜି କ୍ରିକେଟ ଏକାଡେମୀ ନାମକ ଏକ ବିଶ୍ୱ ସ୍ଥରୀୟ କ୍ରିକେଟ ଏକାଡେମୀ ଖୋଲିବାକୁ ଯାଉଛି। ଏଥିରେ ଆର୍ଟ ଷ୍ଟାଡିୟମ, ପ୍ରାକ୍ଟିସ ଗ୍ରାଉଣ୍ଡ, ଉଚ୍ଚକୋଟିର ବ୍ୟବସ୍ଥା ସହ ଅନେକ ଆଧୁନିକ ସୁବିଧା ରହିଛି। ଏହି କ୍ରିକେଟ ଏକାଡେମୀ ପରିଚାଳନା ତଥା ମେଣ୍ଟର ଦାୟିତ୍ୱରେ ଅଛନ୍ତି ଆଝାରୁଦ୍ଦିନ। ସେ ଦୁଇ ଦିନିଆ ଭୁବନେଶ୍ୱର ଗସ୍ତରେ ଆସି କେଟି ଗ୍ଲୋବାଲ ସ୍କୁଲ କ୍ୟାମ୍ପସରେ ଭିତ୍ତିଭୂମୀ ନିର୍ମାଣ ଏବଂ ଅନ୍ୟ ବ୍ୟବସ୍ଥା ପରିଦର୍ଶନ କରିଥିଲେ। ଏଥିସହିତ ଜୁନ ଦ୍ୱିତୀୟ ସପ୍ତାହରେ ଏକାଡେମୀ ଖୋଲିବା ସମ୍ପର୍କରେ ସେ ମ୍ୟାନେଜମେଣ୍ଟ ସହିତ ଆଲୋଚନା କରିଥିଲେ। ଏହା ପରେ ଆୟୋଜିତ ଖବରଦାତା ସମ୍ମିଳନୀର ଆଝାର କହିଥିଲେ, ସଂପ୍ରତି ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରରେ ଏକ ବିଶେଷ ସ୍ଥାନ ହାସଲ କରିଛି। କିନ୍ତୁ ରାଜ୍ୟରେ କ୍ରିକେଟ ପାଇଁ ହକି ଭଳି ଭିତ୍ତିଭୂମୀ ନାହିଁ। ଏଣୁ ଲୁକାୟତ ପ୍ରତିଭାକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରିବା ଲାଗି ପ୍ରୟାସର ଆବଶ୍ୟକତା ରହିଛି। ଏଥିଯୋଗୁ ଆଇଆଇଜି କ୍ରିକେଟ ଏକାଡେମୀ ପକ୍ଷରୁ ନିୟମିତ ଭାବେ ପୂରା ରାଜ୍ୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯିବ। ଏହି ଅବସରରେ କେଟି ଗ୍ଲୋବାଲ ସ୍କୁଲର ମ୍ୟାନେଜିଂ ଟ୍ରଷ୍ଟି ସୋମଦତ୍ତ ବେହୁରା, ସ୍କୁଲ ପରାମର୍ଶଦାତା ତଥା ମୁଖ୍ୟ ମେଣ୍ଟର ଅରୁଣ ଦାସ ମଧ୍ୟ ଉପସ୍ଥିତ ଥିଲେ।

**ରାଜ୍ୟ ଖବର**

# କୋସଲି, ସମ୍ବଲପୁରୀ ଭାଷାର ସ୍ୱତନ୍ତ୍ରତା ରହିଛି



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

■ ଜିଲାସ୍ତରୀୟ ସାରସ୍ୱତ କାର୍ଯ୍ୟକ୍ରମ

**ସୋନପୁର, ୧୫।୫ (ନି.ପ୍ର.)**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ସାରସ୍ୱତ କାର୍ଯ୍ୟକ୍ରମ ତ୍ରିବେଣୀ ସଙ୍ଗମସ୍ଥଳ ରାମେଶ୍ୱରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନକୁ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ସଭାରେ ଅଧ୍ୟକ୍ଷତା କରି କହିଥିଲେ ଯେ, କୋସଲି/ସମ୍ବଲପୁରୀ ଏକ ମଧୁର ଭାଷା। ପଶ୍ଚିମ ଓଡ଼ିଶାରେ ଏହି ଭାଷାର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଓ ମାଧୁର୍ଯ୍ୟ ରହିଛି। ଅନେକ ସୃଜନଶୀଳ ସାହିତ୍ୟ ପ୍ରକାଶ ପାଉଛି। ତେଣୁ ଏହି ଭାଷାର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଡ. ମଲ୍ଲିକ କହିଥିଲେ। ମୁଖ୍ୟ ଅତିଥି ଦାଶ କହିଥିଲେ ଯେ, ସୁବର୍ଣ୍ଣପୁର ମନ୍ତ୍ର, ତନ୍ତ୍ର ଓ ଯନ୍ତ୍ରର ସହର। ଏଠାରେ ସାହିତ୍ୟ ଓ ସଂସ୍କୃତିର ମହକ ରହିଛି। ତେବେ କୋସଲି ଓ ସମ୍ବଲପୁରୀ ଭାଷା ସ୍ୱୟଂସମ୍ପୂର୍ଣ୍ଣ। ସ୍ଥାନୀୟ ସାହିତ୍ୟିକମାନେ ବୋଧଗମ୍ୟ ଭାଷାରେ ସାହିତ୍ୟ ରଚନା କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାନଦୀ ସାହିତ୍ୟ ସଂସଦ ସଭାପତି ଗଦାଧର ବାରିକ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ସଞ୍ଜୟ କୁମାର ପଣ୍ଡା, ଏକାଡେମୀର ପୂର୍ବତନ ସଦସ୍ୟ ପୁରୁଷୋତ୍ତମ ମିଶ୍ର ଯୋଗଦେଇ ସୁବର୍ଣ୍ଣପୁର କଳା ଓ ସାହିତ୍ୟର ମାଟି ବୋଲି କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ ଡକ୍ଟର ଦେବାଶିଷ ପାଣ୍ଡିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବେଣୁଧର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ସାନଭାଇ ଟାଙ୍ଗିଆ ଚୋଟରେ ବଡ଼ ମୃତ

**ଭବାନୀପାଟଣା, ୧୫।୫ (ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା କର୍ଲାପଡ଼ା ଫାଣ୍ଡି ଅନ୍ତର୍ଗତ ପଣ୍ଡିଗାଁରେ ପରକୀୟା ପ୍ରୀତିକୁ ନେଇ ରବିବାର ଏକ ହତ୍ୟାକାଣ୍ଡ ଘଟିଛି। ପଣ୍ଡିଗାଁର ମାରାଦେବ ଟକ୍ରିଆ ତାଙ୍କ ସମ୍ପର୍କୀୟ ବଡ଼ଭାଇ ଘାସିରାମ ଟକ୍ରିଆଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି। ମାରାଦେବଙ୍କୁ ଭବାନୀପାଟଣା ଥାନାରେ ଅଟକ ରଖାଯାଇଛି। ଭବାନୀପାଟଣା ସଦର ଥାନାରେ ଏକ ମାମଲା (ନଂ. ୧୯୭/୨୨)ରୁଜୁ ହୋଇଛି। ମାରାଦେବଙ୍କ ସ୍ତ୍ରୀ ଅଲଗା ରହୁଥିବା ବେଳେ ତାଙ୍କ ସହ ସମ୍ପର୍କ ଭଲ ନ ଥିଲା। ମାରାଦେବଙ୍କ ସ୍ତ୍ରୀଙ୍କ ସହିତ ଘାସିରାମଙ୍କ ଭଲ ସମ୍ପର୍କ ଥିଲା। ଘାସିରାମ ପ୍ରାୟ ତାଙ୍କ ଘରକୁ ଯିବାଆସିବା କରୁଥିଲେ। ଏଥି ଯୋଗୁ ଉଭୟଙ୍କ ମଧ୍ୟରେ ପୂର୍ବରୁ ବହୁବାର ବଚସା ହେଉଥିବା ବେଳେ ମାରାଦେବ ତାଙ୍କୁ ହତ୍ୟା ଧମକ ଦେଉଥିଲେ। ସକାଳ ୭ଟାରେ ଘାସିରାମ ମାରାଦେବଙ୍କ ସ୍ତ୍ରୀଙ୍କ ଘରୁ ବାହାରୁଥିବା ବେଳେ ପୂର୍ବରୁ ଛକି ରହିଥିବା ମାରାଦେବ ଟାଙ୍ଗିଆରେ ମୁଣ୍ଡକୁ ହାଣି ହତ୍ୟା କରିଥିଲେ।

## ସାମାନ୍ୟ କଥାରୁ ଯୁବକଙ୍କୁ ରାସ୍ତାରେ ହତ୍ୟା

**ପୋଲସରା, ୧୫।୫ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ କଳମ୍ବ ଗ୍ରାମରେ ଶନିବାର ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ସେ ହେଲେ କଳମ୍ବ ଗ୍ରାମର ବିକାଶ ସାହୁ ଓରଫ କାଉ(୨୮)। ଗାଁରେ ଯଜ୍ଞ ସମୟରେ ପେଁକାଳି ବଜାଇବାକୁ ବାରଣ କରିଥିବାରୁ କେତେଜଣ ଯୁବକ କାଉଙ୍କ ଘରେ ଆଗରେ ଗାଳିଗୁଲଜ କରି ଫେରିବା ବେଳେ ରାସ୍ତାରେ ତାଙ୍କୁ ଗଳାକାଟି ହତ୍ୟା କରିଥିଲେ। ଏ ନେଇ ପରିବାର ପକ୍ଷରୁ ପୋଲସରା ଥାନାକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ମୃତଦେହକୁ ଜବତ କରିଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପରିବାର ଲୋକଙ୍କ ଏତଲା ପ୍ରକାରେ ନଂ.୧୯୨/୨୨ରେ ମାମଲା ରୁଜୁ ହୋଇଛି। ଗାଁରେ ପୋଲିସ ପଇଁତରା ମାରୁଛି।

ପ୍ରକାଶ ଯେ, କଳମ୍ବ ଗ୍ରାମରେ ଗତ ୬ତାରିଖରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଥିଲା। ଏଥିପାଇଁ ନାମଯଜ୍ଞ, ଅନ୍ନଯଜ୍ଞ ଓ ଜ୍ଞାନ ଯଜ୍ଞ ଚାଲିଥିଲା। ଯଜ୍ଞ ସମୟରେ କେତେଜଣ ଯୁବକ ଗାଁରେ ପେଁକାଳି ବଜାଇ ବୁଲୁଥିଲେ। ଏପରି ଶବ୍ଦ ନ କରିବାକୁ କାଉ ସେମାନଙ୍କୁ କହିବାରୁ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ସ୍ଥିତି ସାମାନ୍ୟ ସୁଧୁରିଥିଲେ ମଧ୍ୟ ବିପକ୍ଷ ଗୋଷ୍ଠୀଙ୍କ ମନରେ ରାଗ ରହିଥିଲା। ଶନିବାର ରାତିରେ ଗ୍ରାମରେ ଜ୍ଞାନ ଯଜ୍ଞ ଚାଲିଥିବା ବେଳେ ସମ୍ପୃକ୍ତ ଯୁବକମାନେ ବିକାଶଙ୍କ ଘର ନିକଟକୁ ଯାଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଫେରିବା ବେଳେ ସେମାନେ ବିକାଶଙ୍କୁ ଗାଁ ସ୍କୁଲ ସମ୍ମୁଖରେ ଦେଖି ଧାରୁଆ ଅସ୍ତ୍ରରେ ଗଳାକାଟି ହତ୍ୟା କରିଥିବା ତାଙ୍କ ବାପା କେଦାରନାଥ ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ଚାଲିଥିବା ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ପ୍ରକାଶ କରିଛନ୍ତି।

## ଗୁଣି ସନ୍ଦେହରେ ୨ଜଣଙ୍କୁ ବାନ୍ଧି ମାଡ଼

**ଦାନ୍ତ ଭାଙ୍ଗିଦେଲେ ଗ୍ରାମବାସୀ, ଉଦ୍ଧାର କଲା ପୋଲିସ**

**ଗଞ୍ଜାମ, ୧୫।୫ (ଡି.ଏନ୍.ଏ.):** ଗଞ୍ଜାମ ଜିଲା ରମ୍ଭା ଥାନା ଗଡ଼ହୁମ୍ମା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଗୁଣିଗାରେଡ଼ି ସନ୍ଦେହରେ ୨ ଜଣଙ୍କୁ ବାନ୍ଧି ମାଡ଼ ମାରିବା ସହ ଗ୍ରାମବାସୀ ସେମାନଙ୍କ ଦାନ୍ତ ଭାଙ୍ଗିଦେଇଛନ୍ତି। ଶନିବାର ମାସନ୍ତର ବିଳମ୍ବିତ ରାତିରେ ଗ୍ରାମ ନିକଟସ୍ଥ ସାତଭଉଣୀ ଦେବୀ ମନ୍ଦିର ନିକଟରେ କୋଠି କାଟି ତାନ୍ତ୍ରିକ ପୂଜାପାଠ କରୁଥିବା ବେଳେ ଗ୍ରାମବାସୀ ସେହି ଗ୍ରାମର କିଶୋର ଦାସ ଓ ତାଙ୍କ ଭାଉଜ ରଞ୍ଜୁ ଦାସଙ୍କୁ ଅଟକ ରଖିଥିଲେ। ରବିବାର ରମ୍ଭା ଥାନାଧିକାରୀ ପି. ସ୍ୱରୂପ କିଷନ, ଛତ୍ରପୁର ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ, ହୁମ୍ମା ଫାଣ୍ଡି ଅଧିକାରୀ ଦେବଦତ୍ତ ପ୍ରିୟଦର୍ଶୀ ପ୍ରମୁଖ ପୋଲିସ ଅଧିକାରୀଙ୍କ ସହ ଗଡ଼ହୁମ୍ମା ଗ୍ରାମରେ ପହଞ୍ଚି ଦୁଇଜଣଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲ ନେଇଥିଲେ। ଗ୍ରାମରେ ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ମୁତୟନ ରହିଛି। ସୂଚନାଯୋଗ୍ୟ, କିଛି ମାସ ତଳେ ଉକ୍ତ ଗ୍ରାମର ଜଣେ ସେନା କର୍ମଚାରୀଙ୍କ ଛୋଟ ପୁଅ ଓ ଝିଅଙ୍କ ଅକାଳ ବିୟୋଗ ଘଟିଥିବା ବେଳେ ପ୍ରାୟ ୨୦ ଦିନ ତଳେ ୨୨ ବର୍ଷୀୟ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଗ୍ରାମରେ କିଛିଦିନ ତଳେ ନାମଯଜ୍ଞ ଚାଲିଥିବା ବେଳେ ଦୁଇଜଣଙ୍କୁ ବାନ୍ତି ହେବା ସହ ଅସୁସ୍ଥ ହୋଇପଡ଼ିଥିଲେ। ଏଥିପାଇଁ ଉକ୍ତ ୨ ଜଣଙ୍କ ଉପରେ ସ୍ଥାନୀୟବାସୀଙ୍କ ସନ୍ଦେହ ଘନୀଭୂତ ହୋଇଥିଲା।

**ମନେ ପଡ଼ନ୍ତି**

ମନେ ପଡନ୍ତି

ସ୍ୱର୍ଗତ ସ୍ନେହଲତା
ମା
ତୁମର ଯିବାର ୧୪ ବର୍ଷ ବିତି ଯାଇଥିଲେ ମଧ୍ୟ, ଆମ ମାନସପଟ୍ଟରେ ତୁମର ସ୍ମୃତି ସଜାଗ ହୋଇ ରହିଅଛି। ଅତୀତର ସୁନ୍ଦର ସ୍ମୃତି ଭାବି ଭାବି ଆମେ ଦିନ ବିତାଉଛୁ, ଆଶୀର୍ବାଦ ଦେବ।
ଶୋକସନ୍ତପ୍ତ
ତୁମର- ସନ୍ତାନ...ସନ୍ତତି ମାନେ
ଧ-୭୧୯୯୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ରଘୁନାଥ ଭଞ୍ଜ
ସୁଣ୍ଢିରା ଗଣ୍ଡିବେଢ଼, ଅଣ୍ଟୋଇଲ, ଖଇରା, ବାଲେଶ୍ୱର
ଆବିର୍ଭାବ: ୧୩।୦୪।୧୯୪୩
ତିରୋଧାନ: ୨୬।୦୫।୨୦୨୧
ବାପା, ଆମକୁ ଛାଡ଼ି ଯିବାର ୧ବର୍ଷ ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ୍ୟ ଆପଣ ଛାଡ଼ି ଯାଇଥିବା ସ୍ମୃତିକୁ ଭୁଲି ପାରିନାହୁଁ। ଆପଣ ଯେଉଁଠି ଥାଆନ୍ତୁନା କାହିଁକି ପ୍ରଭୁ ଜଗନ୍ନାଥ ଆପଣଙ୍କୁ ଭଲରେ ରଖିଥାନ୍ତୁ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୪୫୫

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ସୁକାନ୍ତି ନାୟକ
ସ୍ୱାମୀ - ସ୍ୱର୍ଗତ ଇଂ ଜ୍ଞାନଚନ୍ଦ୍ର ନାୟକ
ନିମ୍ନ ବସନ୍ତ କୁଣ୍ଡଳ, ୪୨ ମୌଜା, କଟକ
ଆର୍ବିଭାବ : ୦୧.୦୧.୧୯୪୪
ତିରୋଧାନ : ୦୬.୦୫.୨୦୨୨
ଚାହୁଁ ଚାହୁଁ ୧୧ ଦିନ ବିତିଗଲା, ଏବେ ବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମମାନଙ୍କୁ ଛାଡି ସବୁଦିନ ପାଇଁ ଚାଲିଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟୀ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ବନ୍ଧୁ ଓ ନାୟକ ପରିବାର ବର୍ଗ
ଧ-୭୧୯୯୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ହରିଶ୍ଚନ୍ଦ୍ର ପାତ୍ର
କୋଳପଦି, ଭଣ୍ଡାରିପୋଖରୀ, ଭଦ୍ରକ
ଆବିର୍ଭାବ: ୦୨।୦୨।୧୯୬୭
ତିରୋଧାନ: ୧୬।୦୫।୨୦୨୧
ମଣିଷ ଭଳି ମଣିଷଟିଏ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଆଦର୍ଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମେ ଆମ୍ଭମାନଙ୍କୁ ଛାଡ଼ି ଅଫେରନ୍ତା ବାଟକୁ ଚାଲିଯାଇଛ। ଆଜିବି ପ୍ରତିଧ୍ୱନିତ ହୁଏ ତୁମର ଡାକ ଓ ଭଲ ହୋଇଯିବିର ଆଶ୍ୱାସନା। ତୁମ ଶୂନ୍ୟସ୍ଥାନ ଆମ୍ଭପାଇଁ ଅପୂରଣୀୟ କ୍ଷତି। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଜଣାଉଛୁ ବିନମ୍ର ପ୍ରାର୍ଥନା।
:ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:
ପତ୍ନୀ: ସୁକାନ୍ତୀ, ବଡ଼ଭାଇ: ପ୍ରହଲ୍ଲାଦ, ମହେନ୍ଦ୍ର, ଭାଉଜ, ଭଉଣୀ, ଭିଣୋଇ, ଭଣଜା, ପୁତ୍ର, କନ୍ୟା, ପୁତୁରା, ଝିଆରୀ, ଶଳା, ଶଳା ଭାଉଜ, ବନ୍ଧୁ ଓ ଆତ୍ମୀୟସ୍ୱଜନବର୍ଗ।
ଧ-୪୫୬

Birthday Wish

Manisha
Many many Happy returns of the Day Chunu maa.
Baba wishes you a blessed happy birthday
D-452

Birthday Wish

Chandan
Many many Happy returns of the day Papun Beta.
Baba wishes you a blessed happy birthday
D-453

CLASSIFIED DISPLAY
TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385
8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କେଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 9470149388
Whatsapp: 9470149608

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଡେଙ୍ଗୁର କାରଣ ଓ ନିରାକରଣ

## ଆଜି ହେଉଛି 'ଜାତୀୟ ଡେଙ୍ଗୁ ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...


ବିରାଟ ରାଜା ପଧାନ

"ଆମ ଦେଶରେ ୧୯୫୬ରେ ତାମିଲନାଡୁର ଭେଲୋର ଜିଲାରେ ପ୍ରଥମେ ଡେଙ୍ଗୁକୁ ଚିହ୍ନଟ କରାଯାଇଥିଲା। ଏହାପରେ ପଶ୍ଚିମବଙ୍ଗର କୋଲକାତା ସହରରେ ୧୯୬୩ରେ ଏହା ମହାମାରୀ ରୂପ ନେଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଦେଶର ଅଧିକାଂଶ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହା ଦେଖାଯାଇଅଛି ଏବଂ ଅନେକ ରାଜ୍ୟରେ ମହାମାରୀ ରୂପ ନେଇଛି।"



ଡେଙ୍ଗୁ ହେଉଛି ଏକ ମଶାବାହିତ ଭୂତାଣୁଜନିତ ରୋଗ। ଏହା ସଂକ୍ରମିତ ମାଈ ଏଡିଶ ମଶା ସୁସ୍ଥ ଲୋକକୁ କାମୁଡିବା ଦ୍ୱାରା ବ୍ୟାପିଥାଏ। ସଂକ୍ରମିତ ମଶା କାମୁଡ଼ିବାର ପ୍ରାୟ ୪-୭ ଦିନ ମଧ୍ୟରେ ଡେଙ୍ଗୁର ଲକ୍ଷଣାବଳୀ ପ୍ରକାଶ ପାଇଥାଏ। ଏଡିଶ ମଶାର ଭୂତାଣୁ ମଶା ସଂକ୍ରମିତ କରିବା ପରେ ବଂଶ ବିସ୍ତାର କରେ। ଏହି ରୋଗ ବିଷୟରେ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ମେ' ୧୬ ତାରିଖକୁ 'ଜାତୀୟ ଡେଙ୍ଗୁ ଦିବସ' ଭାବରେ ପାଳନ କରାଯାଇଆସୁଅଛି।

**ଆମ ଦେଶ ତଥା ରାଜ୍ୟରେ ଡେଙ୍ଗୁର ପ୍ରକୋପ :** ଆମ ଦେଶରେ ୧୯୫୬ରେ ତାମିଲନାଡୁର ଭେଲୋର ଜିଲାରେ ପ୍ରଥମେ ଡେଙ୍ଗୁ ଚିହ୍ନଟ କରାଯାଇଥିଲା। ଏହାପରେ ପଶ୍ଚିମବଙ୍ଗର କୋଲକାତା ସହରରେ ୧୯୬୩ରେ ଏହା ମହାମାରୀ ରୂପ ନେଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଦେଶର ଅଧିକାଂଶ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହା ଦେଖାଯାଇଅଛି ଏବଂ ଅନେକ ରାଜ୍ୟରେ ମହାମାରୀ ରୂପ ନେଇଛି। ସେହି ରାଜ୍ୟଗୁଡିକ ମଧ୍ୟରେ ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, ଗୋଆ, ହରିୟାଣା, ଗୁଜରାଟ, କର୍ଣାଟକ, କେରଳ, ମହାରାଷ୍ଟ୍ର, ରାଜସ୍ଥାନ, ଉତ୍ତର ପ୍ରଦେଶ, ପଣ୍ଡିଚେରୀ, ପଞ୍ଜାବ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ପ୍ରାୟ ପ୍ରତିବର୍ଷ ଦେଖାଯାଇଆସୁଅଛି। ଆମ ରାଜ୍ୟରେ ଆଗରୁ ଅଳ୍ପ ସଂଖ୍ୟକ ରୋଗୀ ଚିହ୍ନଟ ହେଉଥିଲେ ମଧ୍ୟ ୨୦୧୧ରେ ଏହା ମହାମାରୀ ରୂପ ନେଇଥିଲା। ଓଡ଼ିଶାର ଅଧିକାଂଶ ଜିଲାରେ ଏହି ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇଅଛି।

**ଏଡିଶ ମଶାକୁ ଚିହ୍ନିବା କିପରି :** ଏଡିଶ ମଶା ଦେଖିବାକୁ କଳା ରଙ୍ଗର ଏବଂ ତା' ଶରୀରରେ ଓ ପିଠିରେ ଧଳା ରଙ୍ଗର ଗାର ପଡିଥାଏ। ଏହି ମଶା ଦେଖିବାକୁ ବହୁତ ସୁନ୍ଦର ଏବଂ ଆକାରରେ ସାଧାରଣ ମଶା ତୁଳନାରେ ଅପେକ୍ଷାକୃତ ସାନ। ଏହାକୁ 'ବାଘୁଆ ମଶା' (tiger mosquito) ମଧ୍ୟ କହନ୍ତି। ଏହି ଏଡିଶ ମଶା ଦୁଇ ପ୍ରକାରର। ଗୋଟିଏ ହେଲା- ଏଡିଶ ଇଜିପ୍ଟ ଏବଂ ଅନ୍ୟଟି ଏଡିଶ ଆଲବୋପିକ୍ଟସ୍। ଉଭୟ ପ୍ରକାର ମଶା ଡେଙ୍ଗୁ ସଂକ୍ରମଣ କରାଇଥାଆନ୍ତି। ଏହି ମଶା ସାଧାରଣତଃ ଦିନ ବେଳା ଗୋଡାଇ ଗୋଡାଇ କାମୁଡିଥାଏ ଏବଂ ବିଶେଷ ଭାବରେ ସକାଳ ଏବଂ ସନ୍ଧ୍ୟା ସମୟରେ କାମୁଡିଥାଏ।

**ବଂଶ ବିସ୍ତାର :** ସାଧାରଣତଃ ଏଡିଶ ମଶାକୁ ସହରାଞ୍ଚଳ ମଶା (urban veetor) ବୋଲି କୁହାଯାଏ। କିନ୍ତୁ ବର୍ତ୍ତମାନ ଅଧିକାଂଶ ଗାଁ ମଧ୍ୟ ଛୋଟ ସହରର ରୂପ ନେଉଛି। ତେଣୁ ବର୍ତ୍ତମାନ ଏହି ମଶା ଗ୍ରାମାଞ୍ଚଳରେ ମଧ୍ୟ ଦେଖାଯିବାର ଆଶଙ୍କା ଅଧିକ ରହିଛି। ଏହି ମଶା ପରିଷ୍କାର ସ୍ଥିର ପାଣି ସହ କଠିନ ସ୍ତର ଥିବା ସ୍ଥାନରେ ଡିମ୍ବ ଦେଇଥାଏ। ବିଶେଷ ଭାବରେ ଆମେ ବ୍ୟବହାର କରୁଥିବା ରୁମ୍ କୁଲର, ଟାୟାର, ଟିଣ ଡବା, ଅବ୍ୟବହୃତ ପାଣି ପାତ୍ର, ବାସନକୁସନ, ପାଣି ଟାଙ୍କି, କାଚ ବୋତଲ, ଫ୍ରିଜ୍ ଟ୍ରେ, ଗଛ କୋରଡ, କଟା ନଡିଆ, ପଇଡ ଠୋଲା, ପ୍ଲାଷ୍ଟିକ ଡ୍ରମ, ହାଣ୍ଡି, ମାଠିଆ ଏବଂ ସେହି ଧରଣର ଯେ କୌଣସି ପାତ୍ର ଓ ଉପକରଣରେ ନିଜର ବଂଶ ବିସ୍ତାର କରନ୍ତି। ଏହାବ୍ୟତୀତ କଟା ବାଉଁଶ, ପ୍ଲାଷ୍ଟିକ ଡିସପୋଜେବୁଲ ଗ୍ଲାସ, କପ୍ ଆଦିରେ ପାଣି ଜମି ରହିଲେ ଏହି ମଶା ଡିମ୍ବ ଦେଇଥାଏ।

**ଡେଙ୍ଗୁର ପ୍ରକାରଭେଦ :** ଡେଙ୍ଗୁର ଭୂତାଣୁ ଅନୁସାରେ ଏହାକୁ ଚାରି ଭାଗରେ (ଡେନ୍-୧, ଡେନ୍-୨, ଡେନ୍-୩ ଏବଂ ଡେନ୍-୪) ବିଭକ୍ତ କରାଯାଇଛି। ଅନେକକ୍ଷେତ୍ରରେ ଡେଙ୍ଗୁ ଜ୍ୱର ସାଧାରଣ ଜ୍ୱର ପରି ଭଲ ହୋଇଯାଏ। କିନ୍ତୁ ଡେଙ୍ଗୁ ରକ୍ତସ୍ରାବୀ ଏବଂ ଡେଙ୍ଗୁ ସକ୍ ଲକ୍ଷଣାବଳୀ ହେଲେ ଏହା ମାରାତ୍ମକ ହୋଇଥାଏ। ଏପରି କି ରୋଗୀ ମୃତ୍ୟୁମୁଖରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି। କିନ୍ତୁ ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା କରିବା ଦ୍ୱାରା ଏହି ରୋଗୀ ସୁସ୍ଥ ହୋଇଯାଇଥାଏ।



**ଲକ୍ଷଣ :** ଜଣେ ବ୍ୟକ୍ତି ଡେଙ୍ଗୁ ଦ୍ୱାରା ଆକ୍ରାନ୍ତ ହେଲେ କେତେକ ଲକ୍ଷଣ ପ୍ରକାଶ ପାଇଥାଏ। ସେଗୁଡିକ ହେଲା- ହାଡ ଓ ଗଣ୍ଠିରେ ଭୀଷଣ ଯନ୍ତ୍ରଣା ହୁଏ। ଚାଲିବାରେ କଷ୍ଟ ହୁଏ। ଆଖି କୋରଡର ପଛ ଭାଗରେ ଭୀଷଣ ଯନ୍ତ୍ରଣା ହୁଏ। ମୁଣ୍ଡ ବିନ୍ଧେ, ଜ୍ୱର ହେବା ସହ ଥଣ୍ଡା, ସର୍ଦ୍ଦି ଭଳି ଅସୁସ୍ଥ ଲାଗେ। ମିଳିମିଳା ଭଳି ଦେହରେ ଘିମିରି ଆକାରରେ ଫଳିଯାଏ। ବାନ୍ତି ବାନ୍ତି ଲାଗେ ଏବଂ ବାନ୍ତି ହୁଏ।

**ଡେଙ୍ଗୁର ବିପଜ୍ଜନକ ଲକ୍ଷଣାବଳୀ:**

➤ପାଟି, ଦାନ୍ତ, ଆଖି ଭିତରୁ ତଥା ଚର୍ମରୁ ରକ୍ତ ବାହାରିବା।

➤କଳା ଝାଡ଼ା ହେବା।

➤ଅତ୍ୟଧିକ ବାନ୍ତି ହେବା ଏବଂ ବାନ୍ତିରେ ରକ୍ତ ପଡ଼ିବା।

➤ପେଟରେ ଅଧିକ ଯନ୍ତ୍ରଣା ଅନୁଭୂତ ହେବା ଏବଂ ଏହି ଯନ୍ତ୍ରଣା ଲାଗି ରହିବା।

➤ଚର୍ମ ଥଣ୍ଡା ଲାଗିବା ଓ ମଳିନ ପଡ଼ିଯିବା।

**ଡେଙ୍ଗୁର ପ୍ରତିଷେଧକ ଓ ଚିକିତ୍ସା :** ଡେଙ୍ଗୁ ହେବାର ସନ୍ଦେହ ହେଲେ ନିର୍ଦ୍ଦିଷ୍ଟ 'ଏଲିଶା' ପଦ୍ଧତିରେ ରକ୍ତ ନମୁନା ସଂଗ୍ରହ କରି ରକ୍ତ ପରୀକ୍ଷା କରାଯାଏ। ଡେଙ୍ଗୁ ପାଇଁ କୌଣସି ପ୍ରତିଷେଧକ ଟିକା ନାହିଁ। ଏହାର ଚିକିତ୍ସା ପାଇଁ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ଔଷଧ ନାହିଁ। ତେବେ ଲକ୍ଷଣ ଦେଖି ଏହାର ଚିକିତ୍ସା କରାଯାଏ। ଜ୍ୱର ଅଧିକ ହେଲେ ପାଣି ପଟି ତଥା ଓଦା ତଉଲିଆରେ ଦେହ ହାତ ଗୋଡ଼ ପୋଛି ଦିଆଯାଏ। ଆବଶ୍ୟକ ଅନୁସାରେ ପାରାସିଟାମଲ ବଟିକା ଦିଆଯାଏ। ରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା ଆବଶ୍ୟକ।

**ନିରାକରଣ :** ସାଧାରଣତଃ ଏଡିଶ ମଶା ଥଣ୍ଡା ଓ ଅନ୍ଧାରୁଆ ସ୍ଥାନ ଏବଂ ମଣିଷର ବାସସ୍ଥଳୀ ନିକଟରେ ବିଶ୍ରାମ ନେଇଥାଏ। ଘର ଭିତରେ ଥିବା ଛତା, ଜୋତା, ର୍ୟାକ୍, ଆଲମିରା, ଚୌକି, ଟେବୁଲ ତଳ, ପଲଙ୍କ ତଳ ଆଦି ହେଉଛି ଏହି ମଶାମାନଙ୍କର ବିଶ୍ରାମସ୍ଥଳୀ। ସେହିପରି ଘର ଚାରିପଟରେ ଥିବା ଘାସ ବୁଦା, ଅନାବନା ଗଛଲତା ଆଦିରେ ବିଶ୍ରାମ ନେଇଥାଆନ୍ତି।

ରୋଗ ନ ହେବା ପାଇଁ ଏହି ମଶାର ବଂଶବୃଦ୍ଧିକୁ ରୋକିବା ସହ ମଶା କାମୁଡାରୁ ଦୂରେଇ ରହିବା ଆବଶ୍ୟକ। ତା'ସହ ନିମ୍ନଲିଖିତ ବିଷୟ ପ୍ରତି ମଧ୍ୟ ଧ୍ୟାନ ଦେବା ଦରକାର।

➤ରୁମ୍ କୁଲର ତଥା ପାଣି ରଖା ଯାଉଥିବା ପାତ୍ର, ଫୁଲକୁଣ୍ଡ, ଗୃହପାଳିତ ପଶୁପକ୍ଷୀଙ୍କ ଖାଇବା ପାତ୍ର ଆଦିକୁ ୩-୪ ଦିନରେ ଥରେ ପାଣି ବାହାର କରି ଶୁଖାଇବା ଆବଶ୍ୟକ।

➤ଘର ଚାରିପାଖରେ ଥିବା ଭଙ୍ଗା ଟିଣ, ଟାୟାର, ହାଣ୍ଡି, ମାଠିଆ ତଥା ଅନ୍ୟାନ୍ୟ ଉପକରଣଗୁଡିକୁ ଗାତ ଖୋଳି ପୋତି ଦିଅନ୍ତୁ।

➤ପାଣି ପାତ୍ର ତଥା ପାଣି ଟାଙ୍କିର ଘୋଡଣିକୁ ଭଲ ଭାବରେ ଘୋଡାଇ ରଖିବା ଦରକାର, ଯେପରିକି ମଶା ଭିତରକୁ ଯାଇପାରିବ ନାହିଁ।

➤ଘର ଚାରିପାଖରେ ସାତ ଦିନରୁ ଅଧିକ ପାଣି ଜମି ରହୁଥିଲେ ସେହି ସ୍ଥାନକୁ ପରିଷ୍କାର କରିବା ଆବଶ୍ୟକ। ଯଦି ଅଧିକ ଦିନ ପାଣି ଜମି ରହୁଥାଏ, ତା'ହେଲେ ସେହି ସ୍ଥାନରେ ମଶା ଲାର୍ଭାଖିଆ ଖାମୁସିଆ ମାଛ ଛାଡିବା ଆବଶ୍ୟକ। ଏହି ମାଛ ମଶାର ଲାର୍ଭାକୁ ଖାଇଦେଇଥାଏ।

➤ରାତି ଭଳି ଦିନରେ ମଧ୍ୟ କୀଟନାଶକ ଉପଚାରିତମଶାରିବ୍ୟବହାରକରିବାଉଚିତ।

➤ଘରର ଝରକାଗୁଡିକୁ ମଶାରି ଜାଲ ଦ୍ୱାରା ଆବଦ୍ଧ କରିପାରିବେ।

➤ମଶା ଘଉଡାଇବା ପାଇଁ ନିମ୍ବ ପତ୍ର ଓ ଝୁଣା ଧୂଆଁ ଦେଇପାରିବେ।

➤ମଶା କାମୁଡାରୁ ସୁରକ୍ଷା ପାଇଁ ଦେହରେ ନିମ୍ବ ଓ କରଞ୍ଜ ତେଲ ଲଗାଇପାରିବେ।

➤ଦେହ ହାତ ଲୁଚୁଥିବା ତଥା ସମସ୍ତ ଶରୀରକୁ ଘୋଡାଇ ହେବା ଭଳି ପୋଷାକ ପରିଧାନ କରିପାରିବେ ଯେପରି କି ମଶା ସହଜରେ କାମୁଡିବେ ନାହିଁ।

ଏହାବ୍ୟତୀତ ନିଜର ପରିବେଶକୁ ସଫାସୁତରା ରଖିଲେ ତଥା କୌଣସି ବ୍ୟବହୃତ ପାତ୍ରରେ ଏଡିଶ ମଶାର ଲାର୍ଭା ପାଇଲେ, ସେହି ପାତ୍ର ବା ଉପକରଣକୁ ଭଲ ଭାବରେ ଗରମ ପାଣିରେ ଧୋଇବା ସହ କପଡ଼ା ଦ୍ୱାରା ସଫା କରିବା ଆବଶ୍ୟକ। କାରଣ ଏଡିଶ ମଶାର ଡିମ୍ବ ଶୁପ୍ତ ଆକାରରେ ଏକ ବର୍ଷ ପର୍ଯ୍ୟନ୍ତ ରହିପାରେ। ଠିକ୍ ସମୟରେ ଉପଯୁକ୍ତ ପଦକ୍ଷେପ ନେବା ସହ ଉପରୋକ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କଲେ ଆମେ ଡେଙ୍ଗୁକୁ ରୋକିବା ସହ ନିରାକରଣ କରିପାରିବା।

-ବେଙ୍କମୁରା, ପଣ୍ଡରୀ, ବନହରପାଲି, ଝାରସୁଗୁଡ଼ା
ମୋ: ୯୯୩୭୨୭୧୬୨୩

## ସ୍ନାୟୁ କୋଷକୁ ଦୃଢ଼ କରେ ଖଜୁରି



ଖଜୁରିରେ ଅନେକ ଉପକାରୀ ଗୁଣ ଭରି ରହିଛି। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ସ୍ନାୟୁକୋଷକୁ ଦୃଢ଼ କରିଥାଏ। ଏହାକୁ ନିୟମିତ ଖାଇଲେ ତାହା ପାଚନ କ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ଏହା ମଧ୍ୟ ମସ୍ତିଷ୍କ କୋଷକୁ ପୋଷକ ତତ୍ତ୍ୱ ଯୋଗାଇଥାଏ। ଖଜୁରି ଖାଇବା ଦ୍ୱାରା ଗ୍ୟାଷ୍ଟ୍ରିକ୍ ସମସ୍ୟା କେତେକାଂଶରେ ଦୂର ହୋଇଥାଏ। ତା'ସହ ଏହା କୋଷ୍ଠକାଠିନ୍ୟରୁ ରକ୍ଷା କରିଥାଏ। ବେଳେବେଳେ ଅତ୍ୟଧିକ ମାଂସ ଓ କାର୍ବୋହାଇଡ୍ରେଟ୍ ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଏସିଡ଼ିଟି ବଢ଼ିଯାଏ। ଖଜୁରି ଖାଇବା ଦ୍ୱାରା ଏସିଡ଼ିଟି ସନ୍ତୁଳିତ ଅବସ୍ଥାରେ ରହିବା ସହ ଡାଇବେଟିସ୍, ଉଚ୍ଚ ରକ୍ତଚାପ ଆଦିର ଆଶଙ୍କା କେତେକାଂଶରେ କମ୍ ଥାଏ। ଖଜୁରି ଖାଇବା ଦ୍ୱାରା ଅସ୍ଥିଗୁଡ଼ିକ ଶକ୍ତ ହେବା ସହ ଓଜନ ସନ୍ତୁଳିତ ରହିଥାଏ। ଏଥିରେ ଥିବା ସଲ୍‌ଫର୍ ଅକ୍ସାଇଡ୍ ଆଲର୍ଜିର ପରିମାଣକୁ କମାଇବାରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।

## ସୁସ୍ଥ ହାର୍ଟ ପାଇଁ...



ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ହାର୍ଟ ବା ହୃତ୍‌ପିଣ୍ଡ। ଏହା ସୁସ୍ଥ ରହିଲେ ଆମେ ସୁସ୍ଥ ରହିଥାଉ। ଯଦି ଏହାର କାର୍ଯ୍ୟଧାରା ପ୍ରଭାବିତ ହୁଏ ତେବେ ଆମେ ହାର୍ଟ ଆଟାକ୍‌ର ସମ୍ମୁଖୀନ ହୋଇଥାଉ। ଏହାର ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ ଉପଲବ୍ଧ ହେଲେ ମଧ୍ୟ ବେଳେବେଳେ ଏହା ଜୀବନ ନାଶକ ସାବ୍ୟସ୍ତ ହୋଇଥାଏ। ତେବେ ହାର୍ଟକୁ ସୁସ୍ଥ ରଖିବା ଲାଗି ଆମକୁ ଖାଦ୍ୟପେୟ ପ୍ରତି ସତର୍କ ହେବାକୁ ପଡ଼ିଥାଏ। ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହାର୍ଟ ଆଟାକ୍‌ର ଆଶଙ୍କା ଅଧିକ ଥାଏ। ଏ ସବୁ ପଦାର୍ଥ ରକ୍ତ କୋଷିକାକୁ ଉତ୍ତେଜିତ କରି ରକ୍ତ ସଞ୍ଚାଳନକୁ ଆବଶ୍ୟକତାଠାରୁ ଅଧିକ ବଢ଼ାଇ ଦିଏ। ଫଳରେ ରକ୍ତଚାପ ବୃଦ୍ଧି ପାଇଥାଏ। ଏହା ଯୋଗୁ ହାର୍ଟକୁ ଉପଯୁକ୍ତ ପରିମାଣର ରକ୍ତ ପହଞ୍ଚିପାରି ନ ଥାଏ ଏବଂ ହୃଦ୍‌ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ଅଧିକ ଲୁଣ ଖାଇବା ଦ୍ୱାରା ଆମେ ଉଚ୍ଚ ରକ୍ତଚାପକୁ ଡାକି ଆଣିଥାଉ, ଯାହାକି ପରବର୍ତ୍ତୀ ସମୟରେ ହାର୍ଟ ଆଟାକ୍‌ର ଅନ୍ୟତମ କାରଣ ପାଲଟିଯାଏ। ଚର୍ବି ଜତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁ କୋଲେଷ୍ଟରଲ୍ ସ୍ତର ବଢ଼ିଥାଏ। କ୍ଷୀର ପିଇବା ଦ୍ୱାରା ଏଥିରେ ଥିବା ପୋଟାସିୟମ୍ ରକ୍ତଚାପ କମ୍ କରିଥାଏ। ଫଳରେ ହାର୍ଟ ଉପରେ ଅଧିକ ଚାପ ପଡ଼ି ନ ଥାଏ। ଗ୍ରୀନ ଟି, ବ୍ଲାକ୍ ଟି, କଫି ଏବଂ ଫଳରସ ପିଇଲେ ହାର୍ଟ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ।

## ମେଟାଲ ସ୍କିଲ୍ ଥେରାପି

ଆଜିକାଲି ଅଧିକାଂଶ ଲୋକ ବ୍ରେନ୍ ଷ୍ଟ୍ରୋକ୍‌ର ଶିକାର ହେଉଛନ୍ତି। ଠିକ୍ ସମୟରେ ଚିକିତ୍ସାର ଅଭାବ ଓ ଅବହେଳା ପାଇଁ ଅନେକ ଲୋକଙ୍କର ମୃତ୍ୟୁ ମଧ୍ୟ ହେଉଛି। ଏହି ରୋଗର ଚିକିତ୍ସା ପାଇଁ ଏକ ନୂଆ ପ୍ରଣାଳୀକୁ ଉପଯୋଗ କରାଯାଉଛି। ତାହା ହେଲା 'ମେଟାଲ ସ୍କିଲ୍ ଥେରାପି'। ନିକଟରେ ଜର୍ଜଟାଉନ୍ ୟୁନିଭର୍ସିଟି ମେଡ଼ିକାଲ୍ ସେଣ୍ଟର୍ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଏହି ଥେରାପିର ସୁପ୍ରଭାବ ବିଷୟରେ ଜଣାପଡିଛି। ଉକ୍ତ ସର୍ଭେ ସମୟରେ ବ୍ରେନ୍ ଷ୍ଟ୍ରୋକ୍ ଦ୍ୱାରା ଆକ୍ରାନ୍ତ କିଛି ରୋଗୀଙ୍କୁ ଉକ୍ତ ଥେରାପି ଦ୍ୱାରା ଚିକିତ୍ସା କରାଯାଇଥିଲା। କେବଳ ସେତିକି ନୁହେଁ, ଏହାଦ୍ୱାରା ସେମାନେ କେତେ ଉପଶମ ଲାଭ କରୁଛନ୍ତି ତାହାକୁ ତନ୍ନ ତନ୍ନ କରି ପରୀକ୍ଷା କରାଯାଇଥିଲା। ଏପରି ଥେରାପି ଦ୍ୱାରା ସେମାନଙ୍କ ମଧ୍ୟରୁ ଅଧିକାଂଶ ରୋଗୀ କେତେକାଂଶରେ ଆରୋଗ୍ୟ ଲାଭ କରୁଥିବାର ଜଣାପଡ଼ିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଏହି ଥେରାପିକୁ ଆହୁରି ଉନ୍ନତ କରିବାକୁ ଗବେଷଣା ଜାରି ରହିଛି ବୋଲି ଉକ୍ତ ରିପୋର୍ଟରୁ ଜଣାପଡିଛି।



## ନିଦ୍ରାହୀନତାରୁ ଦୂରେଇ ରହିବାର ସହଜ ଉପାୟ

ଜଣେ ବ୍ୟକ୍ତି ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଦରକାର। ହେଲେ କେତେକ ବ୍ୟକ୍ତି ଠିକ୍ ଭାବରେ ଏହାକୁ ଅନୁସରଣ କରିପାରନ୍ତି ନାହିଁ। ଫଳରେ ସେମାନେ ନିଦ୍ରାହୀନତା ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେବେ ଏହାଠାରୁ ନିଜକୁ ଦୂରେଇ ରଖିବାର ଏକ ସହଜ ଉପାୟ ରହିଛି। ତାହା ହେଲା ଯୋଗ। ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି ତେବେ ରାତିରେ ସେ ଭଲ ଭାବରେ ଶୋଇପାରିବେ ବୋଲି ଏକ ସର୍ଭେରୁ ଜଣାପଡିଛି। ୟୁନିଭର୍ସିଟି ଅଫ ଲଣ୍ଡନ ପକ୍ଷରୁ 'ନିଦ୍ରାହୀନତା ଏବଂ ଯୋଗ' ଶୀର୍ଷକ ବିଷୟକୁ ନେଇ ସର୍ଭେ କରାଯାଇଥିଲା। ନିୟମିତ ଯୋଗ କରିବା ଦ୍ୱାରା ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ନିଦ୍ରାହୀନତା ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ୍ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତ ଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ।



## ସ୍ମରଣ ଶକ୍ତି ଓ ଗ୍ଲୁକୋଜ୍ ପରିମାଣ



ସାଧାରଣତଃ ଜଣେ ବ୍ୟକ୍ତି ଶରୀରରେ ଗ୍ଲୁକୋଜ୍ (ଶର୍କରା)ର ପରିମାଣ ୭.୮ମିଲିମୋଲ୍ ରହିବା ଆବଶ୍ୟକ। ହେଲେ, ଯେତେବେଳେ ଏହାର ପରିମାଣ ୭.୮ମିଲିମୋଲ୍ ଠାରୁ ଅଧିକ ବା ୧୧.୧ମିଲିମୋଲ୍‌ରୁ କମ୍ ହୁଏ, ସେତେବେଳେ ତାହାକୁ 'ଇମ୍‌ପେୟାଡ୍ ଗ୍ଲୁକୋଜ୍ ଟଲେରାନ୍ସ' କୁହାଯାଇଥାଏ। ରକ୍ତରେ ଗ୍ଲୁକୋଜ୍‌ର ପରିମାଣ ଆବଶ୍ୟକତାଠାରୁ ବଢ଼ିଲେ କି କମିଲେ ଏହାର ପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ। ଏହାଦ୍ୱାରା ସ୍ମରଣ ଶକ୍ତି ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଏହି ପରିମାଣ ବଢ଼ିଥିବା କିଛି ବ୍ୟକ୍ତିଙ୍କର ସ୍ମରଣ ଶକ୍ତିକୁ ତନ୍ନ ତନ୍ନ କରି ପରୀକ୍ଷା କରିବା ପରେ ଏପରି ବିଷୟରେ ସେମାନେ ଜାଣିପାରିଥିଲେ। ଯଦି ଶର୍କରା ପରିମାଣ ଅସନ୍ତୁଳିତ ରହେ ଏବଂ ଆପଣଙ୍କର ଡାଇବେଟିସ୍ ସମସ୍ୟା ରହିଛି ତେବେ ତାହା ଆଉ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଡାକି ଆଣିଥାଏ। ତେଣୁ ଏହି ସ୍ତର ଯେମିତି ସନ୍ତୁଳିତ ରହେ ସେଥିପ୍ରତି ସତର୍କ ରହିବା ଆବଶ୍ୟକ। ତା'ସହ ନିୟମିତ ସମୟ ଅନ୍ତରାଳରେ ରକ୍ତରେ ସୁଗାର ପରିମାଣ କେତେ ରହୁଛି ତାହା ପରୀକ୍ଷା କରାଇ ନେବା ଦରକାର।

## ସ୍ୱାସ୍ଥ୍ୟ ସୂଚନା

➡ବୟସ ବଢ଼ିବା ସହ କେତୋଟି ଦିଗ ପ୍ରତି ସତର୍କ ରହିବା ଜରୁରୀ। ପ୍ରଥମେ ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ତା'ସହ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

➡ଆପଣଙ୍କର ଦୃଷ୍ଟି ଶକ୍ତିଜନିତ ସମସ୍ୟା ରହିଛି କି ? ଯଦି ହଁ, ତେବେ ଚଷମା ପିନ୍ଧୁଥିବେ। ତା'ହେଲେ ବର୍ଷକୁ ଅନ୍ତତଃ ଥରେ ଚକ୍ଷୁ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➡ଘରେ ଯଦି ମେଡିସିନ୍ ରଖୁଛନ୍ତି ତେବେ ତାହାର ଏକ୍ସପାଏରୀ ଡେଟ୍ ବିଷୟରେ ସଚେତନ ରୁହନ୍ତୁ।

➡ଫାଷ୍ଟଏଡ୍ ବକ୍ସରେ ଆବଶ୍ୟକ ଜିନିଷ ଠିକ୍ ଅଛି କି ନାହିଁ ଦେଖି ନିଅନ୍ତୁ। ଏହାକୁ ଏପରି ସ୍ଥାନରେ ରଖନ୍ତୁ ଯେପରି ଦରକାର ସମୟରେ ତାକୁ ପାଇପାରିବେ।

➡ଯଦି ନିଜ ଓଜନ ସନ୍ତୁଳିତ ରଖିବାକୁ ଚାହୁଁଛନ୍ତି ତେବେ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। ଫାଷ୍ଟଫୁଡ୍ ଏବଂ ଗରିଷ୍ଠ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ।

➡ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ପୁରୁଣା ପ୍ରେସକ୍ରିପଶନଗୁଡିକୁ ସାଇତି ରଖନ୍ତୁ। କାରଣ ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ଏଗୁଡିକର ଆବଶ୍ୟକତା ପଡ଼ିପାରେ।



## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଖାରୁ ଫୁଲ

ବେଳେବେଳେ ଆମେ ଅନେକ ରୋଗର ଶିକାର ହୋଇଥାଉ। ଆଉ ଏହି ଜୀବାଣୁଗୁଡ଼ିକୁ ପ୍ରତିହତ କରିବାର କ୍ଷମତା କଖାରୁ ଫୁଲର ରହିଛି ବୋଲି ୟୁନିଭର୍ସିଟି ଅଫ ସିଡ୍‌ନୀର ପୁଷ୍ଟିବିଜ୍ଞାନୀମାନେ ପ୍ରକାଶ କରିଛନ୍ତି। କଖାରୁ ଫୁଲରେ ଭିଟାମିନ୍ ବି-୯ ଅଧିକ ଥିବାରୁ ଏହା ଆମ ଶରୀର ପାଇଁ ବେଶ୍ ଉପଯୋଗୀ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ, ଯାହା ଶରୀରକୁ ଦୃଢ଼ ରଖିବା ସହ ବିଭିନ୍ନ ରୋଗରୁ ମଧ୍ୟ ଉପଶମ ଦେଇଥାଏ। କଖାରୁ ଫୁଲରେ ଭିଟାମିନ୍-ସି ଭରି ରହିଛି, ଯାହା ଅମାକୁ ଥଣ୍ଡା, କାଶ, କଫ ଆଦି ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ। ଅନ୍ୟପକ୍ଷରେ କଖାରୁଫୁଲଜାତୀୟ ଖାଦ୍ୟ ନିୟମିତ ଖାଇବା ଦ୍ୱାରା ଶରୀରରେ ଅଭାବ ହେଉଥିବା ଭିଟାମିନ୍-ସି'ର ମାତ୍ରାକୁ ମଧ୍ୟ ଏହା ପୂରଣ କରିଥାଏ। କଖାରୁଫୁଲରେ ଭିଟାମିନ୍ 'ଏ' ମଧ୍ୟ ରହିଛି ଯାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ। ବେଳେବେଳେ ଆଲୋକର ରଙ୍ଗ ପରିବର୍ତ୍ତନ ହେବା ଦ୍ୱାରା ତାହା ଆମ ଆଖି ଉପରେ ଗଭୀର ପ୍ରଭାବ ପକାଇଥାଏ। ମାତ୍ର କଖାରୁ ଫୁଲ ଖାଇବା ଦ୍ୱାରା ଏହା କିଛି ମାତ୍ରାରେ ଆମକୁ ରକ୍ଷା ଦେଇଥାଏ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ମେ ୧୬/୨୦୨୨ Bhubaneswar, Monday, May 16/ 2022

## ଗର୍ବର ମୁହୂର୍ତ୍ତ: ରତପର୍ଣ୍ଣା



**ଭୁବନେଶ୍ୱର, ୧୫।୫ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଦଳର ଥମାସ କପ ବିଜୟରେ ଉତ୍ସବ ମୁଖର ହୋଇପଡ଼ିଛି କ୍ରୀଡ଼ା ଜଗତ। ଓଡ଼ିଶାରେ ମଧ୍ୟ ତା'ର ପ୍ରଭାବ ପଡ଼ିଛି। ଭାରତୀୟ ଦଳର ଏପରି ବୃହତ୍ ବିଜୟରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ଓଡ଼ିଶାର ତାରକା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ରତପର୍ଣ୍ଣା ପଣ୍ଡା। ସେ କହିଛନ୍ତି ଯେ, ଭାରତ ପାଇଁ ଏହା ଗର୍ବର ମୁହୂର୍ତ୍ତ। ଭାରତ କେବଳ ଗତଥରର ଚାମ୍ପିୟନ ଇଣ୍ଡୋନେସିଆକୁ ପରାସ୍ତ କରିନ ଥିଲା ୩-୦ରେ ସୁଇପ୍ କରିବା ବହୁତ ବଡ଼ କଥାଥିଲା। ଥମାସ ଏବଂ ଉବର କପ୍ ପରି ବଡ଼ ଟୁର୍ନାମେଣ୍ଟ ଖେଳିବାବେଳେ ଖେଳାଳିଙ୍କ ଉପରେ ବହୁ ଚାପ ରହିଥାଏ। ମୁଁ ଅନେକ ସମୟରେ ଭାରତୀୟ ଦଳର ସଦସ୍ୟ ରହି ଆସିଥିବାରୁ କେତେ ଚାପ ରହିଥାଏ ଅନୁଭବ କରିଛି। ଏହା ସତ୍ତ୍ୱେ ଭାରତ ୩-୦ରେ ଜିତି ଚାମ୍ପିୟନ ହେବା ଗୌରବର କଥା ବୋଲି ସମ୍ପ୍ରତି କଟକରେ ଅଭ୍ୟାସ ଚଳାଇଥିବା ରତ୍ନପର୍ଣ୍ଣା ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ରତ୍ନପର୍ଣ୍ଣା ପୂର୍ବରୁ ପୁଲେଲା ଗୋପିଚାନ୍ଦ ଏକାଡେମୀରେ ଟ୍ରେନିଂ ନେଉଥିଲେ। ମାତ୍ର ଗତ ଫେବୃୟାରୀରେ ସେଠାରୁ ଆସି ବେଙ୍ଗାଲୁରୁସ୍ଥିତ ପ୍ରକାଶ ପାଦୁକୋନ ଏକାଡେମୀରେ ଟ୍ରେନିଂ ନେଉଛନ୍ତି। ଏକାଧିକ ଟୁର୍ନାମେଣ୍ଟରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି।

# ଶୀର୍ଷ ସ୍ଥାନ ପକ୍କା କଲା ଗୁଜରାଟ

**ମୁମ୍ବାଇ,୧୫।୫**

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ରବିବାର ଅପରାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ରିଦ୍ଧିମାନ ଶାହାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଗୁଜରାଟ ଟାଇଟନ୍ସ ୭ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ହରାଇ ଦେଇଛି। ଏହି ବିଜୟ ଯୋଗୁ ୨୦ ପଏଣ୍ଟ ସହ ଗୁଜରାଟ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ପକ୍କା କରିଛି। ଅନ୍ୟପକ୍ଷରେ ଚେନ୍ନାଇ ୧୩ ମ୍ୟାଚ୍‌ରେ ୯ମ ପରାଜୟ ବରଣ କରିଛି। ସିଏସ୍‌କେ ୨୦ ଓଭରରେ ୫ ଉଇକେଟ ହରାଇ ମାତ୍ର ୧୩୩ ରନ୍ କରିଥିଲା। ଜବାବରେ ଗୁଜରାଟ ୧୯.୧ ଓଭରରେ ୩ ଉଇକେଟରେ ବିଜୟଲକ୍ଷ୍ୟ ହାସଲ କରି ନେଇଥିଲା। ଅପରାଜିତ ଅର୍ଦ୍ଧଶତକ ହାସଲ କରିଥିବା ରିଦ୍ଧିମାନଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।



ରିଦ୍ଧିମାନ ଶାହା

ଟସ୍ ଜିତି ସିଏସ୍‌କେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳ ଆରମ୍ଭରୁ ଇନ୍‌ଫର୍ମ ଓପନର ଡେଭନ କନୱେ (୫)ଙ୍କ ଉଇକେଟ ହରାଇଥିଲା। ଋତୁରାଜ ଗାଏକ୍ୱାଡ (୫୩ ରନ୍, ୪ ଚୌକା ଓ ୧ ଛକା) ଓ ମୋଇନ ଅଲି (୨୧ ରନ୍, ୨ ଛକା) ଦ୍ୱିତୀୟ ଉଇକେଟ ପାଇଁ ୫୭ ରନ୍ ଯୋଡ଼ିଥିଲେ। ମୋଇନ ପ୍ୟାଭିଲିଅନ ଫେରିବା ପରେ ଏନ୍ ଜଗଦିଶନ (୩୯* ରନ୍, ୩ ଚୌକା ଓ ୧ ଛକା)ଙ୍କ ସହ ମିଶି ଋତୁରାଜ ଦଳୀୟ ସ୍କୋରକୁ ୧୧୦ ପାର କରାଇଥିଲେ। କିନ୍ତୁ ପରବର୍ତ୍ତୀ ବ୍ୟାଟର ଶିଭମ ଦୁବେ (୦), ଅଧିନାୟକ ଧୋନୀ (୭) ବିଫଳ ହେବାରୁ ସିଏସ୍‌କେ ୨୦ ଓଭରରେ ୫ ଉଇକେଟ ହରାଇ ୧୩୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ମହମ୍ମଦ ଶାମି ୨ ଉଇକେଟ ନେଇଥିବା ବେଳେ ରଶିଦ ଖାନ, ଆଲଜେରି ଜୋସେଫ ଓ ସାଇ କିଶୋର ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ରିଦ୍ଧିମାନ ଓ ଶୁବମାନ ଗିଲ(୧୮)ଙ୍କ ଓପନିଂ ଯୋଡ଼ି ପ୍ରଥମ ଉଇକେଟ ପାଇଁ ୫୯ ରନ୍ କରି ଦଳକୁ ଦୃଢ଼ ମୁଳଦୂଆ ପ୍ରଦାନ କରିଥିଲେ। ତା' ପରେ ଦଳ କ୍ରମାଗତ ବ୍ୟବଧାନରେ ମାଥ୍ୟୁ ୱେଡ୍ (୨୦) ଓ ଅଧିନାୟକ ହାର୍ଦ୍ଦିକ (୭)ଙ୍କ ଉଇକେଟ ହରାଇଥିଲା। କିନ୍ତୁ ଛୋଟିଆ ବିଜୟ ଲକ୍ଷ୍ୟ ଯୋଗୁ ସିଏସ୍‌କେ କଦାପି ମ୍ୟାଚ୍‌କୁ ଫେରିପାରି ନ ଥିଲା। ଚତୁର୍ଥ କ୍ରମରେ ଆସିଥିବା ଡେଭିଡ୍ ମିଲର (୧୫*) ଏବଂ ରିଦ୍ଧିମାନ ଦଳକୁ ବିଜୟ ଲାଗି ଆବଶ୍ୟକ ଥିବା ରନ୍ ସଂଗ୍ରହ କରି ନେଇଥିଲେ। ଫଳରେ ୧୯.୧ ଓଭରରେ ଗୁଜରାଟ ୩ ଉଇକେଟ ହରାଇ ୧୩୭ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ରିଦ୍ଧିମାନ ୫୭ ବଲରେ ୬୭ ରନ୍‌ର ଇନିଂସ ଖେଳି ଅପରାଜିତ ଥିଲେ। ଏଥିରେ ୮ ଚୌକା ଓ ୧ ଛକା ସାମିଲ ଥିଲା। ଚେନ୍ନାଇ ପକ୍ଷରୁ ପଦାର୍ପଣକାରୀ ପେସର ମାଥିଶା ପାଥିରାଣା ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୧୩୩/୫(ଋତୁରାଜ ଗାଏକ୍ୱାଡ-୫୩, ଏନ୍ ଜଗଦିଶନ-୩୯, ମୋଇନ ଅଲି-୨୧, ମହମ୍ମଦ ଶାମି-୨/୧୯, ଅଲଜେରି ଜୋଶେଫ-୧/୧୫)। ଗୁଜରାଟ ଟାଇଟନ୍ସ: ୧୯.୧ ଓଭରରେ ୧୩୭/୩ (ରିଦ୍ଧିମାନ ଶାହା ୬୭*, ମାଥ୍ୟୁ ୱେଡ୍ ୨୦, ମାଥିଶା ପାଥିରାଣା-୨/୨୪, ମୋଇନ ଅଲି-୧/୧୧)।

### ଆଇପିଏଲ୍-୧୫
**ଆଜିର ମ୍ୟାଚ**
**ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୩ | ୧୦ | ୩ | ୨୦ | +୦.୩୯୧ |
| ରାଜସ୍ଥାନ ରୟାଲ୍ସ | ୧୩ | ୮ | ୫ | ୧୬ | +୦.୩୦୪ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୩ | ୮ | ୫ | ୧୬ | +୦.୨୬୨ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୩ | ୭ | ୬ | ୧୪ | -୦.୩୨୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୬ | ୧୨ | +୦.୨୧୦ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | +୦.୧୬୦ |
| ପଞ୍ଜାବ କିଙ୍ଗ୍ସ | ୧୨ | ୬ | ୬ | ୧୨ | +୦.୦୨୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୫ | ୭ | ୧୦ | -୦.୨୭୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୪ | ୯ | ୮ | +୦.୨୦୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୩ | ୯ | ୬ | -୦.୬୧୩ |

# କାର୍ ଦୁର୍ଘଟଣାରେ ଆଣ୍ଡ୍ର୍ୟୁ ସାଇମଣ୍ଡସ୍ଙ୍କ ମୃତ୍ୟୁ

**ସିଡ୍‌ନୀ, ୧୫।୫ (ପି.ଟି.)**

ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଆଣ୍ଡ୍ର୍ୟୁ ସାଇମଣ୍ଡସ୍‌ଙ୍କର ଏକ କାର୍ ଦୁର୍ଘଟଣାରେ ଶନିବାର ମୃତ୍ୟୁ ଘଟିଛି। ସେ ଦୁଇଥର ବିଶ୍ୱକପ୍ ବିଜେତା ସହ ଜଣେ ଅନ୍ୟତମ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ରୂପେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ବିଶ୍ୱ କ୍ରିକେଟରେ ଶୋକର ଛାୟା ଖେଳାଇ ଦେଇଛି। କୁଇନ୍ସଲାଣ୍ଡ ପୋଲିସର ସୂଚନା ଅନୁସାରେ, ଶନିବାର ରାତିରେ ଅଷ୍ଟ୍ରେଲିଆର ଉତ୍ତର ପୂର୍ବାଞ୍ଚଳ ଅନ୍ତର୍ଗତ ଟାଉନ୍ସଭିଲେଠାରୁ ପ୍ରାୟ ୫୦ କିମି ଦୂର ଆଲିସ୍ ରିଭର ବ୍ରିଜ୍ ନିକଟବର୍ତ୍ତୀ ହର୍ଭେରେଞ୍ଜ ରୋଡ୍‌ରେ ରାତି ୧୧ଟାରେ ଏହା ଘଟିଛି। ସାଇମଣ୍ଡସ୍‌ଙ୍କ କାର୍‌ଟି ବିପଥଗାମୀ ହୋଇ ଓଲଟି ପଡ଼ିଥିଲା। ଏଥିରେ ଗୁରୁତର ଭାବେ କ୍ଷତବିକ୍ଷତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାର ଅନୁସନ୍ଧାନ କରୁଛି। ପ୍ରକାଶ ଯେ, ସାଇମଣ୍ଡସ୍‌ଙ୍କୁ ୪୬ ବର୍ଷ ବୟସ ହୋଇଥିଲା ବେଳେ ତାଙ୍କର ଦୁଇ ସନ୍ତାନ ରହିଛନ୍ତି। ଗତ ୨ ମାସ ମଧ୍ୟରେ କ୍ରିକେଟ ଅଷ୍ଟ୍ରେଲିଆ ୩ ପ୍ରମୁଖ ଖେଳାଳିଙ୍କୁ ହରାଇଲାଣି। ଗତ ମାର୍ଚ୍ଚରେ ସ୍ପିନ୍ କିମ୍ବଦନ୍ତୀ ଶେନ୍ ୱର୍ନ ଓ ପୂର୍ବତନ ଉଇକେଟ୍‌କିପର ରଡ୍‌ନୀ ମାର୍ଶଙ୍କ ଗୋଟିଏ ଦିବସରେ ହିଁ ଦେହାନ୍ତ ହୋଇଥିଲା। ସାଇମଣ୍ଡସ୍ ଜଣେ ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ ଥିଲେ। ସେ ଉଭୟ ମିଡିୟମ ପେସ୍ ଓ ସ୍ପିନ୍ ବୋଲିଂ କରିପାରୁଥିଲେ। ସେ ଜଣେ ଦକ୍ଷ ଫିଲ୍ଡର ମଧ୍ୟ ଥିଲେ। ସାଇମଣ୍ଡସ୍ ୧୯୯୮ରୁ ୨୦୦୯ ମଧ୍ୟରେ ତାଙ୍କ କ୍ରିକେଟ କ୍ୟାରିୟରରେ ୨୬ ଟେଷ୍ଟ, ୧୯୮ ଅନ୍ତର୍ଜାତୀୟ ଦିନିକିଆ ଏବଂ ୧୪ଟି ଅନ୍ତର୍ଜାତୀୟ ଟି-୨୦ ଖେଳିଛନ୍ତି। ୨୦୦୩ ଓ ୨୦୦୭ରେ ଅଷ୍ଟ୍ରେଲିଆକୁ ଦିନିକିଆ ବିଶ୍ୱକପ୍ ଜିତାଇବାରେ ତାଙ୍କର ଅବଦାନ ରହିଥିଲା। ଅଷ୍ଟ୍ରେଲିଆ ଟେଷ୍ଟ ଦଳର ମଧ୍ୟ ସେ ଅନ୍ୟତମ ପ୍ରମୁଖ ସଦସ୍ୟ ଥିଲେ। ସେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ମୋଟ୍ ୧୬୫ ଉଇକେଟ ଅକ୍ତିଆର କରିଥିଲେ। ଟେଷ୍ଟରେ ୨୪, ଦିନିକିଆରେ ୧୩୩ ଏବଂ ଟି-୨୦ରେ ୮ ଉଇକେଟ ଅକ୍ତିଆର କରିଥିଲେ। ୨୦୦୩ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷ ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିଆ ଏକଦା ୮୬ ରନ୍‌ରେ ୪ ଉଇକେଟ ହରାଇ ସଂକଟରେ ପଡ଼ିଥିବା ବେଳେ ସାଇମଣ୍ଡସ୍ ୧୨୫ ବଲ୍‌ରେ ୧୪୩ ରନ୍ କରି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଅଷ୍ଟ୍ରେଲିଆର ପୂର୍ବତନ ଅଲ୍‌ରାଉଣ୍ଡର ୧୯୯୮ରେ ତାଙ୍କ ପଦାର୍ପଣ ପରେ ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟରରେ ୬ଟି ଶତକ ସମେତ ୫୦୮୮ ରନ୍ ସଂଗ୍ରହ କରିଥିଲେ। ସେ ଖେଳିଥିବା ୧୪ ଅନ୍ତର୍ଜାତୀୟ ଟି୨୦ରେ ତାଙ୍କ ଆଭ୍‌ରେଜ ୪୮.୧୪ ରହିଥିଲା। ଆଇପିଏଲ୍‌ରେ ସେ ବର୍ତ୍ତମାନ ଅଚଳ ଥିବା ଡେକାନ ଚାର୍ଜର୍ସ ଏବଂ କ୍ୟାରିୟରର ଶେଷ ପର୍ଯ୍ୟାୟରେ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ଖେଳିଥିଲେ। ଉଦ୍‌ଘାଟନୀ ସଂସ୍କରଣରେ ଚାର୍ଜର୍ସ ତରଫରୁ ଖେଳୁଥିବା ବେଳେ ସେ ୫୩ ବଲ୍‌ରେ ୧୧୭ ରନ୍ କରି ଅପରାଜିତ ରହିଥିଲେ। ୨୦୦୪ରେ ଶ୍ରୀଲଙ୍କା ବିପକ୍ଷ ଏକ ଟେଷ୍ଟ ସିରିଜରେ ସେ ୨ ଶତକ, ୧୦ ଅର୍ଦ୍ଧଶତକ ସମେତ ମୋଟ୍ ୧୪୬୨ ରନ୍ ସଂଗ୍ରହ କରିଥିଲେ। ୨୦୦୬-୦୭ରେ ଇଂଲଣ୍ଡ ବିପକ୍ଷ ବକ୍ସିଂ ଡେ' ଟେଷ୍ଟରେ ସେ ବିସ୍ଫୋରକ ୧୫୬ ରନ୍ କରିଥିଲେ। ପରେ ୨୦୦୮ରେ ସିଡ୍‌ନୀଠାରେ ଭାରତ ବିପକ୍ଷରେ ସେ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ୧୬୨ ରନ୍ ସଂଗ୍ରହ କରିପାରିଥିଲେ। ସିଡ୍‌ନୀ ଟେଷ୍ଟରେ ଭାରତୀୟ ସ୍ପିନର ହରଭଜନ ସିଂଙ୍କୁ ନେଇ 'ମଙ୍କି ଗେଟ୍' ସ୍କାଣ୍ଡାଲ ତାଙ୍କ କ୍ୟାରିୟରର ସବୁଠାରୁ ବିବାଦୀୟ ମୁହୂର୍ତ୍ତ ଥିଲା।



ଆଣ୍ଡ୍ର୍ୟୁ ସାଇମଣ୍ଡସ୍

# ଜାତୀୟ ସବ୍‌ଜୁନିୟର ପୁରୁଷ ହକି: ଓଡ଼ିଶାକୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୧୫।୫ (କ୍ରୀଡ଼ା ପ୍ରତିନିଧି):** ଗୋଆରେ ଆୟୋଜିତ ୧୨ତମ ଜାତୀୟ ସବ୍‌ଜୁନିୟର ପୁରୁଷ ହକିରେ ଓଡ଼ିଶା ଦଳକୁ ବ୍ରୋଞ୍ଜ ପଦକ ମିଳିଛି। ରବିବାର ଅନୁଷ୍ଠିତ ବ୍ରୋଞ୍ଜ ପଦକ ମୁକାବିଲାରେ ଓଡ଼ିଶା ୫-୨ ଗୋଲରେ ହରିୟାଣାକୁ ପରାସ୍ତ କରିଛି। ଫାଇନାଲରେ ଝାଡ଼ଖଣ୍ଡକୁ ୩-୦ ଗୋଲରେ ହରାଇ ଉତ୍ତର ପ୍ରଦେଶ ଚାମ୍ପିୟନ ହୋଇଛି।

ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍‌ରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ହେଁ ବାଜି ମାରିଥିଲା ଓଡ଼ିଶା। ଇରେଙ୍ଗବାମ ରୋହିତ ସିଂ ୨୨ ଓ ୩୭ତମ ମିନିଟରେ ୨ଟି ଗୋଲ ଦେଇ ଟୁର୍ନାମେଣ୍ଟର ଟପ୍ ସ୍କୋରର ହୋଇଥିଲେ। ସେ ମୋଟ ୧୨ଟି ଗୋଲ ଦେଇଥିଲେ। ଅନ୍ୟ ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଆର୍ଯ୍ୟନ ଖେସ୍ ୭ମ, ରିକି ଟୋନଜାମ ୧୯ ଓ ସଞ୍ଜିତ ତିର୍କୀ ୨୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ହରିୟାଣା ପକ୍ଷରୁ ରବି ୨୮ ଓ ଅଧିନାୟକ ବିଟୁ ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ।

## ଦ୍ୱିତୀୟରେ ରାଜସ୍ଥାନ

**ମୁମ୍ବାଇ, ୧୫।୫:** ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୨୪ ରନରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସକୁ ପରାସ୍ତ କରିଛି। ରାଜସ୍ଥାନ ୨୦ ଓଭରରେ ୬ ଉଇକେଟ ହରାଇ ୧୭୮ ରନ କରିଥିଲା। ଜବାବରେ ଲକ୍ଷ୍ନୌ ୨୦ ଓଭରରେ ୮ ଉଇକେଟ ହରାଇ୧୫୪ ରନ କରିବାକୁ ସକ୍ଷମ ହୋଇଥିଲା। ୧୩ ମ୍ୟାଚରୁ ୧୬ ପଏଣ୍ଟ ସହ ରାଜସ୍ଥାନ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିଲା ରାଜସ୍ଥାନ। କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ ହେଁ ଯଶସ୍ୱୀ ଜୟସ୍ୱାଲଙ୍କ ୪୧, ଦେବଦତ୍ତ ପଡିକାଲଙ୍କ ୩୯ ଓ ଅଧିନାୟକ ସଞ୍ଜୁ ସାମସନଙ୍କ ୩୨ ରନ ସହାୟତାରେ ସମ୍ମାନଜନକ ସ୍କୋର କରିଥିଲେ। ଲକ୍ଷ୍ନୌ ୨୯ ରନରେ ୩ଟି ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଦୀପକ ହୁଡା ୩୯ ବଲ୍‌ରୁ ୫୯ (୫ ଚୌକା, ୨ ଛକା) ରନ ସ୍କୋର କରିଥିଲେ ହେଁ ତାହା ଦଳର ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୭୮/୬(ଯଶସ୍ୱୀ ଜୟସ୍ୱାଲ-୪୧, ଦେବଦତ୍ତ ପଡିକଲ-୩୯, ସଞ୍ଜୁ ସାମ୍‌ସନ-୩୨, ରବି ବିଷ୍ଣୋଇ-୨/୩୧, ଆୟୁଷ ବଦୋନୀ-୧/୫, ଜାସନ ହୋଲ୍ଡର-୧/୧୨, ଆଭେଶ ଖାଁ-୧/୨୦)। ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୨୦ ଓଭରରେ ୧୫୪/୮(ଦୀପକ ହୁଡା-୫୯, କୃନାଲ ପାଣ୍ଡ୍ୟା-୨୫, ଟ୍ରେଣ୍ଟ ବୋଲ୍ଟ-୨/୧୮, ଓବେଡ ମ୍ୟାକକୟ-୨/୩୫, ରବିଚନ୍ଦ୍ରନ ଅଶ୍ୱିନ-୧/୨୪, ପ୍ରସିଦ୍ଧ କ୍ରିଷ୍ଣା-୨/୩୨, ଯୁଜବେନ୍ଦ୍ର ଚହଲ-୧/୪୨)।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୫।୨୦୨୨

| | |
|---|---|
| ୬,୪୩,୭୫୯ ଟଙ୍କା | |
| ସୁନା | ୦.୯୦୦ ଗ୍ରାମ |
| ରୁପା | ୦୯.୪୦୦ ଗ୍ରାମ |

## ସଂକ୍ଷେପରେ

### ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା: ଭାଗ ନେଲେ ୪୦

ପୁରୀ ଅଫିସ, ୧୫।୫: ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ଆନୁକୂଲ୍ୟରେ ଆସନ୍ତା ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ୬୨ତମ ନିଖିଳ ଓଡ଼ିଶା ରାଜ୍ୟ କନିଷ୍ଠ ବର୍ଗ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜିଲା ଆକ୍ୱାଟିକ୍ ଆସୋସିଏଶନ୍ ପକ୍ଷରୁ ରବିବାର ବୀରହରେକୃଷ୍ଣପୁରସ୍ଥିତ ପୁଷ୍କରିଣୀରେ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୫୦, ୧୦୦ ଓ ୨୦୦ ମିଟର ଶୃଙ୍ଖଳାରେ ଫ୍ରିଷ୍ଟାଇଲ, ବ୍ୟାକ୍ ଷ୍ଟ୍ରୋକ୍ ଓ ବଟର୍ ଫ୍ଲାଏ ପ୍ରଭୃତି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୪୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ର ଜିଲା ଅଧିକାରୀ ମନୋରଞ୍ଜନ ଜୋଶୀ, ଉତ୍କଳ ବିଶ୍ୱବିଦ୍ୟାଳୟର ସନ୍ତରଣ ବିଭାଗ ଅଧିକାରୀ ବିନାୟକ ପ୍ରସାଦ ରାଓ, ଓଡ଼ିଶା ରାଜ୍ୟ ସନ୍ତରଣ ବିଭାଗର ବରିଷ୍ଠ ସଦସ୍ୟ ପ୍ରଶିକ୍ଷକ ମନୋଜ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ପ୍ରତିଯୋଗିତା ପାଇଁ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ୧୫ ଦିନ ସ୍ୱତନ୍ତ୍ର ତାଲିମ୍ ଦିଆଯିବ ବୋଲି ସମ୍ପାଦକ ରାଜୀବ ଲୋଚନ ରଥ କହିଛନ୍ତି। କାର୍ଯ୍ୟକ୍ରମକୁ ସମ୍ପାଦକ ରାଜୀବ ଲୋଚନ ରଥ ପରିଚାଳନା କରିଥିବାବେଳେ ସଂଘର ସଦସ୍ୟମାନେ ସହଯୋଗ କରିଥିଲେ।

### ଫ୍ରେଣ୍ଡସ୍ କ୍ଲବ ଚାମ୍ପିୟନ

ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଡେଲାଙ୍ଗ, ୧୫।୫(ଡି.ଏନ୍.ଏ.): ସ୍ୱାଧୀନ ସେବା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବାରବାଟୀ ପଡ଼ିଆରେ ଚାଲିଥିବା ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫ୍ରେଣ୍ଡସ କ୍ଲବ ଏବଂ ଡାର୍କ ଥଣ୍ଡର କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫ୍ରେଣ୍ଡସ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୮ ଉଇକେଟ ବିନିମୟରେ ୧୩୩ ରନ ସଂଗ୍ରହ କରିଥିଲା। ଜବାବରେ ଡାର୍କ ଥଣ୍ଡର ଟିମ୍ ସମସ୍ତ ଉଇକେଟ ହରାଇ ୭୫ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଫ୍ରେଣ୍ଡସ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଅମୂଲ୍ୟ ପରିଡା ଓ ସୂର୍ଯ୍ୟକାନ୍ତ ବାରିକ ମ୍ୟାଚ୍ ପରିଚାଳନା କରିଥିଲେ। ଚାରିଟେବଲ ଟ୍ରଷ୍ଟ ଆବାହକ ଶଶିଶେଖର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସୁଜନପୁର ସମିତିସଭ୍ୟ ଅଜୟ ରାଉତରାୟ, ଆଞ୍ଚଳିକ ଶାନ୍ତି କମିଟି ସଭାପତି ପ୍ରକାଶ ପାତ୍ର, ସମ୍ପାଦକ ରମେଶ ଚନ୍ଦ୍ର ପାଟ୍ଟଶାଣୀ, ଘନିପୁର ସମିତିସଭ୍ୟାଙ୍କ ପ୍ରତିନିଧି ରାଜକିଶୋର ବେହେରା, ସାଉରିଆ ସରପଞ୍ଚଙ୍କ ପ୍ରତିନିଧି ଦୁଶାସନ ବେହେରା, ସମିତିସଭ୍ୟାଙ୍କ ପ୍ରତିନିଧି ମହନ୍ତ ମଙ୍ଗରାଜ, ଖବରଦାତା ପ୍ରସନ୍ନ ତ୍ରିପାଠୀ, ସାମାଜିକ କର୍ମୀ ଯୁଧିଷ୍ଠିର ମାର୍ଥା, ଶାନ୍ତନୁ ରାୟ, ଶାନ୍ତି କମିଟି ସଦସ୍ୟ ସାକିର ଖାଁ ପ୍ରମୁଖ ଯୋଗଦେଇଥିଲେ। ରାଧାନାଥ ମଙ୍ଗରାଜ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଚନ୍ଦନ ରାଉତ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଚାମ୍ପିୟନ ଟିମ୍‌କୁ ସିଲ୍ ଓ ରନର୍ସ ଅପ୍ ଟିମ୍‌କୁ ଅତିଥିମାନେ କପ୍ ପ୍ରଦାନ କରିଥିଲେ।

# ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶକୁ ଅଣଦେଖା

- ଶ୍ରଦ୍ଧାଳୁଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରୁନି ପ୍ରଶାସନ
- ପିଇବା ପାଣି କିଣି ପାଦ ଧୋଇଲେ ଭକ୍ତ

ପୁରୀ ଅଫିସ, ୧୫।୫:

ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚଆର୍‌ସି)ଙ୍କ ନିର୍ଦ୍ଦେଶ ମାନୁନି ଶ୍ରୀମନ୍ଦିର ପ୍ରଶାସନ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ପ୍ରବଳ ଖରାରେ ୮ରୁ ୧୦ ଘଣ୍ଟା ଟାଣ ଖରାରେ ଠିଆ ହେଉଛନ୍ତି। ରବିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ମରିଚକୋଟ ଛକରୁ ସିଂହଦ୍ୱାର ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଲମ୍ବାଧାଡ଼ିରେ ଠିଆ ହୋଇଥିଲେ। ଖରାରେ ପାଦ ତାତିଯାଉଥିବା ବେଳେ କିଛି ଭକ୍ତଙ୍କ ପାଦ ଫୋଟକା ହୋଇଯାଇଛି। ଭକ୍ତମାନେ ପାନୀୟ ଜଳ କିଣି ପାଦ ତଳେ ଢାଳିଛନ୍ତି। ଭକ୍ତଙ୍କ ଏଭଳି ଅସହାୟ ଚିତ୍ର ସ୍ଥାନୀୟ ଲୋକଙ୍କୁ ବିବ୍ରତ କରିଛି। ଆନ୍ଧ୍ରରୁ ଆସିଥିବା କେ. ସୁରେଶ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନର ବ୍ୟବସ୍ଥା ଅତ୍ୟନ୍ତ ନିମ୍ନସ୍ତରର। ରାସ୍ତା ତାତି ଥିବାରୁ ଠିଆ ହେବା ସମ୍ଭବପର ହେଉନାହିଁ। ବାଧ ହୋଇ ପିଇବା ପାଣି କିଣି ପାଦରେ ପକାଉଛୁ। ଅନ୍ୟପକ୍ଷରେ ପ୍ରଶାସନ ଛାଇ ଓ ପାନୀୟଜଳ ଯୋଗାଇବାରେ ଅସମର୍ଥ ହୋଇଛି। ଗତ ମାର୍ଚ୍ଚ ୧୪ ତାରିଖରେ ପୁରୀ ବିକାଶ ପରିଷଦ ପକ୍ଷରୁ ଶ୍ରଦ୍ଧାଳୁଙ୍କ ସୁବିଧା ଦର୍ଶନ ବ୍ୟବସ୍ଥା ପାଇଁ ଜାତୀୟ ମାନବ ଅଧିକାର କମିଶନଙ୍କୁ ଅଭିଯୋଗ କରାଯାଇଥିଲା। ଭକ୍ତଙ୍କ ପାଇଁ ବଡ଼ଦାଣ୍ଡରେ ଅସ୍ଥାୟୀ ବିଶ୍ରାମସ୍ଥଳୀ, ପାନୀୟ ଜଳ ଯୋଗାଣ, ସୁରକ୍ଷା, ବରିଷ୍ଠ ନାଗରିକ, ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା, ଭିତରକାଠ ଓ ବାହାରକାଠ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ଦାବି କରାଯାଇଥିଲା। ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ମାର୍ଚ୍ଚ ୨୨ ତାରିଖରେ ମୁଖ୍ୟ ଶାସନ ସଚିବ ଓ ପୁରୀ ଜିଲାପାଳଙ୍କୁ କମିଶନ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ଅନ୍ୟପକ୍ଷରେ ରବିବାର ବ୍ୟାପକ ଜନଗହଳି ସାଙ୍ଗକୁ ପାର୍କିଂସ୍ଥଳୀରେ ସ୍ଥାନ ଅଭାବ ଯୋଗୁ ବଡ଼ଦାଣ୍ଡର ଦୁଇ ପାର୍ଶ୍ୱରେ ଶ୍ରଦ୍ଧାଳୁମାନେ ଚାରିଚକିଆ ଯାନ ପାର୍କିଂ କରିଥିଲେ। ସେହିଭଳି ଶ୍ରୀମନ୍ଦିର ସମ୍ମୁଖରେ ସ୍ଥାନୀୟ ଯାନବାହନ ଯିବା ପାଇଁ ରାସ୍ତା ମିଳି ନ ଥିଲା। ଗହଳିକୁ ଦେଖି ମେଡିକାଲ ଛକଠାରୁ ଶ୍ରୀମନ୍ଦିର ଆଡ଼କୁ ଯାନବାହନ ଚଳାଚଳ ନିଷେଧ କରାଯାଇଥିଲା। ଅନେକ ପର୍ଯ୍ୟଟକ ଯେଉଁ ସ୍ଥାନରେ ଥିଲେ ସେଠାରେ ଘଣ୍ଟା ଘଣ୍ଟା ଅଟକି ରହିଥିଲେ। ଫଳରେ ଟ୍ରାଫିକ୍ ବ୍ୟବସ୍ଥା ସୃଷ୍ଟି ହୋଇଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ରାତ୍ର ୯ଟା ପର୍ଯ୍ୟନ୍ତ ଯାନବାହନ ସହର ବାହାରକୁ ଗହଳି କମାଇବା ପାଇଁ ସବୁ ଉଦ୍ୟମ କରିଛୁ ବୋଲି ପୁରୀ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି।



ପୁରୀ ନୀଳାଦ୍ରି ଭକ୍ତ ନିବାସରେ ରବିବାର ଦଇତାପତି ନିଯୋଗ ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଜିଲାପାଳଙ୍କ ସହ ସମ୍ବର୍ଦ୍ଧିତ ଦଇତାପତିମାନେ ।

# ଗାଁ ଶୋଭାଯାତ୍ରାକୁ ନେଇ ବିବାଦ, ଉତ୍ତେଜନା

**ଥାନା ସମ୍ମୁଖ ରାସ୍ତାରେ ଧାରଣା ଦେଲେ ଗ୍ରାମବାସୀ**

ପିପିଲି, ୧୫।୫(ସ୍ୱ.ପ୍ର.):

ପିପିଲି ଥାନା ଅଧୀନ ନୂଆଶାସନ ଦକ୍ଷିଣସାହି ଓ ମଳିକ ସାହି ମଧ୍ୟରେ ଡିଜେ ବନ୍ଦକୁ ନେଇ ଶନିବାର ରାତିରେ ବିବାଦ ଘଟିବା ସହ ଉତ୍ତେଜନା ଦେଖାଦେଇଥିଲା। ଏହା ପ୍ରତିବାଦରେ ମଳିକ ସାହିର ଶତାଧିକ ବାସିନ୍ଦା ବିଳମ୍ବିତ ରାତିରେ ପିପିଲି ଥାନାକୁ ଯାଇ ଧାରଣା ଦେବା ସହ ସହ ଥାନା ସମ୍ମୁଖ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ପରେ ପୋଲିସ ବୁଝାଶୁଝା କରିବାରୁ ରବିବାର ଭୋରରୁ ସେମାନେ ଆନ୍ଦୋଳନରୁ ଓହରିଥିଲେ।

ସୂଚନା ଅନୁଯାୟୀ, ଶନିବାର ନୃସିଂହ ଜନ୍ମ ଥିଲା । ପ୍ରତିବର୍ଷ ନୃସିଂହ ଜନ୍ମ ପାଳନ ଅବସରରେ ନୂଆଶାଶନ ଗାଁରେ ଯାତ୍ରା ବା ମେଳଣ ଅନୁଷ୍ଠିତ ହୁଏ। ତେଣୁ ଏହି ଉପଲକ୍ଷେ ଶନିବାର ଏକ ଶୋଭାଯାତ୍ରା ବାହାରିଥିଲା। କରୋନା ପାଇଁ ଦୁଇବର୍ଷ ଯାତ୍ରା ବନ୍ଦ ଥିବାରୁ ଚଳିତବର୍ଷ ଶୋଭାଯାତ୍ରାକୁ ନେଇ ଉତ୍ସାହ ବୃଦ୍ଧି ପାଇଥିଲା। ଦକ୍ଷିଣସାହିର ଗ୍ରାମବାସୀ ଚାନ୍ଦା ଆଦାୟ କରି ବିଭିନ୍ନ ପ୍ରକାର ଯଥା, ନାଗା, କଳାଘୋଡ଼ା, ଚଇତି ଘୋଡ଼ା ପ୍ରଭୃତିକୁ ନେଇ ଶୋଭାଯାତ୍ରା କରିଥିଲେ। ଦକ୍ଷିଣସାହିପକ୍ଷରୁ ଶୋଭାଯାତ୍ରା ଲାଗି ପୋଲିସଠାରୁ ଅନୁମତି ଅଣାଯାଇଥିଲା। ମାତ୍ର ଡିଜେ ପାଇଁ ଅନୁମତି ମିଳି ନ ଥିଲା। ଅନ୍ୟପକ୍ଷରେ ନୂଆଶାସନ ଦକ୍ଷିଣସାହିର କୋଠ ମୁରବିମାନଙ୍କ ଅନୁମତି ବିନା ମଳିକ ସାହି ବାସିନ୍ଦା ଠାକୁର ଗ୍ରାମରେ ଭୋଗ ଖାଇବା ବେଳେ ଶୋଭାଯାତ୍ରା କରିବା ଲାଗି ଥାନାରୁ ଅନୁମତି ଆଣିଥିଲେ। କିନ୍ତୁ ଡିଜେ ପାଇଁ ଅନୁମତି ପାଇ ନ ଥିଲେ। ତେବେ ଉଭୟ ଗ୍ରାମବାସୀ ଏବଂ ମଳିକ ସାହି ବାସିନ୍ଦା ଶୋଭାଯାତ୍ରାରେ ଯିବାକୁ ସଜବାଜ ହେବା ସହିତ ଦୁଇପକ୍ଷରୁ ଦୁଇଟି ଡିଜେ ଆଣିଥିଲେ। ତେବେ ଗ୍ରାମବାସୀଙ୍କ ପକ୍ଷରୁ ମଳିକ ସାହିକୁ ଶୋଭାଯାତ୍ରାରେ ସାମିଲ ଲାଗି ବାରଣ କରାଯାଇଥିଲା। ଠାକୁର ଯିବା ପରେ ଶୋଭାଯାତ୍ରା ବାହାର କରିବା ପାଇଁ ସେମାନଙ୍କୁ କୁହାଯାଇଥିଲା। ମାତ୍ର ମଳିକସାହି ଲୋକେ ଠାକୁରଙ୍କ ସମ୍ମୁଖରେ ଶୋଭାଯାତ୍ରା କରିବା ଲାଗି ଜିଦ୍ ଧରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

# ବିଲୁପ୍ତ କଳା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରେ ନୃତ୍ୟ

**ବୁଦ୍ଧ ଜୟନ୍ତୀ ଉତ୍ସବ**

କୋଣାର୍କ, ୧୫।୫(ଡି.ଏନ୍.ଏ.):

କୋଣାର୍କ ନିକଟସ୍ଥ ବୌଦ୍ଧପୀଠ କୁରୁମଠାରେ ବୌଦ୍ଧ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ୩ଦିନିଆ ବୁଦ୍ଧ ଜୟନ୍ତୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଲୁପ୍ତ କଳା, ସଂସ୍କୃତି ଓ ପରମ୍ପରାକୁ ଜନମାନସରେ ଉଜ୍ଜୀବିତ ରଖିବା ଲାଗି ପାଣିଗ୍ରାହୀ ବୌଦ୍ଧ ବିକାଶ ପରିଷଦର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥିସହ ପୀଠର ଉନ୍ନତୀକରଣ ଓ ଅଧିକ ପର୍ଯ୍ୟଟକଙ୍କ ଆଗମନ କିଭଳି ବୃଦ୍ଧି ପାଇବ ଏ ସମ୍ପର୍କରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପଦକ୍ଷେପମାନ ଗ୍ରହଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ମତବ୍ୟକ୍ତ କରିଥିଲେ। ପରିଷଦର ସଭାପତି ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଗବେଷକ ବ୍ରଜବନ୍ଧୁ ଦାସ ଓ କୁରୁଜଙ୍ଗ ଗ୍ରାମପଞ୍ଚାୟତର ସମିତିସଭ୍ୟ କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ। ମହାବୀର ଭଜନଧାରା ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ନିମାପଡାର ନୃତ୍ୟାଳୟା ପକ୍ଷରୁ ଓଡ଼ିଶୀ ନୃତ୍ୟ, କୋଣାର୍କ ନାଟ୍ୟ ମଣ୍ଡପ କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ବୌଦ୍ଧ ବିକାଶ ପରିଷଦର ସମ୍ପାଦକ ମଙ୍ଗରାଜ ବିଶ୍ୱାଳ, ପ୍ରତାପ ରାଉତ, ପୂର୍ବତନ ଅଧ୍ୟାପକ ସୁଧିର ଚନ୍ଦ୍ର ଭୂୟାଁ, ନଟବର ସେନାପତି, କପିଳ ଭୂୟାଁଙ୍କ ସମେତ ପରିଷଦର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୌଦ୍ଧ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ବୁଦ୍ଧ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଯବାନ ମହନ୍ତ ହରିଚନ୍ଦନଙ୍କ ଶେଷକୃତ୍ୟ

କଣାସ, ୧୫।୫(ସ୍ୱ.ପ୍ର.):

ପଞ୍ଚଭୂତରେ ଲୀନ ହେଲେ ଯବାନ ମହନ୍ତ ହରିଚନ୍ଦନ। ଶନିବାର ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ କଖାରୁବସ୍ତ ଗ୍ରାମ ଶ୍ମଶାନରେ ସ୍ୱର୍ଗତ ହରିଚନ୍ଦନଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ବିଏସ୍‌ଏଫ୍ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପୁଅ ରିକେଶ ହରିଚନ୍ଦନ ମୁଖାଗ୍ନି ଦେଇଥିଲେ। ପଶ୍ଚିମବଙ୍ଗର ଚହେଟିଆରେ ବିଏସ୍‌ଏଫର ୬୮ ବାଟାଲିୟନ୍‌ରେ ସେ କନଷ୍ଟେବଲ ଭାବେ କାର୍ଯ୍ୟରତ ଥିଲେ। ଗତ ୧୧ ତାରିଖରେ କୌଣସି କାରଣ ନେଇ ମହନ୍ତ ନିଜ ବନ୍ଧୁକରୁ ନିଜକୁ ଗୁଳିକରି ମୃତ୍ୟୁବରଣ କରିଥିବା ନେଇ ସାଥି ଯବାନମାନେ କହୁଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଚହେଟିଆ ପୋଲିସ ତଦନ୍ତ ଚଳାଇଛି। ଶନିବାର ଅପରାହ୍ନରେ ଜନ୍ମମାଟି କଖାରୁବସ୍ତ ଗାଁରେ ତାଙ୍କ ମରଶରୀର ପହଞ୍ଚିବା ପରେ ଅଞ୍ଚଳବାସୀଙ୍କ ପକ୍ଷରୁ ଶୋଭାଯାତ୍ରାରେ ଶ୍ମଶାନକୁ ନିଆଯାଇଥିଲା। ଯବାନମାନେ ରାଷ୍ଟ୍ରୀୟ ମର୍ଯ୍ୟାଦା ଜଣାଇଥିଲେ।

## ଅଷ୍ଟମ ବାସେଲୀ ବନବାସ ମହୋତ୍ସବ ଉଦ୍‌ଘାଟିତ

ପୁରୀ ଅଫିସ, ୧୫।୫:

କମଳନୟନପୁରରେ ଆଠଦେଶ କୈବର୍ତ୍ତ ମହାସଂଘ ଏବଂ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଅଷ୍ଟମ ବାସେଲୀ ବନବାସ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ତ୍ରିନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ. କାର୍ତ୍ତିକ କୁମାର ଦାସ, ସଂସ୍କୃତି ଗବେଷକ ବଦ୍ରି ମିଶ୍ର, ଗବେଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି, କବି ଭିକାରୀ ଚରଣ ଜେନା, ଯୁଧିଷ୍ଠିର ପ୍ରଧାନ, ଦିବାକର ରାଉତ, ଅମରେନ୍ଦ୍ର ବେହେରା, ବିରଞ୍ଚି କୁମାର ପ୍ରଧାନ, ରବୀନ୍ଦ୍ର ସେଠୀ, ସୋମନାଥ ବରାଳ ଯୋଗଦେଇ ଚଇତି ଘୋଡା ଓ ବାସୁଳୀ ଠାକୁରାଣୀଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ସଙ୍ଗଠକ ଦିଗମ୍ବର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଥାନପତି କମଳନୟନପୁର, ଚାରିବାଟିଆ, ମୋଟଖଜୁରିଆ, ଦୋବନ୍ଧା, ତେଲିସାହି, କରମଳା, ସାଇଁକେରା, ବିନ୍ଧେଇବସ୍ତ, ବାଲିପାଟପୁର ଓ ଗଡକୋକଲର ବାସୁଳୀ ଠାକୁରାଣୀଙ୍କ ପ୍ରତୀକ ଚଇତି ଘୋଡ଼ାମାନେ ସମବେତ ହୋଇଥିଲେ। କୁମାର କବି କଳା ବିକାଶ କେନ୍ଦ୍ରର ଶିଶୁ କଳାକାରମାନେ ଯୋଗନୃତ୍ୟ ପରିବେଷଣ କରିଥିବାବେଳେ ଗଡ଼ିକେଶ୍ୱର ନାଟ୍ୟ ସଂସଦ ନୟାଗଡ଼ ପକ୍ଷରୁ ବାଳୀବଧ ମଞ୍ଚସ୍ଥ ହୋଇଥିଲା।

**ରଥଖଳାରୁ**

## ଯନ୍ତାଗାଡ଼ରେ ସିଙ୍ଗଡ଼ା ବାଡ଼ିଆ କାମ ଅନୁକୂଳ



ପୁରୀ ଅଫିସ, ୧୫।୫

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଶ୍ରୀନଅରସ୍ଥ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଶନିବାର ନୃସିଂହ ଚତୁର୍ଦ୍ଦଶୀ ଅବସରରେ ବିଧି ପ୍ରକାରେ ତିନିରଥର ମୁଖ୍ୟ ମହାରଣା ଯୋଗାଇଥିବା ଚଉପଟ ଗୁଜ କାଠରେ ମୁଖ୍ୟ ରୂପକାର ସେବକମାନେ ଅନୁକୂଳ ପୂଜା ପୂର୍ବକ ଶ୍ରୀନୃସିଂହ ଦେବଙ୍କ ପ୍ରତିମା ଖୋଦେଇର ଶୁଭ ଅନୁକୂଳ କରିଥିଲେ । ସେହିପରି ରବିବାର ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନିର୍ଦ୍ଦେଶ କ୍ରମେ ଯନ୍ତାଗାଡ଼ରେ ସିଙ୍ଗଡ଼ା ବାଡ଼ିଆ କାମ ଅନୁକୂଳ କରାଯାଇଛି। ମହାପ୍ରସାଦ ସମର୍ପଣ ଏବଂ ତ୍ରିଫଳ ଭାଙ୍ଗି ସିଙ୍ଗଡ଼ା ବାଡ଼େଇବା କାର୍ଯ୍ୟ ଅନୁକୂଳ କରାଯାଇଥିଲା। ତିନିରଥର ରୂପକାର ସେବକମାନେ ବାରଟି ଗୁଜକାଠରେ ମହାପ୍ରଭୁ ଶ୍ରୀନୃସିଂହ ଦେବଙ୍କ ପ୍ରତିମା ଖୋଦେଇ ଜାରି ରଖିଛନ୍ତି। ଏତତ୍ ବ୍ୟତୀତ ତିନିରଥର ମହାରଣାମାନେ ଗୁଜ, କୁଡୁକା, ଜଳଯନ୍ତ୍ର, ତିଖି ଗୁଜ ନିର୍ମାଣ ଜାରି ରଖିଛନ୍ତି। ତିନିରଥର ଗୋଟିଏ ଗୋଟିଏ ତୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଯନ୍ତାଗାଡ଼ଠାରେ ଭୋଇସେବକଙ୍କ ଦ୍ୱାରା ଅନୁକୂଳ ପୂର୍ବକ ସମ୍ପନ୍ନ ହୋଇଛି। ଅର ସଂଯୋଗ ତୁମ୍ବଗୁଡ଼ିକୁ ରଥ ଖଳାଠାରେ ତୁମ୍ବ ବିନ୍ଧ କାରିଗରଙ୍କୁ ଯୋଗାଇବା ପରେ ତୁମ୍ବବିନ୍ଧ କାରିଗର ତୁମ୍ବରେ ବିନ୍ଧ କାର୍ଯ୍ୟ କରିଛନ୍ତି। ତାଳଧ୍ୱଜ ରଥର ମୋଟ ୧୧ଟି କୋଣ ଗୁଜ ବା ସାଲଗୁଜରୁ ୭ଟି ଗୁଜ ଚଉପଟ କରି ରୂପକାର ସେବକଙ୍କୁ ଯୋଗାଯାଇଛି। ରବିବାର ତାଳଧ୍ୱଜ ରଥ ମହାରଣା ସେବକମାନେ ଆଉ ୪ଟି ସାଲଗୁଜ ନିର୍ମାଣ ସହ ଜଳଯନ୍ତ୍ର, କୁଡୁକା ନିର୍ମାଣ ଜାରି ରଖିଛନ୍ତି। ଏଥିସହ ଯନ୍ତାପଟା ନିର୍ମାଣକାରୀ ସେଥିରେ ବିନ୍ଧକାର୍ଯ୍ୟ କରୁଛନ୍ତି। ଉକ୍ତ ଯନ୍ତାପଟାରେ ତୁମ୍ବରେ ଅର ସଂଯୋଗ ପରେ ପଇ ପିନ୍ଧା ପାଇଁ ଏହାର ଆବଶ୍ୟକ ପଡ଼ିଥାଏ। ଦେବଦଳନ ରଥର ୭ଟି ଗୁଜ ନିର୍ମାଣ କରି ରୂପକାର ସେବକଙ୍କୁ ଯୋଗାଇ ଦିଆଯାଇଛି। ବାକି ୪ଟି ଗୁଜ ଦେବଦଳନ ରଥ ମହାରଣା ଯୋଗାଇବା ସହ ତିଖିଗୁଜ, ଜଳଯନ୍ତ୍ର ସହ ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ପାଇଁ ଅର ସାଲ କାମ ଚାଲୁରହିଛି। ନନ୍ଦିଘୋଷ ରଥର ମହାରଣା ସେବକମାନେ ୧୧ଟି ଗୁଜ ଚଉପଟ କରି ରୂପକାର ସେବକଙ୍କୁ ଯୋଗାଇବା ସହ ଆରଯୁକ୍ତ ତୁମ୍ବରେ ପଇ ପିନ୍ଧାଇବା ପାଇଁ ଯନ୍ତାପଟା ନିର୍ମାଣ କରି ସେଥିରେ ବିନ୍ଧ ଖୋଳା କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ତିନିରଥର ଓଝା ସେବକମାନେ ତୁମ୍ବରେ ସଂଯୋଗ ପାଇଁ ପନ୍ଦାରୀ, ବଳା ସହ ଅରକଣ୍ଟା ପ୍ରସ୍ତୁତି ଜାରି ରଖିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ର ମନ୍ତ୍ରୀ




ମହାପ୍ରଭୁଙ୍କ ଦର୍ଶନ ସାରି କେନ୍ଦ୍ର ମନ୍ତ୍ରୀ ସଞ୍ଜୀବ କୁମାର ବାଲ୍ୟାନ ଫେରୁଛନ୍ତି।

**ବାଲ୍ୟାନଙ୍କ କାର୍‌କୁ ଛାତ୍ର କଂଗ୍ରେସର କାଳିମାଡ଼**

ପୁରୀ ଅଫିସ, ୧୫।୫:

କେନ୍ଦ୍ର ମତ୍ସ୍ୟ ଓ ପଶୁପାଳନ ବିଭାଗ ରାଷ୍ଟ୍ରମନ୍ତ୍ରୀ ସଞ୍ଜୀବ କୁମାର ବାଲ୍ୟାନ ରବିବାର ସନ୍ଧ୍ୟାରେ ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ବାଲ୍ୟାନ୍ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ତାଙ୍କୁ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ପ୍ରମୁଖ ସ୍ୱାଗତ କରି ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ବାଲ୍ୟାନ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ଭିତରକାଠ ନିକଟକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଭିତର ବେଢାରେ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିବା ସହ କିଛି ସମୟ ସେଠାରେ ଅତିବାହିତ କରି ଫେରିଥିଲେ। ମହାପ୍ରଭୁଙ୍କ ଦର୍ଶନ କରି ଖୁସି ବୋଲି ସେ କହିଛନ୍ତି। ଶ୍ରୀମନ୍ଦିର ସେବାୟତ ଏବଂ ଭାଜପା କର୍ମୀଙ୍କ ପକ୍ଷରୁ ବାଲ୍ୟାନଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ, ପତିତପାବନ ବାନା ଓ ମହାପ୍ରସାଦ ଆଦି ପ୍ରଦାନ କରାଯାଇଥିଲା।

ଅନ୍ୟପକ୍ଷରେ ବାଲ୍ୟାନଙ୍କ ଗସ୍ତ ସମୟରେ ପୁରୀରେ ଛାତ୍ର କଂଗ୍ରେସ ପକ୍ଷରୁ ତାଙ୍କୁ ବିରୋଧ କରାଯିବା ସହ ତାଙ୍କ ଗାଡ଼ିକୁ କାଳିମାଡ଼ କରାଯାଇଛି। ଛାତ୍ର କଂଗ୍ରେସର ପୁରୀ ଜିଲା ସଭାପତି ଆଶୁତୋଷ ମିଶ୍ରଙ୍କ ନେତୃତ୍ୱରେ ଅଗଷ୍ଟିନ ଯୋଶେଫ, ସାହିଲ ମହାନ୍ତି, ସୋମନାଥ ନାୟକ, ହେମନ୍ତ ପ୍ରଧାନ ଓ ସନ୍ଦୀପ ବିଶ୍ୱାଳ ପ୍ରମୁଖ ପୁରୀ ମାର୍କେଟ ଛକଠାରେ ବାଲ୍ୟାନଙ୍କ ଗସ୍ତକୁ ବିରୋଧ କରି ତାଙ୍କ କାରକେଡ୍ ଉପରକୁ କାଳିମାଡ଼ କରିଥିଲେ। ଦରଦାମ ବୃଦ୍ଧି, ଛାତ୍ର ଓ ଯୁବ ମାରଣ ନୀତିର ପ୍ରତିବାଦ ଏବଂ ଛାତ୍ରଙ୍କ ଅଧିକାର ଓ ହକ ଦାବିରେ କାଳିମାଡ଼ କରାଯାଇଥିବା ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି।

# ଚିତ୍ତାକର୍ଷକ ଓଡ଼ିଶୀ, ଓଁ ନମଃ ମହିଷମର୍ଦ୍ଦିନୀ ନୃତ୍ୟ

**ବୈଶାଖୀ ଉତ୍ସବ**

ନିମାପଡ଼ା, ୧୫।୫(ଡି.ଏନ୍.ଏ.):

ନିମାପଡ଼ାର ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀର ୧୩ଶ ବୈଶାଖୀ ଉତ୍ସବ ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚଠାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ନିମାପଡା ଏନ୍.ଏ.ସି. ଅଧ୍ୟକ୍ଷ ସସ୍ମିତା ସାହୁ, ନୃତ୍ୟଗୁରୁ ନାରାୟଣ ପରିଡ଼ା, ଜଗତ୍‌ସିଂହପୁର ଅଳକା ଆର୍ଟ ଏକାଡେମୀ ସଭାପତି ନୃତ୍ୟଗୁରୁ ଅକ୍ଷୟ ମହାନ୍ତି, ନୃତ୍ୟାଳୟାର ନିର୍ଦ୍ଦେଶକ ନୃତ୍ୟଗୁରୁ ବିଷ୍ଣୁଚରଣ ସାମଲ, ସହ ନିର୍ଦ୍ଦେଶିକା ସୁଦେଷ୍ଣା ପ୍ରଧାନ, ଶିକ୍ଷାବିତ୍ ସୀମାନ୍ତ ଶେଖର ରଥ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୁନି ନୃତ୍ୟଶିଳ୍ପୀଙ୍କ ପକ୍ଷରୁ ଆକର୍ଷଣୀୟ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ, ପଲ୍ଲୀ ନୃତ୍ୟ, ରାଧିକା, ମଙ୍ଗଳାଚରଣ, ଓଁ ନମଃ ମହିଷମର୍ଦ୍ଦିନୀ ନୃତ୍ୟ ଦର୍ଶକଙ୍କ ମନ ମୁଗ୍ଧ କରିଥିଲା। ମଞ୍ଚାସୀନ ଅତିଥି ନୃତ୍ୟଗୁରୁ, କୁନି ନୃତ୍ୟଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧନା ଦେଇଥିଲା। ନୃତ୍ୟାଳୟାର ନିର୍ଦ୍ଦେଶକ ଗୁରୁ ବିଷ୍ଣୁଚରଣ ସାମଲ, ସୁଦେଷ୍ଣା ପ୍ରଧାନ, ଇତିଶ୍ରୀ ରାୟ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀର ୧୩ଶ ବୈଶାଖୀ ଉତ୍ସବରେ କଳାକାରଙ୍କ ନୃତ୍ୟ ପରିବେଷଣ ।

# ଜୁମ୍ବା, ସମ୍ବଲପୁରୀ ନୃତ୍ୟ ସହ ଜମିଲା ଫନ୍ ଗେମ୍

**ବିଚ୍ କନେକ୍ଟ କାର୍ଯ୍ୟକ୍ରମ**

ପୁରୀ ଅଫିସ, ୧୫।୫:

ପୁରୀ ପୌରସଂସ୍ଥା ପକ୍ଷରୁ ରବିବାର ବିଚ୍ କନେକ୍ଟ (ସଂଯୋଗ ସ୍ୱର୍ଣ୍ଣାଭ ବେଳାଭୂମି) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଟାରୁ ୮ଟା ୩୦ ମିନିଟ୍ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଥିଲା। ପ୍ରଥମେ ବେଳାଭୂମି ସଫେଇ କରାଯାଇଥିଲା। ପରେ ଜୁମ୍ବା ନୃତ୍ୟ, ଲେମ୍ବୁଦୌଡ଼, ଯୋଗ, ମ୍ୟୁଜିକ ଚେୟାର, ସ୍ୱାସ୍ଥ୍ୟ ପରୀକ୍ଷା, କୁଇଜ ପ୍ରତିଯୋଗିତା, ଲାଇଭ ପେଣ୍ଟିଂ, ପିଲାଙ୍କ ପାଇଁ ବକେଟ ବଲ, ଆର୍ଚେରୀ, ପିରାମିଡ୍, ରିଙ୍ଗ ଥ୍ରୋ ଭଳି ଫନ ଗେମ୍, ଟଗ୍ ଅଫ୍ ୱାର୍ (ଦଉଡ଼ି ଭିଡ଼ା) ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ଶିଳ୍ପୀ ଏଣ୍ଟରଟେନମେଣ୍ଟ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପୌର ସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା ଆପଦକାଳୀନ ଅଧିକାରୀ ଜିତେନ୍ଦ୍ର ପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପରାମର୍ଶଦାତା ଜ୍ୟୋତିପ୍ରକାଶ ଏବଂ ସିଦ୍ଧାର୍ଥ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସମୁଦ୍ରକୂଳ ବ୍ୟବସାୟୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବେଳାଭୂମି ସଫେଇ ସହ ଏହାର ସୁରକ୍ଷା ନିମନ୍ତେ ସମସ୍ତଙ୍କ ସହଯୋଗ ଲୋଡ଼ାଯାଉଛି। ସରକାରୀ କର୍ମଚାରୀ, ପର୍ଯ୍ୟଟକ, ହୋଟେଲ ବ୍ୟବସାୟୀ, ବୁଦ୍ଧିଜୀବୀ, ପୁରୀବାସୀ, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ସମସ୍ତେ ଏଥିରେ ସାମିଲ ହେଉଛନ୍ତି।



କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ମେ, ୨୦୨୨



## ୪୯ ୟୁନିଟ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ:** ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ସଙ୍ଗଠନ ଆସମା ସହଯୋଗରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଉଦ୍‌ଘାଟନ କରିଥିଲେ। ମୋଟ୍ ୪୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ବାସନ୍ତୀ ମହାପାତ୍ର, ଦିଲୀପ ହୋତା, ଖୋର୍ଦ୍ଧା ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ଜିଲା ଉପସଭାପତି ବିଭୁ ପ୍ରସାଦ ସାହୁ, ଜିଲା ସାଧାରଣ ସମ୍ପାଦକ ଲଳିତ ମୋହନ ମହାପାତ୍ର ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରକୁ ଆସମା ସଙ୍ଗଠନର ଦେବାଶିଷ ମହାନ୍ତି, ଶାନ୍ତି ମହାପାତ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଖଣିରେ ଚଢ଼ାଉ, ୪ ଗିରଫ

**ଖୋର୍ଦ୍ଧା ଅଫିସ,୧୫।୫:** ଖୋର୍ଦ୍ଧା ସଦର ପୋଲିସ ରବିବାର ଗୋବରଗାଡ଼ିଆ ଖଣିରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିବା ସହ ୩ ପାୱାର ଟ୍ରିଲର ଓ ୨ଟି ଟ୍ରକ୍ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଜଙ୍କିଆ ଥାନା ଅଞ୍ଚଳର ଦିଲୀପ କୁମାର ମଙ୍ଗରାଜ(୨୯), ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳର ଲକ୍ଷ୍ମୀଧର ମଙ୍ଗରାଜ(୪୫), ଟାଙ୍ଗୀ ଥାନା ଅଞ୍ଚଳର କାଳିଆ ପ୍ରଧାନ(୩୮) ଓ ଜଙ୍କିଆ ଥାନା ମଳିପଡ଼ା ଅଞ୍ଚଳର ସଦାଶିବ ଭୁଜବଳ(୨୨)। ଥାନାରେ ଏକ ମାମଲା (ନଂ.୭୬/୨୨)ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା।

### ଖବରଦାତାଙ୍କୁ ଆକ୍ରମଣ, ୪ ଗିରଫ

**ଖୋର୍ଦ୍ଧା ଅଫିସ,୧୫।୫:** ଏକ ବୈଦୁତ୍ୟିକ ଗଣମାଧମ ପ୍ରତିନିଧିଙ୍କୁ ଆକ୍ରମଣ ଅଭିଯୋଗରେ ରବିବାର ଟାଙ୍ଗୀ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ କଲେଜ ଅଧାପକ ଥିବା ବେଳେ ଜଣେ ସ୍କୁଲ ଶିକ୍ଷକ ରହିଛନ୍ତି। ସୂଚନା ଅନୁଯାୟୀ, କୋଭିଡ୍ କଟକଣା ସମୟରେ ଟାଙ୍ଗୀ ଥାନା ଅଞ୍ଚଳର ଏକ ଘରୋଇ କୋଚିଂ ସେଣ୍ଟର ନିୟମ ଉଲ୍ଲଂଘନ କରୁଥିବା ଅଭିଯୋଗ ହେଉଥିଲା। ଏହାକୁ ନେଇ ଖବରଦାତା ବିକ୍ରମ କେଶରୀ ସାହୁ ଖବର ପ୍ରସାରଣ କରିଥିଲେ। ରବିବାର ବିକ୍ରମ ଚିକିତ୍ସିତ ହେବା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଏହି ସମୟରେ କେତେଜଣ ଯୁବକ ସେଠାରେ ପହଞ୍ଚି ବିକ୍ରମଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଖବରପାଇ ମେଡିକାଲରେ ପୋଲିସ ଟିମ ପହଞ୍ଚିଥିଲା। ପୋଲିସ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୩୫/୨୨)ରୁଜୁକରି ଅଧିକ ତଦନ୍ତ ଚଳାଇଛି।

### ମଙ୍ଗଳା ମନ୍ଦିରର ବାର୍ଷିକୋତ୍ସବ

**କୃଷ୍ଣପ୍ରସାଦ,୧୫।୫(ଡି.ଏନ୍.ଏ.):** ପୁରୀ ଜଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଫୁଲବାରୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ୨୨ତମ ବାର୍ଷିକ ଉତ୍ସବ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଅଣୁଆଁ, ସିଆଳ, ତିତିପ, ସିପିଆ, ଖଟିସାହିର ସଙ୍କୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରୁଛନ୍ତି। ବେରୁଆଁବାଡ଼ିର ମଠାଧୀଶ ରାମକୃଷ୍ଣ ଦାସ ମହାରାଜ ଏଥିରେ ଯୋଗଦେଇଛନ୍ତି। ବାଲି ଶାସନରୁ ପଣ୍ଡିତ ଦିଲୀପ ଦାସ, ପ୍ରଫୁଲ୍ଲ ଚନ୍ଦ୍ର ଦେବତାଙ୍କ ନେତୃତ୍ୱରେ ୮ଜଣ ବ୍ରାହ୍ମଣ ଯଜ୍ଞ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ୨୪ ପ୍ରହର ନାମଯଜ୍ଞ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ ସହିତ ବଗଳା ପୂଜା ଓ ଚଣ୍ଡୀ ପୂଜା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଛି। ଗ୍ରାମ୍ୟ କମିଟି ସଭାପତି ନିରଞ୍ଜନ ନାୟକ, ସମ୍ପାଦକ ହରେକୃଷ୍ଣ ଚାନ୍ଦ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି। ପ୍ରତ୍ୟେହ ସନ୍ଧ୍ୟାରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ବେଳେ ଆସନ୍ତା ମଙ୍ଗଳବାର ପୂର୍ଣ୍ଣାହୁତି ହେବ ବୋଲି ଗ୍ରାମ୍ୟ କମିଟି ପକ୍ଷରୁ ସୂଚନା ମିଳିଛି।

### ୫୪ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୧୫।୫:** ଖୋର୍ଦ୍ଧା ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ରକ୍ତଦାନ ଶିବିର କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୫୪ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଖୋର୍ଦ୍ଧା ରକ୍ତଭଣ୍ଡାରର ଅରୁଣ ସାହୁ ଏବଂ ଅନ୍ୟମାନେ ରକ୍ତ ସଂଗ୍ରହ କରିଥିଲେ। ସମିତି ଆବାହକ ସୁଶାନ୍ତ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଚଢ଼ାଉ ସତ୍ତ୍ୱେ ଚାଲିଛି ଖଣିଜ ସମ୍ପଦ ଲୁଟ୍

**ଖୋର୍ଦ୍ଧା ଅଫିସ,୧୫।୫**

ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ସମ୍ପଦ ଲୁଟ୍ ଚାଲିଛି। ଦୈନିକ ଶହ ଶହ ଟ୍ରକରେ ମୋରମ, ବାଲି, କଳାମୁଗୁନି ପଥର, ବଉଳାମାଳା (ମନ୍ଦିର ନିର୍ମାଣରେ ବ୍ୟବହାର ହେଉଥିବା ମୂଲ୍ୟବାନ ପଥର) ଓ ମାଙ୍କଡ଼ା ପଥର ଚାଲାଣ କରାଯାଉଛି। ବେଆଇନ ଭାବେ ପାହାଡ଼ ଖନନ ଚାଲିଛି। ପ୍ରଶାସନ ପକ୍ଷରୁ ବାରମ୍ବାର ଚଢ଼ାଉ ଓ ଜରିମାନା ଆଦାୟ ସତ୍ତ୍ୱେ କୌଣସି ଫରକ ପଡୁନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି, ସରକାରୀ ଓ ଗୋଚର ଜମି ଉପରେ ମୁଖ୍ୟତଃ ନଜର ରହିଛି। ସବୁଠି ବେଆଇନ ଭାବେ ପଥର ଓ ମୋରମ ଚାଲାଣ ଚାଲିଛି। ସେହିପରି ରାସ୍ତା ସମ୍ପ୍ରସାରଣ ଆଳରେ ଟାପଙ୍ଗ ମୁଣ୍ଡିଆ, ଟାଙ୍ଗୀ, ଆରିଆପଡ଼ା ବୃଷବନ୍ଧ, ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ପାହାଡ଼ରୁ ପଥର କଟା ଯୋଗୁ ଏଗୁଡ଼ିକ ନଣ୍ଡା ପାଲଟିଗଲାଣି। ବିଭିନ୍ନ ସ୍ଥାନରେ ଖନନ ଯୋଗୁ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ହେଲେ ଏସବୁ ଗର୍ତ୍ତରେ ପାଣି ଜମି କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ପ୍ରଶାସନ ଓ ପୋଲିସର ଅସାଧୁ କର୍ମଚାରୀଙ୍କୁ ହାତବାରିସି କରି ଖଣିଜ ସମ୍ପଦ ଲୁଟିନିଆଯାଉଛି। ଫଳରେ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି।

ପ୍ରଶାସନ ପକ୍ଷରୁ କାଁ ଭାଁ ଚଢ଼ାଉ କରାଯାଉଛି। ଗାଡ଼ି, ମେଶିନ, ଓ ଯନ୍ତ୍ରପାତି ପ୍ରଭୃତି ଜବତ କରାଯିବା ସହ ଜରିମାନା ଆଦାୟ ହେଉଛି। ତେବେ ଚାଲାଣକାରୀ ଖସିଯାଉଛନ୍ତି। ଚୋରା ଚାଲାଣ ପଛରେ ରାଜନୈତିକ ବ୍ୟକ୍ତି ଓ ବଡ଼ବଡ଼ିଆଙ୍କ ହାତ ରହୁଛି। ଫଳରେ ପ୍ରଶାସନ ଚୁପ୍ ବସୁଛି। ବୋଲଗଡ଼, ଚିଲିକା, ବାଣପୁର ସବୁଠି ଏଭଳି ଭାବେ ଚାଲାଣକାରୀ ସକ୍ରିୟ ରହିଛନ୍ତି। କୌଣସି ଖଣିରେ ଚଢ଼ାଉ ପୂର୍ବରୁ ମାଫିଆଙ୍କ ପାଖରେ ଖବର ପହଞ୍ଚିଯାଉଛି। ନମ୍ବର ବିହୀନ ଓ ଫିଟ୍‌ନେସ୍ ନ ଥିବା ଗାଡ଼ିରେ ଚୋରା ଚାଲାଣ ହେଉଥିବାବେଳେ ଏଗୁଡ଼ିକ ଖସିଯିବା ସହଜ ହେଉଛି। ପଥର ପାଇଁ ଖନନ ଯୋଗୁ ସୃଷ୍ଟି ହେଉଥିବା ଗର୍ତ୍ତରେ ଗୋରୁ, ଛେଳି, ମେଣ୍ଢା ପ୍ରଭୃତି ପଡ଼ି ଆହତ ହେଉଛନ୍ତି। ଚାଷ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି।

### ରାସ୍ତା ସମ୍ପ୍ରସାରଣ ଆଳରେ ପାହାଡ଼ ସଫା



ବିଭିନ୍ନ ସମୟରେ ଏଭଳି ଅଭିଯୋଗ ନେଇ ସ୍ଥାନୀୟ ବାସିନ୍ଦା ଜିଲା ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି। ବେଆଇନ ପଥର ଚାଲାଣ, ଖନନ ଓ ବ୍ଲାଷ୍ଟିଙ୍ଗ ବନ୍ଦ ସହ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରୁଛନ୍ତି। ତେବେ କେବଳ ପ୍ରତିଶ୍ରୁତି ମିଳୁଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ। ଦୀର୍ଘଦିନ ତଳେ ଏସ୍‌ଟିଏଫ୍‌ର ଚଢ଼ାଉ ଫଳରେ ମାଫିଆଙ୍କ ମଧ୍ୟରେ ଛନକା ପଶିଥିଲା। ସେହିପରି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଛାଟ ପରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରାଯାଇ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରାଯିବା ସହ କେତେକ ଚୋରାଚାଲାଣକାରୀଙ୍କ ନାମରେ ଥାନାରେ ମାମଲା ରୁଜୁ କରାଯାଇଥିଲା। ଫଳରେ ବେଆଇନ କାରବାର ବନ୍ଦ ରହିଥିଲା। ତେବେ ପରେ ପୁଣି ଯଥା ପୂର୍ବଂ ତଥା ପରଂ ସ୍ଥିତି। ଖଣି ମାଫିଆଙ୍କ ଉପରେ ରୋକ ଲଗା ନ ଗଲେ, ଆଗକୁ ଖୋର୍ଦ୍ଧା ସହରରେ ଲଘୁ ଖଣିଜ ସମ୍ପଦ ଲୋପ ପାଇଯିବ ବୋଲି ପରିବେଶବିତ ମତ ଦେଉଛନ୍ତି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି, ଲଘୁ ଖଣିଜ ଚୋରା ଚାଲାଣ ରୋକିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଛି। ସେହିପରି ବିଭିନ୍ନ ତହସିଲ ପକ୍ଷରୁ ଚଢ଼ାଉ କରାଯିବା ସହ ଜରିମାନା ଆଦାୟ ହେଉଛି।

## ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଖୋର୍ଦ୍ଧା ଅଫିସ,୧୫।୫**

ବାଘମାରୀ କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥର ସିମୋର ନିକଟରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଙ୍କି ଚଇମ କୁଲୁମ ଗ୍ରାମର ଲକ୍ଷ୍ମଣ ବେହେରା। ସୂଚନା ମୁତାବକ, ଲକ୍ଷ୍ମଣ ବାଇକ୍‌ରେ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। ସିମୋର ନଳ ଶଙ୍ଖ ନିକଟରେ ଦ୍ରୁତଗତିରେ ଆସୁଥିବା ଏକ ଯାତ୍ରୀବାହୀ ବସ୍ ତାଙ୍କୁ ଧକ୍କା ଦେବା ସହ ମୁଣ୍ଡ ଉପରେ ଚକା ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଲକ୍ଷ୍ମଣଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ବାଘମାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ବସ୍ ଡ୍ରାଇଭର ଖୋର୍ଦ୍ଧା ଟାଉନ ଥାନାରେ ଆତ୍ମସମର୍ପଣ କରିଥିଲେ। ପରେ ବାଘମାରୀ ପୋଲିସ ପହଞ୍ଚି ବସ୍ ଡ୍ରାଇଭରଙ୍କୁ ଆଣି ଅଟକ ରଖି ପଚରାଉଚରା ଚଳାଇଛି।



ଶିକ୍ଷାବିତ୍ ପ୍ରମୋଦଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ରବିବାର ଅତିଥିମାନେ ସାହିତ୍ୟିକ ଭାଗୀରଥି ସାହୁଙ୍କୁ ପ୍ରମୋଦ ସ୍ମୃତି ସମ୍ମାନ ପ୍ରଦାନ କରୁଛନ୍ତି।

## ବ୍ୟକ୍ତିତ୍ୱ ହେଉଛି ପ୍ରମୋଦଙ୍କ ପରିଚୟ

**ଖୋର୍ଦ୍ଧା ଅଫିସ,୧୫।୫**

ପ୍ରମୋଦ ସାହୁ ସ୍ମୃତି ପରିଷଦ ପକ୍ଷରୁ ସାହିତ୍ୟିକ, ଶିକ୍ଷାବିତ୍ ତଥା ପରିବେଶବିତ୍ ପ୍ରମୋଦଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ ମୁକୁନ୍ଦପ୍ରସାଦସ୍ଥିତ ଘରୋଇ କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ଅଧକ୍ଷ ସତ୍ୟବାଦୀ ବଳିୟାରସିଂହଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଉଦ୍‌ଘାଟନ କରି କହିଥିଲେ, ପ୍ରମୋଦଙ୍କ ପରୋପକାରିତା ମନୋଭାବ ଅନ୍ୟଙ୍କୁ ସମ୍ପର୍କରେ ବାନ୍ଧି ରଖିଥିଲା। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ନିରଞ୍ଜନ ସାହୁ ଯୋଗଦେଇ କହିଥିଲେ, ବ୍ୟକ୍ତିତ୍ୱ ହେଉଛି ତାଙ୍କ ପରିଚୟ। ଯୁବଗୋଷ୍ଠୀଙ୍କ ଦକ୍ଷତା ବିକାଶ ଏବଂ ଆତ୍ମନିର୍ଭରଶୀଳତା ପାଇଁ ସେ ଅନେକ କାର୍ଯ୍ୟ କରିଛନ୍ତି। ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ପେନ୍ ଇନ୍ ବୁକ୍ସର ପ୍ରତିଷ୍ଠାତା ଶୁଭ୍ରାଂଶୁ ପଣ୍ଡା, ଡ. ରବୀନ୍ଦ୍ର କୁମାର ଚୌଧୁରୀ, ଅଧାପକ ପ୍ରଦୀପ୍ତ କୁମାର ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସମରେନ୍ଦ୍ର ବଳିୟାରସିଂହଙ୍କ ସମ୍ପାଦନାରେ ପ୍ରକାଶିତ ସ୍ମରଣିକା 'ପ୍ରମୋଦ ପ୍ରଦୀପ' ଏବଂ ପ୍ରମୋଦଙ୍କ ଦୁଇଟି ଅପ୍ରକାଶିତ ପାଣ୍ଡୁଲିପି କବିତା ସଙ୍କଳନ 'ରିଫଲଜେଣ୍ଟ ଡ୍ରିମ୍ସ' ଓ 'ହାଟ ସାରି ଫେରୁଥିବା ବାଟୋଇ' ଲୋକାର୍ପିତ ହୋଇଥିଲା। ଦେଉଳି ଗ୍ରାମର ବିଶିଷ୍ଟ ସାହିତ୍ୟିକ ଭାଗୀରଥି ସାହୁଙ୍କୁ ପ୍ରମୋଦ ସ୍ମୃତି ସମ୍ମାନ, ଛତ୍ରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ଲିଜା ସୁନ୍ଦରାୟଙ୍କୁ ୧୦ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ୱର୍ଗତ ସାହୁଙ୍କ ସହଧର୍ମିଣୀ କ୍ଷୀରାବ୍ଧି ତନୟା ସାହୁ, ପ୍ରୀତିପ୍ରଭା ପ୍ରିୟଦର୍ଶୀ, ଅତିରିକ୍ତ ତହସିଲଦାର ସୌମ୍ୟକାନ୍ତ ସୌମ୍ୟଦର୍ଶୀ, ସନ୍ତୋଷ କୁମାର ମହାପାତ୍ର, ମିଥୁନ ସାହୁ, ଅବ୍‌ଦୁଲ ବାରି ଖାଁ, ଇତିଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅସରାଏ ବର୍ଷାରେ କୃତ୍ରିମ ପୋଖରୀ ଭ୍ରମ

**ଯାଁଳା,୧୫।୫(ଡି.ଏନ୍.ଏ.)**



ସରକାର ଜନସାଧାରଣଙ୍କ ସୁବିଧା ପାଇଁ ପିଇବା ପାଣି ଠାରୁ ଆରମ୍ଭ କରି ଗମନାଗମନ ପର୍ଯ୍ୟନ୍ତ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ତେବେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ କାର୍ଯ୍ୟ ଠିକ୍ ଭାବେ ନ ହେବାରୁ ଲୋକେ ହଇରାଣ ହେଉଛନ୍ତି। ଅସରାଏ ବର୍ଷାରେ ରାସ୍ତାରେ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରିଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ ଅଞ୍ଚଳରେ ଦେଖିବାକୁ ମିଳିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଏହି ପଞ୍ଚାୟତର ପାଟଣା ସାହି, ରାଉତ ସାହି, ମହାନ୍ତି ସାହିର ରାସ୍ତା ପୁନଃ ନବୀକରଣ କରାଯାଉଛି। ଢଳେଇ ରାସ୍ତା ଉପରେ ପୁଣି ଥରେ ଢଳେଇ ପଡୁଥିବାରୁ ରାସ୍ତା ଉଚ୍ଚା ହେଉଛି। ଫଳରେ ଅସରାଏ ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଫଳରେ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ରାସ୍ତା କାମ ସରିଥିଲେ ମଧ୍ୟ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ପାଣି ଜମି ରହୁଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ୭ମ ବେତନ ନୂତନ ନିୟମକୁ ଓଷ୍ଟାର ବିରୋଧ

**ଖୋର୍ଦ୍ଧା ଅଫିସ,୧୫।୫**

ଖୋର୍ଦ୍ଧା ଜିଲା ଓଷ୍ଟା କାର୍ଯ୍ୟାଳୟରେ ରବିବାର ଶିକ୍ଷକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ସପ୍ତମ ବେତନ ପ୍ରଦାନ ନିମନ୍ତ ଗତ ୧୩ ତାରିଖରେ ପ୍ରକାଶିତ ବିଜ୍ଞପ୍ତିକୁ ନେଇ ବିରୋଧ କରାଯାଇଛି। ଏହାକୁ ପ୍ରତ୍ୟାହାର କରି ଠିକ୍ ନିୟମ ନିର୍ଦ୍ଧାରଣ କରାନଗଲେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସରକାରଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ନିୟମ ଅନୁଯାୟୀ ସପ୍ତମ ବେତନ ପ୍ରଦାନ ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଚିଠି ନଂ.୬୩୩, ତା ୧୧/୦୧./୨୦୨୨ ରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ସରକାର ୬୨୫ ବିଦ୍ୟାଳୟକୁ ଏଥିରୁ ବଞ୍ଚିତ କରିଛନ୍ତି। ଦୀର୍ଘ ୪ମାସ ପରେ ସପ୍ତମ ବେତନ ନିୟମ ଉଲ୍ଲଂଘନ କରି ଏକ ନୂତନ ନିୟମ ପ୍ରକାଶ କରିଥିବାରୁ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜିଲା ଓଷ୍ଟାର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲା ସମ୍ପାଦକ ସୁଧାକର ମହାପାତ୍ର, ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ସମ୍ପାଦକ ମଧୁସୂଦନ ଦେ, ସହ ସମ୍ପାଦକ ରମାକାନ୍ତ ମହାପାତ୍ର, ରାଜ୍ୟ ସଭ୍ୟ ଶିଶିର ଦାଶ, ପ୍ରଦୀପ ପ୍ରଧାନ, ଜିଲା ଯୁଗ୍ମ ସମ୍ପାଦକ ଘନଶ୍ୟାମ ସ୍ୱାଇଁ, ଶ୍ରୀହରୀ ମାଳି, ଜିଲା ସଭ୍ୟ ପ୍ରକାଶ କୁମାର ପଲେଇ, ସୁନୀଲ ପଣ୍ଡାଙ୍କ ସମେତ ବ୍ଲକ ସମ୍ପାଦକମାନେ ଯୋଗଦେଇଥିଲେ।

## କଳିଙ୍ଗ ଫାଇଟର, ଡିଜି-୧୧ ବିଜୟୀ

**ଜଟଣୀ,୧୫।୫(ଡି.ଏନ୍.ଏ.)**

ଜଟଣୀ ବ୍ଲକ ତିରିମଲ ଓ ବେଣାପାଞ୍ଜରୀ ପଞ୍ଚାୟତରେ ମିଳିତଭାବେ ଅନୁଷ୍ଠିତ ପ୍ରଥମ ପଞ୍ଚାୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦଶମ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ପପୁ-୧୧ ଏବଂ କଳିଙ୍ଗ ଫାଇଟର ଟିମ୍ ମଧ୍ୟରେ ଖେଳାଯାଇଥିଲା। କଳିଙ୍ଗ ଫାଇଟର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୭ଉଇକେଟ ବିନିମୟରେ ୧୩୧ରନ ସଂଗ୍ରହ କରିଥିଲା। ଜବାବରେ ପପୁ-୧୧ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ୧୨୫ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଡିଜି-୧୧ ଏବଂ ଫାଇଟର-୧୧ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଡିଜି-୧୧ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୬ ଉଇକେଟ ବିନିମୟରେ ୧୩୧ରନ ସଂଗ୍ରହ କରିଥିଲା। ଜବାବରେ ଫାଇଟର-୧୧ ଟିମ୍ ୧୩ଓଭରରେ ସମସ୍ତ ଉଇକେଟ ବିନିମୟରେ ୬୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ହୃଦାନନ୍ଦ ଜେନା, ଅଶୋକ ମହାନ୍ତି, ମହମ୍ମଦ ଏହସାନ ଓ ସମ୍ଭିତ ତ୍ରିପାଠୀ ମ୍ୟାଚ୍ ପରିଚାଳନା କରିଥିଲେ। ସାମାଜିକ କର୍ମୀ ସାହା ଆସିକ ଅଲି ଏବଂ ବେଣାପଞ୍ଜରୀ ସରପଞ୍ଚଙ୍କ ପ୍ରତିନିଧି ସାହା ଜାଫର ଅଲି ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## 'ସମ୍ବର୍ଦ୍ଧନା ସୃଜନଶୀଳ ପ୍ରତିଭାକୁ ପରିପ୍ରକାଶ କରିଥାଏ'

### ପିଚୁକୁଳି ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ବୋଲଗଡ଼,୧୫।୫(ଡି.ଏନ୍.ଏ.)**



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ପିଚୁକୁଳି ବଜାର ଠାରେ ଚାଲିଥିବା ଚତୁର୍ଥ ନାଟକ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମା'ମହିଷାମର୍ଦ୍ଦିନୀ ଯୁବ ନାଟ୍ୟ ପରିଷଦର କଳାକାରଙ୍କ ଦ୍ୱାରା ନାଟକ 'ଆଖି ଅବୁଝାକୁ ଲୁହ ଅବୁଝା' ନାଟକ ମଞ୍ଚସ୍ଥ ହୋଇଥିଲା। ଏହା ପୂର୍ବରୁ ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ ମଞ୍ଚ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବଣିକ ସଂଘ ପକ୍ଷରୁ ଉପାଧକ୍ଷ ସାହୁଙ୍କ ସମେତ ଖବରଦାତା ପ୍ରଦୀପ ପ୍ରଧାନ ଓ ସୁରେଶ ସାମନ୍ତରାୟ, ସରପଞ୍ଚ ବୈକୁଣ୍ଠ ସ୍ୱାଇଁ ଓ ପ୍ରଦୀପ ବାରିକ, ସମିତିସଭ୍ୟ ଦିଲୀପ ମହାପାତ୍ର ଏବଂ ସ୍ଥାନୀୟ ଅଞ୍ଚଳର ବହୁ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରଦାତା ପ୍ରଧାନ କହିଥିଲେ ଯେ, ଏହି ସମ୍ବର୍ଦ୍ଧନା ସୃଜନଶୀଳ ପ୍ରତିଭାକୁ ପରିପ୍ରକାଶ କରିଥାଏ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଶିକ୍ଷକ ଶ୍ରୀକାନ୍ତ ନାୟକ ପରିଚାଳନା କରିଥିଲେ। ନୀଳକଣ୍ଠେଶ୍ୱର ବଣିକ ସଂଘ ସଭାପତି ପବିତ୍ର ମୋହନ ମାଝି ଧନ୍ୟବାଦ ଦେଇଥିଲେ।



ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିଦର୍ଶନ ଅବସରରେ ଭାରତୀୟ କ୍ରିକେଟ୍ ଟିମ୍‌ର ପୂର୍ବତନ ଅଧିନାୟକ ମହମ୍ମଦ ଆଜାରୁଦ୍ଦିନ ଓ ଅନ୍ୟମାନେ।



ବୋଲଗଡ଼ସ୍ଥିତ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଦଶମ ସାମ୍ବତ୍ସରିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭାଧାରୀ।

## ଦଶମ ସାମ୍ବତ୍ସରିକ ଉତ୍ସବ ଉଦ୍‌ଘାଟିତ

**ବୋଲଗଡ଼,୧୫।୫(ଡି.ଏନ୍.ଏ.)**

### ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିଭୋର

ବୋଲଗଡ଼ ସଦରମହକୁମା ସ୍ଥିତ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ୧୦ମ ସାମ୍ବତ୍ସରିକ ଉତ୍ସବ ରବିବାର ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନର ସଭାପତି ଗୋପୀନାଥ ଖାଡଙ୍ଗାଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମାଜିକକର୍ମୀ କୃଷ୍ଣମୋହନ ପାଲଟାସିଂହ, ଅତିଥିଭାବେ ଜିଲାପରିଷଦ ସଭ୍ୟା ସୁନନ୍ଦିତା ସାହୁ, ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ଅଭିନେତ୍ରୀ ସୁଭଦ୍ରା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥିମାନେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଅବିନାଶ ସୁବୁଦ୍ଧି ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର କୋଷାଧକ୍ଷ ପ୍ରମୋଦ କୁମାର ବରାଡ଼ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକ ବିଭିନ୍ନ ନୃତ୍ୟ ପରିବେଷଣକୁ ଉପଭୋଗ କରିଥିବା ଦେଖିବାକୁ ମିଳିଥିଲା।

## ମଉଳିଯାଉଛି ସ୍ୱପ୍ନାରାଣୀଙ୍କ ସ୍ୱପ୍ନ

**ପୁରୀ ଅଫିସ,୧୫।୫**

### କଲେଜ କର୍ତ୍ତୃପକ୍ଷ ଦେଉନାହାନ୍ତି ସାର୍ଟିଫିକେଟ

ପୁରୀ ସହରର ପ୍ରତିଷ୍ଠିତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପଢ଼ି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାର ସ୍ୱପ୍ନ ନେଇ ଜଣେ ଆଦିବାସୀ ଛାତ୍ରୀ ନବରଙ୍ଗପୁରରୁ ଏଠାକୁ ଧାଇଁ ଆସିଥିଲେ। ପାଠ ପଢ଼ି ପରୀକ୍ଷା ମଧ୍ୟ ଦେଇଥିଲେ। ହେଲେ ଏବେ ତାଙ୍କୁ ମାର୍କଶିଟ୍ କିମ୍ବା ସାର୍ଟିଫିକେଟ ମିଳିପାରୁନାହିଁ। ଫଳରେ ତାଙ୍କର ଗୋଟିଏ ଶିକ୍ଷାବର୍ଷ ନଷ୍ଟ ହେବା ସହ ଭବିଷ୍ୟତର ସ୍ୱପ୍ନ ମଉଳିଯିବାକୁ ବସିଛି। କଲେଜ କର୍ତ୍ତୃପକ୍ଷ ମାର୍କଶିଟ୍ ଓ ସାର୍ଟିଫିକେଟ ହଜାଇ ଦେଇଥିବାବେଳେ ବର୍ଷେ ବିଳମ୍ବରେ ଉତ୍ତୀର୍ଣ୍ଣ କରାଇବାକୁ କହି ତାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ବୋଲି ସମ୍ପୃକ୍ତ ଛାତ୍ରୀ ସ୍ୱପ୍ନାରାଣୀ ନାୟକ ଅଭିଯୋଗ ଆଣିଛନ୍ତି।

ସୂଚନା ଅନୁଯାୟୀ, ସ୍ୱପ୍ନାରାଣୀ ଗତବର୍ଷ ଅଗଷ୍ଟରେ ଅନଲାଇନ୍‌ରେ ବିଏଡ୍ ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ମଧ୍ୟ ହୋଇଥିଲେ। ପରୀକ୍ଷା ପରେ ଅନ୍ୟ ପରୀକ୍ଷାର୍ଥୀଙ୍କୁ ମାର୍କଶିଟ୍ ଓ ସାର୍ଟିଫିକେଟ ମିଳିସାରିଛି। କେବଳ ସ୍ୱପ୍ନାରାଣୀ ଏଥିରୁ ବାଦ୍ ପଡ଼ିଛନ୍ତି। ତେବେ ବାଦ୍ ପଡ଼ିବାର କାରଣ ସେ ବୁଝିପାରୁନାହାନ୍ତି। କଲେଜ କର୍ତ୍ତୃପକ୍ଷଙ୍କୁ ସେ ଅନେକ ନେହୁରା ହୋଇଥିଲେ ବି ଶୁଣୁନାହାନ୍ତି। ଏପରି କି, ଅଧକ୍ଷାଙ୍କୁ ଦେଖା କରିବା ପାଇଁ ଅନୁମତି ଦିଆଯାଉନାହିଁ। କାହା ପାଖରେ ଅଭିଯୋଗ କଲେ କିମ୍ବା ଗଣମାଧ୍ୟମକୁ ଜଣାଇଲେ ସାର୍ଟିଫିକେଟ୍ ମିଳିବା ଆହୁରି ମୁସ୍କିଲ ହେବ ବୋଲି ଧମକ ଦିଆଯାଉଛି। ସ୍ୱପ୍ନାରାଣୀ କହିଛନ୍ତି, ପ୍ରଥମେ ତାଙ୍କୁ ମାର୍କଶିଟ୍ ଓ ସାର୍ଟିଫିକେଟ୍ ଦିଆଯିବ ବୋଲି କୁହାଗଲା। ମାତ୍ର ପରେ ମନା କରିଦିଆଗଲା। ଏବେ ତାଙ୍କୁ ୨୦୨୨ ବର୍ଷର ସାର୍ଟିଫିକେଟ ଦିଆଯିବାକୁ କୁହାଯାଉଛି। ଏହାଦ୍ୱାରା ତାଙ୍କର ଗୋଟିଏ ବର୍ଷ ନଷ୍ଟ ହେବ। ତେଣୁ ତାଙ୍କୁ ଜାଣିଶୁଣି ହଇରାଣ କରାଯାଉଛି। ସେ ନିରାଶ ହୋଇ ଭାଙ୍ଗିପଡ଼ିଛନ୍ତି। ସେହିପରି ସ୍ୱପ୍ନାରାଣୀଙ୍କ ମା' କହିଛନ୍ତି, କଲେଜ କର୍ତ୍ତୃପକ୍ଷଙ୍କ ଯୋଗୁ ଝିଅର ଗୋଟିଏ ବର୍ଷର ପାଠପଢ଼ା ନଷ୍ଟ ହୋଇସାରିଛି। କିଛି ଭୁଲ୍ ନ ଥାଇ ମଧ୍ୟ ସ୍ୱପ୍ନାରାଣୀ କୌଣସି ଚାକିରି ପାଇଁ ଆବେଦନ କରିପାରୁନାହାନ୍ତି। ଏଥିପାଇଁ କିଏ ଦାୟୀ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ତାଙ୍କ ଝିଅର ପାଠପଢ଼ା ୨୦୨୧ ମସିହାରେ ସରିଛି। ଏବେ ୨୦୨୨ର ସାର୍ଟିଫିକେଟ୍ ଦିଆଯିବାକୁ କୁହାଯାଉଛି। ଉତ୍ତୀର୍ଣ୍ଣ ପ୍ରମାଣପତ୍ର ହିଁ ପିଲାଙ୍କ ଦକ୍ଷତାର ମାପକାଠି। ଗୋଟିଏ ବର୍ଷ ପଛୁଆ ହୋଇ ଉତ୍ତୀର୍ଣ୍ଣ ହେବା ଦ୍ୱାରା ସ୍ୱପ୍ନାରାଣୀଙ୍କ ଭବିଷ୍ୟତ ମଧ୍ୟ ପ୍ରଭାବିତ ହେବ। ତେଣୁ ଏଭଳି ଭାବେ ପିଲାଙ୍କ ଭବିଷ୍ୟତକୁ ଦଳିଚକଟି ଦିଆଯାଉଛି। ତେବେ କଲେଜ କର୍ତ୍ତୃପକ୍ଷ ସଫେଇ ଦେଇ କହିଛନ୍ତି, ମାର୍କଶିଟ୍ ଛପା ହେବା ପାଇଁ ପ୍ରେସ୍‌କୁ ଯାଇଥାଏ। କେବଳ ଜଣଙ୍କ ପୁରୁଣା ବର୍ଷର କାମ କରିବାକୁ ପ୍ରେସ୍ ରାଜି ହେଉନାହିଁ। ଫଳରେ ମାର୍କଶିଟ୍ ପ୍ରକାଶ କରାଯାଇପାରୁନାହିଁ। ସମ୍ପୃକ୍ତା ଛାତ୍ରୀ କେଉଁ ବିଷୟରେ କେତେ ମାର୍କ ରଖିଛନ୍ତି ତାହା ମଧ୍ୟ କଲେଜକୁ ଜଣାନାହିଁ। ଏ ନେଇ ମହାବିଦ୍ୟାଳୟର ଅଧକ୍ଷା ସୁଜାତା ମିଶ୍ର କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିବାବେଳେ ପରୀକ୍ଷା ନିୟନ୍ତ୍ରକ ଡ. ସନ୍ଦୀପ କୁମାର ଚାନ୍ଦ କହିଛନ୍ତି, ସମ୍ପ୍ରତି ପରୀକ୍ଷା କାର୍ଯ୍ୟର ଚାପ ଅଧିକ। ତେଣୁ ଏଭଳି ସ୍ଥଳେ ପୁରୁଣା ବର୍ଷର ଫଳାଫଳ ଦେବା ସମ୍ଭବ ନୁହେଁ। ଅନ୍ୟପକ୍ଷରେ ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି, ସମ୍ପୃକ୍ତା ଛାତ୍ରୀ ଏ ସଂକ୍ରାନ୍ତରେ କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ଛାତ୍ରୀଙ୍କ ମୌଳିକ ଅଧିକାରକୁ କଲେଜ କ୍ଷୁଣ୍ଣ କରିଛି। ଏଣୁ କର୍ତ୍ତୃପକ୍ଷ କୋର୍ଟରେ କୈଫିୟତ ଦେବା ପାଇଁ ପ୍ରସ୍ତୁତ ରହିବା ଦରକାର।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ମେ, ୨୦୨୨

## କନ୍ୟାଶ୍ରମରେ ପୁସ୍ତକ ବଣ୍ଟନ

ମଙ୍ଗୁଳି,(ଡି.ଏନ୍.ଏ.): ଜଗତ୍‌ପୁର ନୂତନ ଶିଳ୍ପାଞ୍ଚଳ ପରିସର ଇପିକଲ ମାର୍କେଟସ୍ଥିତ ଲକ୍ଷ୍ମୀନୃସିଂହ ଟ୍ରକ ମାଲିକ ସଂଘର ୪ର୍ଥ ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘ ସଭାପତି ପ୍ରେମାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ସଦସ୍ୟ ଓ କର୍ମକର୍ତ୍ତାମାନେ ପୁରୀ ଜିଲା ସତ୍ୟଭାମାପୁରସ୍ଥିତ ଏକ କନ୍ୟାଶ୍ରମରେ ୪୨ଜଣ ପିଲାଙ୍କ ନିମନ୍ତେ ୫ହଜାର ଟଙ୍କାର ଆର୍ଥିକ ସହାୟତା ସହିତ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ଶରତ କୁମାର ମହାନ୍ତି, ଅମୂଲ୍ୟ ଭୂୟାଁ, ଲକ୍ଷ୍ମୀଧର ଦାସ, ପ୍ରଭାକର ନାୟକ, ପୁଷ୍ପଜିତ ପ୍ରଧାନ, ନିର୍ମଳ ପ୍ରଧାନ, ପବିତ୍ର ନାୟକ, ତପନ କୁମାର ସ୍ୱାଇଁ, ପ୍ରତାପ ଚନ୍ଦ୍ର ରାଉତ, ଭରତ ବେହେରା, ମହମ୍ମଦ ୟୁନିସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ସଂକ୍ଷେପରେ

### ମହାନଦୀ ବାଲିରୁ ମୃତ ଶିଶୁକନ୍ୟା ଜବତ

**କଟକ ଅଫିସ,୧୫।୫:** ମହାନଦୀ ବାଲିରୁ ମଙ୍ଗଳାବାଗ ପୋଲିସ ରବିବାର ଜଣେ ଶିଶୁକନ୍ୟାର ମୃତଦେହ ଜବତ କରିଛି। ତେବେ ଉକ୍ତ ଶିଶୁକନ୍ୟା ଏଠାକୁ କିପରି ଆସିଲା ସେ ସମ୍ପର୍କରେ ଜଣାପଡିନାହିଁ। ଇଞ୍ଜିନିୟରିଂ ସ୍କୁଲ ଗଡ଼ା ନିକଟ ମହାନଦୀ ବାଲିରେ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏସ୍‌ସିବି ମେଡିକାଲ ପଠାଇଥିଲା। ତଦନ୍ତ ପରେ ଘଟଣା ସମ୍ପର୍କରେ ଜଣାପଡିବ ବୋଲି ମଙ୍ଗଳାବାଗ ଥାନା ଆଇଆଇସି ଅମିତାଭ ମହାପାତ୍ର କହିଛନ୍ତି।

### ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ୟାଟେରି ଗାଏବ

**କଟକ ସଦର,୧୫।୫(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ବରଦା ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ସୌରଚାଳିତ ବ୍ୟାଟେରି ଗତ ମାର୍ଚ୍ଚ ୧୨ ତାରିଖରୁ ଗାଏବ ହୋଇଯାଇଛି। ଫଳରେ ସୌର ପ୍ୟାନେଲ ଥାଇ ମଧ ଆଲୁଅ ଜଳିପାରୁନାହିଁ। ନବନିର୍ବାଚିତ ସରପଞ୍ଚ ନିରୋଜା ନଳିନୀ ଦାସ ଶୀଘ୍ର ବ୍ୟାଟେରି ଲଗାଇବା ସହ କେଉଁ ପରିସ୍ଥିତିରେ ତାହା ପଞ୍ଚାୟତ ଅଫିସ ବାହାରକୁ ଗଲା ତାହାର କାରଣ ଜଣାଇବାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ(ପିଇଓ) ଅକ୍ଷୟ କୁମାର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ପଞ୍ଚାୟତ ଅଫିସ ଦୂର ଜାଗାରେ ଥିବାରୁ ବିଦ୍ୟୁତ୍ ସଂଯୋଗ ନ ଥିଲା। ତେଣୁ ପଞ୍ଚାୟତ ପାଣ୍ଠିରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ସୋଲାର ବ୍ୟବସ୍ଥା କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ୟାଟେରି ଲାଗିପାରିନାହିଁ। ଏ ସମ୍ପର୍କରେ ପିଇଓ ସ୍ୱାଇଁ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବା ସରପଞ୍ଚ ଦାସ କହିଛନ୍ତି।

### ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଚୌଦ୍ୱାର,୧୫।୫(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ବଡଚାଞ୍ଚୋ ଗ୍ରାମର ଓଁ ଶ୍ରୀ କ୍ଷେତ୍ରପାଳ କ୍ଷେତ୍ରପାଳିକା ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାରଠାରୁ ଆରମ୍ଭ ହୋଇଛି। ୩ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଯଜ୍ଞର ପ୍ରଥମ ଦିନରେ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଗୋ ପୂଜା, ଅଗ୍ନିସ୍ଥାପନା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇଥିଲା। ମାୟାଧର ମଲ୍ଲ, ମହେନ୍ଦ୍ର ପରିଡା, ଲିଙ୍ଗରାଜ ସ୍ୱାଇଁ, ନବୀନ ସିଂ, ଶଙ୍କର୍ଷଣ ରାଉତ, ନିମାଇଁ ଚରଣ ଦାଶ, ମହେଶ୍ୱର ସିଂ, ପୁନାନନ୍ଦ ନାୟକ, ପ୍ରଶାନ୍ତ ପଣ୍ଡା ପ୍ରମୁଖ ଯଜ୍ଞ ପରିଚାଳନା କରିଥିଲେ।

### ଶିବିରରୁ ୨୦୦ ୟୁନିଟ୍ ରକ୍ତ ସଂଗ୍ରହ

**କଟକ ଅଫିସ, ୧୫।୫:** ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁର ମିଳିତ ଆନୁକୂଲ୍ୟରେ କଟକ ଟାଉନ ହଲ୍‌ଠାରେ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏଥିରେ ୨୦୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଛାତ୍ରନେତା ଜଗନ୍ନାଥ ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଜୀବନ ବିନ୍ଦୁ କଟକ ମହାନଗର ସଂଯୋଜକ ରଞ୍ଜନ ବିଶ୍ୱାଳ, ପ୍ରଫୁଲ୍ଲ ସିଂ, ଧର୍ମେଶ ନାୟକ, ମଧୁସୂଦନ ସାହୁ, ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କଟକ ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଆସିଫ ଅମିନ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ର ଓ ସମ୍ବିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ ବାଲି ଚାଲାଣ, ରାଜସ୍ୱ ହରାଉଛନ୍ତି ସରକାର

**କଣ୍ଟାପଡା,୧୫।୫(ଡି.ଏନ୍.ଏ.)**

- ଭାରିଯାନ ଚଳାଚଳରୁ ରାସ୍ତାରେ ଖାଲ
- ପଦକ୍ଷେପ ନ ନେଲେ ଆନ୍ଦୋଳନ


ବାଲିଘାଟରୁ ହାଇୱାରେ ବେଆଇନ ବାଲି ଚାଲାଣ ହେଉଛି।

କଣ୍ଟାପଡା ତହସିଲ ଅନ୍ତର୍ଗତ ଦେବୀନଦୀର ତୀର୍ଥପଡା ବାଲିଘାଟରୁ ପ୍ରତିଦିନ ବେଆଇନ ଭାବେ ହାଇୱାରେ ବାଲି ଚାଲାଣ କରାଯାଉଛି। ଏଥିଯୋଗୁ ସରକାରଙ୍କୁ ରାଜସ୍ୱ ହରାଇବାକୁ ପଡୁଛି। ତୁରନ୍ତ ବାଲି ଚାଲାଣରେ ବ୍ୟବହୃତ ଗାଡ଼ିକୁ ଜବତ କରାଯିବା ସହ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୋବିନ୍ଦପୁର ପଞ୍ଚାୟତର ଜନସାଧାରଣ କଣ୍ଟାପଡା ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି। ଏଥିସହ ଲିଖିତ ଆକାରରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗୋବିନ୍ଦପୁରରେ ୪ଟି ବାଲିଘାଟ ଥିବାବେଳେ ତୀର୍ଥପଡା ଘାଟରୁ ବାଲି ଉତ୍ତୋଳନ ହେଉଛି। ଘାଟରେ କେବଳ ଟ୍ରାକ୍ଟର ଯୋଗେ ବାଲିଚାଲାଣ ପାଇଁ ଅନୁମତି ରହିଛି। ବାଲିଘାଟରେ ଜେସିବି ଓ ହାଇୱା ଦ୍ୱାରା ବାଲି ଉତ୍ତୋଳନ ପାଇଁ ଏନ୍‌ଜିଟି ପକ୍ଷରୁ ନିଷେଦ୍ଧ କରାଯାଇଥିବାବେଳେ ଏଠି କାହା ନିର୍ଦ୍ଦେଶରେ ଏହିସବୁ ଗାଡ଼ିକୁ ବାଲିଘାଟରେ ପ୍ରବେଶ ପାଇଁ ଅନୁମତି ମିଳିଛି ତାହା ତଦନ୍ତ ସାପେକ୍ଷ ବୋଲି ଅଞ୍ଚଳବାସୀ କହିଛନ୍ତି। ରାଜସ୍ୱ ଅଧୀକ୍ଷକ ଉକ୍ତ ଅଞ୍ଚଳରେ ରହୁ ନ ଥିବାରୁ ଘାଟ ମାଲିକ ବାଲି ବୋହୁଥିବା ଗାଡିକୁ 'କେ' ଫର୍ମ ନ ଦେଇ ମନଇଚ୍ଛା ଚାଲାଣ କରୁଛନ୍ତି। ହେଲେ ଏ ଦିଗରେ ତହସିଲ ପ୍ରଶାସନ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଗ୍ରାମ୍ୟ ରାସ୍ତାରେ ହାଇୱା ଭଳି ଭାରିଯାନ ଚଳାଚଳ ନିଷେଧ ରହିଛି। ହେଲେ ଏଠାରେ ଦୈନିକ ଶତାଧିକ ହାଇୱା ଦ୍ୱାରା ବାଲି ଚାଲାଣ ହେଉଛି। ଫଳରେ ୬କୋଟି ଟଙ୍କା ବ୍ୟୟରେ ମରାମତି ହୋଇଥିବା ଖାରପଡାଠାରୁ ଖଲର୍ଦ୍ଧା ନୂଆପୋଲ ପର୍ଯ୍ୟନ୍ତ ରାସ୍ତାର ଅଧିକାଂଶ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ଆଗାମୀ ବର୍ଷାଋତୁରେ ଏଥିରେ ଯାତାୟାତ କରିବା ଅତ୍ୟନ୍ତ କଷ୍ଟକର ହୋଇପଡିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ନୂତନଭାବେ ମରାମତି ହୋଇଥିବା ଖାରପଡାଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ରାସ୍ତାରେ ବାଲିବୋଝେଇ ଭାରିଯାନ ଚଳାଚଳ ଯୋଗୁ କେତେକ ସ୍ଥାନରେ ଖାଲଖମା ହୋଇଛି। ଅପରପକ୍ଷେ ଗ୍ରାମ୍ୟ ରାସ୍ତାଗୁଡିକରେ ବାଲି ବୋଝେଇ ଭାରିଯାନ ଚଳାଚଳ କରିବା ଯୋଗୁ ଗୋବିନ୍ଦପୁର କଲେଜ ଓ ହାଇସ୍କୁଲର ଛାତ୍ରୀଛାତ୍ର, ଜନସାଧାରଣ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଉକ୍ତ ଭାରିଯାନ ଚଳାଚଳ ଉପରେ ତୁରନ୍ତ ରୋକ ଲଗାଇବାକୁ ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଲଲାଟେନ୍ଦୁ ପ୍ରସାଦ ଦାସଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ମିତାଞ୍ଜଳି ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଜୁଆଖେଳବେଳେ ଚଢ଼ାଉ, ୭ ଗିରଫ

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

କଟକ ଦୋଳମୁଣ୍ଡାଇ ଛକ ନିକଟ ଏକ ମିଠା ଦୋକାନ ପଛପଟ ସ୍ଥାନରେ ଜୁଆଖେଳ ଚାଲିଥିବାବେଳେ ପୁରୀଘାଟ ଥାନା ପୋଲିସ ଚଢ଼ାଉ କରିବା ସହ ୭ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକର ସ୍ମୃତିରଞ୍ଜନ ସ୍ୱାଇଁ, ଦୟାଶଙ୍କର ଗୁପ୍ତା, ଅଶୋକ କୁମାର ଓଝା, କୁନା ନାୟକ, ଖୋର୍ଦ୍ଧାର ଅନନ୍ତ କୁମାର ସାହୁ, ଯାଜପୁରର ବାବୁନା ସାହୁ ଓ ଗଞ୍ଜାମର ଶଙ୍କର ବେହେରା। ସେମାନଙ୍କଠାରୁ ୨ଟି ମୋବାଇଲ ଫୋନ, ୬୬୭୦ ଟଙ୍କା, ୩ଟି ଲଙ୍ଗ୍‌ଚାଟ୍, ୩ କାଲ୍‌କୁଲେଟର, ୩ ମାର୍କର, ୩ ନୋଟ୍‌ବୁକ୍, ୩ କ୍ଲିପ୍ ବୋର୍ଡ ସମେତ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୨୩/୨୨) ରୁଜୁ ହୋଇଛି। ପୂର୍ବରୁ ବାବୁନାଙ୍କ ନାଁରେ ପୁରୀଘାଟ ଥାନାରେ ୨ଟି, ଜଗତ୍‌ପୁର ଥାନାରେ ୫, ମଙ୍ଗଳାବାଗ ଓ ମର୍କତନଗର ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ସେହିପରି ପୁରୀଘାଟ ଥାନାରେ ଅନନ୍ତଙ୍କ ନାଁରେ ୨ଟି ଓ ଶଙ୍କରଙ୍କ ନାମରେ ଗୋଟିଏ ମାମଲା ରହିଥିବା ଜଣାପଡ଼ିଛି।



କଟକ କାଜିବଜାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଫାଷ୍ଟ ୟୁନାଇଟେଡ୍ କଟକ ଜିଲା ଯୋଗ ଚାମ୍ପିୟନଶିପ୍‌ରେ ଭାଗନେଇଥିବା ପ୍ରତିଯୋଗୀମାନେ ଯୋଗ ପ୍ରଦର୍ଶନ କରୁଛନ୍ତି।

# ଢାବାରେ ମଦ ବେପାର, ବଢୁଛି ଦୁର୍ଘଟଣା

**ମଙ୍ଗୁଳି,୧୫।୫(ଡି.ଏନ୍.ଏ.)**

ମଦ ପାଇଁ ବଢୁଛି ଅପରାଧ, ଦୁର୍ଘଟଣାରେ ଯାଉଛି ଅନେକ ଜୀବନ। ବିଶେଷକରି ଜାତୀୟ ରାଜପଥ ପାର୍ଶ୍ୱ ଢାବାଗୁଡିକରେ ବେଆଇନ ମଦ କାରବାର ରାଜପଥ ଦୁର୍ଘଟଣାକୁ ବଢାଇ ଦେଉଛି। ଦୁର୍ଘଟଣାମୁକ୍ତ ପାଇଁ ୧୬ନଂ. ଜାତୀୟ ରାଜପଥର ଜଗତ୍‌ପୁରଠାରୁ ମଙ୍ଗୁଳି ଟୋଲ୍‌ଗେଟ୍ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ଥିବା ସରକାରୀ ମଦ ଦୋକାନଗୁଡିକୁ ସରକାର ଉଚ୍ଛେଦ କରିଛନ୍ତି। ହେଲେ ଏବେ ଏହି ରାସ୍ତାପାର୍ଶ୍ୱ ବିଭିନ୍ନ ଛକର ଶତାଧିକ ହୋଟେଲ ଓ ଢାବାରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ମାଲିକମାନେ ଢାବାରେ ଟେବୁଲ, ଚେୟାର ପକାଇ ମଦ ପିଇବା ପାଇଁ ଗ୍ରାହକଙ୍କୁ ସୁଯୋଗ ଦେଉଛନ୍ତି। ଫଳରେ ସେମାନେ ନିଶାସକ୍ତ ଅବସ୍ଥାରେ ସେଠାରେ ଗାଳିଗୁଲଜ କରୁଥିବାରୁ ଏହାର ପ୍ରଭାବ ଅନ୍ୟ ଗ୍ରାହକଙ୍କ ଉପରେ ପଡୁଛି। ଏପରି କି ରାତି ୧୧ଟା ପରେ ସେହି ବାଟ ଦେଇ ଲୋକମାନେ ଯିବାକୁ ନିରାପଦ ମଣୁନାହାନ୍ତି। ଅପରପକ୍ଷେ ନିଶାସକ୍ତ ଅବସ୍ଥାରେ ଲୋକମାନେ ଗାଡି ଚଲାଇବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। କିଛିଦିନ ତଳେ ଜଣେ ନିଶାସକ୍ତ ଯୁବକ ବାଇକ୍ ଚଳାଇ ଯାଉଥିବାବେଳେ ମଙ୍ଗୁଳି ଟୋଲ୍‌ଗେଟ୍ ନିକଟରେ ଏକ ଟ୍ରକ ପଛରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତେଣୁ ହୋଟେଲ ଓ ଢାବାଗୁଡିକରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ମଦ ବିକ୍ରି ବନ୍ଦ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଅବକାରୀ ବିଭାଗ ଅଧିକାରୀ ନିରାକାର ଦେହୁରୀଙ୍କୁ ପଚାରିବାରୁ ସେ କହିଛନ୍ତି, ହୋଟେଲ ଓ ଢାବାଗୁଡିକ ଉପରେ ଚଢ଼ାଉ କରାଯାଇ ବେଆଇନ ମଦ ବିକ୍ରି କରୁଥିବା ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଟମାଟୋ ଫ୍ଲୁ ବ୍ୟାପିବା ଚର୍ଚ୍ଚା, ମିଳିଲାନି ରୋଗୀଙ୍କ ପତ୍ତା

**କଟକ ସଦର,୧୫।୫(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ମୌଜା ଅଞ୍ଚଳରେ ଟମାଟୋ ଫ୍ଲୁ ବ୍ୟାପିବା ନେଇ ପ୍ରଚାର ଜୋର୍ ଧରିଥିଲା। ଏଥିରେ ୫ବର୍ଷର ଶିଶୁ ଆକ୍ରାନ୍ତ ହୋଇଥିବା ଘଟଣାର ଅନୁସନ୍ଧାନ ପାଇଁ ଶନିବାର ଏବଂ ରବିବାର ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ୬ଟି ପଞ୍ଚାୟତର ଗ୍ରାମ ବୁଲିବା ପରେ ମଧ ରୋଗୀମାନଙ୍କ ସନ୍ଧାନ ପାଇଲେ ନାହିଁ। ଏହି ରୋଗ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ବସନ୍ତ କୁମାର ସାହୁ କହିଛନ୍ତି।

# ପ୍ରକଳ୍ପ ବିଷୟରେ ସର୍ବସାଧାରଣରେ ସ୍ପଷ୍ଟ କରନ୍ତୁ ସରକାର

**କଟକ ଅଫିସ, ୧୫।୫**

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିଭିନ୍ନ ମହଲରେ ପ୍ରତିବାଦର ସ୍ୱର ଉଠିବାରେ ଲାଗିଛି। ଏହି ପ୍ରସଙ୍ଗ ମଧ ନ୍ୟାୟାଳୟରେ ପହଞ୍ଚିଛି। ଏଭଳି ପରିସ୍ଥିତିରେ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଏହା ଆନ୍ଦୋଳିତ କରିଛି। ଏଣୁ ସରକାର ପ୍ରକଳ୍ପରେ କ'ଣ ନିର୍ମାଣ କରାଯିବ, ଭକ୍ତଙ୍କର କିପରି ସୁବିଧା ହେବ, ମନ୍ଦିରର ସୁରକ୍ଷାରେ ବିପଦ ରହିଛି କି ନାହିଁ ସମସ୍ତ ବିଷୟରେ ସର୍ବସାଧାରଣରେ ସ୍ପଷ୍ଟ କରିବାକୁ ପିଠାପୁରସ୍ଥିତ ନୀଳଚକ୍ର କାର୍ଯ୍ୟାଳୟରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ନମିତା ପଣ୍ଡା କହିଛନ୍ତି। ସେ କହିଛନ୍ତି, ଧର୍ମୀୟ ଆସ୍ଥାନ, ପୀଠସ୍ଥଳୀର ବିକାଶ ତଥା ପୁନରୁଦ୍ଧାର ଲାଗି ସମୟର ଆବଶ୍ୟକତା। ଏଣୁ ଶ୍ରୀକ୍ଷେତ୍ରର ସୌନ୍ଦର୍ଯ୍ୟକରଣ ଓ ପରିବେଶ ପ୍ରତି ଦୃଷ୍ଟି ଦେଇ ପ୍ରକଳ୍ପ କାର୍ଯ୍ୟ ହାତକୁ ନେବାବେଳେ ସରକାର କୋଟିକୋଟି ଭକ୍ତଙ୍କ ଭାବାବେଗ, ଐତିହ୍ୟର ସୁରକ୍ଷା ବିଷୟରେ ଯତ୍ନଶୀଳ ହେବା ଜରୁରୀ। ଏଥିସହ କିଛି ନିୟମ ଓ ଶୃଙ୍ଖଳା ଉଲ୍ଲଂଘନ କରି ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲୁଛି, ତେବେ ଏଏସ୍‌ଆଇ ରାଜ୍ୟ ପ୍ରଶାସନକୁ ଅବଗତ କରାଇ ଉଚିତ ପରାମର୍ଶ ଦେବା ଉଚିତ୍। ଅନ୍ୟପକ୍ଷରେ ଭାବ ଓ ଭକ୍ତିର ଠାକୁରଙ୍କୁ ନେଇ ରାଜନୀତି କରାଯିବା ଉଚିତ୍ ନୁହେଁ। ଏଣୁ ଉକ୍ତ ପ୍ରକଳ୍ପକୁ ନେଇ ଭକ୍ତଗଣଙ୍କ ମନରେ ଉପୁଜୁଥିବା ସଂଶୟକୁ ସରକାର ଦୂର କରିବାକୁ ପଣ୍ଡା ଦାବି କରିଛନ୍ତି। ଅନ୍ୟଥା ଅନୁଷ୍ଠାନ ପକ୍ଷରୁ ଏ ନେଇ ରାଜ୍ୟବ୍ୟାପୀ ଜନଆନ୍ଦୋଳନ କରିବାକୁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କାହ୍ନୁଚରଣ ପାଣିଗ୍ରାହୀ, ଡା. ନୀଳାଦ୍ରି ପଣ୍ଡା, ସୁବାସ ମହାନ୍ତି, ରଞ୍ଜନ କୁମାର ମହାନ୍ତି, ଦୀପକ ମହନ୍ତ ଓ ମୁରଲୀଧର ଶତପଥୀ ଉପସ୍ଥିତ ଥିଲେ।


କଟକ ବାଲିଯାତ୍ରା ଉପରପଡ଼ିଆରେ ଅନୁଷ୍ଠିତ ବୈଶାଖୀ ବାଣିଜ୍ୟ ମେଳାର ରବିବାର ଶେଷଦିନରେ ଲୋକଙ୍କ ଗହଳି।

## ଯୁବକଙ୍କୁ ଆକ୍ରମଣ, ଆକ୍ରମଣକାରୀ ଅଟକ

**ଖୁଣ୍ଟୁଣୀ,୧୫।୫(ଡି.ଏନ୍.ଏ.)**

ଗୁରୁଡିଝାଟିଆ ଥାନା ଅଧୀନ ପାଇକେରାପୁର ଗ୍ରାମର ଅଭୟ ସାହୁଙ୍କୁ ରବିବାର ତାଙ୍କ ପଡୋଶୀ ଆକ୍ରମଣ କରିଛନ୍ତି। ଏଥିରେ ଅଭୟ ଗୁରୁତର ହେବାରୁ ଚିକିତ୍ସା ଲାଗି କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଛି। ଅଭିଯୋଗ ଅନୁଯାୟୀ, ପୂର୍ବାହ୍ନରେ ଅଭୟ ଗ୍ରାମର ମଙ୍ଗଳା ମନ୍ଦିର ପାଖ ଏକ ଦୋକାନରେ ଚା' ପିଉଥିଲେ। ସେହି ସମୟରେ ପଡୋଶୀ ପ୍ରଫୁଲ୍ଲ ସାହୁ ପହଞ୍ଚି ତୁ କ'ଣ ଆମ ଘରେ ଚୁଗୁଲି କରୁଛୁ ବୋଲି କହି ଏକ କାତିରେ ଅଭୟଙ୍କ ମୁଣ୍ଡ ଓ କାନ୍ଧକୁ ଚୋଟ ପକାଇଥିଲେ। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ତଳେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ନେଇଯାଇଥିଲେ। ଏ ନେଇ ଅଭୟଙ୍କ ବାପା ଅପର୍ତ୍ତି ସାହୁ ଧବଳେଶ୍ୱର ବିଟ୍ ହାଉସ୍‌ରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ. ୬୨/୨୨) ରୁଜୁ ହୋଇଥିଲା। ପରେ ଆକ୍ରମଣକାରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଏଏସ୍‌ଆଇ ମନୋରଞ୍ଜନ ସାମଲ କହିଛନ୍ତି।

# 'ଓଡ଼ିଶୀ ନୃତ୍ୟ ପ୍ରତି ଗୁରୁ ଦୟାନିଧିଙ୍କ ଅବଦାନ ଅତୁଳନୀୟ'


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ, ୧୫।୫**

ଗୁରୁ ଦୟାନିଧି ଦାସଙ୍କ ଜୀବନୀ ପୁସ୍ତକ 'ବଣ ମାଳତୀ' କଟକସ୍ଥିତ ଏକ ହୋଟେଲ୍‌ରେ ରବିବାର ଉନ୍ମୋଚିତ ହୋଇଯାଇଛି। ଦୟାନିଧି ସ୍ମୃତି କଳା ପରିଷଦ ପକ୍ଷରୁ ଆୟୋଜିତ ଉତ୍ସବରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଥିଲେ, ଦୟାନିଧି ଏକାଧାରରେ କବି, ଲେଖକ, ଅଭିନେତା, ନୃତ୍ୟ ନିର୍ଦ୍ଦେଶକ, ନୃତ୍ୟ ଶିକ୍ଷକ, ସଂଗଠକ, ନାଟ୍ୟକାର, ଶିକ୍ଷାବିତ୍ ଓ ସାମାଜିକ କର୍ମୀ ଥିଲେ। ସେହିପରି ଗୁରୁ ଡ. ମନୋଜ ବେହେରା କହିଥିଲେ, ଓଡ଼ିଶୀ ନୃତ୍ୟ ପ୍ରତି ଗୁରୁ ଦୟାନିଧିଙ୍କ ଅବଦାନ ଅତୁଳନୀୟ। ସେକେଣ୍ଡାରି ବୋର୍ଡ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଚୌଧୁରୀ ଶରତ ଚନ୍ଦ୍ର ଦାସ ଯୋଗଦେଇ ଗୁରୁ ଦୟାନିଧି ଏକାଗ୍ରତା ଓ ନିଷ୍ଠାର ସହ ନୃତ୍ୟ ଶିକ୍ଷା ଦେଉଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀ ଇନ୍ଦିରା ମିଶ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

# ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ଉଦ୍‌ଯାପିତ

**ଚୌଦ୍ୱାର,୧୫।୫(ଡି.ଏନ୍.ଏ.)**

ଚୌଦ୍ୱାର କପାଳେଶ୍ୱର ମନ୍ଦିର ପରିସରରେ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟହ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ନାମ ସଂକୀର୍ତ୍ତନ ଓ ପ୍ରବଚନ ହୋଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ରାଷ୍ଟ୍ରୀୟ ପ୍ରବଚକ ସତ୍ୟାନନ୍ଦ ଦାସ ମହାରାଜ ଓ ଶିଶୁ ପ୍ରବଚକ କେଶବ ବାବାଙ୍କ ସମେତ ଅଞ୍ଚଳର ବହୁ ପ୍ରତିଷ୍ଠିତ ପ୍ରବଚକ ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ ଦେଇଥିଲେ। ଚୌଦ୍ୱାର ଜଗନ୍ନାଥ ଭକ୍ତ ସମାଜର ସଦସ୍ୟ କୃଷ୍ଣଚନ୍ଦ୍ର ମହାନ୍ତି, ସନ୍ତୋଷ କୁମାର ଧର, କେଦାରନାଥ ଷଡ଼ଙ୍ଗୀ, ଶୁଭେନ୍ଦୁ ସାମଲ, ଶରତ ଖୁଣ୍ଟିଆ, ବିମଳ ବେଉରା, ଅର୍ଜୁନ ପଣ୍ଡା, ଅଶୋକ ସାହୁ, ଦେବାଶିଷ ସାମଲ, ନାରାୟଣ ସ୍ୱାଇଁ ଓ ନାରାୟଣ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଦ୍ମଶ୍ରୀ ରଜତ କରଙ୍କ ରାଜ୍ୟସ୍ତରୀୟ ସର୍ବଧର୍ମ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ,୧୫।୫**

କଟକ ମିଶନରୋଡ୍‌ସ୍ଥିତ ଭଞ୍ଜ ମଣ୍ଡପରେ ସାହିତ୍ୟିକ ପଦ୍ମଶ୍ରୀ ରଜତ କୁମାର କରଙ୍କ ରାଜ୍ୟସ୍ତରୀୟ ସର୍ବଧର୍ମ ଶ୍ରଦ୍ଧାଞ୍ଜଳି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହିନ୍ଦୁ, ମୁସ୍‌ଲିମ, ଶିଖ୍, ଇସାଇ ଧର୍ମର ପ୍ରତିନିଧିମାନେ ଉପସ୍ଥିତ ରହି ସର୍ବଧର୍ମ ପ୍ରାର୍ଥନା କରିଥିଲେ। ରଜତ କୁମାର କରଙ୍କୁ ପ୍ରଧାନମନ୍ତ୍ରୀ ସଂସ୍କୃତି ସମ୍ରାଟ ବୋଲି ଅଭିହିତ କରିଛନ୍ତି। ସେହି ଆଧାରରେ ତାଙ୍କୁ ଏହି ମଞ୍ଚରେ ସାଂସ୍କୃତିକ ସମ୍ରାଟ ଆଖ୍ୟା ଦିଆଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତିକୁ ସେ ଯେଉଁଭଳି ପ୍ରଚାର ପ୍ରସାର କରୁଥିଲେ ସେଭଳି ବ୍ୟକ୍ତି ମିଳିବା କଷ୍ଟକର ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଚନ୍ଦ୍ରଶେଖର ନନ୍ଦ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଶୈଳେଶ୍ୱର ନନ୍ଦ ଓ ପ୍ରଭାତ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆବାହକ ପ୍ରସନ୍ନ ନନ୍ଦଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଭାତ କର, କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ଭାଜପାର ଶ୍ରୀତମ ଦାସ, ବିଜୟାନନ୍ଦ ସିଂ, ସୁଜିତ୍ କୁମାର ଦାସ, ଏ. ମହେଶ୍ୱର ରାଓ, ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


କଟକ ମିଶନରୋଡ୍‌ସ୍ଥିତ ଭଞ୍ଜ ମଣ୍ଡପରେ ରବିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସର୍ବଧର୍ମ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# 'ସୁସ୍ଥ ସମାଜ ଗଠନ କରିପାରିବ ସାହିତ୍ୟ'

**ରାଜ୍ୟସ୍ତରୀୟ ସାହିତ୍ୟ, ଆଧ୍ୟାତ୍ମିକ ସମ୍ମିଳନୀ**

**କଟକ ଅଫିସ,୧୫।୫**


ରାଜ୍ୟସ୍ତରୀୟ ସାହିତ୍ୟ, ଆଧ୍ୟାତ୍ମିକ ସମ୍ମିଳନୀରେ ସମ୍ମାନିତ ପ୍ରତିଭାଧାରୀଙ୍କ ସହ ଅନ୍ୟମାନେ।

ସନ୍ଥକବି ଭୀମ ଭୋଇ ସାହିତ୍ୟ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ସାହିତ୍ୟ ଏବଂ ଆଧ୍ୟାତ୍ମିକ ସମ୍ମିଳନୀ କଟକ ସାରଳା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗବେଷକ ଡ. ଏକାଦଶୀ ପ୍ରଧାନ ଯୋଗଦେଇ କହିଥିଲେ, ବିଶ୍ୱରେ ମହିମା ଧର୍ମର ଗୁରୁତ୍ୱ ବଢିଚାଲିଛି। ବିଶ୍ୱର ମଙ୍ଗଳ ପାଇଁ ଏହି ଧର୍ମର ଲୋକମାନେ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଥିଲେ। ସେହିପରି ପ୍ରତିଭା ମହାରଥୀ ଯୋଗଦେଇ କହିଥିଲେ, ସାହିତ୍ୟ ଏବଂ ଆଧ୍ୟାତ୍ମିକତା ଏକ ସୁସ୍ଥ ସମାଜ ଗଠନ କରିପାରିବ। ସମାଜରେ ଧର୍ମର ଅବକ୍ଷୟ ହେଲେ ଏଭଳି ସମ୍ମିଳନୀର ଗୁରୁତ୍ୱ ବଢିଥାଏ ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ସଂସ୍କୃତି ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, କୁନା ତ୍ରିପାଠୀ, ଜ୍ଞାନ ହୋତା, ବ୍ରହ୍ମଚାରୀ ମାନସ ଚୈତନ୍ୟ ମହାରାଜ, ମାନସ ରଞ୍ଜନ ସାହୁ, ପ୍ରମୋଦ କୁମାର ପଣ୍ଡା, ବିଜୟାନନ୍ଦ ସିଂହ, ପ୍ରଫେସର ଡ. ପ୍ରଭାତ କୁମାର ଥାଟୋଇ, ପ୍ରଫେସର ନିରଞ୍ଜନ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଷ୍ଣୁପଦ ସେଠୀ, ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ପଦ୍ମଶ୍ରୀ ପୂର୍ଣ୍ଣମସୀ ଜାନୀଙ୍କୁ ସନ୍ଥ ଭୀମ ପ୍ରଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ସଂଗ୍ରାମ କେଶରୀ ସାମନ୍ତରାୟ, ସଭାପତି ଗାୟତ୍ରୀ ସିଂହ, ଭାରତ ଚନ୍ଦ୍ର ମିଶ୍ର, ଶରତ ସାହୁ, ବୀରେନ୍ଦ୍ର ଜେନା, ରାଜେଶ୍ୱରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଖୋର୍ଦ୍ଧା ଅଫିସ: ବାଘମାରୀ-କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥର ସିମୋର ନିକଟରେ ରବିବାର ଦୁର୍ଘଟଣା ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଙ୍କୀ ଚରମ କୁଲୁମ ଗ୍ରାମର ଲକ୍ଷ୍ମଣ ବେହେରା। ଲକ୍ଷ୍ମଣ ବାଇକ୍‌ରେ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। ସିମୋର ନଳ ଶଙ୍ଖ ନିକଟରେ ଦ୍ରୁତଗତିରେ ଆସୁଥିବା ଏକ ଯାତ୍ରୀବାହୀ ବସ୍ ତାଙ୍କୁ ଧକ୍କା ଦେବା ସହ ତାଙ୍କ ମୁଣ୍ଡ ଉପରେ ଚକ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଲକ୍ଷ୍ମଣଙ୍କ ମୃତ୍ୟୁ ଘଟିଥିଲା। ବାଘମାରୀ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ବସ୍ ଡ୍ରାଇଭର ଖୋର୍ଦ୍ଧା ଟାଉନ ଥାନାରେ ଆତ୍ମସମର୍ପଣ କରିଥିଲେ। ପରେ ବାଘମାରୀ ପୋଲିସ ପହଞ୍ଚି ବସ୍ ଡ୍ରାଇଭରଙ୍କୁ ଆଣି ଅଟକ ରଖି ପଚରାଉଚରା ଚଳାଇଛି।

### ସଂକ୍ଷେପରେ

## ୨ ପରିବାର ମଧ୍ୟରେ ମାରପିଟ, ଜଣେ ଗିରଫ

**ନିଶ୍ଚିନ୍ତକୋଇଲି, ୧୫।୫(ସ୍ୱ.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଞ୍ଚାୟତ କୁଲଗାଁଇଶାଳୋ ଗ୍ରାମରେ ୨ ପରିବାର ମଧ୍ୟରେ ମାରପିଟ ହୋଇଛି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି। ଏନେଇ ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି।ଗ୍ରାମର ସୁଦର୍ଶନ ମଲିକଙ୍କ ଅଭିଯୋଗ ଅନୁଯାୟୀ, ସ୍ତ୍ରୀ ସୁମା ମଲ୍ଲିକ ସ୍ଥାନୀୟ ନଦୀବନ୍ଧକୁ ଗାଈ ବାନ୍ଧିବାକୁ ଯାଇଥିଲେ। ସେହି ସମୟରେ ଉକ୍ତ ଗ୍ରାମର କୃଷ୍ଣଚନ୍ଦ୍ର ମଲ୍ଲିକ ତାଙ୍କୁ ଟଣାଓଟରା କରିବା ସହ ମାଡ଼ ମାରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ମାମଲା (ନଂ. ୭୦/୨୨) ରୁଜୁ କରାଯାଇଛି। ଅଭିଯୋଗ ଆଧାରରେ କୃଷ୍ଣଚନ୍ଦ୍ରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅପରପକ୍ଷେ କୃଷ୍ଣଚନ୍ଦ୍ରଙ୍କୁ ମାଡମାରି ସୁମା, ଉଦୟଭାନୁ ମଲ୍ଲିକ, ରାଜେନ୍ଦ୍ର ମଲ୍ଲିକ, ଶୁକ ମଲ୍ଲିକ ଗୁରୁତର କରିଥିବା ନେଇ ହଳଧର ମଲ୍ଲିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ପୋଲିସ ମାମଲା (ନଂ.୭୧/୨୨)ରୁଜୁ କରିଛି।

## ସ୍ୱାସ୍ଥ୍ୟ ସଚେତନତା ସଭା

**କଟକ ଅଫିସ, ୧୫।୫:** ଅଭିନବ ବିଡ଼ାନାସୀ ପଥଚାରୀ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ସଭା ସିଡିଏ ସେକ୍ଟର-୭ ଅଞ୍ଚଳରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ପ୍ରମୋଦ କୁମାର ପଟ୍ଟନାୟକ ଯୋଗଦେଇ କହିଥିଲେ, ବିଭିନ୍ନ ରୋଗକୁ ପ୍ରତିରୋଧ କରିବାର ସରଳ ଉପାୟ ପ୍ରତ୍ୟେକ ବ୍ୟକ୍ତି ଜାଣିବା ଉଚିତ୍। ସଂଘ ସଭାପତି ଦେବେନ୍ଦ୍ର ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ବିବରଣୀ ପାଠ, କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ ମିଶ୍ର, ପ୍ରଦୀପ କୁମାର ସିହ୍ନା ପ୍ରାରମ୍ଭିକ ସୂଚନା ଓ ଅନିଲ କୁମାର ରାୟ ଧନ୍ୟବାଦ ଦେଇଥିଲେ।

## କେନ୍ଦ୍ରମନ୍ତ୍ରୀ ବାଲ୍ୟାନ୍‌ଙ୍କୁ ଦୁଗ୍ଧଚାଷୀଙ୍କ ସ୍ମାରକପତ୍ର

**ଭୁବନେଶ୍ୱର, ୧୫।୫(ବ୍ୟୁରୋ):** ଭାରତ ସମଗ୍ର ବିଶ୍ୱରେ ଦୁଗ୍ଧ ଉତ୍ପାଦନରେ ଶୀର୍ଷ ସ୍ଥାନ ଅଧିକାର କରିଛି। କିନ୍ତୁ କେନ୍ଦ୍ର ସରକାର ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ ଲିଟର ପିଛା ଅନ୍ୟାନ୍ୟ କୃଷି ସାମଗ୍ରୀ ଭଳି ଏପର୍ଯ୍ୟନ୍ତ ସ୍ଥିର କରିନାହାନ୍ତି। ଯଦ୍ଵାରା ୧୪ କୋଟି ଦୁଗ୍ଧ ଉତ୍ପାଦନକାରୀ ଅର୍ଥନୈତିକ ଶୋଷଣର ଶିକାର ହେବା ସହିତ ଅଭାବୀ ବିକ୍ରିର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ଦୁଗ୍ଧଚାଷୀମାନଙ୍କର ସମସ୍ୟା ଉପରେ ଓ ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ ଦାବି କରି ଓଡ଼ିଶା ଗସ୍ତରେ ଥିବା କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ସଞ୍ଜୀବ କୁମାର ବାଲ୍ୟାନ୍‌ଙ୍କୁ ମେ ଫେୟାର ହୋଟେଲଠାରେ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର ଏକ ତିନିଜଣିଆ ପ୍ରତିନିଧି ଦଳ ଏହାର ରାଜ୍ୟ ଅଧ୍ୟକ୍ଷ ରବି ବେହେରାଙ୍କ ଅଧ୍ୟକ୍ଷତାରେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ ୫୦ଟଙ୍କା, ଆଇ.ସି.ଡି.ଏସ୍. ପ୍ରୋଗ୍ରାମ ଓ ମଧ୍ୟାହ୍ନ ଭୋଜନରେ ପନିର ଏବଂ ଗୁଣ୍ଡ ଦୁଗ୍ଧକୁ ସାମିଲ, ଜାତୀୟ ରାଜପଥ କଡ଼ରେ ମିଲ୍କ ପାର୍ଲର, ବିଭିନ୍ନ ମନ୍ଦିର ପରିସରରେ 'ମିଲ୍କ ହବ୍' ପ୍ରଭୃତି ଉଲ୍ଲେଖ ଥିବା ଦର୍ଶାଇ ଏ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିବାକୁ ଦୁଗ୍ଧଚାଷୀ ମହାସଂଘ ଦାବି କରିଛି। ପ୍ରତିନିଧି ଦଳରେ ବେହେରାଙ୍କ ସହିତ ସର୍ବଶ୍ରୀ ସୁଦର୍ଶନ ପ୍ରଧାନ ଓ ହୃଷୀକେଶ ଷଡ଼ଙ୍ଗୀ ପ୍ରମୁଖ ସାମିଲ ଥିଲେ।

# କଳାକାଚ ପାଇଁ ଜରିମାନା ଗଣିଲେଣି ୫୧ କାର୍ ଚାଳକ



କମିଶନରେଟ୍ ପୋଲିସ ପକ୍ଷରୁ କାର୍ କାଚରୁ କଳାଜରି କଢ଼ାଯାଉଛି।

### ଟ୍ରାଫିକ୍ ପୋଲିସର ବ୍ଲାକ୍ ସ୍କ୍ରିନ୍ ହଟାଅ ଅଭିଯାନ ଜୋର୍‌ଦାର

- ୨ ଦିନରେ ୨୫ ହଜାର ୫୦୦ ଟଙ୍କା ଜରିମାନା ଆଦାୟ
- ସପ୍ତାହେ ଧରି ଚାଲିବ ଚଢ଼ାଉ, ନ ମାନିଲେ ସିଜ୍ ହେବ ଗାଡ଼ି

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

ରାଜଧାନୀରେ କାର୍ କାଚରୁ ବ୍ଲାକ୍ ସ୍କ୍ରିନ୍ ବା କଳା ପରଦା ହଟାଇବା ପାଇଁ କମିଶନରେଟ ଟ୍ରାଫିକ ପୋଲିସ ଶନିବାରଠାରୁ ପୁଣି ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରିଛି। ପୂର୍ବରୁ ଏନେଇ ବାରମ୍ବାର ଚଢ଼ାଉ, ଯାଞ୍ଚ ଉପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ଏବେ ଏହାକୁ ଜୋର୍‌ଦାର କରାଯାଇ ଏ ସଂକ୍ରାନ୍ତ ନିୟମକୁ କଡାକଡି କରାଯାଇଛି। ଦୁଇଦିନରେ ୫୧ କାର୍ ଚାଳକ ଜରିମାନା ଗଣିଥିବାବେଳେ ଆଗକୁ ଗାଡ଼ି ସିଜ୍ କରାଯିବ ବୋଲି ଟ୍ରାଫିକ ପୋଲିସ ଚେତାବନୀ ଦେଇଛି।

ଶନିବାର ଭଳି ରବିବାର ମଧ୍ୟ ସହରର ବିଭିନ୍ନ ସ୍ଥାନରେ ପୋଲିସ ଟିମ୍ ଯାଞ୍ଚ କରିଥିଲା। କାର୍‌ରେ ବ୍ଲାକ୍ ସ୍କ୍ରିନ୍ ଥିବା ଦେଖିବାମାତ୍ରେ ପୋଲିସ ଗାଡିକୁ ଅଟକାଇ କାଚରୁ କଳା ଜରି କାଢ଼ିଥିଲା। ଏଥିସହ ୧୭୭ ଏମ୍‌ଭି ଆକ୍ଟ ଅନୁଯାୟୀ ଜରିମାନା ମଧ୍ୟ ଆଦାୟ କରାଯାଇଥିଲା। ଏହି ୨ ଦିନରେ ଲିଙ୍ଗିପୁର, ମାଉସୀମା, ନନ୍ଦନକାନନ ରୋଡ଼, ରାମ ମନ୍ଦିର, ବାଣୀ ବିହାର, ରଶୁଲଗଡ଼, ପଳାଶୁଣୀ ଓ ଜାଗମରା ଆଦି ଛକରେ ଚଢ଼ାଉ କରାଯାଇ ୫୧ଟି କାର୍‌ର କାଚରୁ କଳା କାଚ କଢ଼ାଯାଇଛି। ଏଥିସହ ଚାଳକଙ୍କଠାରୁ ୫୦୦ ଟଙ୍କା ଲେଖାଏ ମୋଟ ୨୫ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଅଭିଯାନ ୭ ଦିନ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟରେ ଚାଳକମାନେ ନିୟମକୁ ମାନି କାଚରୁ କଳା ଜରି ନ ହଟାଇଲେ ସେମାନଙ୍କ କାରକୁ ଜବତ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟ୍ରାଫିକ୍ ଏସିପି ସ୍ୱପ୍ନୀକ ପଣ୍ଡା କହିଛନ୍ତି।

ଉଲ୍ଲେଖଯୋଗ୍ୟ, କାର ଚାଳକମାନେ ମୋବାଇଲ କିମ୍ବା ଇଅର୍ କଡ଼ ଲଗାଇ କାର ଚଲାଉଥିବାରୁ ବାହାରକୁ ଏହା ଦିଶୁନାହିଁ। ଫଳରେ ଦୁର୍ଘଟଣା ମଧ୍ୟ ଘଟୁଛି। ସେହିଭଳି କଳା କାଚ ଲଗାଇ ଅପରାଧୀମାନେ କାରରେ ଅପହରଣ, ବଳାତ୍କାର ଭଳି ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ଘଟାଉଛନ୍ତି। ୨୦୧୨ ମେରେ ସୁପ୍ରିମକୋର୍ଟ ଅଭିଷେକ ଗୋଏଙ୍କା ବନାମ ୟୁନିଅନ୍ ଅଫ୍ ଇଣ୍ଡିଆ ମାମଲାର ଶୁଣାଣି କରି କାର୍‌ରେ କଳା କାଚ ଲଗାଇବା ବେନିୟମ ଘୋଷଣା କରିଥିଲେ। ଏଥିସହ ଏହା ବିରୋଧରେ ଚଢ଼ାଉ କରିବାକୁ ସମସ୍ତ ରାଜ୍ୟ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

# ଅଲେଖ ସୁପ୍ରିମ ଷ୍ଟାର୍ସ, ରଘୁନାଥ ୟଙ୍ଗ୍ ଷ୍ଟାର୍ସ ବିଜୟୀ



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯିବା ଅବସରରେ ଅନ୍ୟ ଖେଳାଳିମାନେ ସ୍ୱାଗତ କରୁଛନ୍ତି।

### ବାବୁଲା ସ୍ମାରକୀ ମାନପୁର ପ୍ରିମିୟର ଲିଗ୍ କ୍ରିକେଟ

**ଟିଗିରିଆ, ୧୫।୫(ଡି. ଏନ୍.ଏ.)**

ଟିଗିରିଆସ୍ଥିତ ମାନପୁର ଗ୍ରାମର ଖେଳପଡ଼ିଆରେ ଷଷ୍ଠ ବାବୁଲା ସ୍ମାରକୀ ମାନପୁର ପ୍ରିମୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨ଟି ମ୍ୟାଚ ଆୟୋଜନ କରାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ଅଲେଖ ସୁପ୍ରିମ ଷ୍ଟାର୍ସ ଓ ଦ୍ୱିତୀୟ ମ୍ୟାଚ୍‌ରେ ରଘୁନାଥ ୟଙ୍ଗ ଷ୍ଟାର୍ସ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ ଅଲେଖ ସୁପ୍ରିମ ଷ୍ଟାର୍ସ ଓ କପିଳେଶ୍ୱର ଷ୍ଟାଇଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅଲେଖ ସୁପ୍ରିମ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ୍ ହରାଇ ୧୨୬ ରନ୍ କରିଥିଲା। ଜବାବରେ କପିଳେଶ୍ୱର ଷ୍ଟାଇଲ୍ ୧୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୮୪ ରନ କରି ମ୍ୟାଚ ହାରିଥିଲା। ବିଜୟୀ ଦଳର ବିଜୟ ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା। ଦ୍ୱିତୀୟ ମ୍ୟାଚ ରଘୁନାଥ ୟଙ୍ଗ୍ ଷ୍ଟାର୍ସ ଓ ଇନ୍ଦ୍ର ରାଇଡର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରଘୁନାଥ ୟଙ୍ଗ୍ ଷ୍ଟାର୍ସ ଟସ୍ ଜିତି ନିର୍ଦ୍ଧାରିତ ୧୫ ଓଭରରୁ ୧୪.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୬ ରନ କରିଥିଲା। ଜବାବରେ ଇନ୍ଦ୍ର ରାଇଡର୍ସ ୧୫ ଓଭରରେ ୯ ଉଇକେଟ୍ ହରାଇ ୧୧୫ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ଅମୂଲ୍ୟ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚକୁ ଅମ୍ପାୟର ଭାବେ ରମେଶ ସ୍ୱାଇଁ ଓ ନରେଶ ରାଉତ ପରିଚାଳନା କରିଥିଲେ।

# ମନମୋହିଲା ଗୋଟିପୁଅ ନୃତ୍ୟ



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ୧୦ମ ବୁଦ୍ଧ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ବଡ଼ମ୍ବା, ୧୫।୫(ଡି.ଏନ୍.ଏ.)**

ରାଜ୍ୟ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ଏବଂ ମାଣିଆବନ୍ଧ ବୌଦ୍ଧ ସଙ୍ଘର ମିଳିତ ଆନୁକୂଲ୍ୟରେ ମାଣିଆବନ୍ଧ ବୌଦ୍ଧ ପର୍ଯ୍ୟଟନ କେନ୍ଦ୍ର ପରିସରରେ ୧୦ମ ବୁଦ୍ଧ ମହୋତ୍ସବ ୨୦୨୨ର ଦ୍ୱିତୀୟ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଡ଼ମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ମାଣିଆବନ୍ଧର ବାନ୍ଧକଳା ସାରା ଭାରତ ବର୍ଷରେ ପ୍ରସିଦ୍ଧି ଲାଭ କରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ଚକ୍ରଧର ଦଲେଇ, ବୌଦ୍ଧ ସଙ୍ଘ ସଭାପତି ଅରକ୍ଷିତ ଦେବତା, ସମ୍ପାଦକ ଆଇନଜୀବୀ ଅଜିତ ପ୍ରସାଦ ଚୌଧୁରୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ କଳାକାରଙ୍କ ନୃତ୍ୟ ସଙ୍ଗୀତ, ଗୋଟିପୁଅ ନୃତ୍ୟ ଦର୍ଶକଙ୍କ ମନ ଜିଣିଥିଲା। ଉକ୍ତ ଉତ୍ସବରେ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ଭିଡ ଜମିଥିଲା।

## ଶ୍ରୀଲିଙ୍ଗରାଜଙ୍କ ଶୀତଳ ଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ୧୫।୫(ଡି.ଏନ୍.ଏ.):** ଜୁନ୍ ୫ ତାରିଖରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଯାତ୍ରା। ଶୀତଳ ଷଷ୍ଠୀ କମିଟି ପକ୍ଷରୁ ସ୍ଥାନୀୟ ଟାଉନ କ୍ଲବ ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ନିଯୋଗ ପ୍ରମୁଖ ସେବାୟତ ଯୋଗଦେଇଥିଲେ। ଚଳିତ ବର୍ଷ କୋଭିଡ୍ କଟକଣା କୋହଳ ଥିବାରୁ ଶିବ ବିବାହ ତଥା ଦେବଦମ୍ପତିଙ୍କ ବିବାହ ଉତ୍ସବ, ବରଯାତ୍ରୀଙ୍କ ଗମନ ଓ ଫେରନ୍ତା ଯାତ୍ରାର ରୋଷଣୀ ସୁରୁଖୁରରେ ସମାପନ କରାଯିବ ନେଇ ଆଲୋଚନା ହୋଇଥିଲା। ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା, ବ୍ରାହ୍ମଣ ନିଯୋଗ ସମ୍ପାଦକ ବୀରଞ୍ଚି ନାରାୟଣ ପତି, ବଡ଼ୁ ନିଯୋଗର ଜିତେନ୍ଦ୍ର ବଡ଼ୁ, ସ୍ଥାନୀୟ କର୍ପୋରେଟର ଶିବ ବେହେରା, ସେବାୟତ ଦାଶରଥି ଗରାବଡ଼ୁ, ବେଣୁଧର ପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ମାନସିକ ଅନଗ୍ରସର ପିଲାଙ୍କ ଲାଗି ମନୋରଞ୍ଜନ କାର୍ଯ୍ୟକ୍ରମ

**ବାଙ୍କୀ, ୧୫।୫(ସ୍ୱ.ପ୍ର)**

ଉଦ୍ୟାନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଡମପଡା ବ୍ଲକ କୁଶୁପଙ୍ଗି ପଞ୍ଚାୟତ ରାଜୀବ ନଗରସ୍ଥିତ ଚେତନା ମାନସିକ ଅନଗ୍ରସର ବିଦ୍ୟାଳୟରେ ମନୋରଞ୍ଜନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମାନସିକ ଅନଗ୍ରସର ପିଲାଙ୍କର କିପରି ମାନସିକ ଶାନ୍ତି ଓ ମାନସିକ ସ୍ୱାସ୍ଥ୍ୟ ଉନ୍ନତି ହୋଇପାରିବ ସେ ସମ୍ପର୍କରେ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ ସେମାନଙ୍କୁ ନାଚଗୀତ ମାଧ୍ୟମରେ କିପରି ଶାନ୍ତି ଓ ଆନନ୍ଦ ମିଳିପାରିବ, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷ ଦିଲ୍ଲୀପ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ନରେଶ ବେଉରା, ସାମାଜିକ କର୍ମୀ ଅଜୟ ସ୍ୱାଇଁ, ଟ୍ରଷ୍ଟର ବିଘ୍ନଜିତ୍ ମଲ୍ଲିକ, ଅଜିତ୍ ସାମନ୍ତରାୟ, ଲକ୍ଷ୍ମୀଧର ବେଉରା ଓ ପଲ୍ଲୀଶ୍ରୀ ଗୁଡ଼ୁ ପ୍ରମୁଖ ଯୋଗଦେଇଥିଲେ।

# କ୍ରିକେଟ୍ ଟୁର୍ନାମେଣ୍ଟ: ଖେଳାଳି ଚୟନ, ଜର୍ସି ଉନ୍ମୋଚନ



**ଚୌଦ୍ୱାର, ୧୫।୫(ଡି.ଏନ୍.ଏ.):** ଆସନ୍ତା ୨୬ ତାରିଖରୁ ଚୌଦ୍ୱାରରେ ଓଟିଏମ୍ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିପାଇଁ ସ୍ଥାନୀୟ ଟାଉନ୍ ହଲ୍‌ରେ ଖେଳାଳି ଚୟନ ଓ ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚୌଦ୍ୱାର ପୌରପାଳିକାର ୬, ୭, ୮, ୧୧ ଓ ୧୨ ନମ୍ବର ୱାର୍ଡ଼ର ଖେଳାଳିଙ୍କୁ ନେଇ ୮ଟି ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ଗୁଡ଼ିକ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ସ୍ଥିର କରାଯାଇଥିଲା। ଟିମ୍‌ଗୁଡ଼ିକୁ ଅର୍ଜୁନ ଆର୍ମି, ସୁବ୍ରତ ସୁପରଷ୍ଟାର, କାହ୍ନୁ କିଙ୍ଗସ୍, ଲିଟୁ ଲାୟନ୍ସ, ବୁବୁନ୍ ବିଗ୍‌ଷ୍ଟାର, ଗୁକୁନା ଡିଜେ ଟାଇଗର, ବଣ୍ଟି ବ୍ରଦର୍ସ, ପାତ୍ର ପାୱାରସ୍ ଆଦି ନାମରେ ନାମକରଣ କରାଯାଇ ଟିମ୍‌ୱାରି ଜର୍ସି ଚୟନ କରାଯାଇଥିଲା। ଏହି ଟୁର୍ନାମେଣ୍ଟ ଫ୍ଲଡ୍ ଲାଇଟ୍‌ରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅର୍ଜୁନ ପଣ୍ଡା, ସୁବ୍ରତ ସାମଲ, ପ୍ରଦୀପ ଗନ୍ତାୟତ, ବିଶ୍ୱଜିତ୍ ମହାନ୍ତି, ସଂଗ୍ରାମ କେଶରୀ ସାହୁ, ଆନନ୍ଦ ସାମଲ ପ୍ରମୁଖ ସୂଚନା ଦେଇଛନ୍ତି।

## ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ର ମନ୍ତ୍ରୀ

**ପୁରୀ ଅଫିସ, ୧୫।୫:** କେନ୍ଦ୍ର ମତ୍ସ୍ୟ ଓ ପଶୁପାଳନ ରାଷ୍ଟ୍ରମନ୍ତ୍ରୀ ସଞ୍ଜୀବ କୁମାର ବାଲ୍ୟାନ ରବିବାର ସନ୍ଧ୍ୟାରେ ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ବାଲ୍ୟାନ୍ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ତାଙ୍କୁ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ପ୍ରମୁଖ ସ୍ୱାଗତ କରି ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ବାଲ୍ୟାନ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ଭିତରକାଠ ନିକଟକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଅନ୍ୟପକ୍ଷରେ ବାଲ୍ୟାନଙ୍କ ଗସ୍ତ ସମୟରେ ମାର୍କେଟ୍ ଛକଠାରେ ଛାତ୍ର କଂଗ୍ରେସ ପକ୍ଷରୁ ତାଙ୍କୁ ବିରୋଧ କରାଯିବା ସହ ତାଙ୍କ ଗାଡ଼ିକୁ କାଳିମାଡ଼ କରାଯାଇଛି। ଛାତ୍ର କଂଗ୍ରେସର ଜିଲା ସଭାପତି ଆଶୁତୋଷ ମିଶ୍ରଙ୍କ ନେତୃତ୍ୱରେ ଅଗଷ୍ଟିନ ଯୋଶେଫ, ସାହିଲ ମହାନ୍ତି ପ୍ରମୁଖ ତାଙ୍କୁ କାଳି ମାଡ଼ କରିଥିଲେ।

# କବିତା ସଂକଳନ 'କାଗଜର କାମିଜ' ଲୋକାର୍ପିତ




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ବାଙ୍କୀ, ୧୫।୫(ସ୍ୱ.ପ୍ର)**

ଶ୍ରୀବୁଦ୍ଧେଶ୍ୱର ସାହିତ ସଂସଦ ଆନୁକୂଲ୍ୟରେ ଡମପଡା ବ୍ଲକ ବାଆଁରାସ୍ଥିତ ଧଳିଆଷଣ୍ଢ ପୀଠରେ କବି ନକୁଳ ଚନ୍ଦ୍ର ସାହୁଙ୍କ କବିତା ସଂକଳନ 'କାଗଜର କାମିଜ'ର ଲୋକାର୍ପଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କବି କୌଶିକ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ କବି ରବିନାରାୟଣ ମଙ୍ଗରାଜ, ଡମପଡ଼ା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ରଣା ପ୍ରମୁଖ ଯୋଗଦେଇ ସାହୁଙ୍କ ସାହିତ୍ୟ କୃତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। କବି ଭୀମସେନ ନାୟକ, ସୁଧାକର ମହାନ୍ତି, ଶିକ୍ଷକ ସନ୍ତୋଷ ମୁଦୁଲି, ମନୋଜ ସ୍ୱାଇଁ, ଜନ୍ମେଜୟ ବେଜ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ପ୍ରତ୍ୟେକ କବି ଉକ୍ତ ପୁସ୍ତକରୁ କବିତା ଆବୃତ୍ତି କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଶାନ୍ତ ସାହୁ, କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ସାହୁ, ରାମଚନ୍ଦ୍ର ରାଉତ, ଅଶୋକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଖବରଦାତା ମହେନ୍ଦ୍ର ବେଉରା, ପ୍ରବୀଣ ପ୍ରଧାନ, ପ୍ରଶାନ୍ତ ସାହୁଙ୍କ ସମେତ ଉପସ୍ଥିତ ସମସ୍ତ କବିଙ୍କୁ ମାନପତ୍ର, ପୁଷ୍ପ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋଜ ରାଉତ ମଞ୍ଚ ପରିଚାଳନା କରିଥିବାବେଳେ ଅକ୍ଷୟ ସାମଲ ଧନ୍ୟବାଦ ଦେଇଥିଲେ।

# ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ୍‌ର ୧୦ଦିନିଆ ସମର୍ କ୍ୟାମ୍ପ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୧୫।୫**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ 'ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ୍'ର ପଟିଆ ଶାଖା ପକ୍ଷରୁ ୧୦ ଦିନିଆ ସମର୍ କ୍ୟାମ୍ପର ଆୟୋଜନ କରାଯାଇଥିଲା। ଉକ୍ତ କ୍ୟାମ୍ପର ଉଦ୍‌ଯାପନୀ କାର୍ଯ୍ୟକ୍ରମ ସ୍ଥାନୀୟ କିଟ୍ ଅଡ଼ିଟୋରିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଟୁକୁନି ସାହୁ ଓ ମୁଖ୍ୟ ବକ୍ତାଭାବେ ସାମାଜିକ କର୍ମୀ ସୁଲତା ଦେଓ ଯୋଗ ଦେଇଥିଲେ। କ୍ୟାମ୍ପରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ବିଶେଷକରି ବିଗତ ୨ବର୍ଷ ହେବ ଛାତ୍ରୀଛାତ୍ରମାନେ କରୋନା ପାଇଁ ଅନ୍‌ଲାଇନ୍ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମରେ ଜଡିତ ହେଉଥିଲେ। ହେଲେ ଚଳିତ ବର୍ଷ ଛାତ୍ରୀଛାତ୍ର ପ୍ରତ୍ୟକ୍ଷ ଭାବେ ସବୁଥିରେ ଯୋଗଦେଇ ଆନନ୍ଦ ଅନୁଭବ କରୁଛନ୍ତି। ଏହି କ୍ୟାମ୍ପରେ ଛାତ୍ରୀଛାତ୍ରଙ୍କୁ ଯୋଗ, ସଙ୍ଗୀତ, ନୃତ୍ୟ, ଚିତ୍ର ଓ କ୍ରାଫ୍ଟ ଆଦି ବିଷୟରେ ଶିକ୍ଷା ପ୍ରଦାନ କରାଯାଇଥିଲା। ସେହିପରି ରେନ୍‌ଡ୍ୟାନ୍ସ ଓ ସୁଇମିଂରେ ଛାତ୍ରୀଛାତ୍ର ଭାଗ ନେଇଥିଲେ ବୋଲି ବିଦ୍ୟାଳୟର ଅଧ୍ୟକ୍ଷା ପି.ଏସ. ପ୍ରିୟଦର୍ଶନୀ ସୂଚନା ଦେଇଛନ୍ତି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହଯୋଗ ସହ କୁନି କୁନି ପିଲାଙ୍କ ଦ୍ୱାରା ପରିବେଷିତ ମନୋରଞ୍ଜନ କାର୍ଯ୍ୟକ୍ରମରେ କ୍ୟାମ୍ପର ଉଦ୍‌ଯାପନ ସନ୍ଧ୍ୟା ଶେଷ ହୋଇଥିଲା।




# ଭଙ୍ଗାଘରେ ଦିନ କାଟୁଛନ୍ତି ଦୁର୍ଯ୍ୟୋଧନଙ୍କ ପରିବାର

### ଆବାସ ଯୋଜନାରେ ମିଳୁନି ଘର

**ଆଠଗଡ଼, ୧୫।୫(ସ୍ୱ.ପ୍ର.)**



ଦୁର୍ଯ୍ୟୋଧନଙ୍କ ପରିବାର ଲୋକେ ଭଙ୍ଗା ଘରେ ରହୁଛନ୍ତି।

ସରକାର ଗରିବଙ୍କ ପାଇଁ ବହୁ ଯୋଜନା କରୁଥିବାବେଳେ ଅନେକେ ଲୋକ ଏଥିରେ ସାମିଲ ହୋଇ ନ ପାରି ଅସୁବିଧା ଭୋଗୁଛନ୍ତି। କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳରେ ମଧ୍ୟ ଏପରି ଘଟଣା ଘଟୁଛି। ଏହାର ସଦ୍ୟ ଉଦାହରଣ ଆଠଗଡ଼ ଏନ୍‌ଏସିରେ ଦେଖିବାକୁ ମିଳୁଛି। ଏଠାକାର ଉପଜିଲାପାଳଙ୍କ କ୍ୱାର୍ଟର୍ସ ପଛପଟେ ରହୁଛନ୍ତି ଦୁର୍ଯ୍ୟୋଧନ ମହାନ୍ତିଙ୍କ ପରିବାର। ତାଙ୍କ ପରିବାର କହିଲେ ସ୍ତ୍ରୀ ମଞ୍ଜୁଲତା, ଝିଅ ସନ୍ଧ୍ୟା ଓ ନାବାଳକ ପୁଅ ଜୟନ୍ତ। ଦୁର୍ଯ୍ୟୋଧନ ରିକ୍ସା ଓ ଟ୍ରଲି ଆଦି ଚଲାଉଥିବାବେଳେ ମଞ୍ଜୁ ବାର ଦୁଆରେ କାମ କରି ଗୁଜୁରାଣ ମେଣ୍ଟାନ୍ତି। ଏଭଳି ସ୍ଥିତିରେ ରହିବାକୁ ଘର ଖଣ୍ଡେ ନାହିଁ। ଓଡ଼ିଶା ବନ ନିଗମର ଏକ ପରିତ୍ୟକ୍ତ ଭଙ୍ଗା ଘରେ ତାଙ୍କ ପରିବାର ରହୁଛନ୍ତି। ମାତ୍ର ଗୃହ ଅବସ୍ଥା ଶୋଚନୀୟ ଥିବାରୁ ଦୁର୍ଯ୍ୟୋଧନଙ୍କ ପରିବାର ଖରାଦିନେ ମୁକ୍ତାକାଶ ତଳେ, ବର୍ଷାଦିନେ ସରକାରୀ କାର୍ଯ୍ୟାଳୟର ବାରଣ୍ଡାରେ କାଟିଥାନ୍ତି। ନିଜ ବାସଗୃହ ନ ଥିବାରୁ ମୁଣ୍ଡ ଗୁଞ୍ଜିବାକୁ ସାମାନ୍ୟ ପଲିଥିନଟିଏ ମଧ୍ୟ ମିଳି ପାରୁନାହିଁ। ୧୯୯୯ ମହାବାତ୍ୟା ପୂର୍ବରୁ ଯାଜପୁର ଜିଲା ଧନେଶ୍ୱର ଅଞ୍ଚଳରୁ ଦୁର୍ଯ୍ୟୋଧନ ଓ ମଞ୍ଜୁଲତା ଏଠାକୁ କର୍ମ ଅନ୍ୱେଷଣରେ ଚାଲି ଆସିଥିଲେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉକ୍ତ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ମାତ୍ର ଏର୍ପ୍ୟନ୍ତ ସେମାନଙ୍କୁ ଜାଗା ମିଶନ, ଭୂମିହୀନଙ୍କୁ ପଟ୍ଟା ଏବଂ ଆବାସ ଯୋଜନା ଆଦିରେ ସାମିଲ କରାଯାଇନାହିଁ। ଏନେଇ ବାରମ୍ବାର ବ୍ଲକ ପ୍ରଶାସନ ସହ ଉପଜିଲାପାଳ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ପାଖରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

ଏ ସମ୍ପର୍କରେ ଏନ୍‌ଏସିର ସାମାଜିକ ସୁରକ୍ଷା ଅଧିକାରୀ ଶାଶ୍ୱତ ଷଡ଼ଙ୍ଗୀ କହିଛନ୍ତି, ସହରାଞ୍ଚଳରେ ସରକାରୀ ଜମି ଉପରେ ଥିବା ବସ୍ତିବାସିନ୍ଦାଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରାଯାଇଛି। ମାତ୍ର ଏହି ପରିବାରର ବସ୍ତି ଅଞ୍ଚଳରେ କୌଣସି ଜମି ନାହିଁ। ଏଣୁ ସେମାନଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ପାରୁନାହିଁ। ଖୁବ୍‌ଶୀଘ୍ର ଏଭଳି ପରିବାରର ତାଲିକା ପ୍ରସ୍ତୁତ କରାଯାଇ ଥଇଥାନ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଆଠଗଡ଼ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ କହିଛନ୍ତି।